ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୯/୨୦୨୪ (୧୪ ପୃଷ୍ଠା) | Bhubaneswar, Tuesday, July 9/2024 | Page 14 | ₹ 7.00
୫୦ଶ ଭାଗ ୨୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 225 | ମୂଲ୍ୟ ₹୭/-



## ଗଗନ ନାରଙ୍ଗ 'ଚିଫ୍ ଡି ମିଶନ'

ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ତାରକା ଶୁଟର ଗଗନ ନାରଙ୍ଗ ଭାରତୀୟ ପ୍ରତିନିଧି ଦଳର 'ଚିଫ୍ ଡି ମିଶନ' ନିଯୁକ୍ତ ହୋଇଛନ୍ତି।

୧୪

୦୨

## 'ଜୱାନ'କୁ ପଛରେ ପକାଇଲା 'କଲ୍କୀ ୨୮୯୮ ଏଡି'

ରିଲିଜ୍ ହେବାର ମାତ୍ର ୧୧ ଦିନ ମଧ୍ୟରେ ୫୦୦ କୋଟିରୁ ଅଧିକ ଆୟ କରି 'କଲ୍କୀ ୨୮୯୮ ଏଡି' ଫିଲ୍ମ ଶାହରୁଖ୍ ଖାନ୍‌ଙ୍କ 'ଜୱାନ' ଫିଲ୍ମର ରେକର୍ଡକୁ ଭଙ୍ଗ କରିଛି।



# ଶରଧାବାଲିରେ ୩ ରଥ

## ଆଜି ଆଡ଼ପ ମଣ୍ଡପ ବିଜେ

ପୁରୀ,୮।୭(ଅଜିତ୍ କୁମାର ମହାନ୍ତି)

ଘୋଷଯାତ୍ରାରେ ରବିବାର କିଛି ବାଟ ଗଡ଼ି ପୁରୀ ବଡ଼ଦାଣ୍ଡରେ ଅଟକି ରହିଥିବା ତିନି ରଥ ସୋମବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ପହଞ୍ଚିଛି। ତିନିରଥକୁ ଲକ୍ଷାଧିକ ଭକ୍ତ ଅତି ଆନନ୍ଦ ଓ ଉତ୍ସାହର ସହିତ ଟାଣିନେଇଥିଲେ। ଏହାପରେ ଶରଧାବାଲିରେ ରଥ ଉପରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ ନିମନ୍ତେ ପ୍ରବଳ ଗହଳି ଲାଗିଛି। ମଙ୍ଗଳବାର ଶ୍ରୀବିଗ୍ରହଙ୍କ ଆଡ଼ପ ମଣ୍ଡପ ବିଜେ ନୀତି ଅନୁଷ୍ଠିତ ହେବ। ସେହିପରି ବୁଧବାରଠାରୁ ଆଡ଼ପ ଦର୍ଶନ ଆରମ୍ଭ ହେବା ସହ ଆଡ଼ପ ଅବଢ଼ା ବାହାରିବ।

ରବିବାର ସଅଳ ରଥ ଟଣା ହୋଇଥିଲେ ମଧ୍ୟ ୩ ରଥ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିପାରି ନ ଥିଲା। ସନ୍ଧ୍ୟା ହୋଇଯିବାରୁ ରଥ ଟଣା ବନ୍ଦ ରଖାଯାଇଥିଲା। ଫଳରେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ମରୀଚିକୋଟ ଛକରେ, ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଶ୍ରୀକୃଷ୍ଣ ସିନେମା ଛକରେ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ସିଂହଦ୍ୱାରଠାରୁ ☞ପୃଷ୍ଠା-୪



ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ସୋମବାର ଅପରାହ୍ନରେ ପହଞ୍ଚିଥିବା ଦାରୁଦିଅଁଙ୍କ ତିନିରଥ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ରିଲ୍ସ କରୁଥିବାବେଳେ ବୁଡ଼ିଗଲେ ଛାତ୍ର

ଖୋର୍ଦ୍ଧା,୮।୭(ପ୍ରଭାତ ପାଣିଗ୍ରାହୀ)

ସେଲ୍ଫି ଓ ରିଲ୍ସ କରିବା କାଳ ହେଇଛି। ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ତାପଙ୍ଗ ବଡ଼ସାଉଁଳି କଳିଙ୍ଗ ମୁଣ୍ଡିଆ ପୋଖରୀରେ ସୋମବାର ସେଲ୍ଫି ନେବା ସହ ରିଲ୍ସ କରୁଥିବା ବେଳେ ଦୁଇ ଜଣ ଛାତ୍ର ବୁଡ଼ିଯାଇଥିଲେ। ତେବେ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ନିଖୋଜ ଛାତ୍ର ହେଲେ ଖୋର୍ଦ୍ଧା ଅଞ୍ଚଳର ଓମ୍ ପ୍ରସାଦ ରଥ। ଖବରପାଇ ପୋଲିସ, ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପୋଖରୀ ଗଭୀରତା ୪୦ରୁ ୫୦ଫୁଟ ରହିଥିବା ଅନୁମାନ କରାଯାଉଛି। ରାତି ହୋଇଯିବାରୁ ଚାରିପଟେ ଲାଇଟ୍ ଲଗାଯାଇ ଉଦ୍ଧାର କାର୍ଯ୍ୟ ଚାଲିଛି। ପୋଲିସ ଉକ୍ତ ଅଞ୍ଚଳକୁ ନ ଯିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛି।

ସୂଚନା ମୁତାବକ, ଭୁବନେଶ୍ୱରସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନର ଦୁଇ ଜଣ ଛାତ୍ର ଓ ଜଣେ ଛାତ୍ରୀ ଏକ କାର୍‌ରେ ଖୋର୍ଦ୍ଧା ଯାଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଓମ୍ ପ୍ରସାଦ ସେମାନଙ୍କ ସାଥିରେ ତାପଙ୍ଗ ବଡ଼ସାଉଁଳି କଳିଙ୍ଗ ମୁଣ୍ଡିଆ ପୋଖରୀ ନିକଟକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମଣିପୁରରେ ରାହୁଲ**

# ପ୍ରଶ୍ନପତ୍ର ଲିକ୍ ସ୍ପଷ୍ଟ, ପୁନଃପରୀକ୍ଷା ଶେଷ ବିକଳ୍ପ

## ଏନ୍ଇଇଟି-ୟୁଜି ବିବାଦ

### ପ୍ରଶ୍ନପତ୍ର ଲିକ୍‌ରୁ ଉପକୃତଙ୍କୁ ଚିହ୍ନଟ କରନ୍ତୁ ସରକାର

ନୂଆଦିଲ୍ଲୀ,୮।୭(ପି.ଟି.)

ଚଳିତ ବର୍ଷର ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍ଇଇଟି-ୟୁଜି ଯଦି ଏହାର ପବିତ୍ରତା ହରାଇଥାଏ, ଏହାର ପ୍ରଶ୍ନପତ୍ର ଲିକ୍ ସୋସିଆଲ୍ ମିଡିଆ ମାଧ୍ୟମରେ ପ୍ରସାର ହୋଇଥାଏ ଏବଂ ଦୋଷୀଙ୍କୁ ଚିହ୍ନଟ କରିବାରେ ସରକାର ବିଫଳ ହୋଇଥାନ୍ତି, ତେବେ ପୁନଃ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେବାକୁ ହେବ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଟେଲିଗ୍ରାମ୍, ହ୍ୱାଟ୍ସଆପ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ମାଧ୍ୟମ ଜରିଆରେ ଯଦି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହୋଇଥାଏ, ତେବେ ଏହା ବନାଗ୍ନି ଭଳି ବ୍ୟାପିଯାଇଥିବ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜେ.ବି ପର୍ଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ସ୍ପଷ୍ଟ। ତେବେ ଅଧିକାଂଶ ପିଲା ଗରିବ ପରିବାରରୁ ଆସିଛନ୍ତି, ଯେଉଁମାନଙ୍କ ପାଇଁ ପରୀକ୍ଷା କେନ୍ଦ୍ରକୁ ଯିବା ଲାଗି ଟଙ୍କା ଯୋଗାଡ଼ କରିବା କଷ୍ଟକର ହୋଇଥିବ। ତେଣୁ ଜରୁରୀ ନ ହେଲେ ୨୪ ଲକ୍ଷ ପିଲାଙ୍କୁ ପୁଣିଥରେ ପରୀକ୍ଷା ଦେବାକୁ ନିର୍ଦ୍ଦେଶ ଦେବା ଲାଗି କୁଣ୍ଠାବୋଧ କରୁଛୁ। ତେବେ ପୁନଃପରୀକ୍ଷା ଶେଷ ବିକଳ୍ପ ବୋଲି ୩ ଜଣିଆ ଖଣ୍ଡପୀଠ କହିଛନ୍ତି।

ଏନ୍ଇଇଟି-ୟୁଜି ପରୀକ୍ଷାରେ ଯାହା ଘଟିଯାଇଛି, ତାହାକୁ ଆମେ ଆତ୍ମୋତ୍ସର୍ଗ କରିବା ନାହିଁ। ସରକାର ପରୀକ୍ଷା ବାତିଲ କରୁନାହାନ୍ତି। ତେଣୁ ପ୍ରଶ୍ନପତ୍ର ଲିକ୍ ଯୋଗୁ ଯେଉଁମାନେ ଉପକୃତ ହୋଇଛନ୍ତି, ସରକାର ସେମାନଙ୍କୁ ଚିହ୍ନଟ କରିବାକୁ ହେବ। ପ୍ରଶ୍ନପତ୍ର ଲିକ୍ ଓ ଅନ୍ୟାନ୍ୟ ଅନିୟମିତତାକୁ ନେଇ ବିବାଦ ଘେରରେ ଛନ୍ଦି ହୋଇଥିବା ଏନ୍ଇଇଟି-ୟୁଜି ପରୀକ୍ଷା ବାତିଲ ଓ ସାନି ପରୀକ୍ଷା ପାଇଁ ଦାଏର ୩୮ଟି ପିଟିଶନ୍‌ର ଶୁଣାଣି ଅବସରରେ ସର୍ବୋଚ୍ଚ ଅଦାଲତ ଏହା କହିଛନ୍ତି।

ଗତ ମେ' ୫ରେ ହୋଇଥିବା ଏନ୍ଇଇଟି-ୟୁଜି ପରୀକ୍ଷାରେ ୨୪ ଲକ୍ଷ ଛାତ୍ରୀଛାତ୍ର ଭାଗ ନେଇଥିଲେ। ୬୭ ପରୀକ୍ଷାର୍ଥୀ ୭୨୦ରୁ ୭୨୦ ନମ୍ବର ରଖି ର୍‍ୟାଙ୍କ୍ ୱାନ୍‌ରେ ସ୍ଥାନ ପାଇବାରୁ ପରୀକ୍ଷାରେ ଅନିୟମିତତା ହୋଇଥିବା ସନ୍ଦେହ ପ୍ରକାଶ ପାଇଥିଲା। ପ୍ରଶ୍ନପତ୍ର ଲିକ୍‌ରୁ କେତେଜଣ ଉପକୃତ ହୋଇଛନ୍ତି ଏବଂ କେନ୍ଦ୍ର ସରକାର ସେମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବୋଲି ସର୍ବୋଚ୍ଚ ଅଦାଲତ ଜାଣିବାକୁ ଚାହିଁଥିଲେ। ଅସାଧୁ ଉପାୟ ଅବଲମ୍ବନ କରିଥିବା କେତେଜଣଙ୍କ ଫଳକୁ ସ୍ଥଗିତ ରଖାଯାଇଛି, ସବିଶେଷ ବିବରଣୀ ଦେବାକୁ ଖଣ୍ଡପୀଠ କହିଛନ୍ତି। ପରୀକ୍ଷା ବାତିଲ ନ କରିବା ପାଇଁ କେନ୍ଦ୍ର ସରକାର ଏବଂ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ନିର୍ଦ୍ଦେଶ ଦେବା ପାଇଁ ☞ପୃଷ୍ଠା-୪

# ରାହୁଲଙ୍କୁ ଶଙ୍କରାଚାର୍ଯ୍ୟଙ୍କ ସମର୍ଥନ

## ଲୋକ ସଭାରେ ହିନ୍ଦୁ ମନ୍ତବ୍ୟ

ନୂଆଦିଲ୍ଲୀ,୮।୭



ରାହୁଲ ଗାନ୍ଧୀ



ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ

ଲୋକ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଆଲୋଚନା ଚାଲିଥିବାବେଳେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦେଇଥିବା ଆକ୍ରମଣାତ୍ମକ ଭାଷଣକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ହିନ୍ଦୁମାନେ କେବେ ହିଂସ୍ର ହୋଇ ନ ପାରନ୍ତି। କିନ୍ତୁ ନିଜକୁ ହିନ୍ଦୁ ବୋଲି ଦାବି କରୁଥିବା ଭାଜପା ଓ ଆର୍‌ଏସ୍‌ଏସ୍ ଲୋକମାନେ ସବୁବେଳେ ହିଂସାରେ ଲିପ୍ତ ରହୁଥିବା ରାହୁଲ କହିଥିଲେ। ସମ୍ପ୍ରଦାୟ ଆଧାରରେ ଭାଜପା ନେତାମାନେ ଲୋକଙ୍କୁ ଭାଗଭାଗ କରୁଥିବା ସେ ଅଭିଯୋଗ କରିଥିଲେ। ରାହୁଲ ସମୁଦାୟ ହିନ୍ଦୁ ସମ୍ପ୍ରଦାୟକୁ ହିଂସ୍ର କହିଥିବା ଅଭିଯୋଗ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଭାଷଣକୁ ନିନ୍ଦା କରିଥିଲେ। ଏହାକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଥିଲା ଓ ବାଚସ୍ପତି ରାହୁଲଙ୍କ ଭାଷଣର ଅଧିକାଂଶ ମନ୍ତବ୍ୟକୁ ରେକର୍ଡରୁ ହଟାଇଦେଇଥିଲେ। ଜ୍ୟୋତିର୍ମଠର ୪୬ତମ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ରାହୁଲଙ୍କ ସମର୍ଥନରେ ବାହାରିଛନ୍ତି। ସେ କଂଗ୍ରେସ ନେତାଙ୍କ ଭାଷଣକୁ ଭିନ୍ନ ଦୃଷ୍ଟିକୋଣ ଦେଇଛନ୍ତି। ସେ କହିଛନ୍ତି, ଆମେ ରାହୁଲଙ୍କ ସମ୍ପୂର୍ଣ୍ଣ ଭାଷଣ ଶୁଣିଛୁ। ହିନ୍ଦୁତ୍ୱବାଦ ହିଂସାକୁ ପ୍ରତ୍ୟାଖ୍ୟାନ କରେ ବୋଲି ସେ ସ୍ପଷ୍ଟ ଭାବେ କହିଥିଲେ। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ☞ପୃଷ୍ଠା-୪

# ଉଚ୍ଚ ଶିକ୍ଷାନୁଷ୍ଠାନ ଫେରାଉନାହାନ୍ତି ନାମଲେଖା ଟଙ୍କା

## ୟୁଜିସିର କଡ଼ା ତାଗିଦ୍, କାର୍ଯ୍ୟାନୁଷ୍ଠାନ ହେବ

ଭୁବନେଶ୍ୱର,୮।୭(ଅସମାପିକା ସାହୁ)

ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ନିର୍ଦ୍ଦେଶନାମାକୁ ପାଳନ କରୁନାହାନ୍ତି। ବାରମ୍ବାର ତାଗିଦ୍ ସତ୍ତ୍ୱେ ଫି' ଫେରସ୍ତ ନିୟମ (ଫି ରିଫଣ୍ଡ ପଲିସି)କୁ ପାଳନ କରୁ ନ ଥିବାରୁ ୟୁଜିସି ଉଦ୍‌ବେଗ ପ୍ରକାଶ କରିଛି। ତେଣୁ ଏଥର ନିୟମ ପାଳନ ନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ୟୁଜିସି ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଥିବାବେଳେ ସୋମବାର ପୁଣି ଚେତାଇ ଦେଇଛନ୍ତି।

କୌଣସି ଉଚ୍ଚ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପରେ ଅନ୍ୟତ୍ର ସ୍ଥାନାନ୍ତର ବା ରଦ୍ଦ କଲେ ତୁରନ୍ତ ନାମଲେଖା ଫି' ଫେରସ୍ତ କରିବା ପାଇଁ ୟୁଜିସି ସ୍ୱତନ୍ତ୍ର ନୀତି ଆଣିଥିଲା। ଏହାକୁ ପାଳନ କରିବା ପାଇଁ ୟୁଜିସି ପକ୍ଷରୁ ବାରମ୍ବାର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ଚିଠି କରାଯାଇଛି। କିନ୍ତୁ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଏହାକୁ ପାଳନ କରୁ ନ ଥିବା ଅଭିଯୋଗ ଆସୁଛି। ସିଟ୍ ଛାଡ଼ିଲେ ମଧ୍ୟ ନାମଲେଖା ଫି' ଫେରସ୍ତ କରିବାରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ମାତ୍ରାଧିକ ବିଳମ୍ବ କରୁଥିବା ନେଇ ମଧ୍ୟ ଅଭିଯୋଗ ଆସୁଛି। ତେଣୁ ୟୁଜିସି ଏଣିକି ଖିଲାପକାରୀଙ୍କ ବିରୋଧରେ କଡ଼ା ☞ପୃଷ୍ଠା-୪

# ସହରାଞ୍ଚଳ, ଗ୍ରାମାଞ୍ଚଳରୁ ହଟିବ ଜବରଦଖଲ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୭ (ଅନିଲ ଦାସ)



## ସରକାରୀ ଜମିରୁ ବେଆଇନ ଦଖଲ ହଟାଇବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ସାରା ରାଜ୍ୟରେ ସରକାରୀ ଜମିରୁ ବେଆଇନ ଦଖଲ ହଟାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲାପାଳମାନଙ୍କୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଏହି ବେଆଇନ ଜବରଦଖଲ ହଟିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରୀ ଜମିଗୁଡ଼ିକ ମୁଖ୍ୟତଃ ବିକାଶ ଓ ସର୍ବସାଧାରଣ କଲ୍ୟାଣ କାର୍ଯ୍ୟ ନିମନ୍ତେ ଉଦ୍ଦିଷ୍ଟ। ଜବରଦଖଲ ଯୋଗୁ ବିକାଶ ବାଧାପ୍ରାପ୍ତ ହେଉଛି। ତେଣୁ ଏସବୁ ବେଆଇନ ଦଖଲ ତୁରନ୍ତ ହଟାଯିବା ଆବଶ୍ୟକ।

ପ୍ରଚଳିତ ନିୟମ ଅନୁଯାୟୀ ଜବରଦଖଲ ହଟିବା ପରେ ଏହାକୁ ବାଡ଼ ବସାଇ ଓ ଏଥିରେ ସମସ୍ତଙ୍କ ଦୃଷ୍ଟିଗୋଚର ହେବା ଭଳି ସାଇନ୍ ବୋର୍ଡ ଲଗାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ବିଭିନ୍ନ ଜିଲାରେ ବହୁ ସରକାରୀ ଜମି ଜବରଦଖଲ ହୋଇରହିଛି। ନିକଟରେ ରାଜସ୍ୱ ବିଭାଗ ପକ୍ଷରୁ ହୋଇଥିବା ଏକ ଉଚ୍ଚସ୍ତରୀୟ ବୈଠକରୁ ଏହା ଜଣାପଡ଼ିଛି। ରାଜ୍ୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ଆବଶ୍ୟକ ଜମି ଯୋଗାଇବା କ୍ଷେତ୍ରରେ ଜବରଦଖଲ ସମସ୍ୟା ସୃଷ୍ଟି କରୁଛି। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବହୁ ସରକାରୀ ଜମି ଜବରଦଖଲରେ ରହିଛି। ସେସବୁ ଜମିକୁ ସର୍ଭେ କରି ଚିହ୍ନଟ କରିବା ପାଇଁ ଜୁଲାଇ ୬ ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ସରକାରୀ ଜମି ଦଖଲକୁ ଆଣି ☞ପୃଷ୍ଠା-୪





ଏନ୍‌ଏଚ୍-୧୬ ଜାତୀୟ ରାଜପଥର ଭୁବନେଶ୍ୱର ଡୁମୁଡୁମା ନିକଟରେ ସୋମବାର ରାସ୍ତା ଦବି ଯିବାରୁ ଏକ ମିନି ଟ୍ରକ୍ ଫସି ଯାଇଛି।

# ଜାତୀୟ ରାଜପଥ ଦବିଲା

## ନିମ୍ନମାନର କାମ ଅଭିଯୋଗ ଆଣିଲେ ସ୍ଥାନୀୟ ଲୋକେ

ଭୁବନେଶ୍ୱର,୮।୭(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ଡୁମୁଡୁମା ଆଇଗିଣିଆ ଫ୍ଲାଏ ଓଭର ବ୍ରିଜ୍ ପାର୍ଶ୍ୱ ରାସ୍ତା ଦବିଯାଇଛି। ରାସ୍ତାରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହେବାରୁ ଏକ ମିନି ଟ୍ରକ୍ ଫସି ଯାଇଥିଲା। ଟ୍ରକ୍‌ର ଆଗ ଡାହାଣ ଚକ ଗର୍ତ୍ତ ମଧ୍ୟରେ ପଶିଯାଇଥିବାବେଳେ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ ଏହି ସମୟରେ ପଛରୁ କୌଣସି ଭାରିଯାନ କିମ୍ବା ଯାତ୍ରୀବାହୀ ବସ୍ ଆସୁ ନ ଥିବାରୁ ଏକ ବଡ଼ ଦୁର୍ଘଟଣା ଟଳି ଯାଇଛି। ଗତ ୬ମାସ ତଳେ ହୋଇଥିବା କାମ, ଏତେଶୀଘ୍ର ଦବିଯାଇଥିବାରୁ ଏହାର ସ୍ଥାୟିତ୍ୱ ଏବଂ କାର୍ଯ୍ୟର ମାନକୁ ନେଇ ସ୍ଥାନୀୟ ଲୋକେ ଅନେକ ପ୍ରଶ୍ନ ଉଠାଇଛନ୍ତି। ଘଟଣା ସଂକ୍ରାନ୍ତରେ ଏନ୍‌ଏଚ୍‌ଏଆଇ ସିଜିଏମ୍ ବିରେନ୍ଦ୍ର ସିଂଙ୍କୁ ଏନେଇ ପଚାରିବାରୁ ସେ ନିମ୍ନମାନର କାର୍ଯ୍ୟ ଅଭିଯୋଗକୁ ଖଣ୍ଡନ କରିବା ସହ ପ୍ରବଳ ବର୍ଷା ଯୋଗୁଁ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଥିବା କହିଛନ୍ତି। ଉକ୍ତ ରାସ୍ତା ମରାମତି କାମ ଚାଲିଛି। ସେହି ବାଟ ଦେଇ ଯାତାୟାତକୁ ବାରଣ କରାଯାଇଛି। ଖୁବ୍‌ଶୀଘ୍ର ମରାମତି ସରିବା ପରେ ଯାତାୟାତ ସ୍ୱାଭାବିକ ହେବ ବୋଲି ସିଂ କହିଛନ୍ତି। ସୂଚନାନୁସାରେ ରବିବାର ଅପରାହ୍ନରେ ☞ପୃଷ୍ଠା-୪

## ମୁମ୍ବାଇ ହିଟ୍ ଆଣ୍ଡ୍ ରନ୍

# ଦୁର୍ଘଟଣା ପୂର୍ବରୁ ମଦ ପିଇଥିଲେ ମିହିର


ମିହିର ଶାହ

ମୁମ୍ବାଇ, ୮।୭

ମୁମ୍ବାଇର ୱର୍ଲି ହିଟ୍ ଆଣ୍ଡ୍ ରନ୍ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଶିବସେନା ନେତା ରାଜେଶ ଶାହଙ୍କ ପୁଅ ମିହିର ଶାହ(୨୪) ରବିବାର ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିଲେ। ପୋଲିସ ଏହି ମାମଲାର ତଦନ୍ତ ଜାରି ରଖି ମିହିରଙ୍କୁ ଖୋଜିବାକୁ ପ୍ରୟାସ କରୁଛି। ଦୁର୍ଘଟଣା ଘଟାଇବାର କିଛି ସମୟ ପୂର୍ବରୁ ଅର୍ଥାତ୍ ଶନିବାର ବିଳମ୍ବିତ ରାତ୍ରିରେ ମିହିର ଜୁହୁର ଗ୍ଲୋବାଲ ଟୋପାସ୍ ବାର୍‌ରେ ନିଜର ୪ ସାଙ୍ଗଙ୍କ ସହ ୧୮,୭୩୦ ଟଙ୍କାର ମଦ୍ୟପାନ କରିଥିବା ତଦନ୍ତରୁ ଜଣାପଡ଼ିଛି। ସୋମବାର ପୋଲିସ ଉକ୍ତ ବିଲ୍ ସହ ମିହିର ମଦ୍ୟପାନ କରୁଥିବା ନେଇ ସିସିଟିଭି ଫୁଟେଜ୍‌କୁ ଜବତ କରିଛି। ତେବେ ଉକ୍ତ ବାର୍‌ରୁ ଫେରିବା ପରେ ମିହିର ନିଜେ ବିଏମ୍‌ଡବ୍ଲ୍ୟୁ କାର୍ ଚଳାଇବାକୁ ଡ୍ରାଇଭରଙ୍କୁ ବାଧ୍ୟ କରିଥିବା ପୋଲିସ କହିଛି। ତେବେ ରବିବାର ସକାଳେ ଦୁର୍ଘଟଣା ଘଟାଇବା ପରେ ମିହିର ରାଜେଶଙ୍କୁ ଫୋନ୍‌ରେ ଦୁର୍ଘଟଣା ସମ୍ପର୍କରେ ଜଣାଇଥିଲେ। ଏହାପରଠାରୁ ମିହିରଙ୍କ ଫୋନ୍ ସୁଇଚ୍ ଅଫ୍ ଆସୁଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ରବିବାର ଭୋର୍ ସମୟରେ ମୁମ୍ବାଇର ୱର୍ଲିରେ ମିହିର ତାଙ୍କ ବିଏମ୍‌ଡବ୍ଲ୍ୟୁ କାର୍ ଚଳାଇ ଏକ ସ୍କୁଟିକୁ ପଛରୁ ଧକ୍କା ଦେଇଥିଲେ। ସ୍କୁଟିରେ ଥିବା ଦମ୍ପତି ରାଜେଶ ପ୍ରଦିକ୍ ନକ୍‌ଭା ଓ ତାଙ୍କ ସ୍ତ୍ରୀ କାବେରୀ ନକ୍‌ଭା ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲରେ କାବେରୀଙ୍କର ମୃତ୍ୟୁ ଘଟିଥିଲା।


ରୁଷିଆର ମିଶାଇଲ ମାଡ଼ ପରେ ସୋମବାର ୟୁକ୍ରେନର ରାଜଧାନୀ କିଭ୍‌ର ଓଖ୍‌ମାଡାଇଟ ଶିଶୁ ହସ୍ପିଟାଲରେ ଉଦ୍ଧାରକାର୍ଯ୍ୟ କରାଯାଉଛି।

# ୟୁକ୍ରେନ ଶିଶୁ ହସ୍ପିଟାଲକୁ ରୁଷିଆର ମିଶାଇଲ ମାଡ଼

## ୩୬ ମୃତ, ୧୩୭ ଆହତ

କିଭ୍, ୮।୭

ୟୁକ୍ରେନର ରାଜଧାନୀ କିଭ୍ ସମେତ ଅନେକ ସହରରେ ସୋମବାର ରୁଷିଆ ମିଶାଇଲ ମାଡ଼ କରିଛି। ଏହି ଆକ୍ରମଣରେ ୩୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୩୭ ଜଣ ଆହତ ହୋଇଥିବା ୟୁକ୍ରେନ ଗୃହମନ୍ତ୍ରୀ ଇହୋର କ୍ଲିମ୍‌କୋ ସୂଚନା ଦେଇଛନ୍ତି। ତେବେ ସୋମବାର ପ୍ରଥମେ କିଭ୍‌ର ଓଖ୍‌ମାଡାଇଟ ଶିଶୁ ହସ୍ପିଟାଲକୁ ଟାର୍ଗେଟ କରି ରୁଷିଆ ପକ୍ଷରୁ କିଛି ମିଶାଇଲ ମାଡ଼ କରାଯାଇଥିବା ନେଇ ସ୍ଥାନୀୟ ୟୁକ୍ରେନ୍ ଅଧିକାରୀ କହିଛନ୍ତି। ଆକ୍ରମଣ ପରେ ଉକ୍ତ ହସ୍ପିଟାଲରେ ଅନେକ ସ୍ୱେଚ୍ଛାସେବୀ, ଡାକ୍ତର ଓ ଉଦ୍ଧାରକାରୀ ଦଳଙ୍କ ଦ୍ୱାରା ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି, ରୁଷୀୟ ସେନା ପକ୍ଷରୁ କିଭ୍ ସମେତ ୟୁକ୍ରେନର ପୂର୍ବ ଏବଂ ଦକ୍ଷିଣ ପ୍ରାନ୍ତର ୫ଟି ସହରରେ ୪୦ରୁ ଅଧିକ ମିଶାଇଲ ମାଡ଼ କରାଯାଇଛି। ତେବେ ରୁଷିଆ ପକ୍ଷରୁ କରାଯାଇଥିବା ଏହି ବର୍ବର ଆକ୍ରମଣକୁ ମିଳିତ ଜାତିସଂଘ ପକ୍ଷରୁ ନିନ୍ଦା କରାଯାଇଛି। ସେହିପରି କାନାଡ଼ା, ଫ୍ରାନ୍ସ ପରି ଅନେକ ଦେଶ ଏହି ଆକ୍ରମଣକୁ ଘୃଣ୍ୟ ଦର୍ଶାଇ ନିନ୍ଦା କରିଛନ୍ତି।

# ଫ୍ରାନ୍ସରେ ଅଚଳାବସ୍ଥା ଆଶଙ୍କା

ପ୍ୟାରିସ୍,୮।୭


ଏମାନୁଏଲ୍ ମାକ୍ରଁ

## କୌଣସି ଦଳକୁ ମିଳିଲାନି ସଂଖ୍ୟାଗରିଷ୍ଠତା

## ପ୍ରଧାନମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ମନାକଲେ ରାଷ୍ଟ୍ରପତି

ଫ୍ରାନ୍ସ ନିର୍ବାଚନରେ କୌଣସି ପ୍ରାର୍ଥୀଙ୍କୁ ଫ୍ରାନ୍ସ ନିର୍ବାଚନରେ କୌଣସି ଦଳକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳିନାହିଁ। ଭୋଟଗୁଡ଼ିକ ଲେଫ୍ଟ, ସେଣ୍ଟର ଏବଂ ଫାର୍ ରାଇଟ୍ ଦଳ ମଧ୍ୟରେ ଭାଗ ଭାଗ ହୋଇଯାଇଛି। ସରକାର ଗଢ଼ିବା ପାଇଁ କେହି ମ୍ୟାଜିକ୍ ନମ୍ବର ୨୮୯ ଛୁଇଁପାରି ନାହାନ୍ତି। ଫଳରେ ୟୁରୋପୀୟ ୟୁନିୟନର ଦ୍ୱିତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ଫ୍ରାନ୍ସରେ ରାଜନୈତିକ ଅଚଳାବସ୍ଥା ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫାକୁ ଅଗ୍ରାହ୍ୟ କରିଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଅସ୍ଥାୟୀ ଭାବେ ସରକାରର ମୁଖ୍ୟ ରହିବା ପାଇଁ ମାକ୍ରଁ ସୋମବାର ପରାମର୍ଶ ଦେଇଛନ୍ତି।

ନିର୍ବାଚନ ଫଳାଫଳ କୌଣସି ଦଳ ସପକ୍ଷରେ ନ ଯିବା ପରେ ଫ୍ରାନ୍ସରେ ହିଂସାକାଣ୍ଡ ଦେଖାଦେଇଛି। ଲେଫ୍ଟ ଏବଂ ରାଇଟ୍ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଯୋଗୁ ଫ୍ରାନ୍ସର ରାଜରାସ୍ତା ୱାର୍ ଜୋନ୍‌ରେ ପରିଣତ ହୋଇଛି। ମାସ୍କ ପିନ୍ଧିଥିବା ବିକ୍ଷୋଭକାରୀମାନେ ରାସ୍ତାରେ ଧାଇଁବା ସହ ପୋଡ଼ାଜଳା କରୁଥିବା ଦେଖାଯାଇଛି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ଯେଉଁ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ମାକ୍ରଁ ଆଗୁଆ ନିର୍ବାଚନ ପାଇଁ ନିଷ୍ପତ୍ତି ନେଇଥିଲେ, ତାହା ଭୁଲ୍ ସାବ୍ୟସ୍ତ ହୋଇଛି। ପ୍ୟାରିସ୍ ଅଲିମ୍ପିକ୍ସକୁ ଆଉ ୩ ସପ୍ତାହରୁ କମ୍ ସମୟ ଥିବାବେଳେ ଖଣ୍ଡିତ ଜନାଦେଶକୁ ନେଇ ସରକାର ଅଡୁଆରେ ପଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ଗାବ୍ରିଏଲ୍ ଅଟ୍ଟଲ ସୋମବାର ସକାଳେ ଇସ୍ତଫା ଦେବାକୁ କହିଥିଲେ। ତେବେ ଦେଶର ସ୍ଥିରତା ସୁନିଶ୍ଚିତ କରିବା ପାଇଁ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରେ ରହିବା ନିମନ୍ତେ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି। ରାଷ୍ଟ୍ରପତି ଭବନରେ ଅଟ୍ଟଲଙ୍କ ସହ ରାଜନୈତିକ ସହଯୋଗୀ ଦଳଗୁଡ଼ିକ ବୈଠକ କରିଥିଲେ। ମାକ୍ରଁ ଅଚାନକ ନିର୍ବାଚନ ପାଇଁ ନିଷ୍ପତ୍ତି ନେବାରେ ଅଟ୍ଟଲ ସହମତ ନଥିଲେ ବୋଲି ରବିବାର କହିଥିଲେ। ପ୍ରଥମ ଦୁଇ ରାଉଣ୍ଡ ଭୋଟ ଗଣତି ପରେ ସରକାର ଗଢ଼ିବା ପାଇଁ ଲେଫ୍ଟିଷ୍ଟ ମେଣ୍ଟ, ମାକ୍ରଁଙ୍କ ସେଣ୍ଟ୍ରିଷ୍ଟ ଆଲିଆନ୍ସ କିମ୍ବା ଫାର୍ ରାଇଟ୍ କାହାକୁ ଆବଶ୍ୟକ ସଂଖ୍ୟା ମିଳି ନ ଥିଲା।

ଫ୍ରାନ୍ସ ପାର୍ଲାମେଣ୍ଟର ନିମ୍ନ ସଦନ ନ୍ୟାଶନାଲ ଆସେମ୍ବ୍ଲିର ୫୭୭ ଆସନ ପାଇଁ ଜୁନ୍ ୩୦ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ରବିବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହୋଇଥିଲା। ୪୯ ନିୟୁତରୁ ଊର୍ଦ୍ଧ୍ୱ ଭୋଟର ରାଜନୈତିକ ମତାଧିକାର ସାବ୍ୟସ୍ତ କରିଥିଲେ। ତେବେ କୌଣସି ଦଳ ମ୍ୟାଜିକ୍ ନମ୍ବର ୨୮୯ ଛୁଇଁପାରି ନାହାନ୍ତି। କଠୋରପନ୍ଥୀ ନ୍ୟାଶନାଲ ରାଲିକୁ ସରକାର ଗଠନ ସୁଯୋଗ ମିଳିପାରେ ବୋଲି ଆଶା କରାଯାଉଥିଲା। ତେବେ ନିର୍ବାଚନ ଫଳାଫଳ ସବୁ ଆକଳନକୁ ଭୁଲ୍ ପ୍ରମାଣିତ କରିଛି।

# ଆସ୍ଥା ଜିତିଲେ ମୁଖ୍ୟମନ୍ତ୍ରୀ ହେମନ୍ତ

ରାଞ୍ଚି,୮।୭


ହେମନ୍ତ ସୋରେନ୍

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ନେଇଥିବା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ନେତା ହେମନ୍ତ ସୋରେନ୍ ସୋମବାର ବିଧାନସଭାରେ ଆସ୍ଥା ଭୋଟ୍‌ରେ ବିଜୟୀ ହୋଇଛନ୍ତି। ୭୫ ସଦସ୍ୟ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାରେ ହେମନ୍ତଙ୍କ ସପକ୍ଷରେ ୪୫ ବିଧାୟକ ଭୋଟ ଦେଇଥିଲେ। ଭୋଟ ପୂର୍ବରୁ ଭାଜପା ଏବଂ ଏଜେଏସ୍‌ୟୁ ବିଧାୟକମାନେ କକ୍ଷତ୍ୟାଗ କରିଥିଲେ। ବିରୋଧୀ ମେଣ୍ଟରେ ଭାଜପାର ୨୪ ବିଧାୟକ ଥିବାବେଳେ ଏଜେଏସ୍‌ୟୁ ପାର୍ଟିର ୩ ଜଣ ବିଧାୟକ ରହିଛନ୍ତି। ଗତ ୩ ତାରିଖରେ ହେମନ୍ତ ସରକାର ଗଢ଼ିବା ପାଇଁ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇବା ବେଳେ ୪୪ ଜଣ ବିଧାୟକଙ୍କ ସମର୍ଥନ ଥିବା ତାଲିକା ଦେଇଥିଲେ। ଆସ୍ଥା ଜିତିବା ପରେ ହେମନ୍ତ ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। ସୋମବାର ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ ଓ ଅନ୍ୟ ୧୦ ଜଣ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସୂଚନାଯୋଗ୍ୟ, ଜମି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଇଡି ଗତ ଜାନୁଆରୀରେ ହେମନ୍ତଙ୍କୁ ଗିରଫ କରିଥିଲା। ଏହା ପୂର୍ବରୁ ସେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାରୁ ଜେଏମ୍‌ଏମ୍‌ର ବରିଷ୍ଠ ନେତା ଚମ୍ପାଇ ସୋରେନ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ଗତ ୩ ତାରିଖରେ ଚମ୍ପାଇ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ହେମନ୍ତଙ୍କୁ ବାଟ ଛାଡ଼ିଦେଇଥିଲେ। ୪ରେ ହେମନ୍ତ ଝାଡ଼ଖଣ୍ଡର ତ୍ରୟୋଦଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ।

# ଅଭିଯୁକ୍ତ ଗୁଗଲ ମ୍ୟାପ୍ ପିନ୍ ଦେବା ଜାମିନ୍ ସର୍ତ୍ତକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୮।୭



ଅଭିଯୁକ୍ତଙ୍କ ଉପରେ ପୋଲିସ କ୍ରମାଗତ ନଜର ରଖିବା ଏବଂ ଭର୍ଚୁଆଲ୍‌ରେ ତାଙ୍କ ପ୍ରିଭେସିରେ ହସ୍ତକ୍ଷେପ କରିବାକୁ ଜାମିନ ସର୍ତ୍ତାବଳୀ ରଖାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଅଭିଯୁକ୍ତଙ୍କ ଅବସ୍ଥିତି ସମ୍ପର୍କରେ ଜାଣିବା ନିମନ୍ତେ ସେ ତଦନ୍ତକାରୀ ଅଫିସରଙ୍କୁ ଗୁଗଲ୍ ମ୍ୟାପ୍ ପିନ୍ ଦେବା ସର୍ତ୍ତ ରହିବା ଜରୁରୀ କି ନାହିଁ ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ତାହାର ତର୍ଜମା କରିଥିଲେ। ଏହା ବ୍ୟକ୍ତିଙ୍କ ଗୋପନୀୟତା ଅଧିକାରର ଉଲ୍ଲଂଘନ ଦର୍ଶାଇ ଖଣ୍ଡପୀଠ ଅଭିଯୁକ୍ତଙ୍କ ମୋବାଇଲ ଫୋନ୍‌ର ଗୁଗଲ ମ୍ୟାପ୍ ପିନ୍ ଶେୟାର କରିବା ଜାମିନ ସର୍ତ୍ତକୁ ଖାରଜ କରିଦେଇଛନ୍ତି। ଜାମିନର ମୁଖ୍ୟ ଲକ୍ଷ୍ୟକୁ ଅଣଦେଖା କରି ସର୍ତ୍ତାବଳୀ ରଖାଯାଇ ପାରିବ ନାହିଁ ବୋଲି ଜଷ୍ଟିସ୍ ଓକା ତାଙ୍କ ରାୟରେ କହିଛନ୍ତି। ଏଥିସହ ବିଦେଶୀ ଅଭିଯୁକ୍ତ ଭାରତ ଛାଡ଼ିବେ ନାହିଁ ବୋଲି ତାଙ୍କ ଦୂତାବାସ ପ୍ରତିଶ୍ରୁତି ପତ୍ର ଉପସ୍ଥାପନ କରିବା ସର୍ତ୍ତକୁ ମଧ୍ୟ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି। ନିଶାଦ୍ରବ୍ୟ କାରବାର ମାମଲାରେ ନାଇଜେରୀୟ ଅଭିଯୁକ୍ତ ଫ୍ରାଙ୍କ ଭିଟସ୍‌ଙ୍କୁ ଅନ୍ତରୀଣ ଜାମିନ ପାଇଁ ଦିଲ୍ଲୀ ହାଇକୋର୍ଟ ରଖିଥିବା ସର୍ତ୍ତାବଳୀ ବିରୋଧରେ ସେ ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଲିଭ୍ ପିଟିଶନ ଦାଏର କରିଥିଲେ। ଅଭିଯୁକ୍ତ ଓ ସହଅଭିଯୁକ୍ତ ସେମାନଙ୍କ ଗୁଗଲ ମ୍ୟାପ୍ ପିନ୍ ତଦନ୍ତକାରୀ ଅଫିସରଙ୍କ ନିକଟରେ ଦାଖଲ କରିବା ପାଇଁ ୨୦୨୨ରେ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ଜାମିନ କାଳରେ ଭାରତ ନ ଛାଡ଼ିବା ପାଇଁ ନାଇଜେରିଆ ଉଚ୍ଚାୟୁକ୍ତଙ୍କଠାରୁ ପ୍ରତିଶ୍ରୁତି ପତ୍ର ଆଣିବାକୁ କହିଥିଲେ। ଗୁଗଲ୍ ପିନ୍‌ର କାର୍ଯ୍ୟ ସମ୍ପର୍କରେ ସୁପ୍ରିମକୋର୍ଟ ଶୁଣାଣି ବେଳେ ଗୁଗଲ ଇଣ୍ଡିଆ ଏବଂ ଗୁଗଲ୍ ଏଲ୍‌ଏଲ୍‌ସିକୁ ସ୍ପଷ୍ଟୀକରଣ ମାଗିଥିଲେ। ଏହା ସମ୍ବିଧାନର ଅନୁଚ୍ଛେଦ ୨୧ର ଅଧିକାରକୁ ଉଲ୍ଲଂଘନ କରୁଥିବା ଜାଣିବା ପରେ ଖଣ୍ଡପୀଠ ଉପରୋକ୍ତ ଜାମିନ ସର୍ତ୍ତାବଳୀକୁ ଖାରଜ କରିଦେଇଛନ୍ତି।

# ମଣିପୁର ହିଂସା ପ୍ରଭାବିତଙ୍କୁ ଭେଟିଲେ ରାହୁଲ

ଇମ୍ଫାଲ,୮।୭(ପି.ଟି.)


ରାହୁଲ ଗାନ୍ଧୀ ମଣିପୁରର ଜିରିବାମ୍ ଜିଲାର ଏକ ରିଲିଫ୍ କ୍ୟାମ୍ପରେ ହିଂସା କ୍ଷତିଗ୍ରସ୍ତଙ୍କୁ ଭେଟୁଛନ୍ତି।

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ହିଂସା କ୍ଷତିଗ୍ରସ୍ତ ମଣିପୁରର ଜିରିବାମ୍ ଏବଂ ଚୁରାଚାନ୍ଦପୁର ଜିଲାକୁ ଯାଇ ରିଲିଫ୍ କ୍ୟାମ୍ପଗୁଡ଼ିକୁ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଥିବା ହିଂସା ପ୍ରପୀଡ଼ିତମାନଙ୍କ ସହ କଥା ହୋଇଥିଲେ। ଗତବର୍ଷ ମେ'ରୁ ମଣିପୁରରେ ଜାତିଆଣ ହିଂସାକାଣ୍ଡ ଲାଗି ରହିବା ସହ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ହଜାର ହଜାର ଲୋକ ଘରଦ୍ୱାର ଛାଡ଼ି ଏପର୍ଯ୍ୟନ୍ତ ରିଲିଫ୍ କ୍ୟାମ୍ପରେ ମୁଣ୍ଡ ଗୁଞ୍ଜିଛନ୍ତି। ପ୍ରଥମେ ଜିରିବାମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଥିବା ରିଲିଫ୍ କ୍ୟାମ୍ପକୁ ଯାଇ ରାହୁଲ ଲୋକମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଏପର୍ଯ୍ୟନ୍ତ ସେମାନଙ୍କୁ ଦେଖିବାକୁ ଆସି ନାହାନ୍ତି। ଏହି ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ଉପସ୍ଥାପନ କରିବା ନିମନ୍ତେ ଜଣେ ଝିଅ ରାହୁଲଙ୍କୁ ନିବେଦନ କରିଥିଲେ। ଜିରିବାମ୍‌ର ବହୁ ଲୋକ ରାହୁଲଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଧାଇଁ ଆସିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ କାନ୍ଦୁଥିବା ଦେଖାଯାଇଥିଲା ବୋଲି ରାଜ୍ୟ କଂଗ୍ରେସ ସଭାପତି କିଶାମ ମେଘଚନ୍ଦ୍ର କହିଛନ୍ତି। ଏହା ପରେ ସେ ଚୁରାଚାନ୍ଦପୁର ଜିଲାର ରିଲିଫ୍ କ୍ୟାମ୍ପ ପରିଦର୍ଶନ କରିବା ସହ ସେଠାର ଅନ୍ତେବାସୀମାନଙ୍କ ସହ କଥା ହୋଇଥିଲେ। ସନ୍ଧ୍ୟାରେ ରାହୁଲ ମଣିପୁର ରାଜ୍ୟପାଳ ଅନସୂୟା ଉଇକେଙ୍କୁ ଭେଟି ୪୫ ମିନିଟ ଆଲୋଚନା କରିଥିଲେ। ବିରୋଧୀ ଦଳ ନେତା ହେବା ପରେ ରାହୁଲ ପ୍ରଥମଥର ପାଇଁ ଏହି ହିଂସା ପ୍ରଭାବିତ ରାଜ୍ୟ ଗସ୍ତ କରିଛନ୍ତି। ତାଙ୍କ ସହ ବରିଷ୍ଠ କଂଗ୍ରେସ ନେତାମାନେ ମଧ୍ୟ ଥିଲେ। ପୂର୍ବରୁ ରାହୁଲ ୨ ଥର ମଣିପୁର ଆସିଥିଲେ।

# ଜାତୀୟ ସ୍ୱାର୍ଥକୁ ପ୍ରୋତ୍ସାହିତ କରିବ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ

ବିଶ୍ୱର ସର୍ବବୃହତ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସ୍ଥାପନା ଦିବସ ପ୍ରତିବର୍ଷ ଜୁଲାଇ ୯ରେ ପାଳନ କରାଯାଏ। ଭାରତରେ ଏହି ଦିବସକୁ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ଭାବରେ ପାଳନ କରାଯାଏ। ବିଶେଷ କରି ଛାତ୍ରୀଛାତ୍ରମାନଙ୍କ ଆଗ୍ରହ ଏବଂ ଜାତୀୟ ସ୍ୱାର୍ଥକୁ ପ୍ରୋତ୍ସାହିତ କରିବା ପାଇଁ ସାରା ବିଶ୍ୱରେ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ପାଳନ କରାଯାଏ। ୧୯୪୯, ଜୁଲାଇ ୯ରେ ଭାରତ ସରକାର ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ପାଳନ କରିବାକୁ ଘୋଷଣା କରିଥିଲେ। ଏହି ଦିନର ଉଦ୍ଦେଶ୍ୟ ହେଉଛି ବିଦ୍ୟାର୍ଥୀମାନଙ୍କ ଆଗ୍ରହ ଏବଂ ଜାତୀୟ ସ୍ୱାର୍ଥକୁ ପ୍ରୋତ୍ସାହିତ କରିବା ଏବଂ ଏହା ବିଷୟରେ ଲୋକଙ୍କୁ ଅବଗତ କରାଇବା। ଯାହାଫଳରେ ଲୋକମାନେ ବିଦ୍ୟାର୍ଥୀମାନଙ୍କ ପ୍ରତି ଅଧିକ ଧ୍ୟାନ ଦେଇ ତାଙ୍କୁ ସମ୍ମାନ କରିପାରିବେ।

## ଫୁର୍‌ସତ୍

# 'ଜୱାନ'କୁ ପଛରେ ପକାଇଲା 'କଲ୍‌କୀ ୨୮୯୮ ଏଡି'

ମୁମ୍ବାଇ



ନାଗ୍ ଅଶ୍ୱିନ୍‌ଙ୍କ ନିର୍ଦ୍ଦେଶିତ 'କଲ୍‌କୀ ୨୮୯୮ ଏଡି' ଗତ ଜୁନ ୨୭ରେ ମୁକ୍ତିଲାଭ କରିଥିଲା, ଯାହା ଏବେ ଅନେକ ରେକର୍ଡ ଭାଙ୍ଗିପାରିଛି। ପ୍ରଭାସ, ଦୀପିକା ପାଦୁକୋନ, ଅମିତାଭ ବଚ୍ଚନ, ଦିଶା ପଟାନି ଓ କମଲ ହାସନଙ୍କ ଅଭିନୀତ ଏହି ଫିଲ୍ମ ରିଲିଜ୍ ହେବାର ମାତ୍ର ୧୧ ଦିନ ମଧ୍ୟରେ ଦେଶବ୍ୟାପୀ ୫୦୦ କୋଟି ଟଙ୍କା ଆୟ କରି ରେକର୍ଡ ସୃଷ୍ଟି କରିପାରିଛି। 'ବାହୁବଳୀ ୨', 'କେଜିଏଫ୍ ୨' ଓ ଆର୍‌ଆର୍‌ଆର୍ ପରେ ୫୦୦ କୋଟି କ୍ଲବ୍‌ରେ ପ୍ରବେଶ କରିବାରେ 'କଲ୍‌କୀ ୨୮୯୮ ଏଡି' ଚତୁର୍ଥ ଭାରତୀୟ ଦ୍ରୁତତମ ଚଳଚ୍ଚିତ୍ର ହୋଇପାରିଛି। ପୂର୍ବରୁ 'ବାହୁବଳୀ ୨' ମାତ୍ର ୭ ଦିନରେ ୫୦୦ କୋଟି କ୍ଲବ୍‌ରେ ପହଞ୍ଚିଥିବାବେଳେ ଉଭୟ 'କେଜିଏଫ୍ ୨' ଓ ଆର୍‌ଆର୍‌ଆର୍ ମାତ୍ର ୮ ଦିନରେ ଦେଶବ୍ୟାପୀ ୫୦୦ କୋଟିର ବ୍ୟବସାୟ କରିପାରିଥିଲେ। ତେବେ ଶାହରୁଖ୍ ଖାନ୍‌ଙ୍କ 'ଜୱାନ' ଫିଲ୍ମ ୧୩ ଦିନ ଓ ରଣବୀର କପୁରଙ୍କ 'ଆନିମଲ' ଫିଲ୍ମ ୧୬ ଦିନ ମଧ୍ୟରେ ଦେଶବ୍ୟାପୀ ୫୦୦ କୋଟି ଟଙ୍କା ଆୟ କରିଥିବାବେଳେ ଏବେ ଏହି ୨ ଫିଲ୍ମର ରେକର୍ଡକୁ 'କଲ୍‌କୀ ୨୮୯୮ ଏଡି' ଭାଙ୍ଗିବାରେ ସଫଳ ହୋଇଛି। ରବିବାର ରିଲିଜ୍ ହେବାର ୧୧ ତମ ଦିନରେ ଏହି ଫିଲ୍ମ ୪୪.୩ କୋଟି ଟଙ୍କାର ବ୍ୟବସାୟ କରିବା ସହ ଭାରତରେ ଏହାର ସମୁଦାୟ ବକ୍ସ ଅଫିସ କଲେକ୍ସନ ୫୧୦ କୋଟିରେ ପହଞ୍ଚିଛି। ସେହିପରି ରବିବାର ସୁଦ୍ଧା 'କଲ୍‌କୀ ୨୮୯୮ ଏଡି' ଫିଲ୍ମ ବିଶ୍ୱବ୍ୟାପୀ ୯୧୦ କୋଟି ଟଙ୍କା ସଂଗ୍ରହ କରିଛି। ତେବେ ଏହି ଫିଲ୍ମର ସିକ୍ୱେଲ ୩ ବର୍ଷ ପରେ ରିଲିଜ୍ ହେବ ବୋଲି ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି।

# ମୃତକଙ୍କ ପାଇଁ ମୁଭି ନାଇଟ୍ ଶୋ'

ବ୍ୟାଙ୍କକ୍

ଥାଇଲାଣ୍ଡରେ ଚାଇନିଜ୍ ସମୁଦାୟର ଲୋକଙ୍କ ପାଇଁ ରହିଥିବା ଏକ କବର ସ୍ଥାନରେ ମୃତକଙ୍କ ଲାଗି ଗୋଟିଏ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି କବର ସ୍ଥାନରେ ଜୁଲାଇ ୧ରୁ ୫ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଏକ ମୁଭି ନାଇଟ ଶୋ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ଦିନ ସ୍ଥାନୀୟ ସମୟ ସନ୍ଧ୍ୟା ୭ଟାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଏହି କବର ସ୍ଥାନରେ ଚଳଚ୍ଚିତ୍ର ପ୍ରଦର୍ଶିତ ହେଉଥିଲା। ଏହାବ୍ୟତୀତ ମୃତକଙ୍କ ପାଇଁ ଖାଦ୍ୟ, ପୋଷାକ ଓ ଦୈନନ୍ଦିନ ଆବଶ୍ୟକ ସାମଗ୍ରୀ ମଧ୍ୟ ରଖାଯାଇଥିଲା। ଏହି ଖୋଲା ଆକାଶ ଶୋ'ରେ କବର ସ୍ଥାନର କେବଳ ୪ ଜଣ କର୍ମଚାରୀ ଉପସ୍ଥିତ ଥିଲେ। ତେବେ କାର୍ଯ୍ୟକ୍ରମର ଆୟୋଜକ କହିଛନ୍ତି, ପ୍ରଥମେ ସେ ଏହି କବର ସ୍ଥାନରେ ମୁଭି ନାଇଟ ଶୋ' ଆୟୋଜନ କରିବା ନେଇ ଭୟ କରୁଥିଲେ। କିନ୍ତୁ ଇଭେଣ୍ଟ ଶେଷ ହେବା ପରେ ସେ ନିଜର ଏହି ଅଭିଜ୍ଞତାକୁ ଅନନ୍ୟ ଓ ସକାରାତ୍ମକ ହୋଇଥିବା ଦର୍ଶାଇଛନ୍ତି। ଏହି କବର ସ୍ଥାନରେ ଥିବା ମୃତକଙ୍କୁ ସ୍ମରଣ କରିବା ସହ ସେମାନଙ୍କୁ ଆଧୁନିକ ମନୋରଞ୍ଜନ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ମୁଭି ନାଇଟ ଶୋ' ଆୟୋଜନ କରାଯାଇଥିବା ଆୟୋଜକ କହିଛନ୍ତି।

ସୂଚନାଯୋଗ୍ୟ, ଥାଇଲାଣ୍ଡରେ ଥିବା ଚାଇନିଜ୍ ସମୁଦାୟର ବିଶ୍ୱାସ ଅନୁଯାୟୀ, ମୃତ୍ୟୁବେଳକୁ ଅଧିକାଂଶ ବ୍ୟକ୍ତିଙ୍କର ସମସ୍ତ ଇଚ୍ଛା ପୂରଣ ହୋଇ ନ ଥାଏ। ତେଣୁ ମୃତ୍ୟୁ ପରେ ସେମାନଙ୍କର ଆତ୍ମା ଅସନ୍ତୁଷ୍ଟ ରହିଥାନ୍ତି। ମୁଭି ନାଇଟ ଶୋ' ପରି ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମର ଆୟୋଜନ ଦ୍ୱାରା ଏହି ଅସନ୍ତୁଷ୍ଟ ଆତ୍ମାମାନେ ସମ୍ମାନିତ ଅନୁଭବ କରନ୍ତି। ଫଳସ୍ୱରୂପ, ଜୀବନ୍ତ ଲୋକଙ୍କ ଉପରେ ସେମାନଙ୍କର ହସ୍ତକ୍ଷେପ କମିଯାଇଥାଏ।

# ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପକୁ କେନ୍ଦ୍ରର ମଞ୍ଜୁରୀ

- ୩୦ ବର୍ଷ ହେଲା ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅପେକ୍ଷାରେ ଥିଲା
- ୧୫୨୪.୧୭ ହେକ୍ଟର ଅଞ୍ଚଳର ଜଙ୍ଗଲ ଜମିରେ ହେବ ଜଳସେଚନ ପ୍ରକଳ୍ପ
- ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୮।୭(ସୁନିତ୍ ମିଶ୍ର)

ନୟାଗଡ଼ ଜିଲାର ବହୁ ପ୍ରତୀକ୍ଷିତ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ପାଇଁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଜଙ୍ଗଲ ଜମିରେ ଅଣଜଙ୍ଗଲ କାର୍ଯ୍ୟ ପାଇଁ ଚୂଡ଼ାନ୍ତ ମଞ୍ଜୁରୀ ପ୍ରଦାନ କରିଛି। ସୂଚନାଯୋଗ୍ୟ, ଦୀର୍ଘ ୩୦ ବର୍ଷ ଧରି ଏହି ଯୋଜନାଟି ଜଙ୍ଗଲ ଅନୁମତି ପାଇଁ ଅପେକ୍ଷାରେ ରହିଥିଲା। ଏହି ଅନୁମୋଦନ ପରେ ଜିଲାର କୃଷି ଓ କୃଷକଙ୍କ ହିତ ସାଧନ ଲାଗି ଏହି ପ୍ରକଳ୍ପଟି ବରଦାନ ସଦୃଶ ହେବ। ୧୫୨୪.୧୭ ହେକ୍ଟର ଅଞ୍ଚଳର ଜଙ୍ଗଲ ଜମିରେ ଜଳସେଚନ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଥିନିମନ୍ତେ ଅନୁମତି ମିଳିଛି। ଏହାଦ୍ୱାରା ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପରେ ୨୩,୦୦୦ ହେକ୍ଟର ଅଞ୍ଚଳରେ ଜଳସେଚନ ପ୍ରକଳ୍ପ ଆରମ୍ଭ କରାଯାଇପାରିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ନୂଆଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ଏ ସମ୍ପର୍କରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ସମପରିମାଣର ଅଣ ଜଙ୍ଗଲ ଅଞ୍ଚଳରେ କ୍ଷତିପୂରଣ ଲାଗି ବନୀକରଣ ସହିତ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀର ଅନୁପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




# ୧୦ ହଜାର ନନ୍-ଏସି କୋଚ୍ ନିର୍ମାଣ କରିବ ଭାରତୀୟ ରେଳ

ଭୁବନେଶ୍ୱର,୮।୭(ଅନୁରାଧା ମହାରଣା)

ସାଧାରଣ ରେଳଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳପଥ ଆସନ୍ତା ଦୁଇ ଆର୍ଥିକ ବର୍ଷ ୨୦୨୪-୨୫ ଓ ୨୦୨୫-୨୬ରେ ୧୦ ହଜାର ନନ୍-ଏସି କୋଚ୍ ନିର୍ମାଣ କରିବାକୁ ଯୋଜନା କରିଛି। ଫଳରେ ନନ୍-ଏସି କୋଚ୍ ସଂଖ୍ୟାରେ ୨୨% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ତେବେ ୨୦୨୪-୨୫ରେ ମୋଟ ୨,୬୦୫ ଜେନେରାଲ କୋଚ୍, ୧,୪୭୦ ନନ୍-ଏସି ସ୍ଲିପର କୋଚ୍, ୩୨୩ ସିଟିଂ କମ୍ ଲଗେଜ୍ ର୍ୟାକ୍ (ଏସ୍ଏଲ୍ଆର୍) କୋଚ୍, ୩୨ ଉଚ୍ଚ କ୍ଷମତାସମ୍ପନ୍ନ ପାର୍ସଲ ଭ୍ୟାନ ଏବଂ ୫୫ ପାଣ୍ଟ୍ରି କାର୍ ନିର୍ମାଣ ଲକ୍ଷ୍ୟ ରହିଛି। ସେହିପରି ୨୦୨୫-୨୬ରେ ନିର୍ମାଣ ହେବାକୁ ଥିବା କୋଚ୍ ମଧ୍ୟରେ ୨,୭୧୦ ସାଧାରଣ କୋଚ, ୧,୯୧୦ ନନ୍-ଏସି ସ୍ଲିପର କୋଚ୍, ୫୧୪ ଏସ୍ଏଲ୍ଆର୍ କୋଚ୍, ୨୦୦ ଉଚ୍ଚ କ୍ଷମତାସମ୍ପନ୍ନ ପାର୍ସଲ ଭ୍ୟାନ୍ ଏବଂ ୧୧୦ ପାଣ୍ଟ୍ରି କାର୍ ରହିଛି। ଯାତ୍ରୀଙ୍କ ଆରାମଦାୟକ ଯାତ୍ରାକୁ ଦୃଷ୍ଟିରେ ରଖି ଜେନେରାଲ, ସ୍ଲିପର୍ ଏବଂ ଏସ୍ଏଲ୍ଆର୍ କୋଚ ପାଇଁ ଅମୃତ ଭାରତ ସିରିଜ ଉପରେ ଗୁରୁତ୍ୱ ଦିଆଯାଉଛି। ନନ୍-ଏସି କୋଚରେ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ପର୍ଯ୍ୟାପ୍ତ ଏବଂ ଉନ୍ନତ ସୁବିଧା ପ୍ରଦାନ ଲାଗି ରେଳ ମନ୍ତ୍ରଣାଳୟ ଯୋଜନା କରୁଥିବା ସୂଚନା ରହିଛି।

# କିଶୋର, ଅମିତଙ୍କ ପାଇଁ ୧୫ ଲକ୍ଷ ଲେଖାଏ ପ୍ରୋତ୍ସାହନ ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୮।୭(ଅନିଲ ଦାସ)

**ପ୍ୟାରିସ୍ ଅଲିମ୍ପିକ୍ସ**

ଆଗାମୀ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଥିବା ଓଡ଼ିଶାର ୨ ଯୁବ ତାରକା କିଶୋର ଜେନା ଏବଂ ଅମିତ ରୋହିଦାସଙ୍କୁ ଲକ୍ଷ୍ୟ ସାଧନ ଦିଗରେ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୫ ଲକ୍ଷ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ଏହା ସେମାନଙ୍କୁ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଦେଶ ପାଇଁ ଗୌରବ ଆଣିବା ନିମନ୍ତେ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

କ୍ରୀଡ଼ାର ମହାକୁମ୍ଭ ହେଉଛି ଅଲିମ୍ପିକ୍ସ। ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଉଭୟ ଖେଳାଳି କେବଳ ନିଜ ଜନ୍ମମାଟି ନୁହେଁ ସମଗ୍ର ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ସେମାନଙ୍କର ଅଦମ୍ୟ ଇଚ୍ଛାଶକ୍ତି, କଠିନ ପରିଶ୍ରମ, ନିଷ୍ଠା ଓ ଅଧ୍ୟବସାୟ ରାଜ୍ୟର ଯୁବ ପ୍ରତିଭାମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ପୂର୍ଣ୍ଣ ବିଶ୍ୱାସ ଅଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାବାସୀଙ୍କ ତରଫରୁ ଉଭୟଙ୍କୁ ମୁଖ୍ୟମନ୍ତ୍ରୀ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରୁଥିବା ଜାଭେଲିନ୍ ଥ୍ରୋରେ କିଶୋର ଜେନା ଏବଂ ହକି ତାରକା ଅମିତ ରୋହିଦାସଙ୍କୁ ଉତ୍ସାହିତ କରିବା ପାଇଁ ଏହି ଆର୍ଥିକ ସହାୟତା ଏକ ପ୍ରୟାସ ମାତ୍ର।

ଉଭୟଙ୍କ ସାମର୍ଥ୍ୟ ଉପରେ ଓଡ଼ିଶାବାସୀଙ୍କ ପୂର୍ଣ୍ଣ ବିଶ୍ୱାସ ରହିଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଅଲିମ୍ପିକ୍ସରେ ନିଜର ଶ୍ରେଷ୍ଠତମ କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଓଡ଼ିଶାରେ କ୍ରୀଡ଼ା ପ୍ରତିଭାମାନଙ୍କର ଅଭାବ ନାହିଁ। ରାଜ୍ୟର କୋଣ ଅନୁକୋଣର ଏହି ପ୍ରତିଭାମାନଙ୍କର ସର୍ବାଙ୍ଗୀନ ବିକାଶ ଏବଂ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ତୃଣମୂଳ ସ୍ତରରେ ଆବଶ୍ୟକ ଭିତ୍ତିଭୂମି, ଆର୍ଥିକ ସହାୟତା ଏବଂ ସମସ୍ତ ସୁବିଧାସୁଯୋଗ ଯୋଗାଇଦେବା ପାଇଁ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଚାରିଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଭୁବନେଶ୍ୱରସ୍ଥିତ ଐତିହ୍ୟ ଉଦୟଗିରି ପରିଭ୍ରମଣ କରୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

# କଠୁଆରେ ଆତଙ୍କବାଦୀ ଆକ୍ରମଣ: ୪ ଯବାନ ମୃତ

ଶ୍ରୀନଗର,୮।୭

ଜମ୍ମୁ-କଶ୍ମୀରର କଠୁଆ ଜିଲାରେ ସୋମବାର ଅପରାହ୍ନରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪ ଯବାନଙ୍କ ମୃତ୍ୟୁ ଘଟିଛି ଓ ୬ ଜଣ ଆହତ ହୋଇଛନ୍ତି। ଆହତ ଯବାନମାନଙ୍କୁ ମିଲିଟାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ୨ରୁ ୩ ଜଣ ଆତଙ୍କବାଦୀ ବିଲାୱର ତହସିଲ ଅନ୍ତର୍ଗତ ଲୋଇ ମାଲ୍ହାରର ବଦନୋଟା ଗ୍ରାମରେ ପ୍ରଥମେ ଯବାନଙ୍କ ଏକ ଟ୍ରକ୍ ଉପରକୁ ଗ୍ରେନେଡ୍ ଫିଙ୍ଗିବା ପରେ ସ୍ୱୟଂକ୍ରିୟ ବନ୍ଧୁକରୁ ଗୁଳି ଚଳାଇଥିଲେ। କଠୁଆ ଏବଂ ଡୋଡା ଜିଲା ସୀମାରେ ଏହି ଅଞ୍ଚଳ ଅବସ୍ଥିତ। ଆତଙ୍କବାଦୀଙ୍କୁ ଧରିବା ପାଇଁ ଅଧିକ ସଂଖ୍ୟାରେ ସୁରକ୍ଷା ବଳ ଘଟଣାସ୍ଥଳକୁ ପଠାଯାଇଛି। ୪୮ ଘଣ୍ଟା ମଧ୍ୟରେ ସୁରକ୍ଷା ବଳ ଉପରେ ଏହା ଦ୍ୱିତୀୟ ଆକ୍ରମଣ। ସୋମବାର ସକାଳେ କଠୁଆ ଜିଲାର ମଛେଦି ଅଞ୍ଚଳରେ ଆତଙ୍କବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ଘଟି ୨ ଜଣ ଯବାନ ଆହତ ହୋଇଥିଲେ।




# ଝାଡ଼ାବାନ୍ତିରେ ଜଣେ ମୃତ, ୮ ଆକ୍ରାନ୍ତ

ରାୟଗଡ଼ା/ମୁନିଗୁଡ଼ା,୮।୭(ଆଶିଷ ରଞ୍ଜନ ପଣ୍ଡା/ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲାରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଡିମିରିଗୁଡ଼ା ପଞ୍ଚାୟତ ଭଟାଙ୍ଗପଦର ଗ୍ରାମରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଜଣକର ମୃତ୍ୟୁ ହୋଇଥିବା ବେଳେ ୮ ଜଣ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ଭଟାଙ୍ଗପଦର ଗ୍ରାମର ଚିତ୍ର ସୁନା(୨୬)। ଚିତ୍ର ଗୋଟିଏ ଦିନ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ନିଜ ଘରେ ହିଁ ମୃତ୍ୟୁବରଣ କରିଥିଲେ। ଅନ୍ୟ ଆକ୍ରାନ୍ତଙ୍କ ମଧ୍ୟରୁ ୨ ଜଣ କ୍ଷିତ ସୁନା ଓ ନୁଣ୍ଡୁଗୁଡ଼ା ସୂର୍ଯ୍ୟ ପ୍ରଥମେ ଅମ୍ବାଦଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ସେମାନଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୩ ଜଣ ଆକ୍ରାନ୍ତ ମହିଳା ଅମ୍ବାଦଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

ଖବରପାଇ ଅମ୍ବାଦଲା ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବି. ଚନ୍ଦ୍ରଶେଖରଙ୍କ ସହ ସ୍ୱାସ୍ଥ୍ୟକର୍ମୀ ସାନ୍ତାନା ପାଲ, ତପନ କୁମାର ବେହେରା ପ୍ରମୁଖ ଗାଁରେ ପହଞ୍ଚି ଆକ୍ରାନ୍ତଙ୍କୁ ଔଷଧ ଓ ହାଲୋଜେନ ଟାବଲେଟ ବଣ୍ଟନ କରିଛନ୍ତି। ଏଥିସହ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ମେଡିକାଲ ଅଫିସର ଡା.ଆଶିଷ କୁମାର ପଣ୍ଡା, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଂଯୁକ୍ତା ଗମାଙ୍ଗୋ, ଜିଲା ସ୍ୱାସ୍ଥ୍ୟ ମହାମାରୀ ବିଶେଷଜ୍ଞ ଶ୍ରୀନିବାସ ରାଓ ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବ୍ଲକ ପ୍ରଶାସନ ତରଫରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ସେହିଭଳି ଜେକେପୁର ସହରର ବି. ଲକ୍ଷ୍ମୀ ଓ ପଦ୍ମପୁର ବ୍ଲକ୍ ତେମ୍ପାଗୁଡା ଗ୍ରାମର ପୌଲ କାଡ୍ରାକା ଏବଂ ଅନ୍ୟ ଜଣେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି।

# ସୁଭଦ୍ରାଙ୍କ ରଥ ଟାଣିଲେ ଉପମୁଖ୍ୟମନ୍ତ୍ରୀ



ମହିଳାମାନଙ୍କ ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରାଙ୍କ ରଥ ଟାଣୁଛନ୍ତି।

**ବାରିପଦା ରଥଯାତ୍ରା**

ବାରିପଦା, ୮।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ରଥଟଣାରେ ସାମିଲ ହୋଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଏଠାରେ ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିବାର ପରମ୍ପରା ରହିଥିବାରୁ ଉପମୁଖ୍ୟମନ୍ତ୍ରୀ ସୁଭଦ୍ରାଙ୍କ ରଥ ଟାଣି ଧନ୍ୟ ହୋଇଥିବା କହିଛନ୍ତି।

ସୋମବାର ଉପମୁଖ୍ୟମନ୍ତ୍ରୀ ପରିଡା ସଡ଼କ ପଥରେ ଆସି ବାରିପଦା ସର୍କିଟ ହାଉସ୍‌ରେ ପହଞ୍ଚିଥିଲେ। ସେଠାରେ ମିଶନ ଶକ୍ତିର ଅଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ନିର୍ଦ୍ଧାରିତ ସମୟରେ ସର୍କିଟ ହାଉସ୍‌ରୁ ବାହାରି ବଡ଼ଦାଣ୍ଡରେ ପହଞ୍ଚି ପ୍ରଭୁ ବଳଭଦ୍ରଙ୍କୁ ଦର୍ଶନ କରିଥିଲେ। ପରେ ରଥଖଳାରେ ପହଞ୍ଚିଥିଲେ। ସେଠାରେ ମନ୍ଦିର ସେବାୟତମାନେ ତାଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ମା' ସୁଭଦ୍ରାଙ୍କୁ ଦର୍ଶନ କରି ଦର୍ପଦଳନ ରଥକୁ ମହିଳାମାନଙ୍କ ସହ ମିଶି ଟାଣିଥିଲେ। ୧୯୭୫ରୁ ମହିଳାମାନେ ସୁଭଦ୍ରାଙ୍କ ରଥ ଟାଣୁଥିବାରୁ ଏଥିରେ ସାମିଲ ହୋଇ ନିଜକୁ ଧନ୍ୟ ମଣିଛନ୍ତି ବୋଲି ସେ କହିଥିଲେ। ଭଉଣୀମାନଙ୍କ ସହିତ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ଭାବେ ମହିଳାଙ୍କ ଶକ୍ତିରେ ମୋ ଶକ୍ତିକୁ ଲଗାଇ ମା' ସୁଭଦ୍ରାଙ୍କଠାରୁ ସମସ୍ତ ମହିଳାଙ୍କ ପାଇଁ ଶକ୍ତି ମାଗିବା ପାଇଁ ଆସିଛି। ମା' ସୁଭଦ୍ରା ଆମ ସମସ୍ତଙ୍କୁ ଘଣ୍ଟ ଘୋଡାଇ ରଖିବା ସହ ଶକ୍ତିମୟୀ କରିବେ ବୋଲି ପ୍ରାର୍ଥନା କରିଥିବା କହିଛନ୍ତି।

# ୧୧ ପରେ ବଢ଼ିବ ବର୍ଷା

ଭୁବନେଶ୍ୱର,୮।୭
(ଅନୁରାଧା ମହାରଣା)

ରାଜ୍ୟରେ ଆସନ୍ତା ୨ଦିନ ବର୍ଷା ଲାଗି ରହିବା ସହ ୧୧ ତାରିଖ ପରେ ଏହାର ପରିମାଣ ବଢ଼ିବା ସମ୍ଭାବନା ରହିଛି। ଏଥିସହ ଉପକୂଳ ଓ ଅଧିକାଂଶ ଜିଲାରେ ବଜ୍ରପାତ ସହ ଘଡ଼ଘଡ଼ି ହୋଇପାରେ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଏ ନେଇ ପୂର୍ବାନୁମାନ କରିଛି। ମିଳିଥିବା ଅନୁସାରେ, ୯ ତାରିଖ ମଙ୍ଗଳବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ ଓ ଗଜପତି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏସବୁ ଜିଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ ଗଞ୍ଜାମ ଜିଲାରେ ବଜ୍ରପାତ, ଘଡ଼ିଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ୯ ଓ ୧୦ ତାରିଖରେ କେତେକ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ତେବେ ସୋମବାର ଭୁବନେଶ୍ୱର-କଟକ ସମେତ ଅନ୍ୟାନ୍ୟ ସ୍ଥାନରେ ଖରାବର୍ଷାର ମିଶ୍ରଣ ଦେଖିବାକୁ ମିଳିଥିଲା। ଅନେକ ସମୟ ପାଗ ମେଘୁଆ ରହୁଥିବାବେଳେ ହଠାତ୍ ପ୍ରଚଣ୍ଡ ଖରା ଅନୁଭୂତ ହେଉଥିଲା। ମଝିରେ ମଝିରେ ଝିପିଝିପି ବର୍ଷା ହୋଇଥିଲା।

# ସିଟିଏମ୍ଏସ୍‌କୁ ନେଇ କଳାକାରଙ୍କ ଲମ୍ବା ଅଭିଯୋଗ

**ନିରୁତ୍ସାହିତ କରୁଛି ଅଧିକାରୀଙ୍କ ମନମାନି**

- ବର୍ଷ ବର୍ଷ ଧରି ମିଳୁନି ବକେୟା ଟଙ୍କା
- କଳାକାରଙ୍କଠାରୁ ବେଶି ଅଣକଳାକାର ପଞ୍ଜୀକୃତ

ଭୁବନେଶ୍ୱର,୮।୭
(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟର କଳା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ସହ ଏହାର ପ୍ରଚାର ପ୍ରସାର ପାଇଁ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବହୁ ପଦକ୍ଷେପ ନେଉଛି। ହେଲେ ଅଧିକାରୀଙ୍କ ମନମାନି ଓ ସ୍ୱାର୍ଥାନ୍ୱେଷୀ ଆଭିମୁଖ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ବାଟବଣା କରିଦେଉଛି। ରାଜ୍ୟର ସମସ୍ତ କଳାକାରଙ୍କୁ ସୁଯୋଗ ଦେବା ସହ ଉତ୍ସାହିତ କରିବା ପାଇଁ ବିଭାଗ ପକ୍ଷରୁ ୨୦୨୨ ସେପ୍ଟେମ୍ବର ୬ରେ ଆରମ୍ଭ ହୋଇଥିଲା କମ୍ପ୍ୟୁଟରୀକୃତ ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥା (ସିଟିଏମ୍ଏସ୍)। ବର୍ତ୍ତମାନ ଏହି ବ୍ୟବସ୍ଥାରେ ୨ ହଜାର ୩୭୪ ସାଂସ୍କୃତିକ ଦଳ ପଞ୍ଜୀକୃତ ହୋଇଛି। ହେଲେ ଏଥିରେ ବ୍ୟାପକ ଅବ୍ୟବସ୍ଥା ଓ ଅନିୟମିତତା ପ୍ରକୃତ କଳାକାରଙ୍କୁ ନିରୁତ୍ସାହିତ କରୁଛି। କଳାକାରଙ୍କଠାରୁ ବେଶି ଅଣକଳାକାର ପଞ୍ଜୀକୃତ ହୋଇଥିବାବେଳେ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବହୁ କଳାକାର ଓ ସାଂସ୍କୃତିକ ଦଳକୁ ବର୍ଷ ବର୍ଷ ଧରି ସେମାନଙ୍କ ବକେୟା ପାଉଣା ମିଳୁନାହିଁ। ସିଟିଏମ୍ଏସ୍‌କୁ ନେଇ ଏଭଳି ଅଭିଯୋଗ ଲାଗି ରହିଥିଲେ ମଧ୍ୟ ବିଭାଗ ପକ୍ଷରୁ ସମସ୍ୟାର ସମାଧାନ କରାଯାଉ ନ ଥିବାରୁ ରାଜ୍ୟବ୍ୟାପୀ କଳାକାରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ବ୍ୟବସ୍ଥାନୁସାରେ, କୌଣସି ସାଂସ୍କୃତିକ ଦଳର ମୁଖ୍ୟ ନିଜ ନାମ କିମ୍ବା ଦଳର ନାମ ସିଟିଏମ୍ଏସ୍‌ରେ ପଞ୍ଜୀକୃତ କରିବେ। ସରକାର ଯେତେବେଳେ କିଛି କାର୍ଯ୍ୟକ୍ରମ କରିବେ ବା ଆବଶ୍ୟକ କରିବେ, ସେତେବେଳେ ସିଟିଏମ୍ଏସ୍‌ରୁ କଳାକାରଙ୍କୁ ବୁକ୍ କରିବେ। କଳାକାର ନିଜେ ପଇସା ଖର୍ଚ୍ଚ କରି କାର୍ଯ୍ୟକ୍ରମ କରିବେ ଓ ଏହାର ଫଟୋ ସିଟିଏମ୍ଏସ୍‌ର ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବାର ୨ ମାସ ଭିତରେ ପାଉଣା ମିଳିବ। ସେହିଭଳି ବେସରକାରୀ ସଂସ୍ଥା ସିଟିଏମ୍ଏସ୍‌ରୁ କଳାକାର ନେବାକୁ ଚାହୁଁଥିଲେ ପ୍ରଥମେ ୧୦୦୦ ଟଙ୍କା ଦାଖଲ କରି ଆକାଉଣ୍ଟ ଖୋଲିବେ। ସଂସ୍ଥା ପକ୍ଷରୁ ବୁକ୍ ହୋଇଥିବା କଳାକାରଙ୍କ ପ୍ରଦର୍ଶନ ଓ ଖର୍ଚ୍ଚ ବାବଦ ପାଉଣା ସରକାର ବହନ କରିବେ। ସେହିପରି ନିର୍ଦ୍ଦିଷ୍ଟ ଦଳମାନଙ୍କୁ ବାରମ୍ବାର କାର୍ଯ୍ୟକ୍ରମ ଦିଆ ନ ଯାଇ ପୁନରାବର୍ତ୍ତନ ଭିତ୍ତିରେ ଆବଣ୍ଟନ କରାଯିବ। ମାତ୍ର ବ୍ୟବସ୍ଥା ଆରମ୍ଭରୁ ଦ୍ୱନ୍ଦ୍ୱ, ଭ୍ରମ, ବିବାଦ, ଅଭିଯୋଗ ସିଟିଏମ୍ଏସ୍‌ର ପିଛା ଛାଡୁନି। ପ୍ରଥମେ ଯୋଗ୍ୟତାଭିତ୍ତିରେ କଳାକାରମାନଙ୍କୁ ପଞ୍ଜୀକୃତ ନ କରାଇ ଅନେକ ଅଣକଳାକାରଙ୍କୁ ଯୋଡ଼ାଗଲା। ଫଳରେ କାର୍ଯ୍ୟକ୍ରମ ପାଇଁ ବୁକ୍ କରୁଥିବା ଲୋକ ବା ସଂସ୍ଥା ଉପଯୁକ୍ତ କଳାକାର ପାଇପାରିଲା ନାହିଁ। ଗୋଟିଏ ଦଳକୁ ବାରମ୍ବାର ପ୍ରଦର୍ଶନ ପାଇଁ ସୁଯୋଗ ନ ଥିବାରୁ ଅନେକ ଦଳ ୪/୫ଟି ନାମରେ ଫେକ୍ ଆକାଉଣ୍ଟ ଖୋଲି କାର୍ଯ୍ୟକ୍ରମ ହାତେଇ ନେଉଥିବା ଅଭିଯୋଗ ହେଉଛି। ପୁଣି ପ୍ରଦର୍ଶନ ସରିବାର ମାସ ମାସ ଗଡ଼ି ଯାଉଥିଲେ ମଧ୍ୟ ବକେୟା ଟଙ୍କା ମିଳୁନାହିଁ। ଏମିତିକି ୨ବର୍ଷ ହେଲାଣି ବହୁ କଳାକାର ପାଉଣା ପାଇ ନ ଥିବା ଅଭିଯୋଗ ଆସୁଛି। ଗଞ୍ଜାମ ଜିଲାର ବହୁ ଆଗଧାଡ଼ିର କଳାକାର ଏଭଳି ଅଭିଯୋଗ ଆଣିଛନ୍ତି। ବହୁ କଳାକାର ସୁଧରେ ଟଙ୍କା ଆଣି କାର୍ଯ୍ୟକ୍ରମ କରୁଥିବାରୁ ଏବେ ସେମାନେ କିପରି ତାହାକୁ ଫେରାଇବେ ସେନେଇ ଚିନ୍ତାରେ ଥିବା କହିଛନ୍ତି।

ଅନ୍ୟପକ୍ଷରେ ସମ୍ବଲପୁରର ଲହରି ଦଳ ଗୁରୁ ଡ. ମୋହିତ କୁମାର ସ୍ୱାଇଁ କହିଛନ୍ତି, ଫୋନ୍ କଲେ କିମ୍ବା ଦେଖା ହେବାକୁ ଚାହିଁଲେ ସିଟିଏମ୍ଏସ୍ ଅଧିକାରୀ ରେସ୍‌ପଣ୍ଡ କରୁନାହାନ୍ତି। ସେ କେବଳ ତାଙ୍କ ଲିଙ୍କ୍‌ରେ ଥିବା ଦଳକୁ ସୁଯୋଗ ଦେଉଛନ୍ତି। ଆମେ ଯଦି କିଛି କହୁଛୁ ତା' ହେଲେ ହାତଗୁଞ୍ଜା ଦେବାକୁ ବାଧ୍ୟ କରାଯାଉଛି। କଳାକାର ଲୋକ କେତେ ବା ପାଉଛୁ, ଯଦି ଏଭଳି ଅନିୟମିତତା ଚାଲିବ ତା' ହେଲେ କଳା ଓ କଳାକାର ଉଭୟ ମରିଯିବେ। ପୁଣି ସିଟିଏମ୍ଏସ୍‌ରେ ସମ୍ବଲପୁରୀ ଖୋଜିଲେ ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳରୁ ଦଳ ଦେଖାଉଛି। ଉପଯୁକ୍ତ କାର୍ଯ୍ୟକ୍ରମ ପାଇଁ ଯୋଗ୍ୟ ଦଳଟିଏ ପାଇବା କଷ୍ଟକର ହୋଇପଡୁଛି। ସେହିପରି ପଶ୍ଚିମ ଓଡ଼ିଶାର କିଛି ଦଳ ଅଛନ୍ତି, ସେମାନେ ନିଜ ସ୍ତ୍ରୀ, ପିଲାଙ୍କ ନାମରେ ସିଟିଏମ୍ଏସ୍‌ରେ ପଞ୍ଜୀକୃତ କରାଇ କାମ ଉଠାଉଛନ୍ତି। ତେଣୁ ଏତେ କଷ୍ଟ କରି ଦୀର୍ଘବର୍ଷ ଧରି ଅନୁଷ୍ଠାନ ସମ୍ଭାଳିବା ଓ ନୂଆ ପିଢ଼ିଙ୍କୁ କାମ ଶିଖାଇବା ପାଇଁ ଆଉ ଉତ୍ସାହ ରହୁନି।




## ସିଟିଏମ୍ଏସ୍ ପରିମାର୍ଜିତ ହେବାର ଆବଶ୍ୟକତା ରହିଛି

ଗୁରୁ ଆଲୋକ ବିଶୋୟୀ କହିଛନ୍ତି, ତରତର ହୋଇ ସିଟିଏମ୍ଏସ୍ ଖୋଲା ହୋଇଗଲା। ନା କିଛି ଉପଯୁକ୍ତ ଗାଇଡ୍‌ଲାଇନ ରହିଲା ନା ଆନୁଷଙ୍ଗିକ ପଦକ୍ଷେପ। ଅଡିଶନ୍ କରାଯାଇ ଗ୍ରେଡେଶନ୍ ହିସାବରେ ଦଳଙ୍କୁ ସିଟିଏମ୍ଏସ୍‌ରେ ଉପଲବ୍ଧ କରାଯାଉ। ବୁକ୍ କରୁଥିବା ଲୋକ ଓ ପ୍ରକୃତ କଳାକାରଙ୍କ ଲାଭ ପାଇଁ ସିଟିଏମ୍ଏସ୍ ପରିମାର୍ଜିତ ହେବାର ଆବଶ୍ୟକତା ରହିଛି।

## ସରଳୀକରଣ ହେବ, କାର୍ଯ୍ୟାନୁଷ୍ଠାନ ନିଆଯିବ

ଅଭିଯୋଗ ସଂକ୍ରାନ୍ତରେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ କହିଛନ୍ତି, ଅନେକ କଳାକାର ଆଜି ବି ସିଟିଏମ୍ଏସ୍ ବ୍ୟବସ୍ଥା ସହ ଠିକ୍ ଭାବେ ଯୋଡ଼ିହୋଇପାରିନାହାନ୍ତି। କାଗଜପତ୍ର ଠିକ୍ ଭାବେ ଅପଲୋଡ୍ କରାଯାଉନାହିଁ। ତା'ଛଡ଼ା ବକେୟା ରହିଯାଇଥିବା ଅଳ୍ପ କିଛି ପାଉଣା ଧୀରେ ଧୀରେ କ୍ଲିୟର କରାଯାଉଛି। ବାକି ରହିଲା ସିଟିଏମ୍ଏସ୍ ଅଧିକାରୀ। ତାଙ୍କ ନାମରେ ମୁଁ ମଧ୍ୟ କିଛି ଶୁଣିବାକୁ ପାଇଥିଲି। ଯଦି ସେଭଳି କିଛି ସତ ହୋଇଥିବ, ନିହାତି କାର୍ଯ୍ୟାନୁଷ୍ଠାନ ନିଆଯିବ। ନିକଟରେ ସିଟିଏମ୍ଏସ୍‌କୁ ସରଳୀକରଣ କରିବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ମଧ୍ୟ ବସିଥିଲା। ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ରାଉତରାଏ କହିଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଚିତ୍ରକଳା ପ୍ରଦର୍ଶନୀ 'ମୋ ମନର ଜଗନ୍ନାଥ', ସ୍ଥାନ: କଳିଙ୍ଗ ଆର୍ଟ ଗ୍ୟାଲେରି, ସମୟ: ପୂର୍ବାହ୍ନ ୧୧ଟା।
- ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲ ପକ୍ଷରୁ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାର କୃତୀ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୪ଟା ୩୦।
- ସଙ୍ଗୀତ କାର୍ଯ୍ୟକ୍ରମ 'ଶ୍ରଦ୍ଧାଞ୍ଜଳି', ସ୍ଥାନ: ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଅଡିଟୋରିୟମ ହଲ୍, ସମୟ: ଅପରାହ୍ନ ୫ଟା।
- ଦୈନିକ ଖବରକାଗଜ 'ପ୍ରତିକାର'ର ୧୭ତମ ସ୍ୱନକ୍ଷତ୍ର ଏବଂ ଓଡ଼ିଶା ପ୍ରତିଭା ସମ୍ମାନ-୨୦୨୪, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଟକ ମହାନଗର ନିଗମ ପକ୍ଷରୁ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ବିକାଶ ଭବନ, ବାଦାମବାଡ଼ି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶିଷ୍ଟ କଣ୍ଠଶିଳ୍ପୀ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ୧୨୩ତମ ଜୟନ୍ତୀ ଉତ୍ସବ, ସ୍ଥାନ: ବହୁମୁଖୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ, ପାଞ୍ଚଗାଁ, ତିଗିରିଆ, ସମୟ: ସନ୍ଧ୍ୟା: ୬ଟା।
- ଯୋବ୍ରାରଥ ଜୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରବଚନ, ସ୍ଥାନ: ନୂଆସାହି, ଯୋବ୍ରା, ସମୟ: ସନ୍ଧ୍ୟା ୭ଟା ୩୦।

## ଖୋର୍ଦ୍ଧା

- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ବାଣପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧୩ତମ ସ୍ନାତକ ସମାରୋହ, ସ୍ଥାନ: ନାଇଜର, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଆଡ଼ପ ମଣ୍ଡପ, ଜାଗୁଳିପାଟଣା, ସମୟ: ସନ୍ଧ୍ୟା ୭ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ଗଡ଼ ସମ୍ମୁଖ ଆଡ଼ପ ମଣ୍ଡପ, ଖୋର୍ଦ୍ଧାଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ରଥଯାତ୍ରା ଉତ୍ସବ, ସ୍ଥାନ: ବାଖୁଡ଼ିପଦା, ବରଡ଼ିହା, ଜଳେଶ୍ୱର, ସମୟ: ପ୍ରାତଃ ୫ଟା।
- ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଇକେଲ ରାଲି, ସ୍ଥାନ: ତେନ୍ତୁଳିଆ ଠାକୁରାଣୀ, ରେମୁଣା, ସମୟ: ସକାଳ ୬ଟା ୩୦।
- ଜନଶୁଣାଣି, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରଥଟଣାର ଦ୍ୱିତୀୟ ଦିବସ, ସ୍ଥାନ: ନୀଳଗିରି, ସମୟ: ଅପରାହ୍ନ ୩ଟା।
- ଲଡ୍ଡୁ ଗୋପାଳ ଡ୍ରେସ୍ ଅପ୍ କାର୍ଯ୍ୟକ୍ରମ, ସ୍ଥାନ: ଭଜନ ମଣ୍ଡପ, ରେମୁଣା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।
- ହନୁମାନ ଚାଳିଶା ପାଠ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଫକୀରମୋହନ ବିଶ୍ୱବିଦ୍ୟାଳୟର ଆଲୁମିନି ମିଟ୍, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଇମାମୀ କଲୋନୀର ଲେଡିଜ୍ କ୍ଲବ ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: ମେଳା ପଡ଼ିଆ, ରେମୁଣା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।
- ବିଶ୍ୱବିଦ୍ୟାଳୟ ପରିସରରେ ବକ୍ତବ୍ୟ ରଖିବେ ହରପ୍ରସାଦ ଦାସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ବୃନ୍ଦାବନରୁ ଆସୁଥିବା ବିଶିଷ୍ଟ କଳାକାରଙ୍କ ଦ୍ୱାରା ଶ୍ରୀକୃଷ୍ଣ ଚରିତ ରାସଲୀଳା କାର୍ଯ୍ୟକ୍ରମ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।
- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ଶୟନ ଆରତୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ବାଲେଶ୍ୱର, ସମୟ: ରାତି ୮ଟା ୪୫।
- ଦିଅଁମାନଙ୍କ ଆଡ଼ପ ମଣ୍ଡପକୁ ପହଣ୍ଡି ବିଜେ, ସ୍ଥାନ: ନୀଳଗିରି, ସମୟ: ରାତି ୧୦ଟା।

## ଭଦ୍ରକ

- ପୁରୀକୁ ମୁଖ୍ୟମନ୍ତ୍ରୀ ବସ୍ ଯାତ୍ରା, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ଚାନ୍ଦବାଲି, ସମୟ: ସକାଳ ୭ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ଚିନ୍ତାମଣି ସଭାଗୃହ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଚତୁର୍ଭୁଜପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ବାବା ଆଖଣ୍ଡଳମଣିଙ୍କ ଜଳାଭିଷେକ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ମା' ତାରିଣୀଙ୍କ ମନ୍ଦିରରେ ବିପତ୍ତତାରିଣୀ ବ୍ରତ ପାଳନ ଏବଂ ପୂଜା, ସ୍ଥାନ: ମରିଗାଁ, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ମା' ମଙ୍ଗଳାଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ଶାଳକଣିଆଁ, ଭୂଇଁପୁର, ହାଟଡ଼ିହୀ, ସମୟ: ସକାଳ ୭ ଟା।
- କେନ୍ଦୁଝର ଏମ୍‌ପିଙ୍କ ଗସ୍ତ ଓ ରକ୍ତ ସଂରକ୍ଷଣ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବଡବିଲ, ସମୟ: ଅପରାହ୍ନ ୪ ଟା।
- ମହାବୀରଙ୍କ ମନ୍ଦିରରେ ହନୁମାନ ଚାଳିଶା ପାଠ, ପୂଜା ଏବଂ ହୋମ, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ସକାଳ ଏବଂ ସନ୍ଧ୍ୟା ୬ ଟା।
- ମା' ବିଶ୍ୱତାରିଣୀ ମନ୍ଦିରରେ ବିପତ୍ତତାରିଣୀ ବ୍ରତ ପାଳନ ଉପଲକ୍ଷେ ପୂଜାର୍ଚ୍ଚନା, ସ୍ଥାନ: ଛେନାପଦୀ, ହାଟଡ଼ିହୀ, ସମୟ: ସକାଳ ୭ଟା।

## ମୟୂରଭଞ୍ଜ

- ବନ ବିଭାଗ ପକ୍ଷରୁ ନିଃଶୁଳ୍କ ଚାରା ବଣ୍ଟନ, ସ୍ଥାନ: ବଡ଼ଦାଣ୍ଡ ,ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଭଞ୍ଜସେନା ପକ୍ଷରୁ ନିଃଶୁଳ୍କ ଚାରା ବଣ୍ଟନ, ସ୍ଥାନ:ଏମ୍‌ପିସି କଲେଜ ଛକ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ରଥଯାତ୍ରାରେ ଗାୟିତ୍ରୀ ପରିବାର ପକ୍ଷରୁ ସରବତ ବଣ୍ଟନ, ସ୍ଥାନ: ବଡ଼ଦାଣ୍ଡ, ବାରିପଦା, ସମୟ: ଅପରାହ୍ନ ୨ଟା।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ରଥଟଣା, ସ୍ଥାନ: ବାରିପଦା, ସମୟ: ଅପରାହ୍ନ ୨ଟା ୩୦।
- ମହାପ୍ରଭୁଙ୍କ ରଥଟଣା, ସ୍ଥାନ: ଧର୍ମକ୍ଷେତ୍ର ଚିତ୍ରଡ଼ା ବଡ଼ଦାଣ୍ଡ, ମୋରଡ଼ା ବ୍ଲକ, ସମୟ: ଅପରାହ୍ନ ୫ଟା।
- ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଜଗନ୍ନାଥ ମନ୍ଦିର ପଡ଼ିଆ, ଚିତ୍ରଡ଼ା, ସମୟ: ସନ୍ଧ୍ୟା ୭ଟା।
- ମହାପ୍ରଭୁଙ୍କ ଆଡ଼ପ ମଣ୍ଡପକୁ ବିଜେ, ସ୍ଥାନ: ମାଉସୀ ମା' ମନ୍ଦିର, ବାରିପଦା, ସମୟ: ରାତି ୧୦ଟା ୩୦।

## ବ୍ରହ୍ମପୁର

- ରାମ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ନିମଖଣ୍ଡି ନର୍ମଦେଶ୍ୱର ମହାଦେବ ପୀଠ, ସମୟ: ସକାଳ ୬ଟା।

## ଢେଙ୍କାନାଳ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ ଓଡ଼ାପଡ଼ା, ସମୟ: ପୂର୍ବାହ୍ନ ୧୦ଟା୩୦।
- ଶ୍ରୀଗୁଣ୍ଡିଚା ଭଜନ ସମାରୋହର ତୃତୀୟ ସନ୍ଧ୍ୟା, ସ୍ଥାନ: ବାଜିଚୌକ ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା୩୦।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱରସ୍ଥ ସଙ୍ଗିତ ନାଟକ ଏକାଡେମୀ ଓ କେନ୍ଦ୍ରାପଡ଼ା ଜିଲା ଇନ୍ଦୁପୁରସ୍ଥ ପାୟଲ ମ୍ୟୁଜିକ ସ୍କୁଲ ପକ୍ଷରୁ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ପୀର ପରିଷଦ ପ୍ରେକ୍ଷାଳୟ, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୪ଟା।
- ଶ୍ରୀ ବଳଦେବଜୀଉଙ୍କର ମଉସୀ ମା' ଆଡପ ମଣ୍ଡପକୁ ବିଜେ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ରାତି ୯ଟା।

## ଯାଜପୁର

- ବ୍ୟାସନଗର ଉମାପଦା ହାଉସିଂ ବୋର୍ଡ କଲୋନୀରେ ନୂତନ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୬ଟା।
- ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ରସୁଲପୁର ବ୍ଲକ ବଡ଼ ଗୋବିନ୍ଦପୁରସ୍ଥିତ ଗୁଣ୍ଡିଚାମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ଜଗନ୍ନାଥ ଜୀଉ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପାଲା ପରିବେଷଣ, ସ୍ଥାନ: ଯାଜପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଲଣ୍ଠନ ଧରି ଅନିର୍ଦ୍ଦିଷ୍ଟକାଳ ପାଇଁ ଶାନ୍ତିପୂର୍ଣ୍ଣ ଧାରଣା, ସ୍ଥାନ: ଓଡ଼ଗାଁ ଏନ୍‌ଏସି ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜୀଉଙ୍କର ରାଜ ରାଜେଶ୍ୱରୀ ବେଶ, ସ୍ଥାନ: ନୟାଗଡ଼ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ଦିବସ ଅବସରରେ ନାଟକ ବସ୍ତ୍ର ହରଣ, ସ୍ଥାନ: ଦଶପଲ୍ଲା ସହର ସାତପାଟଣା, ସମୟ: ସନ୍ଧ୍ୟା ସାଢ଼େ ୭ଟା।

## ରାୟଗଡ଼ା

- ଶ୍ରୀଜୀଉଙ୍କ କୂର୍ମ ଅବତାର, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡ଼ା, ସମୟ: ସକାଳ ୬ଟା।
- କୂର୍ମ ଅବତାରରେ ଦର୍ଶନ ଦେବେ ଜଗନ୍ନାଥ, ସ୍ଥାନ: ଗୁଣ୍ଡିଚା ମନ୍ଦିର,ଗୁଡାରି, ସମୟ: ସକାଳ ୮ ଟା।
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଗୁଣପୁର ବଂଶଧାରା ଯୁକ୍ତ ୨ ବିଦ୍ୟାଳୟ, ସମୟ: ସକାଳ ୮ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, କଲ୍ୟାଣସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଷମ କଟକ ବିଧାୟକଙ୍କ ବିଜୟ ଉତ୍ସବ ଶୋଭାଯାତ୍ରା ଏବଂ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ମାର୍କମା ମନ୍ଦିରଠାରୁ ମେଡିକାଲ ଛକ, ବିଷମ କଟକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭଜନ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ଗୁଣ୍ଡିଚା ମନ୍ଦିର ସମ୍ମୁଖ, ରାୟଗଡା, ସମୟ: ସନ୍ଧ୍ୟା ୭ରୁ ଆରମ୍ଭ।

## ନବରଙ୍ଗପୁର

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରାଇଘର ବ୍ଲକ୍ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ବନ ମହୋତ୍ସବ ପାଳନ, ସ୍ଥାନ: ନାଗଯୋଡି ସଂରକ୍ଷିତ ଜଙ୍ଗଲ, ଡାବୁଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ଭକ୍ତଙ୍କୁ ବରାହ ଅବତାରରେ ଦର୍ଶନ ଦେବେ ଶ୍ରୀଜୀୟୁ, ନବରଙ୍ଗପୁର ଆଡ଼ପ ମଣ୍ଡପ,ସମୟ: ସନ୍ଧ୍ୟା ସାଢେ ୬ଟା।

## କୋରାପୁଟ

- ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ କଚ୍ଛପ ଅବତାର, ସ୍ଥାନ: ଗୁଣ୍ଡିଚା ମନ୍ଦିର, କୋରାପୁଟ ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର

- ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଆଲୋଚନା, ସ୍ଥାନ: ସମ୍ବାଦିକ ଭବନ, ସମୟ : ସକାଳ ୯ଟା।
- ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ସାଧନ କେନ୍ଦ୍ର, ସମୟ : ପୂର୍ବାହ୍ନ ୧୧ଟା।
- ବ୍ରହ୍ମପୁରା ଠାକୁରଙ୍କ ମତ୍ସ୍ୟ ଓ କଚ୍ଛବ ଅବତାର, ସ୍ଥାନ: ଝାଡୁଆପଡାସ୍ଥିତ ମାଉସୀ ମା' ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ସୁଟିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆର.ଏନ୍ .ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ପାଟଣାଗଡ ଗସ୍ତ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା , ସ୍ଥାନ: ପାଟଣାଗଡ଼, ସମୟ: ସକାଳ ୮ଟା।
- ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ନାଗରିକ ସମ୍ବର୍ଦ୍ଧନା , ସ୍ଥାନ: ଖପ୍ରାଖୋଲ, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଆର୍‌ଏମ୍‌ସି ପକ୍ଷରୁ ଯୁଗ୍ମ ଶୁଣାଣୀ, ସ୍ଥାନ: ବୁରୁଟୋଲା ବେଦବ୍ୟାସ, ସମୟ: ସକାଳ ୮ଟା ୩୦।
- ଗୁଣ୍ଡିଚା ମନ୍ଦିରରେ ଭଜନ ସନ୍ଧ୍ୟା, ସ୍ଥାନ: ସେକ୍ଟର-୫, ସମୟ: ସନ୍ଧ୍ୟା ୫ଟା।
- ନିଳାଦ୍ରୀ ବିହାରୀ ଜଗନ୍ନାଥଙ୍କ ଆଧାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଝିରପାଣି, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ମହାପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା, ସ୍ଥାନ: କାଠଡେରା, ଅତାବିରା, ସମୟ: ସକାଳ ୭ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା (କୌଶଳୀ), ସ୍ଥାନ: ସରକାରୀ ହାଇସ୍କୁଲ, କମଗାଁ, ଭଟଲି, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା (କୌଶଳୀ), ସ୍ଥାନ: ସୂର୍ଯ୍ୟମଣି ଜନତା ହାଇସ୍କୁଲ, ଭେଡେନ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା (ସାହିତ୍ୟ ସୃଜନୀ), ସ୍ଥାନ: ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା (ସାହିତ୍ୟ ସୃଜନୀ), ସ୍ଥାନ: ୟୁ.ଜି. ହାଇସ୍କୁଲ, କଟାପାଲି, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।
- ମେଲଛାମୁଣ୍ଡା କଲେଜରେ ବନ ମହୋତ୍ସବ, ସ୍ଥାନ: ମେଲଛାମୁଣ୍ଡା କଲେଜ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ହାଇସ୍କୁଲରେ ବନ ମହୋତ୍ସବ, ସ୍ଥାନ: ମହୁଲପାଲି ହାଇସ୍କୁଲ, ସମୟ: ଅପରାହ୍ନ ୨ଟା୩୦।
- ରଥଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କାଠଡେରା, ଅତାବିରା, ସମୟ: ଅପରାହ୍ନ ୫ଟା।
- ଜଗନ୍ନାଥ କଥାମୃତ ପ୍ରବଚନ, ସ୍ଥାନ: ପଦ୍ମପୁର ମାଉସୀ ମା' ମନ୍ଦିର, ଶାନ୍ତିନଗର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ପଞ୍ଚାୟତ ସମିତି ବୈଠକ, ସ୍ଥାନ: କର୍ଲାମୁଣ୍ଡା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- କନ୍ଧମାଳ ଲୋକ ସଭା ସଦସ୍ୟଙ୍କ କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ମତଦାତା ସମ୍ପର୍କ ଅଭିଯାନ, ସ୍ଥାନ: ଖୁଣ୍ଟିଗୋରା କଣ୍ଟାମାଳ, ସମୟ: ପୂର୍ବାହ୍ନ ୧୧ଟା୩୦।
- ବୌଦ୍ଧ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ସଭା ଓ ମତଦାତା ସମ୍ପର୍କ ଅଭିଯାନ, ସ୍ଥାନ: ଟାଉନ ହଲ ବୌଦ୍ଧ, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ଜଗନ୍ନାଥ ମନ୍ଦିର ବଡ଼ଦାଣ୍ଡରେ ରଥଟଣା ଦ୍ୱିତୀୟ ଦିନ କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ ମନ୍ଦିର ବଡ଼ଦାଣ୍ଡ, ଦେବଗଡ, ସମୟ: ଅପରାହ୍ନ ୫ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଛାତ୍ରୀଛାତ୍ରଙ୍କୁ ମାଟ୍ରିକ ଅରଜିନାଲ ପାସ୍ ସାର୍ଟିଫିକେଟ ବଣ୍ଟନ, ସ୍ଥାନ: ଅମରପାଲି ହାଇସ୍କୁଲ,ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ସୋନପୁର ବୃନ୍ଦାବନ ବିହାରୀ ମନ୍ଦିରରେ ଜଗନ୍ନାଥଙ୍କ ବରାହ ନୃସିଂହ ଅବତାର, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ସିନାପାଲି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଷ୍ଟେଶନଛକ କନକ ଦୁର୍ଗା ମନ୍ଦିର, ସମୟ: ପ୍ରାତଃ ୫ଟା ୩୦।
- ସ୍ୱତନ୍ତ୍ର ପୂଜା ସହ ମଙ୍ଗଳ ଆଳତି, ସ୍ଥାନ: ସହରସ୍ଥିତ ବେହେରାମାଳ ତାରିଣୀ ମନ୍ଦିର, ସମୟ: ସକାଳ ୭ଟା।
- ବିହାରୀ ସମାଜର ବୈଠକ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ମଣ୍ଡପ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସ୍ୱଗୃହୀ ଚନ୍ଦ୍ର ଧନାଧିପ ଓ ଷଷ୍ଠାଧିପ ସହ ରହିଥିବାରୁ ପରିବାରରେ ଅର୍ଥ ସମ୍ପର୍କକୁ ନେଇ ବିବାଦ ଦେଖାଦେବ। କାମ ହାସଲ ପାଇଁ ମିତ୍ରମାନେ ପ୍ରଶଂସା ଗାନ କରିପାରନ୍ତି। ସନ୍ତାନଙ୍କ ଅଶାନ୍ତ ମନ, ଧନହାନି ସାଙ୍ଗକୁ ଘରୋଇ ବ୍ୟାପାରରେ ବନ୍ଧୁଙ୍କ ହସ୍ତକ୍ଷେପ ଦେଖି ଚିନ୍ତିତ ହେବେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେବ।

**ବୃଷ**
ରାହୁଦୃଷ୍ଟିରେ ଚନ୍ଦ୍ର ଥିବାରୁ ମାନସିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବନାହିଁ। ବନ୍ଧୁଙ୍କ ସହ ଆଲୋଚନା ସମୟରେ କଥା କଥାକେ ମଉଜିଆ କଥାକୁ ନେଇ କଳହ ଲାଗିପାରେ। ଅଫିସରେ ବିରକ୍ତି ପ୍ରକାଶକରି ପରୋକ୍ଷ ଶତ୍ରୁତାକୁ ନିମନ୍ତ୍ରଣ କରିପାରନ୍ତି। ଅଟକି ରହିଥିବା କାମର ଚିନ୍ତା ଆଜି ମନକୁ ଆନ୍ଦୋଳିତ କରିପାରେ।

**ମିଥୁନ**
ଆଜିର ଗ୍ରହ ପ୍ରଭାବରେ ମିଠାକଥାରେ ବନ୍ଧୁଙ୍କୁ ମନେଇ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟହାସଲ କରିବେ। ଅର୍ଥନୈତିକ ଅଭିବୃଦ୍ଧି ସହ ପାରିବାରିକ ଓ ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ। ବିଭିନ୍ନ ଯୋଜନା ସାଙ୍ଗକୁ ସାଙ୍ଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟିହେବ। ପରିବାରିକ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି।

**କର୍କଟ**
ଅନୁକୂଳ ଗ୍ରହ ପ୍ରଭାବରୁ ଲୋକପ୍ରିୟତା ବୃଦ୍ଧି, ସାମାଜିକ ସମ୍ମାନ, ମୂଲ୍ୟବାନ୍ ଗୃହୋପକରଣ କ୍ରୟ କରିବେ। ସାହିତ୍ୟ, କ୍ରୀଡ଼ା ସଙ୍ଗୀତାଦିରେ ପ୍ରତିଷ୍ଠା ବଢ଼ିବ ଓ ପାରିବାରିକ ଜୀବନରେ ଶାନ୍ତି ଫେରିଆସିବ। ବନ୍ଧୁଙ୍କ ସହ ବିବାଦ ଓ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିପାରନ୍ତି। ସମସ୍ୟା ସମାଧାନରେ ଜଣେ ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି।

**ସିଂହ**
ଏକାଦଶସ୍ଥ ରବି ହେତୁ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖି କାମ ହାସଲ କରିପାରିବେ। ମଘା ନକ୍ଷତ୍ର ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ବନ୍ଧୁଙ୍କ ସାହାଯ୍ୟରୁ ଆର୍ଥିକ ସ୍ଥିତି କେତେକାଂଶରେ ସୁଧୁରିଯିବ।

**କନ୍ୟା**
ମଙ୍ଗଳ ଅଷ୍ଟମସ୍ଥ ଯୋଗୁ ଭ୍ରାତୃବିବାଦ, ପଡ଼ୋଶୀଙ୍କ ସହ ମନାନ୍ତର, ସହକର୍ମୀଙ୍କ ସହ କଳହର ସୂଚନା ରହିଛି। ଭାଗ୍ୟଭାବସ୍ଥ ବୃହସ୍ପତି ଯୋଗୁ ଯେତେ ସମସ୍ୟା ସୃଷ୍ଟି ହେଲେ ହେଁ ଅସୁବିଧା ହେବ ନାହିଁ। ଅର୍ଥ ଦେବାନେବାକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଶିଳ୍ପ, ପ୍ରଶାସନ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ତୁଳା**
ଆଜିର କର୍ମସ୍ଥ ଚନ୍ଦ୍ର ପ୍ରଭାବରୁ ସାମାଜିକ ପ୍ରତିଷ୍ଠା ଲାଭର ଯୋଗ ରହିଛି। ଦୂରଯାତ୍ରା, ବାଣିଜ୍ୟ ଏବଂ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନରେ ସଫଳ ହେବେ। କୌଣସି ନିର୍ଦ୍ଦିଷ୍ଟ କାରଣ ନ ଥାଇ ଏବଂ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ପରିବାରରେ ପିଲାଙ୍କ ଆଚରଣରେ ପରିବର୍ତ୍ତନ କାରଣରୁ ମନେ ମନେ ବିରକ୍ତି ପ୍ରକାଶ କରିବେ।

**ବିଛା**
ଆପଣ ଯାହା ଖୋଜୁଛନ୍ତି ଓ ଆଶା କରୁଛନ୍ତି ସେଥିପାଇଁ ଭାଗ୍ୟସ୍ଥ ଚନ୍ଦ୍ର ଅନୁକୂଳ ପରିବେଶ ସୃଷ୍ଟିକରିବ। ମଙ୍ଗଳଙ୍କ ସୁପ୍ରଭାବରେ ଧୌର୍ଯ୍ୟଧାରଣ କରି ପରିସ୍ଥିତିର ମୁକାବିଲା କରିବା ଭଲ ହେବ। ଶିଳ୍ପ, କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ଟେନ୍‌ସନ ବଢ଼ିପାରେ।

**ଧନୁ**
ଦୁଃସ୍ଥାନସ୍ଥ ଚନ୍ଦ୍ର ଯୋଗୁ ମନରେ ବିଭିନ୍ନ ଦୁର୍ଭାବନା ସୃଷ୍ଟିହୋଇପାରେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଅସନ୍ତୋଷର ମାତ୍ରା କ୍ରମଶଃ ବୃଦ୍ଧି ପାଇବ। ଅତି ଦରକାରୀ ଜିନିଷଗୁଡ଼ିକ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ବହୁଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇପାରନ୍ତି।

**ମକର**
ଶନି ପ୍ରଭାବରେ ଆର୍ଥିକ ସ୍ଥିତି ମଧ୍ୟମ ପ୍ରକାର ରହିବ ଏବଂ କାର୍ଯ୍ୟ ହାସଲରେ ଅନ୍ତରାୟ ସୃଷ୍ଟି ହେବନାହିଁ। ସମ୍ପର୍କୀୟ କାଳେ ଦେବାକୁ ପଡ଼ିବ, ଏହି କାରଣରୁ ପାଖ ମାଡ଼ିବେ ନାହିଁ। ପରିହାସଯୁକ୍ତ କଥା କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବାରେ ସାହାଯ୍ୟ କରିବ। ପରିଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**କୁମ୍ଭ**
ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ଦୁର୍ଭାବନାଜନିତ ମାନସିକ ଶାନ୍ତି ରହି ନ ପାରେ। ବନ୍ଧୁଙ୍କ ସହ ଆଲୋଚନା, ଶୁଭେଚ୍ଛୁଙ୍କ ସୌହାର୍ଦ୍ଦ୍ୟ ଓ ଶୁଭ କାର୍ଯ୍ୟାରମ୍ଭ ସମ୍ପନ୍ନ ହେବାରେ ତ୍ରୁଟି ରହିବ ନାହିଁ। ଦିନଟିରେ ବହୁ ଭଲ କାମ କରିପାରିବେ। ବିଶେଷତଃ ଶତଭିଷା ନକ୍ଷତ୍ରର ଆଶା ପୂରଣ ହେବ ଏବଂ ଚେଷ୍ଟା କରୁଥିବା କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ।

**ମୀନ**
କୋଣଭାବସ୍ଥ ଚନ୍ଦ୍ର ପ୍ରଭାବରେ ଆନୁଷଙ୍ଗିକ ସାହାଯ୍ୟ ଲାଭପୂର୍ବକ କୌଣସି କାମ ଅଟକିବ ନାହିଁ। ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡ଼ିବାରୁ ଆଶ୍ୱସ୍ତି ଲାଭ କରିବେ। ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରି ପାରନ୍ତି। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି।

ଆଜି ଜୁଲାଇ ୯ ତାରିଖ, ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ, ଆଷାଢ଼ ଶୁକ୍ଳ ଚତୁର୍ଥୀ ମଙ୍ଗଳବାର। ରାଶିନକ୍ଷତ୍ର-ସକାଳଘ.୦୭।୫୩ଗତେମଘା/ସିଂହ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୭ ଗତେ, ଘ.୦୬।୫୬ ମଧ୍ୟେ, ଘ.୦୯।୪୦ ମି. ଗତେ, ଘ.୧୨।୧୮ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୮ ମି. ଗତେ, ଘ.୦୪।୪୭ ମି. ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ପ୍ରଶ୍ନପତ୍ର ଲିକ୍ ସ୍ପଷ୍ଟ...

ଗୁଜରାଟର ୫୦ରୁ ଊର୍ଦ୍ଧ୍ୱ ସଫଳ ପରୀକ୍ଷାର୍ଥୀ କରିଥିବା ଅନ୍ୟ ଏକ ଆବେଦନକୁ ମଧ୍ୟ ଖଣ୍ଡପୀଠ ଶୁଣାଣି କରିଥିଲେ। ବ୍ୟାପକ ଅନିୟମିତତା ହୋଇଥିବାର ପ୍ରମାଣ ନ ଥାଇ ପରୀକ୍ଷା ବାତିଲ କରାଗଲେ ଏହାର ଫଳ ଓଲଟା ହେବ ଏବଂ ଲକ୍ଷ ଲକ୍ଷ ସଚ୍ଚୋଟ ଛାତ୍ରୀଛାତ୍ର କ୍ଷତିଗ୍ରସ୍ତ ହେବେ ବୋଲି କେନ୍ଦ୍ର ସରକାର ଏବଂ ଏନ୍‌ଟିଏ ୨ ଦିନ ପୂର୍ବରୁ ଏକ ସତ୍ୟପାଠ ଜରିଆରେ ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ପରୀକ୍ଷାରେ ଦୁର୍ନୀତିକୁ ନେଇ ଦେଶବ୍ୟାପୀ ଛାତ୍ରୀଛାତ୍ର ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆନ୍ଦୋଳନ ଜାରି ରହିଥିବାବେଳେ ୧,୫୬୩ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିବା ଗ୍ରେସ୍ ମାର୍କ ରଦ୍ଦ କରାଯିବ ବୋଲି କେନ୍ଦ୍ର ସରକାର ଏବଂ ଏନ୍‌ଟିଏ ଜୁନ୍ ୧୩ରେ ସର୍ବୋଚ୍ଚ ଅଦାଲତଙ୍କୁ କହିଥିଲେ। ଉକ୍ତ ପରୀକ୍ଷାର୍ଥୀମାନଙ୍କୁ ଜୁନ୍ ୨୩ରେ ପୁନଃପରୀକ୍ଷା ନିମନ୍ତେ ସୁଯୋଗ ଦିଆଯାଇଥିଲା ଏବଂ ଜୁଲାଇ ୧ରେ ସଂଶୋଧିତ ର୍‍ୟାଙ୍କ୍ ତାଲିକା ଏନ୍‌ଟିଏ ଘୋଷଣା କରିଥିଲା।

ସୂଚନାଯୋଗ୍ୟ, ୬୭ ପରୀକ୍ଷାର୍ଥୀ ୧୦୦ ପ୍ରତିଶତ ନମ୍ବର ରଖିବା ଏନ୍‌ଟିଏ ଇତିହାସରେ ଅଭୂତପୂର୍ବ। ସେମାନଙ୍କ ମଧ୍ୟରୁ ୬ ଜଣ ହରିୟାଣାର ଗୋଟିଏ ପରୀକ୍ଷା କେନ୍ଦ୍ରର ଛାତ୍ରୀଛାତ୍ର ଥିଲେ, ଯାହାକୁ ନେଇ ପରୀକ୍ଷାରେ ଅନିୟମିତତା ହୋଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ଗ୍ରେସ୍ ମାର୍କ ପାଇଥିବା ପିଲାଙ୍କ ସାନି ପରୀକ୍ଷା ପରେ ର୍‍ୟାଙ୍କ୍ ୱାନ୍‌ରେ ଥିବା ପରୀକ୍ଷାର୍ଥୀଙ୍କ ସଂଖ୍ୟା ୬୭ରୁ ୬୧କୁ ହ୍ରାସ ପାଇଥିଲା।

## ଉଚ୍ଚ ଶିକ୍ଷାନୁଷ୍ଠାନ...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଆବଶ୍ୟକ ପଡ଼ିଲେ ଶିକ୍ଷାନୁଷ୍ଠାନର ମାନ୍ୟତା, ସ୍ୱୟଂଶାସିତ ମାନ୍ୟତା, ନୂଆ ନାମଲେଖା ପାଇଁ ଆବେଦନକୁ ଗ୍ରହଣ ନ କରିବା, ସାଧାରଣ ଲୋକଙ୍କୁ ଅବଗତ ନିମନ୍ତେ ଖବରକାଗଜ କିମ୍ବା କୌଣସି ଉପଯୁକ୍ତ ଗଣମାଧ୍ୟମରେ ବିଜ୍ଞାପନ ପ୍ରକାଶ କରିବା, ଆୟୋଗର ୱେବ୍‌ସାଇଟ୍‌ରେ ଉକ୍ତ ଶିକ୍ଷାନୁଷ୍ଠାନ ସମ୍ପର୍କରେ ପୋଷ୍ଟ କରିବା କିମ୍ବା ଆୟୋଗ କ୍ଷମତା ଭିତରେ ଥିବା କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ୟୁଜିସିର ଫି' ଫେରସ୍ତ ପଲିସି ଅନୁସାରେ, ନାମ ଲେଖାଇଥିବା ଛାତ୍ରୀଛାତ୍ର ସେପ୍ଟେମ୍ବର ଶେଷ ସୁଦ୍ଧା ଅନ୍ୟତ୍ର ସ୍ଥାନାନ୍ତର ବା ନାମଲେଖା ରଦ୍ଦ ପାଇଁ ଆବେଦନ କଲେ ସେମାନଙ୍କୁ ଶତ ପ୍ରତିଶତ ଫି' ଫେରସ୍ତ କରାଯିବ। ସେହିପରି ଅକ୍ଟୋବର ଶେଷ ସୁଦ୍ଧା ଆବେଦନ କଲେ ପ୍ରୋସେସିଂ ଫି' ବାବଦକୁ ସର୍ବାଧିକ ହଜାରେ ଟଙ୍କା କାଟି ଫେରସ୍ତ କରାଯିବ। ଏହାଠାରୁ ଅଧିକ ଟଙ୍କା କାଟିପାରିବେ ନାହିଁ। ସେହିପରି ଅକ୍ଟୋବର ପରେ ନାମଲେଖା ସୂଚୀ ଥିଲେ ତଦନୁଯାୟୀ ଫି' ଫେରସ୍ତ କରାଯିବ। ଅର୍ଥାତ୍ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ ଥିବା ନାମଲେଖା ଶେଷ ତାରିଖର ୧୫ଦିନ ପୂର୍ବରୁ ସିଟ୍ ଛାଡ଼ିଲେ ସମ୍ପୂର୍ଣ୍ଣ ଫି' ଫେରିପାଇବେ ଛାତ୍ରୀଛାତ୍ର। ଶେଷ ତାରିଖ ୧୫ରୁ କମ୍ ଦିନ ଥିଲେ ୯୦ ପ୍ରତିଶତ ଫି' ଫେରସ୍ତ କରାଯିବ। ସେହିପରି ନାମଲେଖା ଅବଧି ସରିବାର ୧୫ ଦିନ ମଧ୍ୟରେ ଆବେଦନ କଲେ ୮୦ପ୍ରତିଶତ ଓ ୧୫ରୁ ୩୦ ଦିନ ମଧ୍ୟରେ ଆବେଦନ କଲେ ୫୦ ପ୍ରତିଶତ ଫି' ଫେରସ୍ତ ହେବ। ମାସେ ବା ୩୦ ଦିନ ପରେ ଅନ୍ୟତ୍ର ସ୍ଥାନାନ୍ତର ବା ନାମଲେଖା ରଦ୍ଦ ପାଇଁ ଆବେଦନ କଲେ କୌଣସି ଫି' ଫେରସ୍ତ ହେବ ନାହିଁ ବୋଲି ୟୁଜିସି ସ୍ପଷ୍ଟ କରିଛି। ୟୁଜିସି ଅଧୀନରେ ଥିବା କେନ୍ଦ୍ରୀୟ ବା ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ଏହାକୁ ପାଳନ କରିବେ। ନିୟମର ଖିଲାପ କଲେ ମାନ୍ୟତା ରଦ୍ଦ ଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ୟୁଜିସି ଚେତାବନୀ ଦେଇଛି।

## ଶରଧାବାଲିରେ ୩ ରଥ...

ଟିକେ ଦୂର ଗଡ଼ି ଅଟକି ରହିଥିଲା। ରଥଟଣା ପରେ ରଥ ଉପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା। ରବିବାର ରାତି ୧୨ଟାରୁ ୧୨ଟା ୨୫ ମଧ୍ୟରେ ତିନି ରଥର ମଇଲମ ଓ ୧୨ଟା ୩୦ରେ ମହାସ୍ନାନ ସମ୍ପନ୍ନ କରାଯାଇଥିଲା। ପରେ ସର୍ବାଙ୍ଗ ନୀତି ସମ୍ପନ୍ନ ହୋଇ ଘଣ୍ଟଛତା, ମଧ୍ୟାହ୍ନ ଧୂପ ରାତି ୨ଟା ୪୫ରେ ସରିଥିଲା। ସେହିପରି ରଥ ଟଣାର ଦ୍ୱିତୀୟ ଦିନ ସୋମବାର ସକାଳ ୭ଟା ୩୦ରୁ ୮ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ ସରି ୯ଟା ୧୦ରେ ବେଶ ଶେଷ ହୋଇଥିଲା। ବିଜେ କାହାଳୀ ବାଜିବା ପରେ ୯ଟା ୨୦ରେ ରଥ ଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ୩ ରଥକୁ ଟାଣି ଟାଣି ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚାଇଥିଲେ। ମହାପ୍ରଭୁଙ୍କ ତାଳଧ୍ୱଜ ରଥ ମଧ୍ୟାହ୍ନ ୧୨ଟା ୩୫, ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଅପରାହ୍ନ ୧ଟା ୪୦ ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ୨ଟା ୩୫ରେ ଶରଧାବାଲିରେ ପହଞ୍ଚିଥିଲା। ସେଠାରେ ରଥ ଉପରେ ଶ୍ରୀବିଗ୍ରହଙ୍କ ନୀତି ଅନୁଷ୍ଠିତ ହେବା ସହ ଶୁଖିଲା ଭୋଗ ଲାଗି କରାଯାଉଛି। ସନ୍ଧ୍ୟା ୬ଟା ୧୫ରୁ ୭ଟା ମଧ୍ୟରେ ଗୋପାଳ ବଲ୍ଲଭ ଭୋଗ ଅନୁଷ୍ଠିତ ହୋଇଛି। ଭକ୍ତଙ୍କ ହରିବୋଲ ଓ ହୁଳହୁଳିରେ ଶରଧାବାଲି ପ୍ରକମ୍ପିତ ହେଉଛି।

## ରିଲ୍ସ କରୁଥିବାବେଳେ...

ବୁଲିବାକୁ ଯାଇଥିଲେ। ତେବେ ସେମାନଙ୍କୁ ପୋଖରୀ ନିକଟକୁ ନ ଯିବାକୁ କାର୍ ଡ୍ରାଇଭର ମାନସ ରଞ୍ଜନ ଜେନା କହିଥିଲେ। ହେଲେ ସେମାନେ ଡ୍ରାଇଭରଙ୍କ କଥା ନ ମାନି ପୋଖରୀରେ ସେଲ୍ଫି ନେବା ସହ ରିଲ୍ସ କରୁଥିଲେ। ଏହି ସମୟରେ ଦୁଇ ଜଣ ଛାତ୍ର ବୁଡ଼ିଯାଇଥିଲେ। ଚିତ୍କାର ଶୁଣି କାର୍ ଡ୍ରାଇଭର ମାନସ ପହଞ୍ଚି ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଅନ୍ୟ ଜଣଙ୍କ ସନ୍ଧାନ ପାଇ ନ ଥିଲେ। ଏହା ପରେ ସ୍ଥାନୀୟ ପୋଲିସ ଏବଂ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ପ୍ରକାଶ ଯେ, ତାପଙ୍ଗ ମୁଣ୍ଡିଆରେ ପଥର ବ୍ଲାଷ୍ଟିଂ ଯୋଗୁ ଉକ୍ତ ଚାରିପଟ ଖାଲୁଆ ହୋଇଯାଇଛି। ବର୍ଷାଜଳ ସଂରକ୍ଷିତ ହେବା ପରେ ଏଠାରେ ପଙ୍କ, ଅନାବନା ଗଛଲତା ପଡ଼ି ଏହାର ଜଳ ନୀଳବର୍ଣ୍ଣ ରହିଛି। ଚାରିପଟ ପାହାଡ଼ ଏବଂ ମଝିରେ ନୀଳ ଜଳରାଶି ଯୋଗୁ ସୋସିଆଲ ମିଡିଆରେ ଓଡ଼ିଶାର ଲଦାଖ ବୋଲି ଭ୍ରମ ସୃଷ୍ଟି କରିଥିଲା। ଫଳରେ ଏହି ସ୍ଥାନ ଏକପ୍ରକାର ସେଲ୍ଫି ପଏଣ୍ଟ ପାଲଟିଥିଲା। ଏପରିକି ବହୁ ଓଡ଼ିଆ ଚଳଚ୍ଚିତ୍ର, ଆଲବମ୍ ଶୁଟିଂ ହୋଇଛି। ସୋସିଆଲ ମିଡିଆରେ ଚର୍ଚ୍ଚା ହେବା ପରେ ବାହାର ରାଜ୍ୟର ପର୍ଯ୍ୟଟକମାନେ ମଧ୍ୟ ଏଠାକୁ ବୁଲିବାକୁ ଆସିଲେ। ୨୦୨୨ରେ ଏଠାରେ ଜଣେ ଯୁବକଙ୍କ ମୃତ୍ୟୁ ପରେ ପ୍ରଶାସନର ଚେତା ପଶିଥିଲା। ସେହି ସମୟରେ ଉପଜିଲାପାଳ ଏହି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରିଥିଲେ। ତେବେ ଏହାର କିଛି ମାସ ପରେ ପୁଣି ଯୁବତୀଯୁବକମାନେ ସ୍ଥାନୀୟ ଯୁବକମାନଙ୍କୁ ହାତ କରି ଏଠାକୁ ଆସିବାକୁ ଲାଗିଲେ। ଏଠାରେ ସେଲ୍ଫି ଏବଂ ରିଲ୍ସ ନିଶାରେ ଜୀବନ ଯାଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅନ୍ୟପଟେ ଘଟଣାର ତଦନ୍ତ ଜାରି ରହିଛି ବୋଲି ସଦର ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ କହିଛନ୍ତି।

## ଜାତୀୟ ରାଜପଥ...

ଭୁବନେଶ୍ୱରରୁ ଏକ ମିନି ଟ୍ରକ୍ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ଡୁମୁଡୁମା ନିକଟସ୍ଥ ଜାତୀୟ ରାଜପଥର ଓଭରବ୍ରିଜ ପାର୍ଶ୍ୱରେ ହଠାତ୍ ଟ୍ରକ ଚକା ଦବି ଯାଇଥିଲା। ଫଳରେ ଗାଡ଼ି ଆଉ ଆଗକୁ ଗଡ଼ି ନ ପାରି ସେଠାରେ ଦୀର୍ଘ ସମୟ ଧରି ଫସି ରହିଥିଲା। ଟ୍ରକରେ କୌଣସି ଜିନିଷ ନ ଥିବାରୁ ବଡ଼ ଧରଣର ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲା। ଖବର ପାଇ ଏନ୍‌ଏଚ୍‌ଏଆଇ ଓ ରାସ୍ତା ନିର୍ମାଣ କରିଥିବା ଏଆଇପିଏଲ୍ ଠିକା ସଂସ୍ଥାର କର୍ତ୍ତୃପକ୍ଷ ପହଞ୍ଚି ଟ୍ରକ୍‌କୁ ଉଦ୍ଧାର କରିଥିଲେ।

## ରାହୁଲଙ୍କୁ ଶଙ୍କରାଚାର୍ଯ୍ୟଙ୍କ...

ଭିଡିଓରେ ରାହୁଲଙ୍କ ଭାଷଣର ନିର୍ଦ୍ଦିଷ୍ଟ ଅଂଶକୁ ପ୍ରଚାର କରାଯାଇଥିବାରୁ ଶଙ୍କରାଚାର୍ଯ୍ୟ ଏହାକୁ ନିନ୍ଦା କରିଛନ୍ତି। ଭାଷଣର ପ୍ରକୃତ ତଥ୍ୟକୁ ବଦଳାଇଦେଇଥିବା ଲୋକଙ୍କୁ ଉତ୍ତରଦାୟୀ ହେବା ଲାଗି ସେ ଆହ୍ୱାନ ଦେଇଛନ୍ତି। ବକ୍ତବ୍ୟର କେବଳ କିଛି ଅଂଶକୁ ଉପସ୍ଥାପନ କରିବା ବିଭ୍ରାନ୍ତିକର ଏବଂ ଅନୈତିକ। ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କୁ ଦଣ୍ଡିତ କରାଯିବା ଆବଶ୍ୟକ ବୋଲି ଅଭିମୁକ୍ତେଶ୍ୱରାନନ୍ଦ କହିଛନ୍ତି।

## ସହରାଞ୍ଚଳ, ଗ୍ରାମାଞ୍ଚଳରୁ...

ସେଗୁଡ଼ିକୁ ବାଡ଼ ବୁଲାଇବା ସହ ଡିସ୍‌ପ୍ଲେ ବୋର୍ଡ ଲଗାଇ ସୁରକ୍ଷିତ ରଖିବା ପାଇଁ କୁହାଯାଇଛି। କେଉଁ ଜିଲାରେ କେତେ ସରକାରୀ ଜମି ଜବରଦଖଲରେ ରହିଛି, ସେ ସବୁକୁ ଚିହ୍ନଟ କରିବା ସହ ଆସନ୍ତା ୧୫ ଦିନ ମଧ୍ୟରେ ବିଭାଗକୁ ଆକ୍ସନ ଟେକେନ୍ ରିପୋର୍ଟ ଦେବାକୁ କୁହାଯାଇଛି।

# ଡାକ୍ତରଖାନାରେ ଝଡ଼ାଫୁଙ୍କା

## ସାପ କାମୁଡ଼ାରେ ମୃତ ନାବାଳକଙ୍କୁ ବଞ୍ଚାଇବାକୁ ପ୍ରୟାସ



ଡାକ୍ତରଖାନାରେ ଝଡ଼ାଫୁଙ୍କା ଚାଲିଛି।

ପାଟଣା,୮।୭(ବୀରକିଶୋର ଦାଶ)

ବିଜ୍ଞାନ ଯୁଗରେ ଏବେ ବି କେତେକ ଲୋକ ଅନ୍ଧବିଶ୍ୱାସ ଉପରେ ଭରସା କରୁଛନ୍ତି। ସାପ କାମୁଡ଼ାରେ ମୃତ ନାବାଳକଙ୍କୁ ଡାକ୍ତର ମୃତ ଘୋଷଣା କରିବା ପରେ ମଧ୍ୟ ପରିବାର ଲୋକେ ତାଙ୍କୁ ବଞ୍ଚାଇବା ଆଶାରେ ଗୁଣିଆ ଡାକି ଡାକ୍ତରଖାନାରେ ଝଡ଼ାଫୁଙ୍କା କରିଥିବା ଦେଖିବାକୁ ମିଳିଛି। କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଏଭଳି ଘଟଣା ସାମ୍ନାକୁ ଆସିଛି। ମୃତ ନାବାଳକ ଜଣକ ହେଲେ ପାଟଣା ବ୍ଲକ ପୁଟିଆ ଗ୍ରାମର ଦାଶରଥ ପାତ୍ରଙ୍କ ପୁଅ ପଦ୍ମଲୋଚନ(୧୬)।

ସୂଚନା ଅନୁଯାୟୀ, ପଦ୍ମଲୋଚନ ପାଟଣା ଉଦ୍ୟାନ କୃଷି କାର୍ଯ୍ୟାଳୟ ଛାତ ଉପରେ ରବିବାର ରାତିରେ ଅନ୍ୟ ଜଣେ ସାଙ୍ଗଙ୍କ ସହ ଶୋଇଥିଲେ। ସେଠାରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ସୋମବାର ସକାଳେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବାବେଳେ ବାଟରେ ପଦ୍ମଲୋଚନଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ତାଙ୍କୁ ପୁଣି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫେରାଇ ଆଣିଥିଲେ। ସେଠାରେ ଡାକ୍ତର ଯାଞ୍ଚ କରି ପଦ୍ମଲୋଚନଙ୍କୁ ମୃତ ଘୋଷଣା କରିଥିଲେ। ପରେ ପରିବାର ଲୋକେ ଗୁଣିଆଙ୍କୁ ଡାକ୍ତରଖାନାକୁ ଡାକି ଝଡ଼ାଫୁଙ୍କା କରିଥିବା ଦେଖିବାକୁ ମିଳିଥିଲା। ଡାକ୍ତରଙ୍କ ସୂଚନା ଅନୁଯାୟୀ, ପଦ୍ମଲୋଚନଙ୍କ ଡାହାଣପଟ କାନ୍ଧରେ ସାପ କାମୁଡ଼ା ଚିହ୍ନ ରହିଛି। ତେବେ ଏ ନେଇ ପାଟଣା ଥାନାରେ ଏକ ମାମଲା(ନଂ.୪୦/୨୪) ରୁଜୁ ହୋଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ବିଦ୍ୟସ ପ୍ରଧାନ କହିଛନ୍ତି। ପଦ୍ମଲୋଚନଙ୍କ ସହ ଶୋଇଥିବା ବନ୍ଧୁଙ୍କୁ ପୋଲିସ ଠାବ କରିପାରିନାହିଁ। ସୂଚନାଯୋଗ୍ୟ, ପାଟଣା ଉଦ୍ୟାନ କୃଷି କାର୍ଯ୍ୟାଳୟ ଗେଟ୍‌ରେ ଦୀର୍ଘ ଦିନ ହେଲା ତାଲା ଝୁଲୁଛି। ଏଭଳି ପରିସ୍ଥିତିରେ ୨ ସାଙ୍ଗ ଭିତରକୁ କିଭଳି ଗଲେ, ସ୍ଥାନୀୟ ଲୋକେ ତାହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

## ସାପ କାମୁଡ଼ାରେ ହଷ୍ଟେଲ ଛାତ୍ରୀଙ୍କ ମୃତ୍ୟୁ

ଭଞ୍ଜନଗର,୮।୭(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଦରପଙ୍ଗିଆ ସେବାଶ୍ରମ ସ୍କୁଲର ଜଣେ ପ୍ରଥମ ଶ୍ରେଣୀ ଛାତ୍ରୀଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ହେଲେ ନବଗୋଛା ଗ୍ରାମର ଗୋବର୍ଦ୍ଧ ପ୍ରଧାନଙ୍କ ସାନ ଝିଅ ରିଦ୍ଧି ପ୍ରଧାନ (୬)। ଭଞ୍ଜନଗର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଥିଲା।

ପ୍ରକାଶ ଯେ, ରିଦ୍ଧି ଚଳିତବର୍ଷ ବିଦ୍ୟାଳୟରେ ନାମ ଲେଖାଇବା ସହ ହଷ୍ଟେଲରେ ରହି ପାଠ ପଢୁଥିଲେ। ରବିବାର ରାତି ପ୍ରାୟ ୩ଟାରେ ସେ ହଷ୍ଟେଲରେ ଶୋଇଥିବା ବେଳେ କୌଣସି ଏକ ସାପ କାମୁଡ଼ି ଦେବାରୁ ଚିତ୍କାର କରି ଉଠିପଡ଼ିଥିଲେ। ଏହା ଶୁଣି ହଷ୍ଟେଲ ଦାୟିତ୍ୱରେ ଥିବା କର୍ମଚାରୀ ଏବଂ ଅନ୍ୟ ଛାତ୍ରୀମାନେ ଉଠି ତାଙ୍କ ପାଖକୁ ଯାଇଥିବା ବେଳେ ସେଠାରେ ଏକ ସାପ ଥିବା ଦେଖିଥିଲେ। ଛାତ୍ରୀମାନେ ସାପକୁ ବାଡେଇ ମାରି ଦେଇଥିଲେ। ହଷ୍ଟେଲ କର୍ତ୍ତୃପକ୍ଷ ରିଦ୍ଧିଙ୍କୁ ଭଞ୍ଜନଗର ହସ୍ପିଟାଲ୍‌କୁ ଆଣି ତାଙ୍କ ବାପାଙ୍କୁ ଖବର ଦେଇଥିଲେ। ସୋମବାର ଭୋରରେ ରିଦ୍ଧିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଭଞ୍ଜନଗର ଉପଜିଲାପାଳ ଅଭିଳ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, କେଉଁଭଳି ପରିସ୍ଥିତିରେ ଛାତ୍ରୀଙ୍କ ମୃତ୍ୟୁ ଘଟିଲା ସେ ନେଇ ତଦନ୍ତ ଚାଲିଛି। ନିୟମ ଅନୁସାରେ ମୃତ ଛାତ୍ରୀଙ୍କ ପରିବାରକୁ ଯାହା ସହାୟତା ଅଛି ପ୍ରଦାନ କରାଯିବ। ସେପଟେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଏ ନେଇ ନଂ.୨୬/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଅଧ୍ୟକ୍ଷାଙ୍କୁ ଚାପୁଡ଼ା ମାରି ଅଧ୍ୟାପିକା ନିଲମ୍ବିତ

ଭଦ୍ରକ,୮।୭(ସନାତନ ରାଉତ)

ଭଦ୍ରକ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ଚାପୁଡ଼ା ମାରିବା ଅଭିଯୋଗରେ ଓଡ଼ିଆ ବିଭାଗ ଅଧ୍ୟାପିକା ନମିତା ଖାଉଣ୍ଡ ନିଲମ୍ବିତ ହୋଇଛନ୍ତି। ଚାପୁଡ଼ା ମାରିବା ନେଇ କଲେଜ ଅଧ୍ୟକ୍ଷା ସୁପ୍ରୀତି କରଙ୍କ ଲିଖିତ ଅଭିଯୋଗକ୍ରମେ ଟାଉନ ଥାନାରେ ଏକ ମାମଲା (ନଂ.୩୮୯/୨୪) ରୁଜୁ କରାଯାଇଛି।

ସୂଚନା ଅନୁଯାୟୀ, ଗତ ଶନିବାର ଅଧ୍ୟକ୍ଷା କର ନିଜ ଅଫିସରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ଅଧ୍ୟାପିକା ନମିତା ଖାଉଣ୍ଡ ତାଙ୍କୁ ଏକ ଦରଖାସ୍ତ ପ୍ରଦାନ କରିଥିଲେ। ଅଧ୍ୟକ୍ଷା ଏକ ଚିଠି ପଢୁଥିବାରୁ ପରେ ଦରଖାସ୍ତ ଦେଖିବେ ବୋଲି ତାଙ୍କୁ କହିଥିଲେ। କିନ୍ତୁ ଅଧ୍ୟାପିକା ନମିତା ତାଙ୍କ ଦରଖାସ୍ତକୁ ଚିଠି ଉପରେ ରଖିଦେବାରୁ ଅଧ୍ୟକ୍ଷା ତାକୁ ନେଇ ଟେବୁଲ ଡ୍ରୟରେ ରଖି ଦେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଧ୍ୟାପିକା ନମିତା ଅଧ୍ୟକ୍ଷାଙ୍କୁ ଚାପୁଡ଼ା ମାରିଥିଲେ। ରବିବାର କଲେଜ ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା କରାଯିବା ପରେ ନିଷ୍ପତ୍ତିକ୍ରମେ ଅଧ୍ୟାପିକା ନମିତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ପୂର୍ବରୁ ମଧ୍ୟ ଏହି ଅଧ୍ୟାପିକା ଏକାଧିକବାର ଅଧ୍ୟକ୍ଷାଙ୍କୁ ଅସମ୍ମାନ କରିଥିବା ବୈଠକରେ ଆଲୋଚନା ହୋଇଥିଲା।

## ଡମଣଭୂମିରୁ ହାତୀର ମୃତଦେହ ଠାବ



ମୃତ ହାତୀ।

ନିରାକାରପୁର/ଟାଙ୍ଗୀ,୮।୭
(ମାନସ ଚନ୍ଦ୍ର ପଟ୍ଟନାୟକ/ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିଚାଲିଛି। ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଛନ୍ତି। ଅନେକ ସମୟରେ ହାତୀ-ମଣିଷ ମୁହାଁମୁହିଁ ହେଉଥିବା ନଜିର ରହିଛି। ସୋମବାର ଏହି ବନାଞ୍ଚଳ ଅନ୍ତର୍ଗତ ଓଳସିଂ ପଞ୍ଚାୟତର ଡମଣଭୂମି ଛୋଟରାୟସାହିର ଜଣେ ବ୍ୟକ୍ତିଙ୍କ ବାରି ପଛପଟୁ ଏକ ହାତୀର ମୃତଦେହ ଠାବ ହୋଇଛି। ଏହାର ବୟସ ଆନୁମାନିକ ୨୦ରୁ ୨୫ବର୍ଷ ମଧ୍ୟରେ ହେବ। ହାତୀର ଦାନ୍ତ ଦୁଇଟି ଅକ୍ଷତ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ତେବେ ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଘଟଣାସ୍ଥଳରେ ବିଭାଗୀୟ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ଡମଣଭୂମି ଛୋଟରାୟସାହିର ଜଣେ ବ୍ୟକ୍ତିଙ୍କ ବାରି ପଛପଟେ ଏହି ହାତୀ ମୃତ ଅବସ୍ଥାରେ ପଡ଼ିରହିଥିବା ସୋମବାର ସକାଳେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ, ଏସିଏଫ୍ ସୁଶ୍ରୀ ସ୍ୱାତୀ ମହାନ୍ତି, ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ, ଭୁଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବନ୍ୟପ୍ରାଣୀ ବିଭାଗ ଉପନିର୍ଦ୍ଦେଶକ ଡା.ମାନସ ଚନ୍ଦ୍ର ଚାନ୍ଦଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍‌ରେ ଟାଙ୍ଗୀ ବ୍ଲକ ପ୍ରାଣୀ ଚିକିତ୍ସକ ଡା.ଚନ୍ଦ୍ରମଣି ସାହୁ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ଦୀପ୍ତିମୟୀ ପଟ୍ଟନାୟକ, ଡା. ପ୍ରିୟମ୍ୱଦା ପ୍ରିୟଦର୍ଶିନୀ ପହଞ୍ଚି ମୃତହାତୀର ବ୍ୟବଚ୍ଛେଦ କରିଥିଲେ। ପରେ ହାତୀଟିକୁ ନାଳସିଂସ୍ଥିତ ଜଙ୍ଗଲରେ ପୋତି ଦିଆଯାଇଛି। ତେବେ ହାତୀର କିପରି ମୃତ୍ୟୁ ହେଲା ତାହା ତଦନ୍ତସାପେକ୍ଷ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଡିଏଫ୍‌ଓ ପାଣ୍ଡିଆନ କହିଛନ୍ତି।

## ମହାନଦୀରେ ବୁଡ଼ି ଜେଜେ ମୃତ

### ଗାଧୋଇବାବେଳେ ନାତିକୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ

କଟକ ସଦର,୮।୭
(ସୁଶାନ୍ତ କୁମାର ଜେନା)

କଟକ ଜିଲା ସଦର ବ୍ଲକ ଅନ୍ତର୍ଗତ ଆୟଡ଼ପୁରସ୍ଥିତ ମହାନଦୀରେ ସୋମବାର ସକାଳେ ବୁଡିଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କନ୍ଦରପୁର ଥାନା ଅନ୍ତର୍ଗତ ଦଣ୍ଡଆସିପଡା ଗ୍ରାମର ମାୟାଧର ବେହେରା(୭୦)। ଗାଧୋଇବାବେଳେ ନାତିଙ୍କ ଗୋଡ଼ ଖସିଯିବାରୁ ତାଙ୍କୁ ଉଦ୍ଧାର କରିବାକୁ ଯାଇ ମାୟାଧର ପାଣିରେ ଭାସି ଯାଇଥିଲେ। ପ୍ରାୟ ୧ ଘଣ୍ଟା ପରେ ତାଙ୍କୁ ସ୍ଥାନୀୟ ଯୁବକମାନେ ପାଣିରୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ଅବଶ୍ୟ ଲୋକମାନେ ଭାସି ଯାଇଥିବା ନାତି କାର୍ତ୍ତିକଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୫/୨୪) ରୁଜୁ ହୋଇଛି।

## ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ଗୁଳିକରି ହତ୍ୟା

ମାଲକାନଗିରି,୮।୭(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ଜଣେ ବ୍ୟକ୍ତି ମାଓବାଦୀ ସଂଗଠନ ଛାଡ଼ି ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ତାଙ୍କୁ ରବିବାର ଗୁଳିକରି ହତ୍ୟା କରିଛନ୍ତି ମାଓବାଦୀ।

ସୂଚନା ଅନୁଯାୟୀ, ସୁକ୍‌ମା ଜିଲା କିସ୍ତାରାମ ଥାନା ଅନ୍ତର୍ଗତ ସାନ୍ନିପେଣ୍ଟା ଗ୍ରାମର ଭରସେ ମାସା ନାମକ ବ୍ୟକ୍ତିଙ୍କୁ ମାଓବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି। ଗତ କିଛିବର୍ଷ ଧରି ଭରସେ ମାଓବାଦୀ ସଂଗଠନରେ କାର୍ଯ୍ୟ କରିବା ପରେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ତେବେ ମାଓବାଦୀମାନେ ତାଙ୍କୁ ହତ୍ୟା କରିବା ପରେ ଘଟଣାସ୍ଥଳରେ ଏକ ହାତଲେଖା ଚିଠି ଛାଡ଼ିଯାଇଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି, ମାସା ପୋଲିସ ନିକଟରେ ଆତ୍ମସମର୍ପଣ କରିବା ପରେ ମାଓାଦୀଙ୍କ ଗତିବିଧି ସମ୍ପର୍କରେ ପୋଲିସକୁ ସୂଚନା ଦେଉଥିଲେ। ଏଥିସହ ସଂଗଠନକୁ ଧ୍ୱଂସ କରିବାକୁ ଚେଷ୍ଟା କରୁଥିବା ସମସ୍ତ ଲୋକଙ୍କୁ ପ୍ରଜାକୋର୍ଟରେ ଏପରି ମୃତ୍ୟୁଦଣ୍ଡ ଦିଆଯିବ ବୋଲି ଉଲ୍ଲେଖ ରହିଛି।

## ନାବାଳକଙ୍କ ଗଳା କାଟି ହତ୍ୟା ଉଦ୍ୟମ

ବଲାଙ୍ଗୀର/ସଇଁତଲା,
୮।୭(ବୀରେନ୍ଦ୍ର କୁମାର ଝାଙ୍କର/
ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ଶିଶକେଲା ପଞ୍ଚାୟତ ଭୋଏରପଡ଼ା ଗ୍ରାମରେ ସୋମବାର ଅଭାବନୀୟ ଘଟଣା ଘଟିଛି। ଜଣେ ୧୩ ବର୍ଷ ବୟସ୍କ ନାବାଳକ ମିଳନ ଦୀପଙ୍କ ତଣ୍ଟିକୁ ତାଙ୍କର ଜଣେ ସମ୍ପର୍କୀୟ ଅଜା ଧାନକଟା ଦା'ରେ କାଟି ଦେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ନାବାଳକଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସଇଁତଲା ଥାନା ପୋଲିସ ଗାଁରେ ପହଞ୍ଚି ଅଭିଯୁକ୍ତ ଅଜା ସିରଞ୍ଜି ଭୋଇ (୫୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଯାଇଛି। ପୋଲିସ ଦା' ଜବତ କରିଛି।



ନାବାଳକ ମିଳନ ସଇଁତଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁସାରେ ମିଳନ ତାଙ୍କ ମାମୁଘର ଭୋଏରପଡାରେ ରହି ପାଠ ପଢୁଛନ୍ତି। ସମ୍ବଲପୁର ଜିଲା ବୁର୍ଲାର ମୂଳ ବାସିନ୍ଦା ମିଳନଙ୍କ ମାତାପିତା ରାଜ୍ୟ ବାହାରକୁ ଦାଦନ ଖଟି ଯାଇଥିବାରୁ ମାମୁଘରେ ରହିଛନ୍ତି। ପୂର୍ବାହ୍ନ ୧୧ଟାରେ ମିଳନ ଖେଳୁଥିବା ବେଳେ ସିରଞ୍ଜି ତାଙ୍କୁ ଘରକୁ ଖାଇବା ପାଇଁ ଡାକି ନେଇ ଏକ ଦା' ସାହାଯ୍ୟରେ ତାଙ୍କ ବେକକୁ କାଟି ହତ୍ୟା ଉଦ୍ୟମ କରିଥିଲେ। ସିରଞ୍ଜିଙ୍କୁ ଧକ୍କା ଦେଇ ମିଳନ କୌଣସିମତେ ସେଠାରୁ ଖସିଆସି ଥିଲେ। ତୁରନ୍ତ ମାମୁଘର ଲୋକେ ମିଳନଙ୍କୁ ହସ୍‌ପିଟାଲ ନେଇଥିଲେ। ସିରଞ୍ଜି ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ଗ୍ରାମ ନିକଟରୁ ପୋଲିସ ଗିରଫ କରି ଅଧିକ ତଦନ୍ତ କରୁଛି। ଘଟଣା ସମ୍ପର୍କରେ ଟିଟିଲାଗଡ଼ ଏସ୍‌ଡିପିଓ ଅଙ୍କିତା କୁମ୍ଭାରଙ୍କୁ ପଚାରିବାରୁ ସେ କହିଥିଲେ, ସିରଞ୍ଜି ଜଣେ ମାନସିକ ବିକୃତ ବ୍ୟକ୍ତି। ତେଣୁ ସେ ହତ୍ୟା ଉଦ୍ୟମ କରିଥିଲେ। ନାବାଳକଙ୍କ ମାମୁ ନୀଳକଣ୍ଠ ନାଗ କହିଛନ୍ତି ଯେ, ମିଳନଙ୍କ ବାପା, ମା'ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛନ୍ତି। ତେଣୁ ମିଳନଙ୍କ ପାଠପଢ଼ା ପାଇଁ ତାକୁ ଏଠାରେ ଛାଡ଼ିଦେଇ ଯାଇଛନ୍ତି। ଦୀର୍ଘ ଦିନରୁ ଜମିବାଡ଼ିକୁ ନେଇ ନୀଳକଣ୍ଠଙ୍କ ପରିବାର ସହ ସିରଞ୍ଜିଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଲାଗିରହିଛି। ଏଣୁ ସିରଞ୍ଜି ଏଭଳି ହତ୍ୟା ଉଦ୍ୟମ କରିଥିବା କହିଛନ୍ତି। ତେବେ ଏସ୍‌ଡିପିଓ କୁମ୍ଭାର କହିଛନ୍ତି, ଅଧିକ ତଦନ୍ତ କରିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ। ସ୍ଥାନୀୟ ଅଞ୍ଚଳରେ ଲୋକେ ବଳି ପାଇଁ ଏଭଳି ହତ୍ୟା ଉଦ୍ୟମ କରାଯାଇଥିବା ଆଲୋଚନା କରୁଛନ୍ତି।

## ଦୋଷୀଙ୍କୁ ୨୦ ବର୍ଷ ଜେଲ

### ନାବାଳିକା ବଳାତ୍କାର ମାମଲା

ବାଲେଶ୍ୱର, ୮।୭(ମାନସ ବିଶ୍ୱାଳ)

ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ସୋମବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏଥିସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ଯୋଗାଇ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ଗତ ୨୦୨୩ ସେପ୍ଟେମ୍ବର ୨୮ରେ ବାଲେଶ୍ୱର ଜିଲା କଷାଫଳ ମେରାଇନ ଥାନା ବଗଦା ଅଞ୍ଚଳର ଏକ ୮ ବର୍ଷର ନାବାଳିକା ଘର ସମ୍ମୁଖରେ ଖେଳୁଥିବା ବେଳେ ଉକ୍ତ ଗ୍ରାମର ସେକ ମନତାଜ (୩୩) ଚକୋଲେଟ୍ ପ୍ରଲୋଭନ ଦେଖାଇ ନିକଟସ୍ଥ ଝାଡ଼ଜଙ୍ଗଲକୁ ଟେକି ନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଏନେଇ କଷାଫଳ ମେରାଇନ୍ ଥାନାରେ ନାବାଳିକାଙ୍କ ମା' ଲିଖିତ ଅଭିଯୋଗ କରିଥିଲେ। ଥାନାରେ ପୋକ୍‌ସୋ ଆକ୍ଟ ଅନୁଯାୟୀ ମାମଲା (ନଂ.୩୦/୨୦୨୩), ୧୮୬୦ ଆଇପିସି ୩୭୬(୩) ରୁଜୁ କରାଯାଇ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ୧୬ ଜଣ ସାକ୍ଷୀ, ଦଲିଲ, ଦସ୍ତାବିଜକୁ ଆଧାର କରି ଜଜ୍ ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

## ଟ୍ରକ୍-ବାଇକ୍ ଧକ୍କା, ୨ ମୃତ

ବୋରିଗୁମ୍ମା,୮।୭(ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ୨୬ନମ୍ବର ଜାତୀୟ ରାଜପଥ ହରିପୁଟ ଛକ ନିକଟରେ ସୋମବାର ପୂର୍ବାହ୍ନ ୧୧ଟାରେ ଏକ ଟ୍ରକ୍ ଓ ବାଇକ୍ ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇଛି। ଫଳରେ ଘଟଣା ସ୍ଥଳରେ ଦୁଇ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କହ୍ନେଇ ଭତ୍ରା (୪୮) ଓ ଜଗବନ୍ଧୁ ଗଦବା (୫୫)। ଉଭୟଙ୍କ ଘର ଜୟପୁର ବ୍ଲକ ପୁଟୁରା ଗ୍ରାମରେ ବୋଲି ଜଣାପଡିଛି। ଖବରରୁ ଜଣାପଡିଛି ଜୟପୁର ପଟୁ ବୋରିଗୁମ୍ମା ଅଭିମୁଖେ ଯାଉଥିବା ଏକ ଟ୍ରକ (ଟିଏନ୮୬ଡ଼ି-୪୩୬୦) ଓ ବୋରିଗୁମ୍ମାରୁ ଜୟପୁର ଅଭିମୁଖେ ଯାଉଥିବା ବାଇକ୍ (ଓଡ଼ି ୧୦ ଡବ୍ଲ୍ୟୁ-୦୧୫୭) ମଧ୍ୟରେ ଉପରୋକ୍ତ ସ୍ଥାନରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ କହ୍ନେଇ ଓ ଜଗବନ୍ଧୁଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ବୋରିଗୁମ୍ମା ଥାନା ଅଧିକାରୀ ଯୁଗଳ କିଶୋର ସା ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଦୁଇ ମୃତକଙ୍କ ମୃତଦେହ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଉଭୟ ଟ୍ରକ ଏବଂ ବାଇକକୁ ପୋଲିସ ଜବତ କରିଛି। ଏନେଇ କେସ୍ ନଂ. ୧୬୨ /୨୪ରେ ଏକ ମାମଲା ରୁଜୁ କରାଯାଇ ଟ୍ରକ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖାଯାଇଥିବା ଜଣାପଡିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେଲା ଭାରତୀୟ ବିକାଶ ପରିଷଦ

### ଖବରଦାତାଙ୍କୁ ଏସ୍‌ପିଙ୍କ ଦୁର୍ବ୍ୟବହାର ଘଟଣା

ନୟାଗଡ଼,୮ ।୭(ଲୋକନାଥ ମିଶ୍ର)

ଧରିତ୍ରୀ ଖବରଦାତା ଲୋକନାଥ ମିଶ୍ରଙ୍କୁ ନୟାଗଡ଼ ଏସ୍‌ପି ରାହୁଲ ଜୈନ ରବିବାର ନିଜ କାର୍ଯ୍ୟାଳୟ ଚାମ୍ବରକୁ ଡକାଇ ଦୁର୍ବ୍ୟବହାର କରିବା ସହ ବାନ୍ଧିବା, ପିଟିବା ଓ କେସ୍ କରିବାକୁ ଧମକାଇଥିଲେ। ଏ ନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ପ୍ରମୁଖ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଡିଆଇଜି କଟକ, ନୟାଗଡ଼ ଜିଲାପାଳଙ୍କୁ ଟୁଇଟ୍ ଓ ମେଲ ଯୋଗେ ଅଭିଯୋଗ କରାଯାଇଛି। ଏସ୍‌ପିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ସରକାରଙ୍କ ପକ୍ଷରୁ ମାମଲା ରୁଜୁ କରି ଜୈନଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ଏ ନେଇ ପରିଷଦର ସଭାପତି ସୁରେନ୍ଦ୍ର ପଗାଣିଗ୍ରାହୀ କହିଛନ୍ତି, ଖବରଦାତାଙ୍କ ସାମୂହିକ ସ୍ୱାର୍ଥକୁ ଆଖି ଆଗରେ ରଖି ୩ ଦିନ ମଧ୍ୟରେ ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଭାରତୀୟ ବିକାଶ ପରିଷଦ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।

ପ୍ରକାଶ ଯେ, ରଥଯାତ୍ରା ସମ୍ପର୍କରେ ସୂଚନା ଦିଆଯିବା ନିମନ୍ତେ ନୟାଗଡ଼ ଏସ୍‌ପିଙ୍କ ପକ୍ଷରୁ ସ୍ଥାନୀୟ ଜିଲା ପୋଲିସ କାର୍ଯ୍ୟାଳୟରେ ଶନିବାର ଅପରାହ୍ନ ସାଢ଼େ ୪ଟାରେ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ତେବେ ବୈଠକକୁ ଏସ୍‌ପି ନ ଆସିବାରୁ ଏ ନେଇ ଖବରଦାତାମାନେ ଫେରି ଯାଇଥିଲେ। ପରେ ରବିବାର ଧରିତ୍ରୀରେ 'ଖବରଦାତା ସମ୍ମିଳନୀ ଡାକିଲେ, ଆସିଲେ ନାହିଁ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ପ୍ରକାଶିତ ଖବରକୁ ନେଇ ଏସ୍‌ପି ଜୈନ ଉତ୍ତେଜିତ ହୋଇ ଦୁର୍ବ୍ୟବହାର ସହ ଭୁଲ୍ ମାଗିବାକୁ ବାଧ କରାଇଥିଲେ। ଅନ୍ୟପକ୍ଷେ ଏସ୍‌ପିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାର ଅନେକ ଅନୁଷ୍ଠାନ, ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରାଯାଇଛି।


surendra panigrahi @surendra4... · 7s
@CMO_Odisha @SecyChief @homeodisha @DGPOdisha @AdmnNayagarh, please take immediate action against sri Rahul jain SP NAYAGAD

ନୟାଗଡ଼ ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଭାରତୀୟ ବିକାଶ ପରିଷଦ ପକ୍ଷରୁ କରାଯାଇଥିବା ଏକ୍ସ ପୋଷ୍ଟ।

## ୮ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୮।୭(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡ଼ା ଜିଲା ପୋଲିସ ନିକଟରେ ୮ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ରବିବାର ଆତ୍ମ ସମର୍ପଣ କରିଛନ୍ତି। ସେ ହେଲେ ଚୈତୁ। ଆରକ୍ଷୀ ଅଧୀକ୍ଷକ ଗୌରବ ରାୟ ସୂଚନା ଦେଇ କହିଛନ୍ତି, ଆତ୍ମସମର୍ପଣ କରିଥିବା ମାଓବାଦୀ ଇରପନାର ଓ କଡିୟାମେଟା ଅଞ୍ଚଳରେ ଘଟିଥିବା ବଡ଼ ଘଟଣାରେ ସାମିଲ ଥିଲେ। ଏହି ମାଓବାଦୀ ପାମେଡ ଏରିଆ କମିଟିର ପାର୍ଟି ସଦସ୍ୟ ଭାବେ କାର୍ଯ୍ୟକରି ଆସୁଥିଲେ। ତେବେ ବର୍ତ୍ତମାନ ଛତିଶଗଡ଼ ପୋଲିସ ଦ୍ୱାରା ଘରକୁ ଫେରିଆସ ଅଭିଯାନରେ ପ୍ରଭାବିତ ହୋଇ ସେ ଆତ୍ମସମର୍ପଣ କରିଥିଲେ। ତେବେ ଆତ୍ମସମର୍ପଣ କରିଥିବା ଚୈତୁଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ଥଇଥାନ କରାଯିବା ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।




ଆତ୍ମସମର୍ପଣ କରିଥିବା ମାଓବାଦୀ।

## ଅଚିହ୍ନା ମୃତଦେହ ଜବତ

ଭୁବନେଶ୍ୱର,୮।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ରାମମନ୍ଦିର ନିକଟ ଖଦିବୋର୍ଡ ସାମ୍ନା ରାସ୍ତାକଡ଼ରୁ ସୋମବାର ଅପରାହ୍ନରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଠାବ ହୋଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପ୍ରଦୀପ ସେବା ଟ୍ରଷ୍ଟ ପକ୍ଷରୁ ମୃତଦେହକୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ରଖାଯାଇଛି। ଏ ସଂକ୍ରାନ୍ତରେ ଖାରବେଳନଗର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୮/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତକଙ୍କ ବୟସ ପ୍ରାୟ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବାବେଳେ ସେ ଲୁଙ୍ଗି ଓ ଫୁଲ ହାତ ଶାର୍ଟ ପିନ୍ଧିଥିଲେ। ତେବେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି। ଏଥିସହ ମୃତକଙ୍କ ପରିଚୟ ପାଇବାକୁ ପୋଲିସ ପ୍ରୟାସ ଜାରି ରହିଛି।

## ହ୍ୟୁମାନ ସାଗର, ରୁକୁ ସୁନାଙ୍କ ବିରୋଧରେ ଏତଲା

### ଜଗନ୍ନାଥଙ୍କ ଭଜନକୁ କଦର୍ଥ କରି ଗାଇଥିବା ଅଭିଯୋଗ

ଭୁବନେଶ୍ୱର,୮।୭(ସତ୍ୟଜିତ୍ ରାଉତ)

ପୁଣି ଅଡୁଆରେ ପଡିଛନ୍ତି କଣ୍ଠଶିଳ୍ପୀ ହ୍ୟୁମାନ ସାଗର। ହ୍ୟୁମାନଙ୍କ ସହ ରୁକୁ ସୁନା ଏକ ପ୍ରସିଦ୍ଧ ଜଗନ୍ନାଥ ଭଜନକୁ କଦର୍ଥ କରି ଗାଇଥିବା ଅଭିଯୋଗ ହୋଇଛି। ଏ ନେଇ ଅନ୍ତର୍ଜାତୀୟ ମାନବାଧିକାର ଆୟୋଗ (ଆଇଏଚ୍‌ଆର୍‌ସି) ପକ୍ଷରୁ ସୋମବାର କ୍ୟାପିଟାଲ ଥାନାରେ ଉଭୟଙ୍କ ନାମରେ ଏତଲା ଦିଆଯାଇଛି। ହ୍ୟୁମାନ ଓ ରୁକୁଙ୍କ ଏଭଳି ଆଚରଣ ଦ୍ୱାରା ଅଗଣିତ ହିନ୍ଦୁ ଧର୍ମାବଲମ୍ବୀ ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ କୁଠାରାଘାତ କରାଯାଇଛି। ତେଣୁ ତଦନ୍ତ କରି ଉଭୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଆଇଏଚ୍‌ଆର୍‌ସିର ଓଡ଼ିଶା ସଭାପତି ଶିବସୁନ୍ଦର ସ୍ୱାଇଁ ଦାବି କରିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓକୁ ନେଇ ଏହି ବିବାଦ ମୁଣ୍ଡ ଟେକିଛି। ଏକ ଷ୍ଟୁଡିଓରେ ବସି ହ୍ୟୁମାନ ଓ ରୁକୁ ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ ଏକ ପ୍ରସିଦ୍ଧ ଜଗନ୍ନାଥ ଭଜନକୁ ଗାଉଥିବା ଭିଡିଓରେ ଦେଖିବାକୁ ମିଳୁଛି। ଉକ୍ତ ଭଜନକୁ ତାଚ୍ଛଲ୍ୟ କରି ଗାଇବା ବେଳେ ହସି ହସି ଏହାକୁ ଉପଭୋଗ କରୁଥିବା ଦେଖିବାକୁ ମିଳୁଛି। ଏଭଳି ଆଚରଣ ଦ୍ୱାରା ହିନ୍ଦୁଧର୍ମକୁ ଅପମାନିତ କରାଯାଇଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଏଥିପାଇଁ ହ୍ୟୁମାନ ଓ ରୁକୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବହୁ ଲୋକ ସାମାଜିକ ଗଣମାଧ୍ୟମ ଜରିଆରେ ଅସନ୍ତୋଷ ପ୍ରକାଶ କରି ଦାବି କରିଛନ୍ତି। ତେବେ ଏତଲା ସଂକ୍ରାନ୍ତରେ ହ୍ୟୁମାନ ଓ ରୁକୁଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଥାନାଧିକାରୀ ସୁଧାଂଶୁ ଭୂଷଣ କହିଛନ୍ତି, ହ୍ୟୁମାନ ସାଗର ଓ ରୁକୁ ସୁନାଙ୍କ ନାଁରେ ଅଭିଯୋଗ ହୋଇଛି। ଏହାର ଅନୁସନ୍ଧାନ କରାଯାଉଛି।



କ୍ୟାପିଟାଲ୍ ଥାନାରେ ଦିଆଯାଇଥିବା ଅଭିଯୋଗ।

ପ୍ରତିବନ୍ଧକକୁ ଭୟ କରନାହିଁ। ନୈରାଶ୍ୟକୁ ମନରେ ସ୍ଥାନ ଦିଅନାହିଁ। ସ୍ଥିର ଓ ଶାନ୍ତ ଭାବେ ସାଧନା କରିଚାଲ। ଏବେ ଯାହା କଠିନ, ତାହା ପରେ ସହଜ ହୋଇଉଠିବ। -ଶ୍ରୀମା

-ବିପତ୍ତାରିଣୀ ବ୍ରତ



# ମଣିପୁରରେ ରାହୁଲ

ନିକଟରେ ଜୁଲାଇ ୨ରେ ଲୋକ ସଭା ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣ ସମୟରେ 'ମଣିପୁର ପାଇଁ ନ୍ୟାୟ' ସ୍ୱର ବିରୋଧୀ ମେଣ୍ଟ ପକ୍ଷରୁ ଶୁଣିବାକୁ ମିଳିଥିଲା। ସେହିଭଳି ରାଜ୍ୟ ସଭାରେ ମଧ୍ୟ ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ ପ୍ରଧାନମନ୍ତ୍ରୀ ଉତ୍ତର ରଖିବାବେଳେ ସମାନ ଦୃଶ୍ୟ ଦେଖାଗଲା। ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ମଣିପୁର ସମ୍ପର୍କରେ ଦର୍ଶାଇଥିଲେ ଯେ, ସେଠାରେ ଶାନ୍ତି ପାଇଁ ଅନେକ ପଦକ୍ଷେପ ନିଆଯିବା ସହ ୧୧,୦୦୦ ଏଫ୍ଆଇଆର୍ ରୁଜୁ ହୋଇଛି ଓ ୫୦୦ ଲୋକଙ୍କୁ ଗିରଫ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଏଭଳି ସ୍ପଷ୍ଟୀକରଣ ପରେ ଜୁଲାଇ ୮ରେ କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ଭାବେ ରାହୁଲ ଗାନ୍ଧୀ ପ୍ରଥମ ପୂର୍ବାଞ୍ଚଳ ରାଜ୍ୟ ଗସ୍ତରେ ଯାଇଛନ୍ତି। ପ୍ରଥମେ ଆସାମ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ଗସ୍ତ ପରେ ମଣିପୁରରେ ମେଇତି ବହୁଳ ଜିରିବାମ ଓ କୁକି ବହୁଳ ଚୁରାଚାନ୍ଦପୁର ଜିଲାରେ ଥିବା ରିଲିଫ କ୍ୟାମ୍ପରେ ହିଂସା ପ୍ରପୀଡ଼ିତଙ୍କ ସହ ଆଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୩ ମେ ୨୦୨୩ରେ ମଣିପୁର ଉଚ୍ଚନ୍ୟାୟାଳୟ ମେଇତି ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେବା ଲାଗି ବିଚାର କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପରେ ମେଇତି ଓ କୁକିଙ୍କ ମଧ୍ୟରେ ହିଂସା ଆରମ୍ଭ ହୋଇଯାଇଥିଲା। ଏହା ଦୀର୍ଘମାସ ପର୍ଯ୍ୟନ୍ତ ଜାରି ରହି ଏଥିରେ ସରକାରୀ ସୂତ୍ର ଅନୁଯାୟୀ ୨୦୦ ଲୋକଙ୍କ ମୃତ୍ୟୁ ଘଟିଛି। କିନ୍ତୁ ତାହା ବାସ୍ତବତାଠାରୁ ବହୁ ଦୂରରେ ବୋଲି କେତେକ ମହଲରେ ଆଲୋଚନା ହେଉଛି। ଏହାସହ ୧୪ ହଜାର ପିଲାଙ୍କ ସମେତ ୬୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହୋଇଥିଲେ। ଏମାନଙ୍କୁ ଏବେ ବିଭିନ୍ନ ଜିଲାର ଆଶ୍ରୟସ୍ଥଳୀରେ ରଖାଯାଇଛି।

ରାହୁଲ ଗାନ୍ଧୀ ପୂର୍ବରୁ ଦୁଇଥର ମଣିପୁର ଯାଇଥିଲେ ଓ ଏଥର ବିରୋଧୀ ଦଳ ନେତା ଭାବେ ତାଙ୍କ ଗସ୍ତର ରାଜନୈତିକ ଗୁରୁତ୍ୱ ଥିବା ମନେ କରାଯାଏ। ସେ ମଣିପୁର ରାଜ୍ୟପାଳ ଅନସୂୟା ଉଇକେଙ୍କୁ ମଧ୍ୟ ସାକ୍ଷାତ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ମୋଦି ନିର୍ବାଚନ ସମୟରେ ଦେଶବ୍ୟାପୀ ବୁଲିଥିବାବେଳେ ମଣିପୁର ପାଇଁ ଏ ପର୍ଯ୍ୟନ୍ତ ସମୟ ବାହାର କରିପାରିନାହାନ୍ତି। ମଣିପୁରରୁ ମୃତ୍ୟୁ ହିଂସାର କୌଣସି ଖବର ଏବେ ପଦାକୁ ଆସୁନାହିଁ। ତାହାର ଅର୍ଥ ନୁହେଁ ସେଠାରେ ସବୁ ଶାନ୍ତ ପଡ଼ିଯାଇଛି। ଏହା କୁହାଯାଇପାରୁଛି କାରଣ ହିଂସାର ଭୟାବହ ରୂପର ପ୍ରଥମ ପ୍ରମାଣ ଘରୋଇ ଭିଡିଓରୁ ମିଳିଥିଲା, ଯେଉଁଥିରେ ଦୁଇଜଣ ଯୁବତୀଙ୍କୁ ଉଲଗ୍ନ କରି ଚଲାଇବାର ଦେଖାଯାଇଥିଲା। ସେତେବେଳେ କୁହାଯାଇଥିଲା ଯେ, ଭିଡିଓରେ ଦର୍ଶାଯାଇଥିବା ଭଳି ଅତ୍ୟାଚାର ତାହା ପୂର୍ବରୁ ଅନେକ ମାସ ଧରି ଘଟି ଆସୁଥିଲା, ଯାହାକୁ ରାଜ୍ୟ ସରକାର ସଫଳତାର ସହିତ ଚପାଇଦେଇ ପାରିଥିଲେ। ଏବେ ମଧ୍ୟ ସେହିଭଳି ଘଟୁଥାଇପାରେ ବୋଲି ସନ୍ଦେହ କରିବା ଅସ୍ୱାଭାବିକ ହେବ ନାହିଁ।

ପୂର୍ବରୁ କୁହାଯାଉଥିଲା ମେଇତି ସମ୍ପ୍ରଦାୟ ହିନ୍ଦୁ ଧର୍ମାବଲମ୍ବୀ ହେବା ସହିତ ସ୍ଥାନୀୟ ଜନସଂଖ୍ୟାରେ ତାହା ସଂଖ୍ୟାବହୁଳ। ଅନ୍ୟପଟେ ଖ୍ରୀଷ୍ଟିଆନ କୁକି ସମ୍ପ୍ରଦାୟ ସେଠାରେ ସଂଖ୍ୟାଲଘୁ ଭାବେ ପରିଗଣିତ ହେଉଛି। ତଥାପି ଉଭୟ ଲୋକ ସଭା ଆସନରେ କଂଗ୍ରେସ ଜିତିବା ଫଳରେ ଏହା ସୂଚନା ଦେଉଥାଇପାରେ କି ହିନ୍ଦୁ ମେଇତିମାନେ ମଧ୍ୟ ଭାଜପାକୁ ଦୂରେଇ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ମଣିପୁର ହିଂସାକୁ ନେଇ ଦେଶ ଓ ଦେଶ ବାହାରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରାଯାଇଥିବାବେଳେ ମାନବ ଅଧିକାର ଉଲ୍ଲଂଘନର ଅଭିଯୋଗ ଉଠିଥିଲା। ଏହା ସତ୍ତ୍ୱେ ୨୦୨୪ ସାଧାରଣ ନିର୍ବାଚନରେ ସେଠାରେ ଦୁଇଟି ଲୋକ ସଭା ଆସନରେ ଭୋଟ ଗ୍ରହଣ କରାଯାଇଥିଲା। ୨୦୧୯ରେ ଏହି ଦୁଇଟି ଆସନ ମଧ୍ୟରୁ ଗୋଟିଏ ଭାଜପା ଜିତିଥିବାବେଳେ ଅନ୍ୟଟି ତାହାର ସହଯୋଗୀ ଦଳ ନାଗା ପିପୁଲ୍ସ ଫ୍ରଣ୍ଟ ଜିତିଥିଲା। ଏଥର ୨୦୨୪ରେ ଉଭୟ ଆସନରୁ କଂଗ୍ରେସ ପ୍ରାର୍ଥୀ ଜିତିବା ଫଳରେ ଭାଜପାର ପରାଜୟ ଅନ୍ୟ ଏକ ଦିଗକୁ ଲୋକଲୋଚନକୁ ଆଣିଛି। ପୂର୍ବରୁ କୁହାଯାଉଥିଲା ମେଇତି ସମ୍ପ୍ରଦାୟ ହିନ୍ଦୁ ଧର୍ମାବଲମ୍ବୀ ହେବା ସହିତ ସ୍ଥାନୀୟ ଜନସଂଖ୍ୟାରେ ତାହା ସଂଖ୍ୟାବହୁଳ। ଅନ୍ୟପଟେ ଖ୍ରୀଷ୍ଟିଆନ କୁକି ସମ୍ପ୍ରଦାୟ ସେଠାରେ ସଂଖ୍ୟାଲଘୁ ଭାବେ ପରିଗଣିତ ହେଉଛି। ତଥାପି ଉଭୟ ଲୋକ ସଭା ଆସନରେ କଂଗ୍ରେସ ଜିତିବା ଫଳରେ ଏହା ସୂଚନା ଦେଉଥାଇପାରେ କି ହିନ୍ଦୁ ମେଇତିମାନେ ମଧ୍ୟ ଭାଜପାକୁ ଦୂରେଇ ଦେଇଛନ୍ତି।

ମଣିପୁର ହିଂସାର ୧୪ ମାସ ପରେ ଏବେ ମଧ୍ୟ ସ୍ଥିତି ଅସ୍ଥିର ଅଛି। ମେଇତି, କୁକି ଓ ଅନ୍ୟ ବର୍ଗର ଆଦିବାସୀଙ୍କ ମଧ୍ୟରେ ସାମାଜିକ ସମନ୍ୱୟ ରକ୍ଷା କରାଯିବା ଲାଗି ଚେଷ୍ଟା ହେବା ଦରକାର। ଏହା କେବଳ ସରକାରୀ ସ୍ତରରେ କରାଯାଇପାରିବ। ଏହାସହ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଦୂରଦର୍ଶୀ ଯୋଜନାର ଆବଶ୍ୟକତା ରହିଛି। ଏଭଳି ପଦକ୍ଷେପ ସବୁ ସମଗ୍ର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଉଗ୍ରବାଦୀ ଗୋଷ୍ଠୀଙ୍କୁ ଆୟତ୍ତ କରିବା ସହ ଆଭ୍ୟନ୍ତରୀଣ ସୁରକ୍ଷାକୁ ମଜଭୁତ କରିପାରିବ। ଗୋଟିଏ ପଟେ ଏହା ଚାଇନା ଧମକକୁ ମୁକାବିଲା କରିବାରେ ଅଧିକ ସହଯୋଗ କରିବ ଓ ଅନ୍ୟପଟେ ଜାତୀୟ ସୁରକ୍ଷା ସ୍ଥିତିକୁ ଦୃଢ଼ କରିବ।

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 3 | | | | 6 | | | 1 |
| | | 5 | | 1 | 7 | | | |
| | | | | | 9 | 4 | | |
| | | | 1 | 6 | | | 8 | 5 |
| | 4 | 3 | | | | | | |
| 8 | | | | 5 | | | 7 | |
| 7 | 6 | | 2 | | 8 | | | |
| | | | 7 | | | | 9 | |
| | | 1 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 1 | 7 | 5 | 9 | 6 | 8 | 2 |
| 5 | 6 | 8 | 2 | 1 | 4 | 9 | 7 | 3 |
| 9 | 7 | 2 | 6 | 3 | 8 | 1 | 5 | 4 |
| 1 | 2 | 4 | 9 | 6 | 7 | 5 | 3 | 8 |
| 6 | 8 | 3 | 1 | 4 | 5 | 2 | 9 | 7 |
| 7 | 5 | 9 | 8 | 2 | 3 | 4 | 1 | 6 |
| 2 | 4 | 7 | 3 | 9 | 1 | 8 | 6 | 5 |
| 3 | 9 | 6 | 5 | 8 | 2 | 7 | 4 | 1 |
| 8 | 1 | 5 | 4 | 7 | 6 | 3 | 2 | 9 |

ଗତକାଲିର ଉତ୍ତର



# ଉଚ୍ଚଶିକ୍ଷାରେ ପାତରଅନ୍ତର

ଡ. ସୁବାସ ଚନ୍ଦ୍ର ପାତ୍ର

ଉଚ୍ଚ ବାଛବିଚାର, ଉଚ୍ଚ ବଞ୍ଚିତୀକରଣ ବିଷୟରେ ଯଦି କାହାରି ସମ୍ୟକ ଧାରଣା ଆହରଣ କରିବାର ଇଚ୍ଛା ଥାଏ ତା'ହାଲେ ଓଡ଼ିଶାର ଉଚ୍ଚଶିକ୍ଷା ବିଭାଗରେ ପ୍ରଚଳିତ ବର୍ଗୀକରଣ ଉପରେ ଆଖି ପକେଇବା ଠିକ୍ ହେବ! ଓଡ଼ିଶା ସରକାରଙ୍କ କୌଣସି ବିଭାଗରେ ଏତେ ବର୍ଗୀକରଣ, ଏତେ ପାତରଅନ୍ତର ନୀତିର ପ୍ରଚଳନ ନାହିଁ।

ଏକ ସମୟରେ ଓଡ଼ିଶାର ଉଚ୍ଚଶିକ୍ଷା ବ୍ୟବସ୍ଥା, ଏକ ସୁସଂହତ ବିଧିବିଧାନରେ ବ୍ୟବସ୍ଥିତ ଥିଲା। ମହାବିଦ୍ୟାଳୟ ଥିଲା ଦୁଇ ଶ୍ରେଣୀର। ସରକାରୀ ଓ ଅନୁଦାନପ୍ରାପ୍ତ। ଅନୁଦାନ ପ୍ରଦାନ ପାଇଁ ଥିଲା ସ୍ୱଚ୍ଛ ନୀତି। ଏହି ନୀତି ଅନୁଯାୟୀ ସର୍ବନିମ୍ନ ୫ ବର୍ଷ ଅବା ସର୍ବୋଚ୍ଚ ୯ ବର୍ଷ ପରେ ଜଣେ ଅଧ୍ୟାପକ ପୂର୍ଣ୍ଣ ଦରମା ପ୍ରାପ୍ତ ହେଉଥିଲେ। ପରବର୍ତ୍ତୀ ସମୟରେ, ୧୯୮୯ ମସିହାରେ ଅଧ୍ୟାପକମାନଙ୍କ ଆନ୍ଦୋଳନ ଫଳରେ ସରକାର ୟୁଜିସି ସ୍କେଲ ମଧ୍ୟ ଦେଲେ, ଯାହା ସକାଶେ ସରକାରୀ କଲେଜ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ କଲେଜଗୁଡ଼ିକ ଭିତରେ ଥିବା ଦରମାର ତାରତମ୍ୟ ଦୂର ହେଲା। ଅବଶ୍ୟ ସରକାରୀ କଲେଜରେ ୧୯୭୬ ମସିହାରୁ ୟୁଜିସି ସ୍କେଲ ପ୍ରଚଳିତ ଥିଲା। ଶିକ୍ଷକକୁଳ ବେଶ୍ କିଛି ସ୍ୱାଚ୍ଛନ୍ଦ୍ୟରେ ଓ ମର୍ଯ୍ୟାଦାର ସହିତ ନିଜ କର୍ତ୍ତବ୍ୟ ସମ୍ପାଦନ କଲେ।

ଦୁଃଖର କଥା ୟୁଜିସି ସ୍କେଲ, ଓଡ଼ିଶା ସରକାରଙ୍କ ଦ୍ୱିତୀୟ ଶ୍ରେଣୀ ଗେଜେଟେଡ୍ ଅଧିକାରୀଙ୍କ ଦରମାଠାରୁ ଅଧିକ ଥିବାରୁ ଗାତ୍ରଦାହ ଆରମ୍ଭ ହେଲା। ବିଶେଷତଃ ଅମଲାତାନ୍ତ୍ରିକ ଅଧିକାରୀମାନେ ଈର୍ଷା ପ୍ରଦର୍ଶନ ଓ ଅଧ୍ୟାପକମାରଣ ଯଜ୍ଞରେ ଆଗରେ ରହିଲେ। ଅନ୍ୟ ବିଭାଗର ତତ୍ତୁଲ୍ୟ ଅଧିକାରୀମାନେ ପରୋକ୍ଷରେ ସମର୍ଥନ କଲେ। ଫଳସ୍ୱରୂପ ଓଡ଼ିଶାର କଲେଜ ବ୍ୟବସ୍ଥାରୁ ୟୁଜିସି ସ୍କେଲ ଉଚ୍ଛେଦ କରି ଅଧ୍ୟାପକ ପଦବୀ ସ୍ଥାନରେ ଏକ ନ୍ୟୂନ ପଦବୀ-ଜୁନିୟର ଅଧ୍ୟାପକ ପଦବୀ-୧୯୯୨ରୁ ସୃଷ୍ଟିକରି ଶିକ୍ଷାବ୍ୟବସ୍ଥାକୁ ସରକାର ତଳିତଳାନ୍ତ କଲେ। ଉଭୟ ସରକାରୀ ଓ ଅନୁଦାନପ୍ରାପ୍ତ କଲେଜମାନଙ୍କରୁ ୟୁ.ଜି.ସି ସ୍କେଲ ଲୋପ ପାଇଲା। ବହୁ ବାଦ ବିବାଦ ଓ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କ ତାଗିଦ ପରେ ଏବଂ କ୍ରମାଗତ ଭାବେ ଉଚ୍ଚମାନର ଛାତ୍ରମାନେ ଅଧ୍ୟାପକ ବୃତ୍ତିରେ ଯୋଗ ନ ଦେବା କାରଣରୁ ୨୦୧୪ରେ ସରକାରୀ କଲେଜରେ ୟୁଜିସି ସ୍କେଲ ପୁନଃ ପ୍ରଚଳନ ହେଲା। ସରକାରୀ କଲେଜରେ ସିନା ୟୁଜିସି ଦରମା ପୁନଃପ୍ରଚଳିତ ହେଲା କିନ୍ତୁ ପୂର୍ଣ୍ଣ ଅନୁନାଦପ୍ରାପ୍ତ କଲେଜଗୁଡ଼ିକରେ ଆଉ ୟୁଜିସି ସ୍କେଲ ପ୍ରଦାନ କରାଗଲା ନାହିଁ। ବରଂ ଅନୁଦାନପ୍ରାପ୍ତ କଲେଜଗୁଡ଼ିକୁ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ କରି କାହାକୁ ୪/୮ ଶ୍ରେଣୀଭୁକ୍ତ ଆଉ କାହାକୁ ୬/୨ ଶ୍ରେଣୀଭୁକ୍ତ କରାଗଲା। ବର୍ଷୱାରି ପୂର୍ବପ୍ରଚଳିତ ଗ୍ରାଣ୍ଟ-ଇନ୍-ଏଡ୍ (ଜିଆଇଏ) ବ୍ୟବସ୍ଥା ପ୍ରତ୍ୟାହାର କରିନେଇ ତା' ପ୍ରତି ବଦଳରେ ଅତି ଦୁର୍ବିଷହ ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ପ୍ରଚଳନ କରାଗଲା, ଯେଉଁଥିରେ ମଣିଷ ବଞ୍ଚିବା ପାଇଁ ହାତ ମୁଠାଏ ଦରମା ସିନା ପାଇଲା କିନ୍ତୁ ପେନ୍‌ସନ ବା ଅବସରକାଳୀନ ଅନ୍ୟାନ୍ୟ ବ୍ୟବସ୍ଥା ରହିଲା ନାହିଁ, ଅର୍ଥାତ୍ ବୃଦ୍ଧ ବୟସରେ, ଅବସର, ଭଗ୍ନସ୍ୱାସ୍ଥ୍ୟ ଓ ପାରିବାରିକ ବୋଝ ନେଇ ଏକ ଅନିଶ୍ଚିତ ଜୀବନଯାପନ ପାଇଁ ଅଧ୍ୟାପକମାନଙ୍କୁ ଠେଲି ଦିଆଗଲା।



ବର୍ତ୍ତମାନ ବାଛବିଚାରର କଥା। ଆପାତତଃ ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟାରେ ନିଯୁକ୍ତ ଅଧ୍ୟାପକମାନଙ୍କ ମଧ୍ୟରେ ଦରମା ଓ ଆନୁଷଙ୍ଗିକ ତାରତମ୍ୟ ବିଚାର କରାଯାଉ। ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ସରକାରୀ କଲେଜରେ ଅଧ୍ୟାପକ ନିଯୁକ୍ତି ପାଇଁ ସ୍ନାତକୋତ୍ତରରେ ୫୫ ପ୍ରତିଶତ ମାର୍କ ଓ ତା' ସହିତ ପିଏଚ୍‌ଡି ଅବା ନିଟ୍ ପରୀକ୍ଷାରେ ସଫଳତା ବାଧ୍ୟତାମୂଳକ କରିଥିବା ବେଳେ, ଷ୍ଟେଟ୍ ସିଲେକ୍ସନ ବୋର୍ଡ (ଏସ୍‌ଏସ୍‌ବି) ଅନୁଦାନପ୍ରାପ୍ତ କଲେଜର ଅଧ୍ୟାପକ ନିଯୁକ୍ତି ପାଇଁ ପ୍ରାୟତଃ ଏକା ଯୋଗ୍ୟତା ନିର୍ଦ୍ଧାରିତ କରିଛି। ଏସ୍‌ଏସ୍‌ବିରେ ପିଏଚ୍.ଡି/ ନିଟ୍ / ଏମ୍.ଫିଲ୍‌କୁ ଅଗ୍ରାଧିକାର ଦେବା ସହ ସେଥି ପାଇଁ ବେଶ୍ ଅଧିକ ମାର୍କ ରଖାଯାଇଛି। ତା' ଛଡ଼ା ଏସ୍‌ଏସ୍‌ବି ପରୀକ୍ଷାରେ ବାଧ୍ୟତାମୂଳକ ଲିଖିତ ପରୀକ୍ଷା ଥିଲାବେଳେ ଓପିଏସ୍‌ସିରେ କେବଳ ମୌଖିକ ପରୀକ୍ଷାରେ ପ୍ରାର୍ଥୀ ଚୟନ କରାଯାଏ। ଏକା ଯୋଗ୍ୟତା, ଏକା ଶିକ୍ଷାଦାନ କର୍ମ ପାଇଁ ମନୋନୀତ ପ୍ରାର୍ଥୀ ସରକାରୀ କଲେଜରେ ୟୁଜିସି ସ୍କେଲରେ ନିୟୋଜିତ ଅଧ୍ୟାପକ ଓ ଅନୁଦାନପ୍ରାପ୍ତ କଲେଜର ରାଜ୍ୟ ସରକାରଙ୍କ ସ୍କେଲରେ ନିୟୋଜିତ ଅଧ୍ୟାପକମାନଙ୍କ ମଧ୍ୟରେ ଦରମା ଓ ଆନୁଷଙ୍ଗିକ ଦେୟର ଫରକ ଆକାଶ ପାତାଳ। ମୋଟାମୋଟି ହିସାବ ଏହିପରି- ଦରମା ବାବଦରେ ମାସକୁ ପାଖାପାଖି ୨୫ହଜାର ଟଙ୍କାର ଫରକ୍ ଅର୍ଥାତ୍ ବର୍ଷକୁ ୩ଲକ୍ଷ ଟଙ୍କା; ଘରଭଡ଼ା ପ୍ରଦାନ କରାଯାଉ ନ ଥିବାରୁ ମାସିକ ୩ହଜାର ଟଙ୍କା ହାରରେ ବର୍ଷକୁ ୩୬ହଜାର ଟଙ୍କା; ଅବସରକାଳୀନ ଗ୍ରାଚ୍ୟୁଇଟିରେ ୧୦ଲକ୍ଷ ଟଙ୍କାର ଫରକ (ସରକାରୀ କଲେଜ ୧୫ଲକ୍ଷ -ଅନୁଦାନପ୍ରାପ୍ତ କଲେଜ ୫ଲକ୍ଷ); ଛୁଟି ବିକ୍ରି ବ୍ୟବସ୍ଥା ନ ଥିବାର ସେ ବାବଦରେ ୧୫ଲକ୍ଷ ଟଙ୍କା, କମ୍ୟୁଟେଡ ପେନ୍‌ସନ ବ୍ୟବସ୍ଥା ନ ଥିବାରୁ ସେ ବାବାଦ ୨୦ଲକ୍ଷ ଟଙ୍କା। ଅର୍ଥାତ୍ ସମାନ ବିଧିବ୍ୟବସ୍ଥା ଅନୁଯାୟୀ ସରକାରଙ୍କ ଦ୍ୱାରା ପରିଚାଳିତ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ଅନୁଦାନପ୍ରାପ୍ତ କଲେଜରେ ନିଯୁକ୍ତ ଜଣେ ଅଧ୍ୟାପକ ପିଏସ୍‌ସି ଦ୍ୱାରା ମନୋନୀତ ସରକାରୀ କଲେଜରେ ନିୟୋଜିତ ଜଣେ ଅଧ୍ୟାପକଠାରୁ ଆଜିର ଦରମା ଓ ଆନୁଷଙ୍ଗିକ ଅନୁଦାନ ହିସାବରେ ଅବସରବେଳେ ଅନ୍ୟୁନ ୧ କୋଟି ଟଙ୍କାରୁ ବଞ୍ଚିତ ହେବେ। ବର୍ଦ୍ଧିତ ଦରମାରେ ଏହି ତାରତମ୍ୟ କେଉଁଠି ପହଞ୍ଚିବ ତାହା କଳନା ବି କରିହେବନି।

ପୂର୍ବରୁ ସରକାରଙ୍କ ଅର୍ଥାଭାବ ଥିଲା। ସରକାର କର୍ମଚାରୀମାନଙ୍କୁ ଠିକ୍ ସମୟରେ ଦରମା ଦେଇ ପାରୁ ନ ଥିଲେ। ଏବେ 'ବଳକା ବଜେଟ'ର ସୁନାମ ଜପ କରାଯାଉଛି, ବଜେଟ ପରିମାଣ ୩ଲକ୍ଷ କୋଟି ଟଙ୍କାରୁ ଅଧିକ। ନୂତନ ସରକାର ୮୦୦ ଟଙ୍କା ଅଧିକ ମୂଲ୍ୟରେ ଲକ୍ଷ ଲକ୍ଷ କୁଇଣ୍ଟାଲ ଧାନ ଚାଷୀଙ୍କଠୁ କିଣିବାକୁ ଯାଉଥିଲାବେଳେ, ସୁଭଦ୍ରା ଯୋଜନାରେ ସରକାର ମହିଳାମାନଙ୍କୁ ୫୦ହଜାର ଟଙ୍କାର ଅନୁଦାନ ପ୍ରଦାନ କରିବାକୁ ଅଗ୍ରସର ହେଉଥିଲାବେଳେ; ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ପ୍ରଭୃତିକୁ ପର୍ଯ୍ୟାପ୍ତ ପରିମାଣରେ ବଢ଼ାଇବାକୁ ସିଦ୍ଧାନ୍ତ ନେଇଥିବାବେଳେ; ସବୁ ଜିଲାରେ ଗୋଟିଏ ମେଡିକାଲ କଲେଜ ଓ ନର୍ସିଂ କଲେଜ ଖୋଲିବାକୁ ନୂତନ ସରକାର ପ୍ରତିଶ୍ରୁତି ଦେଇଥିଲାବେଳେ; ବର୍ଷକୁ ୩ଲକ୍ଷ ଯୁବକଙ୍କୁ ସରକାରୀ ନିଯୁକ୍ତି ଦେବାକୁ ଗ୍ୟାରେଣ୍ଟି ଦେଇଥିବା ବେଳେ ଏବଂ ଏ ସବୁ ପ୍ରତିଶ୍ରୁତି ପାଳନ ପାଇଁ ଲକ୍ଷ ଲକ୍ଷ କୋଟିକୋଟି ଟଙ୍କା ଯୋଗାଡ଼ ଲାଗି ଆଗଭର ହେଉଥିଲାବେଳେ କେବଳ ଅନୁଦାନପ୍ରାପ୍ତ କଲେଜର ନିଯୁକ୍ତ ଅଧ୍ୟାପକମାନଙ୍କୁ କ'ଣ ପାଇଁ ନିମ୍ନ ଦରମା ଓ ନିମ୍ନସ୍ତରର ଅବସରକାଳୀନ ସୁବିଧା ପ୍ରଦାନ କରି ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସବୁଦିନ ପଙ୍ଗୁ କରି ରଖାଯିବ?

ଏ ପ୍ରକାର ତାରତମ୍ୟ, ଆର୍ଥିକ ବୈଷମ୍ୟ, ତଜ୍ଜନିତ ସାମାଜିକ ବୈଷମ୍ୟ ନେଇ ଜଣେ ଅଧ୍ୟାପକ କି ପ୍ରକାର ଶିକ୍ଷାପ୍ରଦାନ କରିବ? ତେଣୁ ପ୍ରଥମ ପଦକ୍ଷେପ ହିସାବରେ ପୂର୍ଣ୍ଣ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ କାର୍ଯ୍ୟରତ ନିୟମିତ ଅଧ୍ୟାପକମାନଙ୍କୁ ୟୁଜିସି ସ୍କେଲ ପ୍ରଦାନ କରାଯାଉ। ଅନ୍ୟ ଗୋଷ୍ଠୀର ଅଧ୍ୟାପକମାନଙ୍କୁ ଜିଆଇଏ ପରିସରଭୁକ୍ତ କରି ସେମାନଙ୍କ ମଧ୍ୟରୁ ଯେଉଁମାନେ ୟୁଜିସି ସ୍କେଲ ପାଇଁ ଯୋଗ୍ୟ ସେମାନଙ୍କୁ ମଧ୍ୟ ୟୁଜିସି ସ୍କେଲ ପ୍ରଦାନ କରାଯାଉ। ଅବସରକାଳୀନ ଆର୍ଥିକ ସୁବିଧା ପ୍ରଦାନରେ ସରକାରୀ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ କଲେଜ ମଧ୍ୟରେ ବୈଷମ୍ୟ ଉଚ୍ଛେଦ କରାଯାଉ।

**ଜେଲ ରୋଡ଼, ବାଲେଶ୍ୱର**
**ମୋ: ୯୪୩୭୩୭୬୨୧୯**



# ବିଧିବିଧାନ ବନାମ ବିଧିରକ୍ଷା

ଯଦୁମଣି ପାଣିଗ୍ରାହୀ

ଭଗବାନଙ୍କର ଏ ବିଶାଳ ସୃଷ୍ଟି ଯେମିତି ବିଚିତ୍ର ଓ ରହସ୍ୟମୟ ଠିକ୍ ସେମିତି ଏ ସୃଷ୍ଟିକୁ ଶୃଙ୍ଖଳିତ, ସୁରକ୍ଷିତ ଓ ସୁପରିଚାଳନା କରିବା ନିମନ୍ତେ ତାଙ୍କ ପ୍ରଣିତ ଓ ନିର୍ଦ୍ଧାରିତ ବିଧିବିଧାନ ବା ନୀତିନିୟମଗୁଡ଼ିକ ମାନବ ସମାଜ ଲାଗି ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଏହି ପ୍ରାକୃତିକ ନୀତିନିୟମଗୁଡ଼ିକ କେଉଁ ଅନାଦି କାଳରୁ ଆଜି ଯାଏ ନିରନ୍ତର ଭାବେ କାର୍ଯ୍ୟକାରୀ ହୋଇ ଆସୁଛି। ଏହାକୁ ବଦଳାଇବାର ସାଧ କାହାର ନାହିଁ। ଉଭୟ ପ୍ରାଣୀ ଓ ଉଦ୍ଭିଦ ଜଗତ ପ୍ରକୃତିରେ ଏହି ବିଧାନ ଅନୁସାରେ ଚାଲିଛି। ତେବେ ବୁଦ୍ଧି, ବିବେକ ଓ ଜ୍ଞାନର ଅଧିକାରୀ ଭାବେ ସକଳ ପ୍ରାଣୀଜଗତ ମଧ୍ୟରେ ଶ୍ରେଷ୍ଠତାର ଆଖ୍ୟା ପାଇଥିବା ମନୁଷ୍ୟ ଆଜି ପ୍ରକୃତିର ସମସ୍ତ ନୀତି ନିୟମକୁ ନଷ୍ଟ କରିବାରେ ଲାଗିଛି। ପ୍ରକୃତି ତଥା ପରିବେଶ ସ୍ୱଚ୍ଛ ଓ ସୁରକ୍ଷିତ ରହିଲେ ସିନା ଯାଇ ଜୀବଜଗତ ତିଷ୍ଠି ରହିବ, ଏକଥାକୁ ସେ ଭୁଲିଯାଇ କେବଳ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛି। ପରିବେଶ ସୁରକ୍ଷା ନାଁରେ ଯେତେସବୁ କାର୍ଯ୍ୟକ୍ରମ କରାଯାଉଛି ତାହା କେବଳ ବିଧିରକ୍ଷାରେ ସୀମିତ ରହୁଛି। ଫଳରେ ପରିବେଶ ପ୍ରଦୂଷଣ ବଢି ଚାଲିଛି।

ଶିଳ୍ପ ପ୍ରତିଷ୍ଠା, ଖଣି ଖନନ, ରାସ୍ତା ନିର୍ମାଣ ଓ ସହରୀକରଣ ଆଦି ଆଳରେ ନିରନ୍ତର ବୃକ୍ଷ କଟାଯାଉଛି। ଯେଉଁଥିପାଇଁ ବନ୍ୟ ଜୀବଜନ୍ତୁ ବାସସ୍ଥାନ ହରାଇ ଜନବସତିମୁହାଁ ହେଉଛନ୍ତି। ସରକାରୀ ଓ ବେସରକାରୀ ସ୍ତରରେ ବୃକ୍ଷରୋପଣ ନାଁରେ କେବଳ ବିଧି ରକ୍ଷା କରାଯାଉଛି ସିନା ହେଲେ ଜଙ୍ଗଲରୁ ବୃକ୍ଷ ସଂଖ୍ୟା ଦିନକୁଦିନ ବିଲୋପ ହେବାରେ ଲାଗିଛି। ଏପଟେ ନଦୀକୁ ଦୂଷିତ ଜଳ ଓ ବାୟୁମଣ୍ଡଳକୁ ଦୂଷିତ ବାଷ୍ପ ଛଡାଯାଉଛି। ସେପଟେ ନଦୀ ଜଳ ସୁରକ୍ଷାଠାରୁ ପୁଣି ବାୟୁ ପ୍ରଦୂଷଣ ରୋକିବାର ପ୍ରୟାସ ସବୁକିଛି ଖାଲି ଯାହା ବିଧିରକ୍ଷାରେ ସୀମିତ ରହୁଛି। ଭବିଷ୍ୟତର ପରିଣାମ କଥା ଚିନ୍ତା ନ କରି ମଣିଷ କେବଳ ନିଜର ସୁଖ ସୁବିଧା ହାସଲ କରିବାକୁ ଯାଇ ପରିବେଶ ଉପରେ ଅହରହ ଅତ୍ୟାଚାର କରିବାରେ ଲାଗିଛି। ନିଜ ଗୋଡରେ ନିଜେ କୁରାଢି ମାରିବା ଭଳି ଆଜି ବିପଦକୁ ପାଖକୁ ଡାକି ଆଣୁଛି । ଆଜି ଯେତେ ଯାହା ପ୍ରାକୃତିକ ବିପତ୍ତି ଓ ବିପର୍ଯ୍ୟୟମାନ ଘଟୁଛି ସେସବୁ କେବଳ ମନୁଷ୍ୟର ଔଦ୍ଧତ୍ୟ ଓ ଅହଙ୍କାରର ପରିଣାମ। ପ୍ରକୃତିର ବିଧିବିଧାନ ବା ନୀତିନିୟମକୁ ପାଳନ କରିବାର ନିଷ୍ଠା ଓ ଆନ୍ତରିକତା ଯେତେଦିନ ଯାଏ ମଣିଷ ଭିତରେ ସୃଷ୍ଟି ନ ହୋଇଛି, ସେତେଦିନ ଯାଏ ମଣିଷକୁ ଏମିତି ପ୍ରକୃତିର ଦଣ୍ଡ ଭୋଗିବାକୁ ହେଉଥିବ। ଅନ୍ୟପକ୍ଷେ ମଣିଷର ବ୍ୟକ୍ତିଗତ ଓ ପାରିବାରିକ ସର୍ବୋପରି ସାମାଜିକ ଜୀବନକୁ ସରସ, ସୁନ୍ଦର, ଶୃଙ୍ଖଳିତ କରିବା ଲାଗି ମୁନିଋଷି ଓ ମହାପୁରୁଷଗଣ ଅନେକ ବିଧିବିଧାନ ପ୍ରଣୟନ କରିଯାଇଛନ୍ତି। ବେଦ ବେଦାନ୍ତ, କର୍ମକାଣ୍ଡ, ପୁରାଣଶାସ୍ତ୍ର ଓ କାବ୍ୟକବିତା ପୁସ୍ତକାଦିରେ ସେମାନେ ଉକ୍ତ ବିଧିବିଧାନ ସମ୍ପର୍କରେ ଉଲ୍ଲେଖ କରିଯାଇଛନ୍ତି। ହେଲେ ସେସବୁ ଆଜି ମଣିଷ ପାଇଁ ନିରର୍ଥକ ଓ ଅଦରକାରୀ ସାବ୍ୟସ୍ତ ହୋଇଛି।

ଆଜି ଯେତେ ସବୁ ଧାର୍ମିକ ଅନୁଷ୍ଠାନ, ଓଷାବ୍ରତ, ଯାଗଯଜ୍ଞ, ଦେବଦେବୀ ପୂଜା ଓ ବିବାହବ୍ରତାଦିମାନ ପାଳନ କରାଯାଉଛି ସେସବୁରେ ନିଷ୍ଠା, ଭକ୍ତି ଓ ବିଶ୍ୱାସ ଅପେକ୍ଷା ତାମସିକତାର ଭାବ ବାରିହୋଇ ପଡୁଛି। ଆଗ୍ରହ ନାହିଁ କି ଆନ୍ତରିକତା ନାହିଁ। କେବଳ ବିଧିରକ୍ଷା ଲାଗି ମଣିଷ ଯେମିତି ଏସବୁ ନିହାତି ବାଧବାଧକତାରେ କରୁଛି। ବେଦ, କର୍ମକାଣ୍ଡ ଓ ପୁରାଣ ଶାସ୍ତ୍ରାଦିରେ ଉଲ୍ଲିଖିତ ନୀତିନିୟମକୁ ଉପେକ୍ଷା କରିବାର କୁପରିଣାମ ମଣିଷକୁ ଭୋଗିବାକୁ ପଡୁଛି, ଏକଥା ମଣିଷର ଚେତନାକୁ ଆସୁନାହିଁ।



ଆମ ସାମାଜିକ ଜୀବନକୁ ଶୃଙ୍ଖଳିତ, ସଂସ୍କାରିତ ଓ ସୁରକ୍ଷିତ କରିବା ଲାଗି ସରକାରୀ ସ୍ତରରେ ବିଭିନ୍ନ ବିଧିବିଧାନ ବା ନୀତିନିୟମମାନ ପ୍ରଣୟନ କରାଯାଇଛି। ତେବେ ଏହି ନୀତିନିୟମଗୁଡ଼ିକ ନାମକୁମାତ୍ର କାର୍ଯ୍ୟକାରୀ ହେଉଛି। ସରକାରୀ ବିଧିବିଧାନ ବା ନୀତିନିୟମକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା ବିଭିନ୍ନ ବିଭାଗର ଅଧିକାରୀମାନେ କେବଳ ବିଧିରକ୍ଷାରେ ସେମାନଙ୍କ କର୍ତ୍ତବ୍ୟ ଶେଷ କରୁଛନ୍ତି। ଆଜିକାଲି ଆମ ସମାଜରେ ଦେଖାଯାଉଥିବା ବିଭିନ୍ନ ସମସ୍ୟାର ନିରାକରଣ ନେଇ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାକୁ ବହୁ ଅର୍ଥ ଖର୍ଚ୍ଚ କରାଯାଉଛି। ହେଲେ ବାସ୍ତବରେ ଏଥିରୁ କୌଣସି ସୁଫଳ ମିଳୁନି। ସେହିପରି ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବାକୁ ସରକାରୀ ବାବୁମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି। ହେଲେ ବାବୁମାନେ ଅଫିସ ପରିସରରେ ବ୍ୟାନର ଟାଙ୍ଗି ଆଉ ଫଟୋ ଉଠାଇ ସେମାନଙ୍କ କର୍ତ୍ତବ୍ୟ ସମାପନ କରୁଛନ୍ତି। ଠିକ୍ ସେମିତି ଲୋକଙ୍କ ଅସୁବିଧା ଓ ଅଭିଯୋଗ ଶୁଣିବାକୁ ବ୍ଲକ ଓ ଜିଲାସ୍ତରର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି। ହେଲେ ସେସବୁ କେବଳ ବିଧିରକ୍ଷାରେ ସୀମିତ ରହୁଥିବାରୁ ବର୍ଷ ବର୍ଷ ଧରି ଅପେକ୍ଷା ପରେ ଲୋକଙ୍କ ସମସ୍ୟାର ସମାଧାନ ହୋଇପାରୁନି। ସ୍କୁଲ, କଲେଜ ଆଦି ଶିକ୍ଷାନୁଷ୍ଠାନମାନଙ୍କରେ ମହାପୁରୁଷଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସଠାରୁ ଆରମ୍ଭ କରି ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଦିବସ ପାଳନ ସର୍ବୋପରି ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ବଳିତ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମଗୁଡ଼ିକ ପାଳନ ବି କେବଳ ବିଧିରକ୍ଷାରେ ସୀମିତ ରହୁଛି। ଛାତ୍ରୀଛାତ୍ରମାନେ ଏସବୁ ବିଷୟରେ କିଛି ଜାଣିବାର ସୁଯୋଗ ପାଉନାହାନ୍ତି। ବିଧିବିଧାନ ବା ନୀତିନିୟମକୁ ବେଖାତିର କରିବା ଆଜିକାଲି ଆମ ସମସ୍ତଙ୍କର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି ଯେମିତି। ଏହାର ଗୁରୁତ୍ୱ ଓ ଉପକାରିତାକୁ ଉଭୟ ପଦାଧିକାରୀ ଓ ସାଧାରଣ ଲୋକେ ହୃଦୟଙ୍ଗମ କରିବା ପରିବର୍ତ୍ତେ କେବଳ ବିଧିରକ୍ଷାରେ ନିଜକୁ ସୀମିତ ରଖି ନିଜର ଦୂରଦୃଷ୍ଟିହୀନତା ଓ ଅପରିଣାମଦର୍ଶିତାର ପରିଚୟ ଦେବା ଉଚିତ ନୁହେଁ। ତା' ନ ହେଲେ ଦୈନନ୍ଦିନ ଜୀବନରେ ଆମକୁ ଏମିତି ବିଭିନ୍ନ ସାମାଜିକ ବିପର୍ଯ୍ୟୟର ସାମ୍ନା କରିବାକୁ ପଡିବ।

**ଶଂଖିଡ଼ା, ତିହିଡି, ଭଦ୍ରକ**
**ମୋ: ୯୯୩୭୫୬୫୫୨୭**

## ଏଇ ଭାରତରେ

ଜଳ ପ୍ରଦୂଷଣ ଓ ସଙ୍କଟକୁ ଲକ୍ଷ୍ୟ କରି ତାହାର ସମାଧାନ ପାଇଁ ଆଗକୁ ବଢ଼ିଛନ୍ତି ଉତ୍ତରପ୍ରଦେଶ ବୁନ୍ଦେଲଖଣ୍ଡର ରାମବାବୁ ତିୱାରୀ। ସେ ଜଣେ ପିଏଚ୍‌ଡି ଛାତ୍ର। ସେ ନିଜ ଗାଁ ଅଧିବାନର ଲୋକଙ୍କ ସହାୟତାରେ ପୋଖରୀ ପୁନରୁଦ୍ଧାର କରିବାରେ ଲାଗିଛନ୍ତି। ଏବେ ସୁଦ୍ଧା ସେମାନେ ବୁନ୍ଦେଲଖଣ୍ଡର ୭୫ଟି ପୋଖରୀର ପୁନରୁଦ୍ଧାର କରିସାରିଲେଣି। ଅନେକ ପୋଖରୀରୁ ପଙ୍କ ବାହାର କରି ତାହାର ପାଣିକୁ ବ୍ୟବହାର ଉପଯୋଗୀ କରିପାରିଛନ୍ତି। ରାମବାବୁ ଏହି କାର୍ଯ୍ୟ ୧୭ ବର୍ଷ ବୟସରୁ ଆରମ୍ଭ କରିଥିଲେ। ସେ ସେତେବେଳେ ଦ୍ୱାଦଶ ଶ୍ରେଣୀରେ ପଢୁଥିଲେ ଓ ସେ ବୁନ୍ଦେଲଖଣ୍ଡର ଜଳ ସଙ୍କଟ ଦୂର କରିବା ଲାଗି ନିଷ୍ପତ୍ତି ନେଇ ନିଜ ଗାଁ ପୋଖରୀ ପୁନରୁଦ୍ଧାରରୁ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ଏହା ତାଙ୍କ କ୍ୟାରିୟର ଓ ଜୀବନର ଗତିପଥରେ ମୁଖ୍ୟ ବିଷୟ ହୋଇଯିବ ବୋଲି ସେ କେବେ ବି କଳ୍ପନା କରି ନଥିଲେ। ଏବେ ତାଙ୍କୁ ୩୦ ବର୍ଷ। ଏହି କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ମନ କି ବାତ୍‌ରେ ପ୍ରଶଂସା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୯ ଜୁଲାଇ ୧୯୭୫

- ବାଲେଶ୍ୱର ଜିଲାର ଧାମରାଠାରେ ଏକ ମାଛଧରା ବନ୍ଦର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଶାସନିକ ମଞ୍ଜୁରୀ ମିଳିଛି।
- ସୁପ୍ରିମ୍‌କୋର୍ଟରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଅପିଲ ସଂକ୍ରାନ୍ତ ସମସ୍ତ ଦଲିଲ ଓ କାଗଜପତ୍ର ଦାଖଲ।
- ଆର୍ଜେଣ୍ଟିନାର ରାଷ୍ଟ୍ରପତି ମାରିଆ ପିଅରନ ଶ୍ରମିକମାନଙ୍କ ମଞ୍ଜୁରି ଦାବିକୁ ଗ୍ରହଣ କରିନେବା ପରେ ଶ୍ରମିକ ଧର୍ମଘଟ ପ୍ରତ୍ୟାହୃତ।

## ଚିରନ୍ତନୀ

ଗାଏ ତା'ର ଯଶ କବି, ସେ ଯେ ନିତ୍ୟ
ମୁକ୍ତିର ବନ୍ଧନ
ଏକ ସଙ୍ଗେ ଅପରର ମୁକ୍ତି ତହିଁ ପରମ
ସାଧନ।
ଏହି ଚକ୍ରବାକର ଦମ୍ପତି-
ନାହିଁ ତହିଁ ସ୍ୱାର୍ଥ ଆଶା ଦୁଇ ଲୋଡ଼େ
ଦୁଇର ମୁକତି।
-(ଚକ୍ରବାକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜନଔଷଧି କେନ୍ଦ୍ରରୁ ମୁହଁ ଫେରାଉଛନ୍ତି ରୋଗୀ

ମହାଶୟ,

ଗରିବ ଲୋକଙ୍କୁ ସୁଲଭ ମୂଲ୍ୟରେ ଉନ୍ନତମାନର ଔଷଧ ଯୋଗାଇଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟମରେ ୨୦୦୮ରେ ଜନଔଷଧି କେନ୍ଦ୍ର ଖୋଲାଯାଇଥିଲା। ହେଲେ ରୋଗୀଙ୍କ ଚାହିଦା ମୁତାବକ ଔଷଧ କେନ୍ଦ୍ରରେ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏବେ ନିରାମୟ ଯୋଜନାରେ ରୋଗୀଙ୍କୁ ସମସ୍ତ ପ୍ରକାର ଔଷଧ ମାଗଣାରେ ଯୋଗାଇ ଦିଆଯାଉଛି। କିନ୍ତୁ ଜନଔଷଧି କେନ୍ଦ୍ରକୁ ଆଉ ବେଶି ରୋଗୀ ଯାଉନାହାନ୍ତ, ଯଦିଓ ଅନ୍ୟ ଔଷଧ ଦୋକାନ ଭଳି ଏଠାରେ ସବୁ ପ୍ରକାର ଔଷଧ ମିଳିଥାଏ। ଖାଲି ସେତିକି ନୁହେଁ, ମୂଲ୍ୟ ଓ ମାନକୁ ଦେଖିଲେ ବାହାର ଔଷଧ ଅପେକ୍ଷା ଏହା ଉନ୍ନତ ଓ ଦାମ ମଧ୍ୟ କମ୍। କିନ୍ତୁ ଆଜି ବି ଅନେକ ଲୋକ ଏହି ମେଡିସିନ ବାବଦରେ ଜାଣନ୍ତି ନାହିଁ। ଯେଉଁ ଲୋକମାନେ ଜାଣିଛନ୍ତି ସେଥିମଧ୍ୟରୁ କେତେଜଣ ଲୋକଙ୍କର ଏଥିପ୍ରତି ବିଶ୍ୱାସ ନାହିଁ। ଯେଉଁ ଲକ୍ଷ୍ୟ ନେଇ ଏହି କେନ୍ଦ୍ର ଖୋଲାଯାଇଥିଲା ବିଭିନ୍ନ ସମସ୍ୟା ନେଇ ଲୋକଙ୍କ ଏହା ଆସ୍ଥାଭାଜନ ହୋଇପାରୁନାହିଁ। ପ୍ରଥମେ ୨୪ ଘଣ୍ଟିଆ ସେବା ଯୋଗାଇଦେବା ନିୟମ ଥିବାବେଳେ ଏବେ କର୍ମଚାରୀ ସମସ୍ୟା ଏହାର ପ୍ରମୁଖ କାରଣ ପାଲଟିଛି। ଫଳରେ କେନ୍ଦ୍ରଟି ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ଯାଏ ଖୋଲା ରହୁଛି। ଔଷଧ ବାବଦରେ ପେମେଣ୍ଟ ଠିକ୍ ସମୟରେ ହୋଇପାରୁନାହିଁ। ତେଣୁ ମେଡିସିନ ଯୋଗାଇଦେବାରେ ବିଳମ୍ବ ହେଉଛି। ରୋଗୀଙ୍କ ଆବଶ୍ୟକ ଅନୁଯାୟୀ ଔଷଧ ମିଳୁ ନ ଥିବାରୁ ଅନେକ ସମୟରେ ଲୋକମାନେ ଖାଲି ହାତରେ ଫେରୁଛନ୍ତି। ଯଦି ସମସ୍ତ ପ୍ରକାର ଔଷଧ ଠିକ୍ ସମୟରେ ଅଧିକ ପରିମାଣରେ ଯୋଗାଇ ଦିଆଯାଇପାରନ୍ତା ବହୁ ଲୋକ ଉପକୃତ ହୋଇପାରନ୍ତେ।

**-ଶ୍ୟାମସୁନ୍ଦର ସାମଲ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଖାତିର କରୁନାହାନ୍ତି ବିଦ୍ୟୁତ୍ ବିଭାଗ

**ରସୁଲପୁର,୮।୭(ରଞ୍ଜିତ ରାଉତ):**

ଯାଜପୁର ଜିଲା କୁଆଖିଆ ବିଦ୍ୟୁତ ଡିଭିଜନ ଅଧୀନରେ ବିଦ୍ୟୁତ ସରବରାହରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି । ବିଦ୍ୟୁତ୍ ଯୋଗାଣ, ମରାମତି ଓ ବିଲ୍ ଆଦାୟ ଦାୟିତ୍ୱ ଘରୋଇ କମ୍ପାନୀ ଟାଟା ପାୱର ହାତକୁ ଚାଲିଯିବାପରେ ଏହି ସେବାରେ ନାନା ତ୍ରୁଟି ସାମନାକୁ ଆସିଛି ବୋଲି ବିଦ୍ୟୁତ୍ ଉପଭୋକ୍ତମାନେ କହୁଛନ୍ତି। ଟାଟା ପାୱାରର ମନମାନି ଯୋଗୁ ଉପଭୋକ୍ତାମାନଙ୍କୁ ନିରନ୍ତର ବିଦ୍ୟୁତ ସେବା ମିଳିପାରୁ ନାହିଁ । ଏହାର ପ୍ରମାଣ ପ୍ରତିଦିନ ଜନସାଧାରଣଙ୍କୁ ମିଳୁଥିବା ବିଦ୍ୟୁତ ସେବା ଗୁଣବତ୍ତାରୁ ମିଳି ପାରୁଛି। ଅଘୋଷିତ ବିଦ୍ୟୁତ କାଟକୁ ଲକ୍ଷ୍ୟ କରି ଏଭଳି କୁହାଯାଉଛି । ଏମିତି କି ବିଦ୍ୟୁତ କମ୍ପାନୀ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅନୁପାଳନ କରିବାରେ ବିଫଳ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗ୍ରାମାଞ୍ଚଳରେ ବହୁ ଘଣ୍ଟା ଧରି ବିଦ୍ୟୁତ୍ ସେବା ଉପଲବ୍ଧ ନ ହେବା ଘଟଣାରୁ ତାହା ପ୍ରମାଣିତ କରିଛି। ନିରନ୍ତର ବିଦ୍ୟୁତ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

ସୂଚନାଯୋଗ୍ୟ, ଶ୍ରୀଗୁଣ୍ଡିଚାରେ ବିଦ୍ୟୁତ କାଟ୍ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ । ବିଦ୍ୟୁତ ବିଭାଗର ମନମୁଖି କାର୍ଯ୍ୟ ଯୋଗୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କେବଳ ପାଣିର ଗାର ହୋଇଛି। ଟାଟ ପାୱାର କମ୍ପାନୀ ରାଜ୍ୟ ମୁଖିଆଙ୍କ ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହୋଇଛି। ସାମାନ୍ୟ ବର୍ଷା ପବନରେ ବହୁ ଘଣ୍ଟା ଧରି ବିଜୁଳି କାଟ୍ ହେଉଥିବା ଲକ୍ଷ୍ୟ କରାଯାଉଛି । ମରାମତି ଆଳରେ ବିଦ୍ୟୁତ ସଂଯୋଗକୁ ବାରମ୍ବାର ଛିନ୍ନ କରାଯାଉଛି। ସେହିଭଳି ବିଦ୍ୟୁତ ସେବା ପ୍ରଦାନରେ ଉପଭୋକ୍ତାମାନଙ୍କୁ ବିଜୁଳି ଆଲୁଅ ତ ମିଳୁନାହିଁ, ଉପରେ ବିଜୁଳି ବିଲ୍ ଚାପ ବଢୁଥିବା ଲକ୍ଷ୍ୟ କରାଯାଉଛି। ବାରମ୍ବାର ବିଜୁଳି କାଟ୍ ଯୋଗୁ ବିଦ୍ୟୁତ ମିଟରରେ ବିଲ୍ ପରିମାଣ ବଢି ଯାଉଛି। ବିନା ବିଜୁଳିରେ ଲୋକମାନଙ୍କୁ ଅଧିକ ବିଲ୍ ପୈଠ କରିବାକୁ ପଡୁଛି । ଏହାଛଡା କେତେକ ସ୍ଥାନରେ ତଥା ରଥ ଦାଣ୍ଡ ଉପରେ ବିଜୁଳି ତାର ଯାଇଥିବାରୁ ରଥ ଟଣା ଯିବା ସମୟରେ ବିଜୁଳି ସଂଯୋଗକୁ ବିଛିନ୍ନ କରିବାକୁ ପଡୁଛି। ଏହା କେବଳ ନିର୍ଦ୍ଦିଷ୍ଟ ସ୍ଥାନ ପାଇଁ କରା ନ ଯାଇ ଜାଣି ଶୁଣି ଏକାଧିକ ଅଞ୍ଚଳରେ ବିଜୁଳି ସେବାରେ ବ୍ୟାଘାତ ସୃଷ୍ଟି କରାଯାଉଛି। ଶକ୍ତି ସଂରକ୍ଷଣ ଓ ଗ୍ରାହକମାନଙ୍କ ଠାରୁ ଅଧିକ ବିଜୁଳି ବିଲ୍ ଆଦାୟ କରିବା ଅଭିସନ୍ଧି ରଖି କମ୍ପାନୀ ପକ୍ଷରୁ ଏଭଳି କରାଯାଉଛି ବୋଲି ଅଭିଯୋଗ ହେଉଛି। ଟାଟା ପାୱାର କମ୍ପାନୀ ଦାୟିତ୍ୱ ନେବା ପରଠାରୁ ବିଦ୍ୟୁତ ଭିତ୍ତିଭୂମୀରେ ସେତେଟା ସୁଧାର ଆସି ପାରି ନ ଥିବା ବେଳେ ବିଜୁଳି ବିଲ୍ ବାବଦରେ ଅନେକ କୋଟି ଟଙ୍କା ରାଜସ୍ୱ ଆଦାୟ ହେଉଛି । ବିଲ୍ ପ୍ରଦାନରେ ସମାନ୍ୟ ବିଳମ୍ବ ଓ ତ୍ରୁଟି ବିଚ୍ୟୁତ ପରିଲକ୍ଷିତ ହେଲେ କମ୍ପାନୀ ପକ୍ଷରୁ ଗ୍ରାହକମାନଙ୍କ ଘରକୁ ବିଦ୍ୟୁତ ସଂଯୋଗ ବିଛିନ୍ନ କରିବା, ଜରିମାନା ଆଦାୟ କରିବା ଭଳି ଅନେକ ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ବିଦ୍ୟୁତ ସେବା ପ୍ରଦାନରେ ବିଫଳତାକୁ ନେଇ ଦାୟୀ ରହୁଥିବା କର୍ମଚାରୀମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଜନସାଧାରଣ ଅଭିଯୋଗ କରୁଛନ୍ତି । କମ୍ପାନୀ ଓ ତା ଅଧିନରେ କାର୍ଯ୍ୟରତ କର୍ମଚାରୀଙ୍କ ଏଭଳି ମନମୁଖି କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଉଛି। ନିରନ୍ତର ବିଜୁଳି ସେବା ଯୋଗାଇବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି । ଏ ଦିଗରେ ବିଭାଗ ପକ୍ଷରୁ ବିଦ୍ୟୁତ ଭିତ୍ତିଭୂମି ମରାମତି ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ସହ ଯୋଗାଯୋଗ କରାଯାଇଥିଲା । ୩୩କେ.ଭି ବିଦ୍ୟୁତ୍ ବ୍ୟବସ୍ଥାରେ ବିଭ୍ରାଟ ହେବା ସହ ଘଡଘଡି, ବିଜୁଳିକୁ ଲକ୍ଷ୍ୟ ରଖି ଲାଇନ କଟାଯାଉଛି। ବର୍ଷା ପବନ ଯୋଗୁ ଶଙ୍ଖରେ ପାଣି ପଶିଯିବାରୁ ବିଦ୍ୟୁତ୍ ଟ୍ରିପ୍ କରି ଯାଉଛି ବୋଲି ମତବ୍ୟକ୍ତ କରିଛନ୍ତି ।

# ରଥଯାତ୍ରାରେ ଦାରୁ ବଗିଚା



ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦାରୁ ଦିଅଁଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

**ଧର୍ମଶାଳା, ୮ । ୭ (ବଟକୃଷ୍ଣ ପରିଡା ):**

## ୧୦୮ ନିମ୍ବ ଚାରା ରୋପଣ

ପବିତ୍ର ରଥଯାତ୍ରା ଅବସରରେ ଯାଜପୁର ସଚେତନ ନାଗରିକ ମଞ୍ଚ ପକ୍ଷରୁ ମହାପ୍ରଭୁଙ୍କ ପାଇଁ ଦାରୁ ବଗିଚା ଉଦ୍ଦେଶ୍ୟରେ ନିମ ଚାରା ରୋପଣ କରାଯାଇଛି । ଜିଲ୍ଲା ଧର୍ମଶାଳା ବ୍ଲକ ପଟୁଣିଆ ପଂଚାୟତର ଶଙ୍ଖ ଗ୍ରାମରେ ମଂଚର ସଦସ୍ୟମାନେ ଜଗତର ନାଥ ଜଗନ୍ନାଥଙ୍କୁ ସ୍ମରଣ କରି ୧୦୮ ନିମ୍ବ ଚାରା ରୋପଣ କରିଛନ୍ତି । ଐତିହ୍ୟ ସମ୍ପନ୍ନ ଶଙ୍ଖ ଗ୍ରାମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ନିମ୍ବ ଚାରା ଗୁଡିକୁ ରଖାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସଂକୀର୍ତ୍ତନ ସହ ପାରମ୍ପରିକ ରୀତିରେ ବୃକ୍ଷ ଦେବତାଙ୍କୁ ପୂଜା କରାଯାଇଥିଲା। ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନୀରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା। ପରେ ଦାରୁ ବଗିଚା କରିବା ଉଦ୍ଦେଶ୍ୟରେ ୧୦୮ନିମ୍ବ ଚାରା ରୋପଣ କରାଯାଇଥିଲା। ମଞ୍ଚର ଆବାହକ ସରୋଜକାନ୍ତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାର ରଂଜନ କର ଯୋଗଦେଇ ଚାରା ରୋପଣର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଗରିକ ମଂଚର କର୍ମକର୍ତା ଓ ଗ୍ରାମବାସୀ ସାମିଲ ହୋଇ ଚାରା ରୋପଣ କରିଥିଲେ। ଏଠାରେ ଦାରୁ ବଗିଚା ସୃଷ୍ଟି ହେବା ଫଳରେ ଜୀବଜଗତ ସବୁଜିମା ହେବା ସହ ମହାପ୍ରଭୁଙ୍କ ସେବାରେ ଲାଗି ପାରିବ ବୋଲି ମଂଚ ପକ୍ଷରୁ ସୂଚନା ଦିଆଯାଇଛି।

# ସୁକିନ୍ଦା ପ୍ରେସ କ୍ଲବ ପକ୍ଷରୁ ବଡ଼ଦାଣ୍ଡ ସଫେଇ

**କାଳିଆପାଣି,୮।୭(ଅସିତ ମହାନ୍ତ):**

ସୁକିନ୍ଦା ପ୍ରେସ କ୍ଲବ ପକ୍ଷରୁ ଖଣି ଅଞ୍ଚଳରେ ଅନୁଷ୍ଠିତ ଶ୍ରୀଗୁଣ୍ଡିଚା ରଥଯାତ୍ରା ପରେ ବଡ଼ଦାଣ୍ଡ ପଡିଥିବା ଅଳିଆ ଆବର୍ଜନାକୁ ସଫେଇ କରାଯାଇଛି । ସୂଚନା ଅନୁଯାୟୀ, ଯାଜପୁର ଜିଲାର ଖଣି ଅଞ୍ଚଳରେ ପ୍ରତିବର୍ଷ ପରି ଚଳିତ ବର୍ଷ ଶ୍ରୀ ଗୁଣ୍ଡିଚା ଯାତ୍ରା ରବିବାର ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ମନ୍ଦିରରୁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ବଜାର ଦେଇ ଯାଇଥିବା ବଡ଼ଦାଣ୍ଡରେ ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା। ଏଥିପାଇଁ ଦୋକାନ ବଜା ରେ ଭିଡ଼ ପରିଲକ୍ଷିତ ହୋଇଥିଲା । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାନୀୟ ଜଳ, ଦହି ପାଣି ସହ ପ୍ରସାଦ ବଣ୍ଟନ କରାଯାଇଥିଲା। ରଥ ଟଣା କାର୍ଯ୍ୟ ହେଉଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡ଼ି ରହିଥିଲା। ଏହାକୁ ଦେଖି ସୁକିନ୍ଦା ପ୍ରେସ୍‌କ୍ଲବ ସଭାପତି ତଥା ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସମ୍ପାଦକ ବିଶ୍ୱଜିତ୍ ନାୟକଙ୍କ ନେତୃତ୍ୱରେ ଖବରଦାତା ଅସିତ ମହାନ୍ତ, ଲମ୍ବୋଦର ଦଳବେହେରା , ସାମାଜିକ କର୍ମୀ ମନୋଜ ମହାନ୍ତ, ଦିଲୀପ କିଷାନ, ଭାଜପା ଯୁବ ନେତା ଦିଲୀପ ପାତ୍ର, କୁନାଲ ମହାନ୍ତ ଓ ସ୍ଥାନୀୟ ସାମାଜିକ କର୍ମୀମାନେ ସାମିଲ ହୋଇ ଥିଲେ ।



# ମାଉସୀ ମା' ଘରେ ପହଞ୍ଚିଲେ ଶ୍ରୀଜୀଉ



ଯାଜପୁର ମାଉସୀ ମା' ମନ୍ଦିର ସମ୍ମୁଖରେ ତିନି ରଥ ।

**ଯାଜପୁର ଟାଉନ,୮।୭**
**(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :**

- ଶାନ୍ତିଶୃଙ୍ଖଳା ସହ ଶେଷ ହେଲା ଯାଜପୁର ରଥଯାତ୍ରା
- ମହିଳାମାନେ ଟାଣିଲେ ସୁଭଦ୍ରାଙ୍କ ରଥ

ଯାଜପୁର ସହରର ଜଗନ୍ନାଥ ମନ୍ଦିର ବହୁ ପୁରାତନ ମନ୍ଦିର ଭାବେ ପରିଚିତ। ଏଠାରେ ଚତୁର୍ଦ୍ଧା ମୂରତିଙ୍କ ତିନି ରଥକୁ ସୁସଜ୍ଜିତ କରି ଟଣାଯାଇ ମାଉସୀ ମା' ମନ୍ଦିରକୁ ନିଆଯାଇଥାଏ। ରଥଯାତ୍ରା ଦିନ ମନ୍ଦିରରୁ ଚତୁର୍ଦ୍ଧା ମୁରତିଙ୍କୁ ରଥାରୁଢ଼ କରାଯାଇ ତହିଁ ପରଦିନ ରଥଟଣା କରାଯାଇଥାଏ। ଚଳିତ ବର୍ଷ ମହିଳାମାନେ ସୁଭଦ୍ରା ରଥକୁ ଟାଣି ମାଉସୀ ମା ମନ୍ଦିରରେ ପହଞ୍ଚାଇଛନ୍ତି। ସୋମବାର ପୂର୍ବାହ୍ନରେ ବହୁ ଶ୍ରଦ୍ଧାଳୁ ଏହି ରଥ ଟଣାରେ ସାମିଲ ହୋଇଥିଲେ। ପ୍ରାତଃ ସମୟରୁ ରଥରେ ମଙ୍ଗଳା ଆଳତୀ କରାଯାଇ ରୀତିନୀତି ଅନୁସାରେ ପୂଜାବିଧି କାର୍ଯ୍ୟ ପରେ ରଥ ଟଣା ଆରମ୍ଭ ହୋଇଥିଲା। ଏହି ରଥ ଟଣାରେ ରାଧେ ରାଧେ ସଂଘ, ସତ୍ୟସାଇ ସେବାସଂଘ ଓ ବୈଦ୍ୟରାଜପୁର ଘଣ୍ଟବାଦକ , ଅନ୍ୱେଷଣ ଥିଏଟରର ସଭ୍ୟ/ସଭ୍ୟାମାନେ ଯୋଗଦେଇ କୀର୍ତ୍ତନ, ଭଜନ ଓ ଘଣ୍ଟବାଦ୍ୟ ପରିବେଷଣ କରିଥିଲେ । ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତାଙ୍କ ନେତୃତ୍ୱରେ ବହୁ ମହିଳା ଓ କାଉନସିଲରମାନେ ଯୋଗଦେଇ ମା' ସୁଭଦ୍ରା ରଥଙ୍କୁ ମାଉସୀ ମା'ମନ୍ଦିରରେ ପହଞ୍ଚାଇଥିଲେ। ଯାଜପୁର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ସନ୍ଧ୍ୟାରେ ଚତୁର୍ଦ୍ଧା ମୁରତି ସ୍ଥାନୀୟ ସଦାବ୍ରତ ମଠ ମାଉସୀ ମା' ମନ୍ଦିରକୁ ପହଣ୍ଡି କରି ନିଆଯାଇଥିଲା। ୮ ଦିନ ଧରି ମାଉସି ମା ମନ୍ଦିରରେ ଚତୁର୍ଦ୍ଧା ମୁରତି ରହୁଥିବାବେଳେ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାର କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି।

# ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗ, ଥାନାରେ ମାମଲା

**ଧର୍ମଶାଳା, ୮ । ୭ (ବଟକୃଷ୍ଣ ପରିଡା):**

ଧର୍ମଶାଳା ଥାନା ଅନ୍ତର୍ଗତ କୁମାରୀ ପଞ୍ଚାୟତ ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ନାବାଳିକା ଛାତ୍ରୀଙ୍କୁ ଏହି ଥାନା ଚହଟା ଗ୍ରାମର ଜଣେ ଯୁବକ ନିର୍ଯାତନା ଦେଉଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ଚହଟା ଗ୍ରାମର ତାପସ ସ୍ୱାଇଁ ନାବାଳିକାଙ୍କୁ ବାଟରେ ହାବୁଡି ହାଇରାଣ ହରକତ କରିବା ସହ ତାକୁ ମାଡ ମାରିଥିବା ଅଭିଯୋଗ ହୋଇଛି । ବିଭିନ୍ନ ଛକ ବଜାରରେ ଯୁବକ ଜଣକ ନାବାଳିକାଙ୍କ ପିଛା କରି ତାକୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ତାଙ୍କ ମାଆ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ପୋଲିସ ଏକ ମାମଲା(ନଂ. ୫୫୧/୨୪) ରୁଜୁ କରି ଘଟଣାର ତଦନ୍ତ କରୁଥିବା ବେଳେ ଅଭିଯୁକ୍ତ ଜଣକ ଫେରାର ଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି । ତେବେ ଗତ ଜୁନ ମାସ ୨୩ ତାରିଖରେ ଅଭିଯୋଗ ହୋଇଥିଲେ ହେଁ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ନାବାଳିକାଙ୍କ ମାଆ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଓ ଯାଜପୁର ଏସ୍‌ପିଙ୍କୁ ଭେଟି ଏସମ୍ପର୍କରେ ଅବଗତ କରିଥିବା କହିଛନ୍ତି।

# ମୁରାରୀପୁର ଗାଁ ରାସ୍ତାରେ ଜମୁଛି ବର୍ଷାଜଳ

**ଜେନାପୁର,୮।୭(ଅଶୋକ ଦାସ):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ମୁରାରିପୁର ଗ୍ରାମ ମୁଖ୍ୟ ରାସ୍ତାରେ ବର୍ଷା ପାଣି ଜମି ରହୁଛି। ଅନାବଶ୍ୟକ ଜଳ ନିଷ୍କାସିତ ହେବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଗ୍ରାମବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଗ୍ରାମର ଲୋକମାନେ ଯାତାୟତ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ଏବେ ବର୍ଷାଋତୁ ହୋଇଥିବାରୁ ଅସରାଏ ବର୍ଷାରେ ଉକ୍ତ ରାସ୍ତାରେ ୧ ଫୁଟ ଉଚ୍ଚର ପାଣି ଜମି ରହୁଛି । ରାସ୍ତା ପାର୍ଶ୍ୱରେ ନାଳ ନ ଥିବାରୁ ବିଭିନ୍ନ ଅଞ୍ଚଳରେ ଜମି ରହୁଥିବା ପାଣି କୃତିମ ହ୍ରଦର ଭ୍ରମ ସୃଷ୍ଟି କରିଛି । ସେହିପରି ବହୁଦିନ ବର୍ଷାଜଳ ଜମି ରହିବା ଦ୍ୱାରା ମଶା, ମାଛିଙ୍କ ବଂଶ ବୃଦ୍ଧିରେ ସହାୟକ ହୋଇଛି । ଏଥିପାଇଁ ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଥି ପ୍ରତି ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।



ରାସ୍ତା ଉପରେ ଜମି ରହିଥିବା ବର୍ଷାପାଣି ।

# ବୃକକ୍ ରୋଗରେ ଆକ୍ରାନ୍ତ ଯୁବକ ମୃତ

**ପାଣିକୋଇଲି,୮।୭(ବିକାଶ କୁମାର ମଲିକ)**

କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ଆମ୍ବଗଡିଆ ବ୍ରାହ୍ମଣ ଶାସନ ଗ୍ରାମର ବାସୁଦେବ ପଣ୍ଡା ଓରଫ ଶୁକୁଟା ନନା (୪୦) ବୃକକ୍ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ । ପେଷାରେ ବାସୁଦେବ ଜଣେ ଡ୍ରାଇଭର ଭାବେ କାମ କରୁଥିଲେ । ସୋମବାର ତାଙ୍କର ମୃତ୍ୟୁ ଘଟିଛି । ସୁକୁଟା ଜଣେ ମେଳାପି ସ୍ୱଭାବର ମଣିଷ ଥିଲେ । ପରୋପକାରୀ ଯୁବକ ଭାବେ ସେ ରୋଗୀମାନଙ୍କୁ ରାତିରେ ମେଡିକାଲ ନେବାରେ ସହଯୋଗ କରୁଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି ।

कोल इंडिया लिमिटेड
(एक महारत्न कंपनी)

Coal India Limited (CIL) has launched **NIRMAN (Noble Initiative for Rewarding Mains Aspirants of National Civil Service Examination)** scheme as part of its Corporate Social Responsibility activities to provide financial support of Rs. 1 lakh each to candidates hailing from its mining districts who qualify the preliminary round of Civil Service & Forest Service examination 2024 conducted by the Union Public Service Commission (UPSC).
For further details regarding the scheme including its Eligibility, Application Process etc., please visit the link **https://www.coalindia.in/departments/csr/**
CIL encourages eligible candidates to apply and take benefit of the scheme.

# ଘୋଷଯାତ୍ରା ପାଇଁ ବ୍ରହ୍ମବରଦା ଉତ୍ସବମୁଖର

**ବ୍ରହ୍ମବରଦା,୮।୭**
**( ଯଯାତି କେଶରୀ ବେହେରା):**

ରସୁଲପୁର ବ୍ଲକ ଅଧୀନ ବ୍ରହ୍ମବରଦା ପଞ୍ଚାୟତରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ବଡି ଭୋରରୁ ସେବାୟତ ମାନଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିରରେ ଦାରଫିଟା, ମଙ୍ଗଳ ଆଳତି, ସୂର୍ଯ୍ୟପ୍ରଭା, ଅବକାଶ ଓ ଆଜ୍ଞାମାଳ ଅଣାଯାଇ ରଥ ପ୍ରତିଷ୍ଠା କାର୍ଯ୍ୟ କରାଯାଇଥିଲା। ଏହାପରେ ଅପରାହ୍ନରେ ସେବାୟତମାନେ ପ୍ରଥମେ ସୁଦର୍ଶନ, ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି କରି ରଥାରୂଢ଼ କରିଥିଲେ। ଅପରାହ୍ନ ୪ଟାରେ ରଥଯାତ୍ରା ପୂଜା କମିଟିର ମୁଖ୍ୟ ସୁକାନ୍ତ ବିଶ୍ୱାଳ ଛେରା ପହଁରା କରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଭକ୍ତଙ୍କ ସମାଗମରେ ଘଣ୍ଟଘଣ୍ଟା, ହରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ଗାଁ ଦାଣ୍ଡ ବଡଦାଣ୍ଡ ପାଲଟିଯାଇଥିଲା। ଦୂରଦୂରାନ୍ତରୁ ଆସିଥିବା କଳାକାର ରଥ ସମ୍ମୁଖରେ ନୃତ୍ୟ ପରିବେଷଣ କରିଥିଲେ । ଗୋଟିପୁଅ ନୃତ୍ୟ ଓ ଘଣ୍ଟୁଆଙ୍କ ଘଣ୍ଟ ନାଦରେ ସମଗ୍ର ଅଞ୍ଚଳ ଜଗନ୍ନାଥ ମୟ ହୋଇଯାଇଥିଲା। ଭକ୍ତମାନେ ଭାବବିହ୍ୱଳ ହୋଇ ଶ୍ରଦ୍ଧା ଓ ଭକ୍ତି ସହକାରେ ରଥକୁ ଟାଣି ଟାଣି ବ୍ରହ୍ମବରଦା ହାଟସ୍ଥିତ ମାଉସୀମା ମନ୍ଦିର (ଦୂର୍ଗା ମଣ୍ଡପ) ନିକଟରେ ବିଜେ କରାଇଥିଲେ। ବ୍ରହ୍ମବରଦା ଥାନା ପୋଲିସ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା କ୍ଷେତ୍ରରେ ସହଯୋଗ କରିଥିଲେ।



ବ୍ରହ୍ମବରଦାରେ ରଥାରୂଢ଼ ଶ୍ରୀଜୀଉ।

# ସାହିତ୍ୟ ସୃଜନୀ ପ୍ରଶିକ୍ଷଣ ଶିବିର



ସାହିତ୍ୟ ସୃଜନୀ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ବୃନ୍ଦ ।

**ରସୁଲପୁର,୮।୭(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ସରକାରୀ ୫-ଟି ରୂପାନ୍ତରିକରଣ ବିଦ୍ୟାଳୟରେ 'ସାହିତ୍ୟ ସୃଜନୀ' ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଆକାଂକ୍ଷା ପାଠ୍ୟକ୍ରମ ଯୋଜନା ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କ ବହୁମୁଖି ପ୍ରତିଭାର ବିକାଶ ପାଇଁ ଏଭଳି ପଦକ୍ଷେପ ନିଆଯାଉଛି । ଏହି ଯୋଜନା ମାଧ୍ୟମରେ ପିଲାମାନଙ୍କ ଭାଷା ସାହିତ୍ୟରେ ଜ୍ଞାନ ବୃଦ୍ଧି, ଓଡିଆ ଅସ୍ମିତା ସମ୍ପର୍କରେ ପିଲାମାନଙ୍କ ଜ୍ଞାନ ଆହରଣ ଉପରେ ଗୁରୁତ୍ୱ, ସୃଜନଶୀଳ ଭାବର ଅଭିବୃଦ୍ଧି ଘଟାଇବା ପ୍ରଶିକ୍ଷଣ ଶିବିରର ପ୍ରମୁଖ ଉଦ୍ଦେଶ୍ୟ ରହିଛି । ଏ ସମ୍ପର୍କରେ ପ୍ରତ୍ୟେକ ବିଦ୍ୟାଳୟରେ ଓଡିଶା ଭାଷା ସାହିତ୍ୟ ବିଷୟର ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ଶିବିରାର୍ଥୀମାନେ ପ୍ରଶିକ୍ଷଣ ନେଇ ବିଦ୍ୟାର୍ଥୀମାନଙ୍କୁ ପାଠପଢା ମାଧ୍ୟମରେ ପିଲାମାନଙ୍କ ସାହିତ୍ୟ ସୃଜନଶୀଳତାକୁ ବୃଦ୍ଧି ଘଟାଇବେ ବୋଲି କୁହାଯାଉଛି । ଏହି ଉଦ୍ଦେଶ୍ୟରେ ଏଠାରେ ଆୟୋଜିତ ୩ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ଶିବିରରେ ବିଭିନ୍ନ ବିଦ୍ୟାଳୟରୁ ୪୧ଜଣ ଶିକ୍ଷୟିତ୍ରୀ/ଶିକ୍ଷକ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନନ୍ଦ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ରାଜ୍ୟସ୍ତରୀୟ ପ୍ରଶିକ୍ଷିକା ସଂଯୁକ୍ତା ମହାପାତ୍ର ଯୋଗଦେଇ ଯୋଜନାର ସଫଳରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଶିକ୍ଷକ ତଥା ସମ୍ବଳ ଅଧିକାରୀ ପ୍ରତାପ ଚନ୍ଦ୍ର ପାତ୍ର ଓ ସୁଶାନ୍ତ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କର ଆନ୍ତରିକତା, ଜ୍ଞାନଆହରଣ କରିବାର ଇଚ୍ଛାଶକ୍ତି, ପିଲାମାନଙ୍କୁ ପ୍ରଶିକ୍ଷଣ ଦେବାର ଆଗ୍ରହ ଉପରେ ଯୋଜନା ସଫଳତା ନିର୍ଭର କରୁଛି ବୋଲି ମତ ଦେଇଥିଲେ । ଏହି କ୍ରମରେ ଶିବିରାର୍ଥୀ ସାହିତ୍ୟ ସୃଜନୀ ସଂପର୍କିତ ବିଭିନ୍ନ ଦିଗ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଉତ ଶିବିରର ସଫଳତା କାମନା କରିବା ସହ ପ୍ରଶିକ୍ଷକ, ଶିବିରାର୍ଥୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରକାଶଥାଉ କି ଆକାଂକ୍ଷା ଯୋଜନା ଜରିଆରେ ସାହିତ୍ୟ ସୃଜନୀ ଛଡା କ୍ରୀଡାଙ୍ଗନ, ଜିଜ୍ଞାସା, କୌଶଳୀ ଭଳି ୪ ବିଷୟରେ ଶିକ୍ଷୟିତ୍ର ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଜିଜ୍ଞାସା ବିଷୟରେ ବିଜ୍ଞାନ ଶିକ୍ଷକ, କ୍ରୀଡାଙ୍ଗନା ବିଷୟରେ କ୍ରୀଡା ଶିକ୍ଷକ, କୌଶଳୀ ବିଷୟରେ କମ୍ପୁଟର ଜ୍ଞାନକୌଶଳରେ ଦକ୍ଷ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏ ସବୁ ବିଷୟରେ ପିଲାମାନଙ୍କର ଦକ୍ଷତା ବଢାଇବା ପାଇଁ ବିଦ୍ୟାଳୟସ୍ତରରୁ ପ୍ରୟାସ କରାଯାଉଛି ବୋଲି ସୂଚନା ଦିଆଯାଇଛି।

झारखण्ड़ सरकार
क्षेत्र सर्वेक्षण प्रमण्डल, अग्रिम योजना, पथ निर्माण विभाग, दुमका।

अति–अल्पकालीन ई–प्रोक्योरमेंट सूचना

ई–निविदा प्रसंग सं0 :–RCD/FSD /AP/ DUM/02/2024-24 दिनांकः 08.07.2024

| | | |
|---|---|---|
| 1. | कार्य का नाम | Consultancy Services for Preparation of Detailed Project Report (DPR) for Construction of High Level Bridge over unbridge gap at chainage 1.315th Km of Link road of Mohanpur (Jaipur More) to Agriculture college upto Bihar Border road at Deoghar District in the state of Jharkhand including its approaches, Land acquisition proposal with ownership details, Resettlement and Rehabilitation proposal forest diversion proposal including clearance of all stages etc as required if any |
| 2. | अनुमानित लंबाई (मीटर) | (A ) 120 मी० |
| 3. | कार्य समाप्ति की अवधि | 45 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 09.07.2024, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 15.07.2024, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 16.07.2024, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं0 | 0651–2401010 |

अतिरिक्त जानकारी के लिए वेबसाईट पर देखें :–http://jharkhandtenders.gov.in

कार्यपालक अभियंता,
क्षेत्र सर्वेक्षण प्रमण्डल, अग्रिम योजना,
पथ निर्माण विभाग, दुमका।

PR 328944 (Road) 24-25 (D)

## ସଂକ୍ଷେପରେ

### ଦେବୀନଦୀରୁ ଯୁବକଙ୍କ ମୃତଦେହ ଠାବ

ବାଲିକୁଦା, ୮।୭(ତାପସ ସ୍ୱାଇଁ)

ଦେବୀ ଦେବୀନଦୀରୁ ସୋମବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ଠାବ କରାଯାଇଛି । ତାଙ୍କ ପରିଚୟ ମିଳିପାରିନାହିଁ। ଏକ ବାଇକ ସେହି ନଦୀପଠାରୁ ମଧ୍ୟ ମିଳିଛି । ବାଇକଟି ସେହି ଯୁବକଙ୍କର ବୋଲି ଅନୁମାନ କରାଯାଉଛି । ଖବରପାଇ ବାଲିକୁଦା ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ଜଣଙ୍କ ମୃତଦେହ ଜବତ କରି ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିଛି। ଏହାପରେ ବାଲିକୁଦା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ନଦୀରେ ଜୁଆର ଥିବା ସମୟରେ ଯୁବକଟି ବୁଡ଼ି ଯାଇଥିବା ବେଳେ ଭଟ୍ଟା ସମୟରେ ପାଣି ଛାଡ଼ିଯିବାରୁ ଭାସିଯାଇ ନଦୀ ପଠାରେ ଲାଗିଥିବା ଅନୁମାନ କରାଯାଉଛି। ବାଲିକୁଦା ପୋଲିସ ଏନେଇଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ମା' କୋଚଲାଇଙ୍କ ମନ୍ଦିର ରତ୍ନମୁଦ ଉତ୍ସବ

ବାଲିକୁଦା, ୮।୭(ତାପସ ସ୍ୱାଇଁ)

ଅନନ୍ତପୁର ପଞ୍ଚାୟତର ମାଳଗଡ଼ସ୍ଥିତ ମା' କୋଚଲାଇ ଠାକୁରାଣୀଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ସମାପନ ହୋଇଯାଇଛି । ଗ୍ରାମବାସୀଙ୍କ ଉଦ୍ୟମ ଓ ସହଯୋଗରେ ମା'ଙ୍କ ଏହି ମନ୍ଦିର ନିର୍ମାଣ କରାଯାଇଥିଲା । ରତ୍ନମୁଦ ଉତ୍ସବ ସମେତ ମନ୍ଦିରର ମୁଖଶାଳା ନିର୍ମାଣ କାର୍ଯ୍ୟ ମଧ୍ୟ ସମାପନ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ହରିନାମ ସଂକୀର୍ତ୍ତନ ସମେତ ପ୍ରସାଦ ସେବନରେ ମାଳଗଡ଼ ଗ୍ରାମ ସମେତ ଆଖପାଖ ଗାଁର ଲୋକେ ସାମିଲ ହୋଇଥିଲେ । ଉକ୍ତ ଉତ୍ସବରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ଏନେଇ ଆୟୋଜିତ ଯଜ୍ଞରେ କର୍ତ୍ତାକର୍ତ୍ତ୍ରୀ ଭାବେ ଭାଗିରଥି ସାହୁ ଓ ସ୍ତ୍ରୀ ସଂଘମିତ୍ରା ସାହୁ ଦାୟିତ୍ୱ ବହନ କରିଥିଲେ । ମନ୍ଦିର ପୂଜକ ହରି ନନା ମା'ଙ୍କ ପୂଜାବିଧିରେ ସାମିଲ ହୋଇଥିଲେକ୍। ପଣ୍ଡିତ ମଣ୍ଡଳୀର ବେଦ ମନ୍ତ୍ରରେ ଯଜ୍ଞରେ ଆହୁତି ପ୍ରଦାନ କରାଯାଇଥିଲା ।

### ଯୁବ ସାମାଜିକ କର୍ମୀଙ୍କ ପରଲୋକ

ନାଉଗାଁ,୮।୭(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣା ପଞ୍ଚାୟତ ମଧୁପୁର ଗ୍ରାମର ଯୁବ ସାମାଜିକ କର୍ମୀ ପ୍ରମୋଦ ପରିଡ଼ାଙ୍କ ପରଲୋକ ଘଟିଛି। ତାଙ୍କୁ ୫୦ ବର୍ଷ ହୋଇଥିଲା । ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ପ୍ରମୋଦ ରାତିରେ ଖାଇସାରି ଶୋଇବାକୁ ଯିବା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରମୋଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଘରେ ତାଙ୍କର ବିଧବା ସ୍ତ୍ରୀଙ୍କ ସମେତ ଗୋଟିଏ ପୁଅ ଓ ଝିଅ ଅଛନ୍ତି। ସେ ସ୍ଥାନୀୟ ଅଞ୍ଚଳର ବହୁ ଅନୁଷ୍ଠାନ ସହ ଜଡିତ ରହିଥିବା ବେଳେ ଗରିବ ଓ ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ କରିଥା'ନ୍ତି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରମୋଦଙ୍କ ଅକାଳ ବିୟୋଗରେ ବିଧାୟକ ଅମରେନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ସୁଶାନ୍ତ ମଲିକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ୮ ଶ୍ରେଣୀକୁ ୩ ଶିକ୍ଷକ: ଶିକ୍ଷକ ନିଯୁକ୍ତି ପାଇଁ ଦାବି

## ବିଦ୍ୟାଳୟରେ ପଢୁଛନ୍ତି ୯୫ ଛାତ୍ରୀଛାତ୍ର

ଏରସମା,୮।୭(ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଭିତର ଅନ୍ଧାରୀ ପଞ୍ଚାୟତସ୍ଥିତ ପୋତକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ ଶ୍ରେଣୀରେ ୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପାଠ ପଢ଼ାଉଛନ୍ତି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଧିକ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଏହି ସରକାରୀ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୯୫ ଜଣ ଛାତ୍ରୀଛାତ୍ର ପାଠ ପଢନ୍ତି। ବିଶେଷକରି ଷଷ୍ଠରେ ୧୫, ସପ୍ତମରେ ୧୫ ଓ ଅଷ୍ଟମ ଶ୍ରେଣୀରେ ୧୩ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସେଠାରେ ପ୍ରଧାନ ଶିକ୍ଷକଙ୍କ ସହ ଜଣେ ଗଣଶିକ୍ଷୟିତ୍ରୀ ଓ ଜଣେ ସହକାରୀ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। ୮ଟି ଶ୍ରେଣୀକୁ ୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ କିପରି ପାଠ ପଢ଼ାଉଥିବେ ତାହା ସହଜରେ ଅନୁମେୟ। ଅପରପକ୍ଷେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଭିନ୍ନ ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ୨ଜଣ ଶିକ୍ଷୟିତ୍ରୀ ପାଠ ପଢ଼ାଇବେ। କୌଣସି କାରଣରୁ ଜଣେ ଛୁଟିରେ ରହିଲେ, ସେଦିନ ୮ଟି ଶ୍ରେଣୀର ପିଲାମାନଙ୍କୁ ପାଠ ପଢ଼ାଇବା ତ ଦୂରର କଥା, ସେମାନଙ୍କୁ ନିୟନ୍ତ୍ରଣ କରିବା ମଧ୍ୟ ସମ୍ଭବ ନୁହେଁ ବୋଲି ମତ ପ୍ରକାଶ ପାଇଛି। ଏପରିସ୍ଥିତିରେ ସରକାରୀ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗ୍ରାମବାସୀ ଆଙ୍ଗୁଠି ଉଠାଇଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବ କୁମାର ଦଳାଇଙ୍କୁ ପଚାରିବାରୁ ମୁଁ ସମସ୍ୟା ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଛି। ଗତ ୩ ତାରିଖରେ ମଧ୍ୟ ଜଣାଇଛି ବୋଲି କହିଥିଲେ। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଗୋପବନ୍ଧୁ ନାୟକଙ୍କୁ ପଚାରିବାରୁ କାର୍ଯ୍ୟାଳୟକୁ ଯାଇ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନେବି ବୋଲି କହିଥିଲେ। ତେବେ ତୁରନ୍ତ ଶିକ୍ଷକ ନିଯୁକ୍ତି ନ କଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ପୋତକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

# ଓପନ କରାଟେ ଚାମ୍ପିୟନଶିପ: ପାରାଦୀପ ଛାତ୍ରୀଙ୍କୁ ୨ ପଦକ





ପାରାଦୀପ,୮।୭(ଶରତ ରାଉତ)

କଟକ ଜବହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓପନ ଟସ୍‌କଫି ସଟ୍‌କନ କରାଟେ ଚାମ୍ପିୟନଶିପରେ ପାରାଦୀପର ଛାତ୍ରୀ ହର୍ଷିତା ହିରନ୍ମୟୀଙ୍କୁ ୨ଟି ପଦକ ମିଳିଛି। ସେ ୭ରୁ ୮ ବର୍ଷ ବର୍ଗରେ ହୋଇଥିବା କାଟା ମ୍ୟାଚରେ ରୌପ୍ୟ ଓ କୁମିତେ ମ୍ୟାଚରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ହର୍ଷିତାଙ୍କ ଏହି ସଫଳତା ପାଇଁ କରାଟେ ଆସୋସିଏଶନ, ସ୍କୁଲ କର୍ତ୍ତୃପକ୍ଷମାନେ ଶୁଭେଚ୍ଛା ଜଣାଇଛନ୍ତି।

# ବର୍ଷେ ପରେବି ଜରିମାନା ଦେଉନାହାନ୍ତି ଅଧିକାରୀ

## ପ୍ରକଳ୍ପ କାର୍ଯ୍ୟ ଠିକ୍ ଭାବେ ନ ହୋଇ ବିଲ୍ ଦିଆଯାଇଥିବା ଅଭିଯୋଗ

ନାଉଗାଁ,୮।୭(ସୁଧା ବେହୁରା)

ନାଉଗାଁ ବ୍ଲକର ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନାରେ) ଦୁର୍ନିତି ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ଯୁଗ୍ମ ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀମାନଙ୍କ ଠାରୁ ଜୋରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାକୁ ବର୍ଷେ ବିତିଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ଜରିମାନା ଦେଇଥିବା ସୂଚନା ଅଧିକାରୀ ଆଇନ୍ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ୧ ଜୁଲାଇ ୨୦୨୪ରେ ପ୍ରଦାନ କରାଯାଇଥିବା ଏହି ତଥ୍ୟ ଅନୁସାରେ, ବ୍ଲକର ଘୋଡାଂଶ ପଞ୍ଚାୟତର ମୁଗେଇ ଠାକୁରାଣୀ ମନ୍ଦିର ନିକଟସ୍ଥ ପାଠାଗାର ହଲ ନିକଟରେ ମାଟି ପୋତେଇ, ମୁଗେଇ ଶ୍ମଶାନର ଚତୁଃପାର୍ଶ୍ୱ ମାଟି ପୋତେଇ, ଓ ଡପଏଙ୍ଗା ଶ୍ମଶାନର ଚତୁଃପାର୍ଶ୍ୱରେ ମାଟି ପୋତେଇ ପ୍ରକଳ୍ପ କାର୍ଯ୍ୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କରାଯାଇଥିଲା। ଏହି ପ୍ରକଳ୍ପ ଗୁଡିକରେ ଯେତିକି ମାଟି ପଡ଼ିବା କଥା, ସେତିକି ପଡ଼ି ନ ଥିଲା। ଠିକ୍ ଭାବେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ନହୋଇ ବିଲ କରାଯାଇଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାକୁ ଭିତି କରି ତଦନ୍ତ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା।

ଯୁଗ୍ମ ତଦନ୍ତକାରି ଭାବେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଘୋଡାଂଶ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ, ଓଷକଣା ପଞ୍ଚାୟତର କନିଷ୍ଠଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ତଦନ୍ତକୁ ଭିତ୍ତି କରି ବ୍ଲକ କାର୍ଯ୍ୟାଳୟ ପତ୍ର ନଂ.୧୮୪୫/୮।୬।୨୦୨୩ରେ ଘୋଡାଂଶ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ମନସ୍ମିତା ମିଶ୍ର, ଜିଆରଏସ୍ ଜଗନ୍ନାଥ ପ୍ରଧାନ, ତତ୍କାଳୀନ ଭାରପ୍ରାପ୍ତ ଏପିଓ କୁମାର ଗୌରବ ନନ୍ଦ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହାୟକ ସୁଶୀଲ କୁମାର ସାହୁଙ୍କୁ ୯୫ ହଜାର ୭୪୩ ଟଙ୍କା ଲେଖାଏ ଜୋରିମାନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଅଧିକାର ଆଇନ୍ ଜରିଆରେ ଜଣାପଡ଼ିଛି।

ଏହି ନିର୍ଦ୍ଦେଶକୁ ଇତିମଧ୍ୟରେ ଏକ ବର୍ଷ ବିତିଯାଇଥିବା ବେଳେ ଜୁନ ୨୦୨୪ରେ ପୂର୍ବତନ ଜିଆର୍‌ଏସ ଜଗନ୍ନାଥ ପ୍ରଧାନ ଜରିମାନା ଅର୍ଥ ପୈଠ କରିଛନ୍ତି। ତେବେ ଅନ୍ୟ ୩ ଜଣ ଏପର୍ଯ୍ୟନ୍ତ ଏହି ଅର୍ଥ ପ୍ରଦାନ କରି ନ ଥିବା ଜଣାଯାଇଛି। କେବଳ ଘୋଡାଂଶ ପଞ୍ଚାୟତରେ ନୁହେଁ ବ୍ଲକର ଅଧିକାଂଶ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଠିକ୍ ଭାବେ କାର୍ଯ୍ୟ କରା ନ ଯାଇ ବିଲ୍ ଦିଆଯାଇଛି। ଏହାକୁ ତଦନ୍ତ କଲେ ବହୁ ତଥ୍ୟ ପଦାକୁ ଆସିବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଏ ବିଷୟରେ ବିଡିଓ ତପନ ମହାପାତ୍ରଙ୍କ ସହ ମୋବାଇଲ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ନ ଉଠାଇବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

# କଳାକାର ଭତ୍ତା ମାସିକ ୫ ହଜାର କରିବା ପାଇଁ ଦାବି

କୁଜଙ୍ଗ,୮।୭(ମନୋଜ ପ୍ରଧାନ)

କଳା ପରିବେଷଣ କରି ପେଟ ପୋଷୁଥିବା ଗ୍ରାମାଞ୍ଚଳ କଳାକାରଙ୍କୁ ମିଳୁଥିବା ସରକାରୀ ସାହାଯ୍ୟ ଅତ୍ୟନ୍ତ ନଗନ୍ୟ। ଏହି ଭତ୍ତା ୫ ହଜାର ଟଙ୍କାକୁ ବୃଦ୍ଧି କରିବାକୁ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବଙ୍କ ନିକଟରେ ସୋମବାର ଦାବି କରିଛନ୍ତି। ସେ କହିଛନ୍ତି, ସରକାରୀ ସାହାଯ୍ୟ ଉପରେ ନିର୍ଭରଶୀଳ ରାଜ୍ୟର ଗ୍ରାମାଞ୍ଚଳ କଳାକାରମାନଙ୍କୁ ପୂର୍ବରୁ ଭତ୍ତା ବାବଦରେ ୧୨୦୦ ଟଙ୍କା ମିଳୁଥିବାବେଳେ ଗତ ସାଧାରଣ ନିର୍ବାଚନ ସମୟରେ ଏହାକୁ ବୃଦ୍ଧି କରାଯାଇ ୨୦୦୦ ଟଙ୍କା ଲେଖାଏଁ ଦେବାକୁ ଘୋଷଣା କରାଯାଇଥିଲା। ମାତ୍ର ଜଣେ କଳାକାର ପରିବାର ପ୍ରତିପୋଷଣ ପାଇଁ ଏହା ଯଥେଷ୍ଟ ନୁହେଁ। ସାରାଜୀବନ ଜଣେ ଗ୍ରାମୀଣ କଳାକାର ଲୋକ କଳା ପରିବେଷଣ କରି ସଂସ୍କୃତି ସମୃଦ୍ଧିରେ ସହାୟକ ହୋଇଆସିଥିବାବେଳେ ବୟସର ଅପରାହ୍ନରେ ଶାରୀରିକ ଅସମର୍ଥ ଯୋଗୁ ପେଟ ପାଇଁ ବାରଦ୍ୱାର ହେବାକୁ ପଡେ। ଏପରି ସ୍ଥଳେ ସରକାରୀ ସାହାଯ୍ୟ ବିନା ତା'ର ଅନ୍ୟ ଗତି ନାହିଁ। ଚଳିତ ବର୍ଷ ନୂତନ ସରକାର ଭତ୍ତା ବୃଦ୍ଧି ପାଇଁ ଚିନ୍ତା କରୁଥିବାବେଳେ କେବଳ ବାର୍ଦ୍ଧକ୍ୟ, ବିଧବା,ଦିବ୍ୟାଙ୍ଗ ଓ ସ୍ୱାମୀ ପରିତ୍ୟକ୍ତା ପରି କେତେଜଣ ନିର୍ଦ୍ଦିଷ୍ଟ ବର୍ଗର ହିତାଧିକାରୀଙ୍କୁ ୩ ହଜାର ଟଙ୍କା ଲେଖାଏଁ ଦେବା ପାଇଁ ଘୋଷଣା କରିଥିବା ବେଳେ କଳାକାରମାନଙ୍କ ଭତ୍ତା ବୃଦ୍ଧି ସମ୍ପର୍କରେ କୌଣସି ସୂଚନା ଦିଆ ନ ଯିବା ଦୁଃଖର ବିଷୟ ବୋଲି ତରାଇ କହିଛନ୍ତି। ଏନେଇ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ସ୍ୱର୍ଗତ ବିଜୟ ପାଲଟାସିଂହଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

ରଘୁନାଥପୁର,୮।୭(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ଅନ୍ତର୍ଗତ ସାଳିଜଙ୍ଗାସ୍ଥିତ ଶିରିଡ଼ି ସାଇ ସେବା ପ୍ରତିଷ୍ଠାନ ମୁଖ୍ୟ ଟ୍ରଷ୍ଟି ସ୍ୱର୍ଗତ ବିଜୟ ପାଲଟାସିଂହଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାବାଜି ଦିବାକର ଦାସ ମହାରାଜ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ଉପଲକ୍ଷେ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା। ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ ଏହାକୁ ପରିଚାଳନା କରିଥିଲେ। ଏଥିରେ ପ୍ରାକ୍ତନ ଅଧ୍ୟାପକ ଭଗବାନ ବିଶ୍ୱାଳ, ସୁଶ୍ରୀ ଗୀତା ରଥ, ପ୍ରତିଷ୍ଠାନର ଟ୍ରଷ୍ଟି ନିରୁପମା ପାଲଟାସିଂହ, ସମ୍ପାଦକ ଇଂ. ବାବାଜି ଚରଣ ଜେନା ଓ କୋଷାଧ୍ୟକ୍ଷ ପାର୍ଥଶାଖା ପାଲଟାସିଂହ, ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ ଓ ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ପ୍ରାଣକୃଷ୍ଣ ନାୟକ ଏବଂ ଗଙ୍ଗାଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଟ୍ରଷ୍ଟି ସ୍ୱର୍ଗତ ପାଲଟାସିଂହଙ୍କ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏକ ପତ୍ରିକା ଉନ୍ମୋଚନ ହୋଇଥିଲା। ଶେଷରେ ସ୍ୱର୍ଗତ ପାଲଟାସିଂହଙ୍କ ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠାକୁ ପାଥେୟ କରି ଟ୍ରଷ୍ଟର କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଟ୍ରଷ୍ଟି ସଦସ୍ୟମାନେ ସଂକଳ୍ପବଦ୍ଧ ହୋଇଥିଲେ।

# ଚାରାରୋପଣ ପାଇଁ ଆଗେଇ ଆସିବାକୁ ଆହ୍ୱାନ



ଆମ୍ବେଡକର ସ୍ମୃତି ପରିଷଦର ସଦସ୍ୟମାନେ ଚାରାରୋପଣ କରୁଛନ୍ତି।

କୁଜଙ୍ଗ, ୮।୭(ମନୋଜ ପ୍ରଧାନ)

ଏରସମା ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମ୍ବେଦକର ସ୍ମୃତି ପରିଷଦ ତରଫରୁ ୭୫ ତମ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ସଙ୍ଗଠନ ସଭାପତି ବିପୁନି କୁମାର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବନମହୋତ୍ସବ ସପ୍ତାହ ଓ ଏହାର ଆବଶ୍ୟକତା ସମ୍ପର୍କରେ ସଚେତନ କରାଯିବା ସହ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା। ପରିବେଶ ସୁରକ୍ଷା ଏବଂ ଚାରାରୋପଣ ପାଇଁ ସମସ୍ତେ ଆଗେଇ ଆସିବା ଦରକାର ବୋଲି ସଙ୍ଗଠନର ସମ୍ପାଦକ ତଥା ଯୁବ ସଚ୍ଛୋସେବୀ ବବୁଲୁ ମଲ୍ଲିକ ଆହ୍ୱାନ ଦେଇଥିଲେ। ସେ ପରିବେଶ ସୁରକ୍ଷା ଜୀବନ ରକ୍ଷା ଓ ମା' ପାଇଁ ଗଛ ଟିଏ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଉପସଭାପତି ଫିରୋଜ ବେଉରା, ଅମିଲ ମଲ୍ଲିକ, ରୋଶନ ଦାସ, ମିଳନ, ଧନେଶ୍ୱର ଦଳାଇ, ବିକ୍ରମ ପ୍ରଧାନ, ନାଟ୍ୟ କଳାକାର ବିଚିତ୍ର ସାହାଣୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ପୁରାତନ ଛାତ୍ରଙ୍କ ପକ୍ଷରୁ ବନ ମହୋତ୍ସବ

ପଟ୍ଟାମୁଣ୍ଡାଇ,୮।୭ (କଳ୍ପତରୁ ନାୟକ)

ପ୍ରତିବର୍ଷ ଜୁଲାଇ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ୭୫ତମ ବନ ମହୋତ୍ସବ ପାଳିତ ହୁଏ। ଏହି ଅବସରରେ ରବିବାର ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ୧୯୯୩ ମସିହା ପୂର୍ବତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ମିଁଜାଉଣୀ ପଡିଆରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିଲା। ପୁରାତନ ଛାତ୍ର ଅନ୍ତର୍ଯ୍ୟାମୀ ବେଜଙ୍କ ସଂଯୋଜନାରେ ଛାତ୍ରୀଛାତ୍ର ବସନ୍ତନାୟକ, ଶୁଭଦୀପ ଗୁପ୍ତା, ଉପେନ୍ଦ୍ର ନାୟକ, ଜ୍ୟୋତ୍ରୀମୟ ତ୍ରିପାଠୀ, ମୃତ୍ୟୁଞ୍ଜୟ ପଣ୍ଡା, ନୃସିଂହ ସ୍ୱାଇଁ, ଚିତ୍ତରଞ୍ଜନ ସ୍ୱାଇଁ, ସର୍ବେଶ୍ୱର ସହୁ, ବସନ୍ତ ମଞ୍ଜରୀ ଦାଶ, ତପନ ପାତ୍ର, ବିକାଶ ମଜୁମଦାର, ରବିନାରାୟଣ ନାୟକ, ବନମାଳୀ ମହାପାତ୍ର, ସୁବାସ ସାହୁ, ତ୍ରିଲୋଚନ ନାୟକ, ବଶ୍ୱରଞ୍ଜନ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ୪୭ ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ।

# ମା'ତାରିଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ରାଜନଗର, ୮।୭(ଭାସ୍କର ରାଉତରାୟ)

ରାଜନଗର ଗାଁରେ ଥିବା ମା'ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ୬ ତାରିଖରେ ଅଙ୍କୁରାରୋପଣ, ୭ ତାରିଖରେ ମା'ଙ୍କର ଷୋଡଶ ଉପଚାର ପୂଜା ଓ ସୋମବାର ଜଳଯାତ୍ରା, ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରାଘବେଶ୍ୱର ଯାତ୍ରା କମିଟି ଓ ରାଜନଗର ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଠିକ୍ ୧୨ବର୍ଷ ତଳେ ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ରାଘବେଶ୍ୱର ଯାତ୍ରା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ମା'ତାରିଣୀଙ୍କ ମନ୍ଦିର ନିର୍ମାଣ କରାଯାଇ ପ୍ରତିଷ୍ଠା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମହେଶ୍ୱର ସେଠୀ, ଅନିରୁଦ୍ଧ ପରିଡା, ବିଭୂତି ଭୂଷଣ ନାୟକ, ସତ୍ୟବାନ ସେଠୀ, ଅଜୟ କୁମାର ନନ୍ଦି, ଅକ୍ଷୟ ମଳିକ, ଶ୍ୟାମ ସୁନ୍ଦର ସାହୁ, ବାସୁଦେବ ମଳିକ, ସୁଶିଳ ସେଠୀ, ରଶ୍ମୀ ରଞ୍ଜନ ପ୍ରଧାନ, ଶେତାମ୍ବର ମଳିକ, ଅନାଥ ପ୍ରଧାନ, ପବିତ୍ର କୁମାର ସେଠୀ, ରମେଶ ଚନ୍ଦ୍ର ଦାସ ପ୍ରମୁଖଙ୍କ ସମେତ ଯାତ୍ରା କମିଟିର ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

कोल इंडिया लिमिटेड
(एक महारत्न कंपनी)

Coal India Limited (CIL) has launched **NIRMAN (Noble Initiative for Rewarding Mains Aspirants of National Civil Service Examination)** scheme as part of its Corporate Social Responsibility activities to provide financial support of Rs. 1 lakh each to candidates hailing from its mining districts who qualify the preliminary round of Civil Service & Forest Service examination 2024 conducted by the Union Public Service Commission (UPSC).
For further details regarding the scheme including its Eligibility, Application Process etc., please visit the link **https://www.coalindia.in/departments/csr/**
CIL encourages eligible candidates to apply and take benefit of the scheme.

# ଚାକିରିରୁ ବହିଷ୍କୃତ ହେଲେ ଅଙ୍ଗନୱାଡ଼ି କର୍ମୀ

## ଜାଲ୍ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ନିଯୁକ୍ତି ପାଇଥିଲେ

ଜଗତ୍‌ସିଂହପୁର, ୮।୭ (ପ୍ରମୋଦ କୁମାର ନାୟକ)

୨୦୧୦ ମସିହାରେ ତିର୍ତ୍ତୋଲ ବ୍ଲକ ପୁଟିଙ୍ଗ ଗ୍ରାମ ଅଧୀନ ୪ନଂ. ୱାର୍ଡରେ ଅଙ୍ଗନୱାଡି କେନ୍ଦ୍ର-୨ ଖୋଲାଯାଇଥିଲା। କିନ୍ତୁ ଏହି କେନ୍ଦ୍ରରେ ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ବଳରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ହୋଇଥିବା ଅଭିଯୋଗ ହୋଇଥିଲା। ଏହା ଉପରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲା। ତଦନ୍ତ ରିପୋର୍ଟରେ ଜାଲ ଭିନ୍ନକ୍ଷମ ସାର୍ଟିଫିକେଟ ବଳରେ ଅଞ୍ଜନା ସ୍ୱାଇଁ ଅଙ୍ଗନୱାଡି କର୍ମୀ ନିଯୁକ୍ତି ପାଇଥିବା ଦର୍ଶାଯାଇ ତିର୍ତ୍ତୋଲ ଥାନାକୁ ଅବଗତ କରାଯାଇଥିଲା। କ୍ରାଇମବ୍ରାଞ୍ଚର ଆପରାଧିକ ତଦନ୍ତ ବିଭାଗ ଇନ୍ସପେକ୍ଟର ପ୍ରିୟଦର୍ଶିନୀ ଖଟୁଆଙ୍କ ରିପୋର୍ଟ ଆଧାରରେ ତିର୍ତ୍ତୋଲ ଥାନା ପକ୍ଷରୁ ଦଫା ୪୨୦/୪୬୮/୪୭୧ ଆଇପିସିରେ ମାମଲା ନଂ.୧୫୮/୪।୪।୨୩ ରୁଜୁ ସହ ତଦନ୍ତ ହୋଇଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ ରିପୋର୍ଟରେ ସତ୍ୟତା ଥିବାରୁ ଅଞ୍ଜନାଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ତିର୍ତ୍ତୋଲ ପୋଲିସ ପକ୍ଷରୁ ତିର୍ତ୍ତୋଲ ସିଡିପିଓଙ୍କୁ ୪।୧।୨୪ରେ ଅବଗତ କରାଯାଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ, କ୍ରାଇମବ୍ରାଞ୍ଚ ଓ ତିର୍ତ୍ତୋଲ ପୋଲିସ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଅସନ୍ତୋଷର କାରଣ ହୋଇଥିଲା। ଏ ସମ୍ପର୍କରେ ଗତ ଏପ୍ରିଲ ୨୮ ତାରିଖରେ ଧରିତ୍ରୀରେ ଖବର ପ୍ରସାରଣ ପରେ ପ୍ରଶାସନ ଚେଇଁ ଉଠିଛି। ବିଳମ୍ବରେ ହେଉ ବରଂ ସିଡିପିଓଙ୍କ ରିପୋର୍ଟ ଆଧାରରେ ଜଗତ୍‌ସିଂହପୁର ଉପଜିଲାପାଳ ପ୍ରଦୀପ ସାହୁ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ଅଞ୍ଜନାଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି।

ଯେଉଁମାନେ ମାଟ୍ରିକ ପାସ୍ ସହ ଉଚ୍ଚଶିକ୍ଷା ଲାଭ କରିଥିବେ ସେମାନଙ୍କୁ ଅଧିକ ୫ ପ୍ରତିଶତ, ଶାରୀରିକ ଭିନ୍ନକ୍ଷମଙ୍କ ପାଇଁ ଆଉ ୫% ନମ୍ବର ଦିଆଯିବା ଲାଗି ନିଯୁକ୍ତି ସମୟରେ ଘୋଷଣା ହୋଇଥିଲା। ଏହି ଆଧାରରେ ପୁଟିଙ୍ଗ ଗ୍ରାମର ଅନିତା ପରିଡ଼ା ମାଟ୍ରିକରେ ୫୯.୪୬%, ସ୍ନାତକରେ ଆଉ ୫% ସହ ସର୍ବମୋଟ ୬୪.୪୬% ମାର୍କ ପାଇଥିଲେ। ଯେହେତୁ ଅନିତା ସର୍ବୋଚ୍ଚ ନମ୍ବର ରଖିଥିଲେ ତେଣୁ ସେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ପାଇବା କଥା। କିନ୍ତୁ ଅନିତାଙ୍କ ପରିବର୍ତ୍ତେ ପୁଟିଙ୍ଗ ଗ୍ରାମର ଅଞ୍ଜନା ସ୍ୱାଇଁଙ୍କୁ ତତ୍କାଳୀନ ତିର୍ତ୍ତୋଲ ବ୍ଲକ ସିଡିପିଓ ଏହି ପଦବୀରେ ନିଯୁକ୍ତି ଦେଇଥିଲେ। ଏହି ନିଷ୍ପତ୍ତିକୁ ବିରୋଧ କରି ଅନିତା ପ୍ରଥମେ ଜଗତ୍‌ସିଂହପୁର ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟ ଓ ପରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ସଫଳ ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୨୧ରେ ଗୋପାଳପୁର ଗ୍ରାମ ପଞ୍ଚାୟତର କିଛି ଲୋକ ଏହି ପ୍ରସଙ୍ଗରେ ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଲାଭ ହୋଇ ନ ଥିଲା। ଶେଷରେ ପ୍ରଭାତ କୁମାର ସ୍ୱାଇଁ ଓ ଅନ୍ୟ ୧୦ଜଣ ବ୍ୟକ୍ତି ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ଏହାପରେ କୋର୍ଟରେ ସିଆର୍‌ଏଲ୍‌ଏମ୍‌ପି ନଂ. ୧୯୭୦/୨୧ ରୁଜୁ ସହ ୮ ସପ୍ତାହ ଭିତରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ପରବର୍ତ୍ତୀ ସମୟରେ ଭିଜିଲାନ୍ସ ଏହି ମାମଲାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲା। ୨୦୨୧ରେ କ୍ରାଇମବ୍ରାଞ୍ଚର ଏକ ଦଳ ତଦନ୍ତ କରି ୧୩।୬।୨୨ରେ ତଦନ୍ତ ରିପୋର୍ଟ ଦାଖଲ କରିଥିଲା। ଏଥିରେ ତିର୍ତ୍ତୋଲ ସିଡିପିଓଙ୍କ ପକ୍ଷରୁ ଅଙ୍ଗନୱାଡିକର୍ମୀ ଅଞ୍ଜନାଙ୍କ ଭିନ୍ନକ୍ଷମ ସାର୍ଟିଫିକେଟ୍ ଠିକ୍ ନୁହେଁ ବୋଲି ସ୍ପଷ୍ଟ କରାଯାଇଥିଲା। ତା'ପରେ କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ତିର୍ତ୍ତୋଲ ଭାରପ୍ରାପ୍ତ ଥାନା ଅଧିକାରୀଙ୍କୁ ଚିଠି ହୋଇଥିଲା। ୪।୧।୨୪ରେ ତିର୍ତ୍ତୋଲ ଥାନା ପକ୍ଷରୁ ମଧ୍ୟ ତିର୍ତ୍ତୋଲ ସିଡିପିଓଙ୍କୁ ଅଞ୍ଜନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ହୋଇଥିଲା। କିନ୍ତୁ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଏନେଇ ଅସନ୍ତୋଷ ବଢ଼ିବାରେ ଲାଗିଥିଲା। ଏ ସମ୍ପର୍କରେ ସିଡିପିଓ ମାଳତୀ ମାରାଣ୍ଡି ନିଜ ଉପରୁ ଦୋଷ ଛଡ଼ାଇ କହିଥିଲେ, ନୂଆକରି କାର୍ଯ୍ୟରେ ଯୋଗଦେଇଥିଲେ ସୁଦ୍ଧା ଅଧକ୍ଷ ତଥା ଉପଜିଲାପାଳ ପ୍ରଦୀପ ସାହୁଙ୍କୁ ଏହା ଉପରେ ଶୁଣାଣି କରି ନିଷ୍ପତ୍ତି ନେବାକୁ ଚିଠି କରିଛନ୍ତି। କିନ୍ତୁ ଉପଜିଲାପାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ନ ଦେଲେ ସେ କ'ଣ କରିପାରିବେ ବୋଲି ପାଲଟା ପ୍ରଶ୍ନ କରିଥିଲେ। କିନ୍ତୁ ଉପଜିଲାପାଳ ପ୍ରଦୀପ ତାଙ୍କ ପାଖରେ କୌଣସି ଚିଠି ନ ଥିବା କହି ନାଟକୀୟ ଢଙ୍ଗରେ ପ୍ରସଙ୍ଗକୁ ଭିନ୍ନ ମୋଡ଼ ଦେବାକୁ ଚେଷ୍ଟା କରିଥିଲେ। ଏଭଳି ସଙ୍ଗିନ ମାମଲା ଉପରେ ସିଡିପିଓ ଏବଂ ଉପଜିଲାପାଳଙ୍କ କଥାରେ ତାଳମେଳ ନ ରହିବାରୁ ସାଧାରଣରେ ବିସ୍ମୟ ସୃଷ୍ଟି କରିଥିଲା। ପରବର୍ତ୍ତୀ ସମୟରେ ଉପଜିଲାପାଳ କାର୍ଯ୍ୟାନୁଷ୍ଠାନ ନେବା ପରେ ମାମଲାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

झारखण्ड सरकार
क्षेत्र सर्वेक्षण प्रमण्डल, अग्रिम योजना, पथ निर्माण विभाग, दुमका।

अति–अल्पकालीन ई–प्रोक्योरमेंट सूचना

ई–निविदा प्रसंग सं0 :–RCD/FSD /AP/ DUM/02/2024-24 दिनांक: 08.07.2024

| | | |
|---|---|---|
| 1. | कार्य का नाम | Consultancy Services for Preparation of Detailed Project Report (DPR) for Construction of High Level Bridge over unbridge gap at chainage 1.315th Km of Link road of Mohanpur (Jaipur More) to Agriculture college upto Bihar Border road at Deoghar District in the state of Jharkhand including its approaches, Land acquisition proposal with ownership details, Resettlement and Rehabilitation proposal forest diversion proposal including clearance of all stages etc as required if any |
| 2. | अनुमानित लंबाई (मीटर) | (A ) 120 मी० |
| 3. | कार्य समाप्ति की अवधि | 45 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 09.07.2024, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 15.07.2024, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 16.07.2024, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं0 | 0651–2401010 |

अतिरिक्त जानकारी के लिए वेबसाईट पर देखें :–http://jharkhandtenders.gov.in

कार्यपालक अभियंता,
क्षेत्र सर्वेक्षण प्रमण्डल, अग्रिम योजना,
पथ निर्माण विभाग, दुमका।

PR 328944 (Road) 24-25 (D)

## ସଂକ୍ଷେପରେ

### ସାମାଜିକ ନାଟକ ମଞ୍ଚସ୍ଥ

ଆସିକା,୮।୭(ସୁରେନ୍ଦ୍ର ନାଥ ସାହୁ):

ପବିତ୍ର ଘୋଷଯାତ୍ରା ଉପଲକ୍ଷେ ଆସିକା ବ୍ଲକ ପାଣ୍ଡିଆପଥର ଗ୍ରାମର ମା କାଳୀ ଯୁବକ ସଂଘ ପକ୍ଷରୁ ରବିବାର ସନ୍ଧ୍ୟାରେ ସାମାଜିକ ନାଟକ 'ଏଠି ତୋର ଦୋଷ ନା ମୋର ଦୋଷ' ମଞ୍ଚସ୍ଥ ହୋଇଥିଲା । ବରିଷ୍ଠ ମଞ୍ଚ ନିର୍ଦ୍ଦେଶକ ତଥା ସରପଞ୍ଚ ଭବାନୀ ଶଙ୍କର ମଲ୍ଲିକଙ୍କ ନିର୍ଦ୍ଦେଶିତ ଏହି ନାଟକକୁ ପୂର୍ବତନ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଏହି ନାଟକକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମପି ପ୍ରମିଳା ବିଷୋୟୀ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଦିଲ୍ଲୀପ ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲ୍ଲିକ, ଜିଲ୍ଲାପରିଷଦ ସଦସ୍ୟ ମନୋଜ କୁମାର ଦୋରା, ବ୍ଲକ ଉପାଧ୍ୟକ୍ଷା ରେସମା ଦୋରା, ସରପଞ୍ଚ ବିଦ୍ୟାନ୍ତ ଚର୍ଚ୍ଚି, ଜୟନ୍ତୀ ବେହେରା, ନିଳାଞ୍ଚଳ ଗୌଡଙ୍କ ସମେତ ବିଭିନ୍ନ ପଞ୍ଚାୟତର ବହୁ ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ । ଏହି ଅବସରରେ ନାଟକର ନିର୍ଦ୍ଦେଶକ ମଲ୍ଲିକଙ୍କୁ ସମ୍ମାନିତ କରାଯାଇଥିଲା ।

### ମେରାପଲ୍ଲୀ ହାଇସ୍କୁଲ ପରିସରରେ ଚାରା ରୋପଣ

ମୋହନା,୮।୭(ମନ୍ମଥ ମିଶ୍ର)

ମୋହନା ବ୍ଲକ ଅନ୍ତର୍ଗତ ମେରାପଲ୍ଲୀ ହାଇସ୍କୁଲ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୋହନା ଖବରଦାତା ସଂଘ ସଭାପତି ଅଶ୍ୱିନୀ କୁମାର ପାତ୍ରଙ୍କ ସଭାପତିତ୍ୱରେ ମୋହନା ବନବିଭାଗ ସହାୟତାରେ ଆୟୋଜିତ 'ମା'ଙ୍କ ନାମରେ ଗୋଟିଏ ଗଛ' କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋହନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜିବ ଦାସ ଯୋଗ ଦେଇ ଚାରା ରୋପଣର ମହତ୍ତ୍ୱ ଉପରେ ବୁଝାଇଥିଲେ । ସମ୍ମାନୀତ ଅତିଥି ଭାବେ ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀନାରାୟଣ ବିଷୋୟୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଜୟ କୁମାର ପଣ୍ଡା, ମୋହନା ବାର ଆସୋସିଏଶନ ସଭାପତି ଆଇନଜିବୀ ସନ୍ତୋଷ କୁମାର ପାଢ଼ୀ, ସ୍ଥାନୀୟ ମେରାପଲ୍ଲୀ ସରପଞ୍ଚ ଗଜସୁନ୍ଦର ଜାନୀଙ୍କ ସମେତ ମେରାପଲ୍ଲୀ ଗ୍ରାମର ମାତୃ ମଣ୍ଡଳୀ ଓ ୱାର୍ଡ ସଭ୍ୟମାନେ ଯୋଗଦେଇ ୨୫ ଗୋଟି ବିଭିନ୍ନ ପ୍ରକାରର ଫଳନ୍ତି ଚାରାକୁ ବିଦ୍ୟାଳୟ ପରିସରରେ ରୋପଣ କରିଥିଲେ । ମୋହନା ସାମ୍ବାଦିକ ସଂଘର ସମ୍ପାଦକ ମିହିର ଯତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଉପସଭାପତି ମନ୍ମଥ ମିଶ୍ର, ସହ-ସମ୍ପାଦକ ପିଣ୍ଟୁ ପ୍ରଧାନ, କୋଷାଧ୍ୟକ୍ଷ ମୁକ୍ତିମଣ୍ଡପ ଦଣ୍ଡସେନା, ଖବରଦାତା ସୋନି ବେହେରା, ତ୍ରିପତି ରତ୍ନ ବିଷୋୟୀ, ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ଜିତେନ୍ଦ୍ର ବେହେରା ଓ ସାଙ୍ଗଠନିକ ସମ୍ପାଦକ ପ୍ରେମାନନ୍ଦ ପୁଜାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

### ବ୍ଲକ ସ୍ତରୀୟ ଏଫ୍‌ଏଲ୍‌ଏନ୍ ଶିକ୍ଷଣ ସାମଗ୍ରୀ କର୍ମଶାଳା

ବୁଗୁଡ଼ା,୮।୭(କାଳିଚରଣ ଦାଶ)- ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ଖରିଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଏଫ୍‌ଏଲ୍‌ଏନ୍ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ତ୍ରିଦିବସୀୟ କର୍ମଶାଳାରେ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର, ଏବିଇଓ ଅମିତା କୁମାରୀ ପାଢୀ, ପ୍ରଶିକ୍ଷିକା ଗାୟିତ୍ରୀ ସ୍ୱାଇଁ, ବାଲିପଦର ସିଆରସିସି ବିଶ୍ୱଜିତ୍ ପରିଡା, ମାଣିତରା କ୍ଲଷ୍ଟର ସିଆରସିସି ଶଶିକାନ୍ତ ପାତ୍ର, ତାଳସାକର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସିମାଞ୍ଚଳ ସେଠୀ, ଖରିଡା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପିତାମ୍ବର ଗୌଡ ପ୍ରମୁଖ ଯୋଗଦେଇ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଭିତ୍ତିକ ଶିକ୍ଷଣ ସାମଗ୍ରୀ କର୍ମଶାଳା ଆୟୋଜନର ଉଦ୍ଦେଶ୍ୟ ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କର୍ମଶାଳାରେ ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ୧୧ଟି କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୨୫ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷାର୍ଥୀ ଭାବେ ଅଂଶ ଗ୍ରହଣ କରିଥିଲେ ।

# ଆରମ୍ଭ ହେଉନି ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ

ଛତ୍ରପୁର,୮।୭(ସନ୍ତୋଷ ପାଢୀ):

ଗଞ୍ଜାମ ଜିଲା ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ଆରମ୍ଭରେ ବହୁ ବିଳମ୍ବ ଦେଖାଯାଇଛି । ପୁଇଁତଳା-ନାରାୟଣୀ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ପ୍ରସ୍ତାବିତ ପୁଇଁତଳା-ଗିରିସୋଲା ପର୍ଯ୍ୟନ୍ତ ରାସ୍ତା ସଂପ୍ରସାରଣ କାର୍ଯ୍ୟ ଆରମ୍ଭ ହେଉନି । ଜିଲା ଦେଇ ଯାଇଥିବା ଏନଏଚ. ୧୬ ସଂପ୍ରସାରଣ ବେଳେ ପୁଇଁତଳା-ଗିରିସୋଲା ପର୍ଯ୍ୟନ୍ତ ରାସ୍ତା ସଂପ୍ରସାରଣ କାର୍ଯ୍ୟକୁ ବାଦ୍ ଦିଆଯାଇଥିଲା । ବହୁବାର ଦାବି ପରେ ଏହାକୁ ସଂପ୍ରସାରଣ ପାଇଁ ଏନଏଚ୍ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ । ତେବେ ଏହା ଅନୁମୋଦନ ହେବାର ୨ ବର୍ଷ ପରେ ମଧ କାମ ଆରମ୍ଭ ହୋଇପାରିନାହିଁ । ଛତ୍ରପୁର ଡିଆରଡିଏ ଛକ, ଲାଞ୍ଜିପଲ୍ଲୀ ଓ ପୁକୁଡିବନ୍ଧ ଛକରେ ଫ୍ଲାଏଓଭର ଏବଂ କାଳିଆବାଲି, ହଳଦିଆପଦର ଛକ ଆଦି ସ୍ଥାନରେ ଅଣ୍ଡରପାସ୍ ନିର୍ମାଣ କରିବାକୁ ସ୍ଥିର ହୋଇଥିଲା । ମାତ୍ର ଏହାର ଟେଣ୍ଡର ହୋଇଥିବା କୁହାଯିବା ସହ ୨୦୨୩ ଶେଷ ସୁଦ୍ଧା ନିର୍ମାଣ ଆରମ୍ଭ ହେବ ବୋଲି ଏନଏଚ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ ହେଁ ଏହା କାର୍ଯ୍ୟକାରୀ ହୋଇପାରିନି । ୨୦୨୩ ଡିସେମ୍ବରରେ ତତ୍କାଳୀନ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଲୋକସଭାରେ ଏହି ପ୍ରସଙ୍ଗ ଉଠାଇବା ସହ କାର୍ଯ୍ୟ ଅହେତୁକ ବିଳମ୍ବ ନେଇ ଉଦବେଗ ପ୍ରକାଶ କରିଥିଲେ । ତତ୍କାଳୀନ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମଧ୍ୟ ଏହି ପ୍ରସଙ୍ଗ ନେଇ ବିଭିନ୍ନ ସମୟରେ ଦାବି ଉଠାଇବା ସହ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି । ଘରୋଇ ଜମି ଅଧିଗ୍ରହଣ ସମସ୍ୟା ଥିବା ଜଣାଯାଇଛି । ସଂପ୍ରସାରଣର ଆବଶ୍ୟକତା ରହିଛି । ଏନଏଚ୍ ସମ୍ପ୍ରସାରଣ ହେଉ ନ ଥିବାରୁ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଥିବା ଜିଲା ସଡକ ସୁରକ୍ଷା କମିଟି ବୈଠକ ଆଲୋଚନାରୁ ଜଣାପଡିଛି । ଏହି ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ୧୦ଟି ସ୍ଥାନକୁ ବ୍ଲାକ୍ ସ୍ପଟ୍ ଭାବେ ଚିହ୍ନଟ ମଧ୍ୟ କରାଯାଇଛି । ପୁଇଁତଳା-ନାରାୟଣୀ ଛକ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ସରିନି । ହୁମ୍ମା ଠାରେ ଜାତୀୟ ରାଜପଥ ପକ୍ଷରୁ ନିର୍ମାଣାଧିନ ଗଳା ଶଙ୍ଖ ନେଇ ଲାଗି ରହିଥିବା ବିବାଦ ତୁଟୁନି । ଫଳରେ ଉକ୍ତ କାମ ବନ୍ଦ ରହିଛି । ବାରମ୍ବାର ଦୁର୍ଘଟଣା ଘଟି ପ୍ରାଣହାନୀ ଘଟୁଛି । ଉକ୍ତ ସ୍ଥାନରେ କାମ ଅଧାପନ୍ତିରିଆ ହୋଇ ପଡି ରହିଥିବାରୁ ଟ୍ରାଫିକ୍ ସମସ୍ୟା ମଧ୍ୟ ଉପୁଜୁଛି ।

## ଆଡପ ମଣ୍ଡପକୁ ଗଲେ ତିନିଠାକୁର



ଶେରଗଡ,୮।୭(ସୂର୍ଯ୍ୟ ନାରାୟଣ ଦାଶ) ଶେରଗଡ ରଥଯାତ୍ରାର ଦ୍ୱିତୀୟ ଦିନ ସୋମବାର ରାଜା ସାହେବ ପୂର୍ଣ୍ଣ ଚନ୍ଦ୍ର ସିଂଦେଓ, ପ୍ରସନ୍ନ କୁମାର ସିଂଦେଓ ପହଞ୍ଚିବା ପରେ ରଥଟଣା ଆରମ୍ଭ ହୋଇଥିଲା । ରଥ ସନ୍ଧ୍ୟାରେ ଆଡପ ମନ୍ଦିର ନିକଟରେ ପହଞ୍ଚିବା ପରେ ଆଳତୀ କରାଯାଇ ଥିଲା । ହଜାର ହଜାର ଶ୍ରଦ୍ଧାଳୁ ଆଳତୀ ଦର୍ଶନ କରିଥିଲେ । ପରେ ରାତି ୮ଟା ବେଳେ ତିନିଠାକୁରଙ୍କୁ ଧାଡ଼ି ପହଣ୍ଡିରେ ଆଡପ ମଣ୍ଡପକୁ ନିଆଯାଇଥିଲା । ରାତିରେ ଆଡପ ମନ୍ଦିରରେ ଭୋଗ ହୋଇଛି । ମଙ୍ଗଳବାରଠାରୁ ଆଡପ ମନ୍ଦିରରେ ନିତ୍ୟାନି ଭୋଗ ହେବ ବୋଲି ମନ୍ଦିର ସୁତ୍ରରୁ ପ୍ରକାଶ ।

# ରଥଯାତ୍ରାରେ ସାନଖେମୁଣ୍ଡିରୁ ପୁରୀକୁ ଗଡ଼ିଲା ମୁଖ୍ୟମନ୍ତ୍ରୀ ବସ୍ ସେବା

ପାଟପୁର,୮।୭(ସିମାଞ୍ଚଳ ସାହୁ)

ରଥଯାତ୍ରା ଉପଲକ୍ଷେ ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକଠାରୁ ଶ୍ରୀଜଗନ୍ନାଥ ଧାମ ଶ୍ରୀକ୍ଷେତ୍ର ପୁରୀକୁ ମୁଖ୍ୟମନ୍ତ୍ରୀ ବସ୍ ସେବାର ଏକ ବସ୍ ଯାତ୍ରା କରିଛି । ମହିଳା ଏବଂ ବରିଷ୍ଠ ବୁଦ୍ଧିଜୀବୀଙ୍କ ନିମିତ୍ତ ଉଦ୍ଦିଷ୍ଟ ଏହି ଘୋଷଯାତ୍ରା ଦର୍ଶନ ପାଇଁ ନାମମାତ୍ର ବସ ଭଡ଼ାରେ ଏହା ଉପଲବ୍ଧ ହୋଇଥିବାରୁ ଏହା ଅଞ୍ଚଳବାସୀଙ୍କୁ ପ୍ରଭାବିତ କରୁଥିବା ଜଣାପଡିଛି । ଏହି କ୍ରମରେ ରବିବାର ପବିତ୍ର ରଥଯାତ୍ରାର ଦିନ ଧାର୍ଯ୍ୟ ଯାତ୍ରା ନିର୍ଘଣ୍ଟ ଅବସରରେ ସାନଖେମୁଣ୍ଡି ବିଡିଓ ଜୀତେନ୍ଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଘୁମୁସର ଜିଲା ଭାଜପା ସଭାପତି ବିଜୟ କୁମାର ସ୍ୱାଇଁ ଶୁଭଯାତ୍ରାକୁ ପୁରୀ ଅଭିମୁଖେ ଶୁଭ ଅନୁକୂଳ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ସୋମବାର ସାନଖେମୁଣ୍ଡିରୁ ମୁଖ୍ୟମନ୍ତ୍ରୀଙ୍କ ଏହି ସ୍ୱତନ୍ତ୍ର ବସ ସେବାର ମଧ୍ୟ ଶୁଭ ଅନୁକୂଳ କରିଥିଲେ । ଜବିକା ମିଶନ ସଂଯୋଜକ ନରେନ୍ଦ୍ର ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଭାଜପା ଯୁବ ସଙ୍ଗଠକ ଚିନ୍ମୟ ରେଡ୍ଡୀ, ମନୋରଞ୍ଜନ ସାହୁ, ଶିବ ଶଙ୍କର ପାଣିଗ୍ରାହୀ, ସୁନିଲ ପ୍ରଧାନ, ମିଶନ ଶକ୍ତି କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।



ମୁଖ୍ୟମନ୍ତ୍ରୀ ବସ ସେବା ଶୁଭାରମ୍ଭ କରୁଛନ୍ତି ଘୁମୁସର ଜିଲା ଭାଜପା ସଭାପତି ।

# ରଥଯାତ୍ରାକୁ ଆସିଲେ ବିଧାୟକ, ପୂର୍ବତନ ବିଧାୟିକା

କବିସୂର୍ଯ୍ୟନଗର,୮।୭(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ନୂତନ ବିଧାୟକ ଓ ପୁରାତନ ବିଧାୟିକାଙ୍କୁ ଘୋଷ ଯାତ୍ରାରେ ଏକାଠି ଦେଖିବାକୁ ମିଳିଥିଲା । କବିସୂର୍ଯ୍ୟନଗର ଜଗନ୍ନାଥ ପୂଜା କମିଟି ପକ୍ଷରୁ ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଓ ପ୍ରାକ୍ତନ ବିଧାୟିକା ଲତିକା ପ୍ରଧାନ ଉଭୟଙ୍କୁ ନିମନ୍ତ୍ରଣ କରାଯାଇଥିଲା । ପୂଜାରୀ ପକ୍ଷରୁ ପ୍ରାକ୍ତନ ବିଧାୟିକା ଲତିକା ପ୍ରଧାନଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ସାହି କମିଟି ପକ୍ଷରୁ ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଉଭୟ ସାହି କମିଟି ଓ ପୂଜାରୀ ମଧ୍ୟରେ ତୁତୁ ମେଁ ମେଁ ମଧ୍ୟରେ ସମର୍ଥକ ମଧ୍ୟରେ ଗୁଞ୍ଜରଣ ସୃଷ୍ଟି ହୋଇଥିଲା । ଦୁଇ ନେତା ପରସ୍ପର ଠାରୁ କିଛି ଦୂରରେ ଠିଆହୋଇ ରହିଥିଲେ । ବିଧାୟକ, ଏନ୍‌ଏସି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଥିଲେ ମଧ୍ୟ ଜଣେ କାଉନସିଲର ଛେରା ପହରା କରିଥିଲେ । ବିଳମ୍ବିତ ରାତ୍ରରେ ତିନି ଠାକୁର ଗୁଣ୍ଡିଚା ବିଜେ କରିଥିଲେ ।



ଶିରିଡିସାଇ ସିଦ୍ଧିବିନାୟକ ମନ୍ଦିରର ବାର୍ଷିକ ଉତ୍ସବ, ନାମଯଜ୍ଞ

# ମାଉସୀ ମା' ମନ୍ଦିରରେ ପହଞ୍ଚିଲେ ୩ ଠାକୁର

ରାଇକିଆ,୮।୭(ପ୍ରଦିପ ବେହେରା)

ରାଇକିଆର ପ୍ରସିଦ୍ଧ ରଥଯାତ୍ରା ସମ୍ପନ୍ନ ହୋଇଯାଇଛି । ସକାଳୁ ନେତ୍ର ଉତ୍ସବ, ନବ ଯୌବନ ଦର୍ଶନ ଅନୁଷ୍ଠିତ ହୋଇଥିଲା । ବିଡିଓ ସୀମାଞ୍ଚଳ ମଣ୍ଡଳ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରିଥିଲେ । ମଧ୍ୟାହ୍ନରେ ରଥ ସଂସ୍କାର କାର୍ଯ୍ୟ ଥାନା ଅଧିକାରୀ ଆଶୁତୋଷ ପାଇକରାୟଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ୩ଟାରେ ପହଣ୍ଡି ବିଜେ ଅନୁଷ୍ଠିତ ହୋଇଥିଲା । ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭିଡ଼ ଜମାଇଥିଲେ । ତିନି ଠାକୁରଙ୍କ ନିତିକାନ୍ତି ସରିବା ପରେ ପହଣ୍ଡି ପାଇଁ ସେବକମାନେ ପ୍ରସ୍ତୁତ କରିଥିଲେ । ବିଡିଓଙ୍କ ଦ୍ୱାରା ଛେରା ପହଁରା କରାଯିବା ପରେ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା । ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା । ଅପରାହ୍ନ ୫ ଟାରେ ରଥଟଣା ଆରମ୍ଭ ହୋଇ ଛଅ ଟା ବେଳେ ରଥ ମାଉସୀ ମା ମନ୍ଦିରରେ ପହଞ୍ଚିଥିଲା । ଜଗନ୍ନାଥ ପୂଜା କମିଟି ସଭାପତି ସତ୍ୟବାନ ପାତ୍ର ଏବଂ ସମ୍ପାଦକ ବାଇନାଥ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

**ରାଇକିଆ ରଥ ଯାତ୍ରା**



ପ୍ରବଳ ବର୍ଷା ଭକ୍ତମାନେ ମହାପ୍ରଭୁଙ୍କ ରଥ ଟାଣୁଛନ୍ତି ।

# ଗୁଳି ଫୁଟାଇ ଦମ୍ପତିଙ୍କଠାରୁ ସୁନାହାର ଲୁଟ୍

ଖଲ୍ଲିକୋଟ,୮।୭(ପ୍ରଶାନ୍ତ କୁମାର ମିଶ୍ର) ଖଲ୍ଲିକୋଟ ଥାନା ଅନ୍ତର୍ଗତ ନିଜ ଗାଁ ସିଧାପଲ୍ଲୀକୁ ଫେରୁଥିବା ବେଳେ ସୋମବାର ଗୁଳି ଫୁଟାଇ ଦମ୍ପତିଙ୍କଠାରୁ ଦୁର୍ବୃତ୍ତମାନେ ସୁନାହାର ଲୁଟି ନେଇଛନ୍ତି । ସିଧାପଲ୍ଲୀ ଗ୍ରାମର ବିଶ୍ୱପ୍ରସାଦ ବାଡ଼ତ୍ୟା ଏବଂ ତାଙ୍କ ସ୍ତ୍ରୀ କବିସୂର୍ଯ୍ୟନଗରରୁ ନିଜ ଗାଁକୁ ଫେରୁଥିବା ବେଳେ ମାଟିଆ ସାହି ନିକଟ ନିଛାଟିଆ ସ୍ଥାନରେ ଗୋଟିଏ ବାଇକରେ ତିନିଜଣ ଦୁର୍ବୃତ୍ତ ହଠାତ ଆସି ଗୁଳି ଫୁଟାଇ ଭୟଭୀତ କରାଇବା ସହ ତାଙ୍କ ସ୍ତ୍ରୀଙ୍କ ବେକରୁ ସୁନାହାର ଝାମ୍ପି ନେଇ ପଳାଇଥିଲେ । ଖଲ୍ଲିକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

# ଆସିକା ଏମ୍‌ପିଙ୍କ ଜଗନ୍ନାଥ ମନ୍ଦିରର ଭିତ୍ତିଭୂମି ଅନୁଧ୍ୟାନ



ଆସିକା ଏମପିଙ୍କ ଜଗନ୍ନାଥ ଦର୍ଶନ ସହ ପ୍ରତାପଗିରି ଜଗନ୍ନାଥ ମନ୍ଦିରର ଭିତ୍ତିଭୂମି ଅନୁଧ୍ୟାନ ।

ପାଟପୁର,୮।୭(ସିମାଞ୍ଚଳ ସାହୁ)

ପବିତ୍ର ରଥଯାତ୍ରା ଅବସରରେ ଆସିକା ଏମ୍‌ପି ଅନିତା ପ୍ରିୟଦର୍ଶିନୀ ପଟ୍ଟନାୟକ ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ପ୍ରତାପଗିରି ଜଗନ୍ନାଥ ପୀଠରେ ପହଞ୍ଚି ଶ୍ରୀଜୀଉଙ୍କ ରଥ ଦର୍ଶନ କରିଥିଲେ । ହଜାର ହଜାର ଦର୍ଶନାର୍ଥୀ ଭକ୍ତ ଏବଂ ନିଜ ଆନୁଗତଙ୍କ ସମାବେଶରେ ନିର୍ମାଣାଧୀନ ମନ୍ଦିର ଅନୁଧ୍ୟାନ କରିଥିଲେ । ଘୁମୁସର ଜିଲା ଭାଜପା ସଭାପତି ବିଜୟ କୁମାର ସ୍ୱାଇଁ, ସାନଖେମୁଣ୍ଡି ଭାଜପା ବିଧାୟକ ପ୍ରାର୍ଥୀ ଉତ୍ତମ ପାଣିଗ୍ରାହୀଙ୍କ ସମେତ କାର୍ଯ୍ୟକର୍ତ୍ତାଙ୍କ ସହ ମନ୍ଦିର ପରିସରରେ ଚାରା ରୋପଣ କରିଥିଲେ । ଏହି ଅବସରରେ ମନ୍ଦିର ପରିଚାଳନା କମିଟିଙ୍କ ପକ୍ଷରୁ ଏମ୍‌ପିଙ୍କ ସହ ସଭାପତି ଏବଂ ପାଣିଗ୍ରାହୀଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ମନ୍ଦିର କମିଟିଙ୍କ ସହ ଆଲୋଚନା ବେଳେ ଅର୍ଦ୍ଧ ନିର୍ମିତ ମନ୍ଦିରର ସମ୍ପୂର୍ଣ୍ଣକରଣର ବ୍ୟବସ୍ଥା ପାଇଁ କମିଟିଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା । ଏହି ଅବସରରେ ଭାଜପାର ୟୁ.ପାପା ରାଓ, କାହ୍ନୁ ପ୍ରଧାନ, ସନାତନ ବାରିକ, ଚିନ୍ମୟ ରେଡ୍ଡୀ, ରଘୁନାଥ ପ୍ରଧାନ, ଲିଟୁ ପ୍ରଧାନ, ସୁରେଶ ନାହାକ, ବାୟା ସ୍ୱାଇଁ, ଦଣ୍ଡପାଣି ଦୋରା, ଅଶୋକ ନାୟକ, ମୁନା ପ୍ରଧାନ, ସୁଶିଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଭତ୍ତା ଅପେକ୍ଷାରେ ବେସାହାରା ନିଳାବତୀ

ଖଜୁରିପଡ଼ା, ୮।୭(ବିଦୁର ବେହେରା)

ବୃଦ୍ଧା, ବୃଦ୍ଧ, ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସରକାର ମଧୁବାବୁ ପେନ୍‌ସନ ଯୋଜନା ମାଧ୍ୟମରେ ଭତ୍ତା ପ୍ରଦାନ କରିଛନ୍ତି । କିନ୍ତୁ ଆଜି ବି ଗ୍ରାମାଞ୍ଚଳରେ ବାସ କରୁଥିବା ବହୁ ବୃଦ୍ଧା ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି । ଏହା ଦେଖିବାକୁ ମିଳିଛି ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଆଡ଼ାସିପଡା ପଞ୍ଚାୟତର ବିଦୁ ଖୋଲ ଗ୍ରାମରେ । ଏହି ଗ୍ରାମରେ ଦୁଇ ବୃଦ୍ଧ ବୃଦ୍ଧା ଲକ୍ଷ୍ମଣ ସାହାଣୀ ଏବଂ ନିଳାବତୀ ସାହାଣୀ ବାସ କରନ୍ତି । ବୟସର ଅପରାହ୍ନ ଯୋଗୁ ଏବେ ବୃଦ୍ଧ ଅବସ୍ଥାରେ ବେସାହାରା ହୋଇଛନ୍ତି । ୧୮ ମାସ ତଳେ ନିଳାବତୀ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହେବା ଯୋଗୁ ରୋଗ ଶଯ୍ୟାରେ ପଡ଼ି ରହିଛନ୍ତି । ଏବେ ବୟସ ଆସି ୬୫ ବର୍ଷ । କିନ୍ତୁ ଆଜି ବି ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି । ଭତ୍ତା ପାଇଁ ବ୍ଲକ ଏବଂ ପଞ୍ଚାୟତ ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ସୁଦ୍ଧା ମିଳିପାରିଲା ନାହିଁ । ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁର କରିବା ପାଇଁ ଦିଲ୍ଲୀପ ସାହାଣୀ, ଗଙ୍ଗାଧର ସାହାଣୀ, ସୁଲୋ ପାଣି କହଁରଙ୍କ ସମେତ ମା'ଇଷ୍ଟ ଦେବୀ ଯୁବକଳା ପରିଷଦର ସମ୍ପାଦକ ବିଦୁର ବେହେରା ଦାବି କରିଛନ୍ତି । ଏ ନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ନିଳାବତୀଙ୍କୁ ଶୀଘ୍ର ଭତ୍ତା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ ।



# ହତ୍ୟା ଅଭିଯୋଗରେ ୫ ଗିରଫ

ଚକାପାଦ,୮।୭
(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ ଶଙ୍କରାଖୋଲ ହାଟପଦା ସାହିରେ ଗତ ୪ ତାରିଖରେ ଛୁରୀ ଭୁଷି ହତ୍ୟା କରିବା ଅଭିଯୋଗରେ ଟିକାବାଲି ପୋଲିସ ସୋମବାର ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଗୌରବ ଅମାତ୍ୟ, ତାରିଣି ଅମାତ୍ୟ, ଗୁରୁ ଶଙ୍କର ଅମାତ୍ୟ, ଦିନେଷ ବିଶୋଇ ଓ ଗୋପି କିଷନ ମଳିକ । ଏମାନଙ୍କୁ ଅଧିକ ଜେରା କରି ହତ୍ୟାର ପ୍ରକୃତ ଦୋଷୀକୁ ବାହାର କରିବା ପାଇଁ ଥାନାରେ ରଖାଯାଇଛି ।


**कोल इंडिया लिमिटेड**
(एक महारत्न कंपनी)

Coal India Limited (CIL) has launched **NIRMAN (Noble Initiative for Rewarding Mains Aspirants of National Civil Service Examination)** scheme as part of its Corporate Social Responsibility activities to provide financial support of Rs. 1 lakh each to candidates hailing from its mining districts who qualify the preliminary round of Civil Service & Forest Service examination 2024 conducted by the Union Public Service Commission (UPSC).
For further details regarding the scheme including its Eligibility, Application Process etc., please visit the link **https://www.coalindia.in/departments/csr/**
CIL encourages eligible candidates to apply and take benefit of the scheme.


# ମୋଷ୍ଟ ୱାଣ୍ଟେଡ ଭଗବାନ ଗିରଫ, ୭ ଗାଡ଼ି ଜବତ

ଦିଗପହଣ୍ଡି,୮।୭(ଅଶେଷ ନାଥ ମିଶ୍ର)

କେ.ନୂଆଗାଁ ଥାନାର ମୋଷ୍ଟ ୱାଣ୍ଟେଡ ଲାଲମେଣ୍ଟା ଗ୍ରାମର ଭଗବାନ ପ୍ରଧାନଙ୍କୁ ସୋମବାର ପୋଲିସ ପାତ୍ରପୁର କୋର୍ଟକୁ ଚାଲାଣ କରଛି । ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି । ଅଭିଯୁକ୍ତ ଭଗବାନଙ୍କ ନିକଟରୁ ପୋଲିସ ୪ ଚୋରି ବାଇକ୍ ଏବଂ ୩ ଟି ଚୋରି ମୋପେଡ଼ ଜବତ କରିଛି । ଅଭିଯୁକ୍ତ ଜଣକ ଦୀର୍ଘଦିନ ହେଲା କେ.ନୂଆଗାଁ ଥାନା, ଜରଡ଼ା ଥାନା ଓ ଛତ୍ରପୁର ଥାନା ଅଞ୍ଚଳରୁ ବାଇକ୍ ଚୋରି କରି ଫେରାର ଥିଲେ । ଗତ ଫେବୃୟାରୀ ୫ ତାରିଖରେ ଜରଡ଼ା ଥାନା ଚୈତନ୍ୟଚନ୍ଦ୍ରପୁର ଶାସନ ଗ୍ରାମର ନକୁଳ ପାଢ଼ୀଙ୍କ ବାଇକ୍ ଚୋରି ହୋଇଥିଲା । ସେ ଏ ନେଇ କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ । ପୋଲିସ ନଂ.୩୪/୨୪ ଅନୁଯାୟୀ ମକଦ୍ଦମା ରୁଜୁ କରିବା ସହ ତଦନ୍ତ ଚଳାଇଥିଲା । ପୋଲିସ ଅଭିଯୁକ୍ତଙ୍କ ଫଟୋ ନକୁଳଙ୍କୁ ଦେଖାଇବା ପରେ ସେ ହିଁ ତାଙ୍କ ବାଇକ ଚୋରି କରିଥିବା ପ୍ରକାଶ କରିଥିଲେ । ପୋଲିସ ତାଙ୍କୁ ଖୋଜୁଥିବା ଜାଣିବା ପରେ ଅଭିଯୁକ୍ତ ଭଗବାନ ସିକନ୍ଦରାବାଦ୍ ଫେରାର ହୋଇଯାଇଥିଲେ । ତାଙ୍କୁ ଧରିବା ପାଇଁ ପୋଲିସ କିଛି ସୂଚନାଦାତାଙ୍କୁ ନିଯୁକ୍ତି କରିଥିଲେ । ରବିବାର ସେ ଗାଁ ରେ ଥିବା ଖବରପାଇ ପୋଲିସ ଟିମ୍ ତାଙ୍କ ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା । ସେ କେ.ନୂଆଗାଁ ଥାନା, ଜରଡ଼ା ଥାନା ଏବଂ ଛତ୍ରପୁର ଥାନା ଅଞ୍ଚଳରେ ଘଟିଥିବା ସିରିଜ ବାଇକ ଚୋରି ମାମଲାରେ ସମ୍ପୃକ୍ତ ଥିବା ସାକ୍ଷ୍ୟମାନଙ୍କ ଉପସ୍ଥିତିରେ ପୋଲିସ ନିକଟରେ ସ୍ୱୀକାର କରିଥିଲେ । ତାଙ୍କ ସୂଚନାକୁ ଭିତ୍ତିକରି ପୋଲିସ ଟିମ୍ ବ୍ରହ୍ମପୁର ସଦରଥାନା ବାଇଗଣ ବାଡ଼ି ଏବଂ ଡେଙ୍ଗା ପଦର ଗ୍ରାମରେ ଚଢ଼ାଉ କରି ଅନ୍ୟ ୬ଟି ଚୋରି ବାଇକ୍‌କୁ ଜବତ କରାଯାଇଥିଲା । ଅଭିଯୁକ୍ତ ଗତ ଫେବୃୟାରୀ ୧ ତାରିଖରେ ଚିକିଟି ପେଣ୍ଠ ଗ୍ରାମରୁ ଏକ ଟିଭିଏସ ମୋପେଡ ଚୋରି କରିଥିଲେ । ମାର୍ଚ୍ଚ ୩୦ ତାରିଖରେ ଦେଓଖାଲି ଛକ ସ୍ଥିତ ଏକ ଗ୍ୟାରେଜରୁ ଏକ ବାଇକ, ଚିକିଟି ଲିଆଖାଇ ଯାତ୍ରାସ୍ଥଳରୁ ୨ଟି ବାଇକ ଚୋରି କରିଥିଲେ । ସେହିପରି ପୋଲରାଜପୁର, ସୁରଙ୍ଗି ଗ୍ରାମ ଛକ ଏବଂ ଛତ୍ରପୁରରୁ କ୍ରମାଗତ ଭାବେ ବାଇକ ଚୋରି କରି ସେଗୁଡିକୁ ବିକ୍ରି କରିଦେଇଥିବା ନେଇ ତଦନ୍ତରୁ ସୂଚନା ମିଳିଥିଲା । ଅଭିଯୁକ୍ତଙ୍କୁ ପାତ୍ରପୁର କୋର୍ଟକୁ ଚାଲାଣ କରାଯିବା ପରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଯାଇଛି ।




ଅଭିଯୁକ୍ତ ଭଗବାନ ଓ ଉଦ୍ଧାର ହୋଇଥିବା ବାଇକ୍ ।


**झारखण्ड सरकार**
**क्षेत्र सर्वेक्षण प्रमण्डल, अग्रिम योजना, पथ निर्माण विभाग, दुमका।**

**अति–अल्पकालीन ई–प्रोक्योरमेंट सूचना**

ई–निविदा प्रसंग सं0 :–RCD/FSD /AP/ DUM/02/2024-24 दिनांक: 08.07.2024

| | | |
|---|---|---|
| 1. | कार्य का नाम | Consultancy Services for Preparation of Detailed Project Report (DPR) for Construction of High Level Bridge over unbridge gap at chainage 1.315th Km of Link road of Mohanpur (Jaipur More) to Agriculture college upto Bihar Border road at Deoghar District in the state of Jharkhand including its approaches, Land acquisition proposal with ownership details, Resettlement and Rehabilitation proposal forest diversion proposal including clearance of all stages etc as required if any |
| 2. | अनुमानित लंबाई (मीटर) | (A ) 120 मी० |
| 3. | कार्य समाप्ति की अवधि | 45 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 09.07.2024, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 15.07.2024, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 16.07.2024, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं0 | 0651–2401010 |

अतिरिक्त जानकारी के लिए वेबसाईट पर देखें :–http://jharkhandtenders.gov.in

कार्यपालक अभियंता,
क्षेत्र सर्वेक्षण प्रमण्डल, अग्रिम योजना,
पथ निर्माण विभाग, दुमका।

PR 328944 (Road) 24-25 (D)

# ସରକାରଙ୍କ ନିୟମକୁ ଫୁ, ଅବାଧରେ ଚାଲିଛି ଗୁଟୁଖା ବିକ୍ରି

ବିଞ୍ଝାରପୁର,୮।୭(ରାମକୃଷ୍ଣ ଦାସ):


ଦୋକାନରେ ଟଙ୍ଗା ହୋଇଥିବା ବିଭିନ୍ନ କମ୍ପାନୀର ଗୁଟ୍‌ଖା ।

ସରକାରୀ ନିୟମକୁ ଫୁ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅବାଧରେ ବିଭିନ୍ନ କମ୍ପାନୀର ଗୁଟୁଖା ବିକ୍ରି କରାଯାଉଛି। ରାଜ୍ୟ ସରକାର ଗୁଟୁଖାକୁ ସମ୍ପୂର୍ଣ୍ଣ ନିଷେଧ କରିଥିଲେ ମଧ ପାନ ଓ ତେଜରାତି ଦୋକାନୀମାନେ ସେହି ନିଶାଦ୍ରବ୍ୟକୁ ବିକ୍ରି କରୁଛନ୍ତି । ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ହାଟ,ବଜାର, ସ୍କୁଲ, କଲେଜ, ମେଡିକାଲ ନିକଟରେ ଗୁଟ୍‌ଖା ବିକ୍ରି ବଢ଼ିଛି । ଏହାକୁ ରୋକିବାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏପରି କି ଅବକାରୀ ଓ ପୋଲିସ ବିଭାଗ ଏହି କାରବାରକୁ ରୋକିବା ଦିଗରେ ଧ୍ୟାନ ଦେଉନାହାନ୍ତି । ଜାତୀୟ ତମାଖୁ ନିୟନ୍ତ୍ରଣ ଆଇନ(କୋଟପା)ବଳରେ ପୋଲିସ ଚଢ଼ାଉ କରିବା ସହ ଗୁଟୁଖା ଜବତ କରି ସଂପୃକ୍ତ ଗୁଟୁଖା ବିକ୍ରେତାଙ୍କ ବିରୋଧରେ ମାମଲା ରୁଜୁ ଓ ଜରିମାନା ଆଦାୟ କରିବାର କ୍ଷମତା ବି ରହିଛି। ଏହି ନିୟମକୁ କଡ଼ା କଡ଼ି ଭାବେ ପାଳନ କରାଗଲେ ଅବାଧରେ ବିକ୍ରି ହେଉଥିବା ଗୁଟୁଖା ଯଥେଷ୍ଟ ପରିମାଣରେ ହ୍ରାସ ପାଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏଥିସହି ଅବକାରୀ ବିଭାଗ ଏହି ଅଭିଯୋଗ ଉପରେ ଚଢଉ କରିପାରିବ। କିନ୍ତୁ ଏହି ଦୁଇ ବିଭାଗର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଗ୍ରାମାଞ୍ଚଳରେ ଗୁଟୁଖା ବିକ୍ରି ବଢ଼ି ଚାଲିଛି । ଖାଲି ସେତିକି ନୁହେଁ ଗଞ୍ଜେଇ, ସିଗାରେଟ ସହ ଅନ୍ୟାନ୍ୟ ମାରାତ୍ମକ ନିଶାଦ୍ରବ୍ୟ ଖୁଲମଖୁଲା ବିକ୍ରି ହେଉଛି । ଏହାକୁ ନେଇ ବୁଦ୍ଧିଜିବୀମାନେ ଚିନ୍ତା ପ୍ରକଟ କରିବା ସହିତ ନିଶାଦ୍ରବ୍ୟ କାରବାର ରୋକିବା ପାଇଁ ଜିଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି । ଅନ୍ୟପକ୍ଷେ ଯାଜପୁର ଜିଲା ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କୁ ଏ ସମ୍ପର୍କରେ ପଚାରିବାରୁ ଆମ ପାଖରେ କର୍ମଚାରୀଙ୍କ ସଂଖ୍ୟା ଖୁବ ନଗଣ୍ୟ ତେଣୁ ଆମେ କ'ଣ କରି ପାରିବୁ ବୋଲି କହି ନିଜ ଅସହାୟତା ପ୍ରକାଶ କରିଛନ୍ତି । ଏପରି କି ଆପଣ ନିକଟସ୍ଥ ଥାନାରେ ଅଭିଯୋଗ କରନ୍ତୁ ବୋଲି ସେହି କହିଛନ୍ତି ।

# ଭାଜପା ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା


ଭାଜପା ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ପାଣିକୋଇଲି,୮।୭
(ବିକାଶ କୁମାର ମଲିକ):

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସୋମବାର ବାରିପଦା ଗସ୍ତ ଅବସରରେରେ ପାଣିକୋଇଲିଠାରେ କୋରେଇ ଭାଜପା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ପରିଡ଼ା ପାଣିକୋଇଲି ଓଭରବ୍ରିଜ ଆରମ୍ଭରେ ରହି ନେତା ଓ କର୍ମୀମାନଙ୍କ ଠାରୁ ପୁଷ୍ପଗୁଚ୍ଛ ଗ୍ରହଣ କରିଥିଲେ । ପ୍ରମୋଦ କୁମାର ସାହୁ, ପ୍ରକାଶ ଧଳ, ପ୍ରୀତିରଞ୍ଜନ ସାହୁ, ଇତିଶ୍ରୀ ସାମଲ, ଦିପ୍ତୀମୟୀ କୁଅଁର, ଦିପ୍ତୀରେଖା ମିଶ୍ର, ଜୟନ୍ତୀ ସାହୁ, ରୁନୁ ଭୂୟାଁ, ପ୍ରିୟବ୍ରତ ସାହୁ, ଅଯୋଧ୍ୟା ଜେନା, ପିନାକ ରଞ୍ଜନ ଦାସ, କାର୍ତ୍ତିକ ସାହୁ, ସେକ ଜହର ଅଲ୍ଲୀ, ଅଶୋକ ବାରିକ, ବିଷ୍ଣୁ ରଥ, ଭାସ୍କର ସାହୁ, ଅଜୟ ଶଙ୍କର ସାହୁ, ପ୍ରଶାନ୍ତ ନାୟକ, କଳ୍ପତରୁ ସାହୁ, ନୀଳମାଧବ ଚକ୍ର, ସୁଶାନ୍ତ ପରିଡା, ମନୋଜ ପାଢୀ, ଅର୍ଜୁରାମ ସାହୁ, ନୀଳବନ୍ଧୁ ପୃଷ୍ଟି, ମିନତୀ ପଣ୍ଡା, ସୁବାସ ପଣ୍ଡା, ରାଜେଶ ଓଝା, ଅଜୟ କୁମାର ସାହୁ, ବିଷ୍ଣୁ ଚରଣ ରାଉତ, ଶିତେସ ପରିଡା, ପ୍ୟାରୀମୋହନ ବାରିକ, ଆନନ୍ଦ ଚନ୍ଦ୍ର ମହାକୁଡଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର

କେନ୍ଦୁଝର,୮।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ବସନ୍ତପୁର ରେଲୱେ ଷ୍ଟେଶନଠାରୁ ୨ କି.ମି. ଦୂର କାଣ୍ଡେସର ଗ୍ରାମ ନିକଟ ରେଳ ଧାରଣାରୁ ଏକ ମୃତଦେହ ପୋଲିସ ଜବତ କରିଛି। ମୃତକ ଜଣଙ୍କ ଯାଜପୁର ଜିଲା କଳିଙ୍ଗନଗର ଥାନା ଶୁଳିଆ ଗ୍ରାମର ତରୁଣକାନ୍ତ ତନ୍ତି (୧୯)। ପ୍ରେମ ଜନିତ କାରଣରୁ ପୁଅକୁ ହତ୍ୟା କରାଯାଇ ରେଳ ଧାରଣାରେ ଫିଙ୍ଗିଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ତରୁଣକାନ୍ତ ଗତ ଜୁନ୍ ୨୨ ରୁ ନିଖୋଜ ଥିଲେ। ତାଙ୍କ ମା' ସୀତା ତନ୍ତି କଳିଙ୍ଗନଗର ଥାନାରେ ଜୁନ୍ ୩୦ରେ ଲିଖିତ ଭାବେ ଜଣାଇଥିଲେ। ସେ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ଥିବା ପରିବାର ଲୋକ ସୂଚନା ପାଇ ଆସି ଖୋଜାଖୋଜି କରିଥିଲେ। ସେଠାରୁ ପଣ୍ଡାପଡ଼ା ଥାନା ଅନ୍ତର୍ଗତ କାଣ୍ଡେସର ଗ୍ରାମକୁ ଯାଇ ଖୋଜାଖୋଜି କରିଥିଲେ। ଜୁନ୍ ୨୬ ତାରିଖ ଦିନ ଫୋନ କରିବା ବେଳେ କାଣ୍ଡେସର ଗ୍ରାମର ଜନୈକ ବ୍ୟକ୍ତି ଫୋନ ଉଠାଇ ତରୁଣକାନ୍ତ କିଏ ଜାଣି ନ ଥିବା କହିଥିଲେ। ରବିବାର କାଣ୍ଡେସର ଗ୍ରାମ ନିକଟ ରେଳ ଲାଇନ ନିକଟରୁ ମୃତଦେହ ମିଳିଥିଲା। ରେଳବାଇ ପୋଲିସ ପ୍ରଥମେ ବସନ୍ତପୁର ସରପଞ୍ଚଙ୍କୁ ଜଣାଇବା ପରେ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ତେବେ କାଣ୍ଡେସର ଗ୍ରାମର ଜଣେ ଝିଅଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଥିଲା। ଏଣୁ ଝିଅର ବାହାଘର ହେଉଥିବା ଶୁଣି ଆସିଥିବା ଘର ଲୋକ କହିଛନ୍ତି। ଉକ୍ତ ଝିଅଙ୍କ ପରିବାର ଲୋକ ହତ୍ୟା କରି ଫିଙ୍ଗିଦେଇଥିବା ମୃତକଙ୍କ ମାମୁ ସୁରେଶ କୁମାର ଦାସ ପଣ୍ଡାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା (ନଂ. ୨୨୯/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଏଜିଆର ହାଇସ୍କୁଲରେ ମେଧା ସମ୍ମାନ ସମାରୋହ



ମେଧା ସମ୍ମାନ ସମାରୋହରେ ଅତିଥିଙ୍କ ସହ କୃତି ଛାତ୍ରୀଛାତ୍ରମାନେ ।

ବିଞ୍ଝାରପୁର,୮।୭(ରାମକୃଷ୍ଣ ଦାସ)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଗୁହାଳି ପଞ୍ଚାୟତ ଗୋବିନ୍ଦପୁରସ୍ଥିତ ଏଜିଆଇ ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ କମିଟି ପକ୍ଷରୁ ମେଧା ସମ୍ମାନ ସମାରୋହ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋ ସ୍କୁଲ ଅଭିଯାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜଲକ୍ଷ୍ମୀ ଦାସ, ଅବସରପ୍ରାପ୍ତ ଶିକ୍ଷକ ବାମନ ଚରଣ ମିଶ୍ର, ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଧନେଶ୍ୱର ନାୟକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଇତିହାସ ବର୍ଣ୍ଣନା କରିବା ସହ ମେଧାବୀ ଛାତ୍ରୀଛାତ୍ରମାନଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷକ ଶରତ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ମୁଖ୍ୟଅତିଥିଙ୍କ ସମେତ ଅନ୍ୟ ଅତିଥିମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନୀତ କରାଯାଇଥିଲା। ସେହିପରି ୧୫ ଜଣ ଅବସରପ୍ରାପ୍ତ ଶିକ୍ଷକ ଓ ୨୦ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉପହାର ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା। ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ଧଳ, ନିରଞ୍ଜନ ସାହୁ, ସାମାଜିକ କର୍ମୀ ଚନ୍ଦ୍ରଶେଖର ଧଳଙ୍କ ସମେତ ବହୁ ଅବସରପ୍ରାପ୍ତ ଶିକ୍ଷକ ଓ ପୂରାତନ ଛାତ୍ରୀଛାତ୍ର ଅଭିଭାଷଣ ରଖିଥିଲେ। ବିଦ୍ୟାଳୟର କର୍ମଚାରୀ ଓ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

# ରୋଟାରୀ କ୍ଲବ ପକ୍ଷରୁ ଅନ୍ନପୂର୍ଣ୍ଣା ଦିବସ ପାଳିତ

ଧର୍ମଶାଳା, ୮ । ୭ (ବଟକୃଷ୍ଣ ପରିଡା ):

ଅନ୍ନପୂର୍ଣ୍ଣା ଦିବସ ଅବସରରେ ଜାରକା ରୋଟାରୀ ଓ ଇନରହୁଇଲ କ୍ଲବ ପକ୍ଷରୁ ଜାଲଶୁଖା (ଶାଳପତ୍ରିଆ )ଆଦିବାସୀ ବସ୍ତି ରେ ୪୦ ଜଣଙ୍କୁ ରନ୍ଧାଖାଦ୍ୟ, ବିସ୍କୁଟ ଓ ଶାଢ଼ି ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ରୋଟାରୀ କ୍ଲବର ସଭାପତି ରାଜେନ୍ଦ୍ର ପ୍ରସାଦ ପଲ୍ଲେଇ ଓ ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ଇନରହୁଇଲ କ୍ଲବର ସଭାପତି ରଶ୍ମିତା ନାୟକ ଓ ସମ୍ପାଦକ ଲୋପାମୁଦ୍ରା ଷଣ୍ଢ ପରିଚାଳନା କରିଥିଲେ । ଏଥିରେ କଳାକାର ମହାନ୍ତି, ଧରଣୀଧର ଦାଶ, ଚକ୍ରଧର ଲେଙ୍କା, ଅଜାମ୍ବର ସାହୁ, ହରିହର ପଣ୍ଡା, ବିନୋଦ ବିହାରୀ ପରିଡା, ବିପିନ ଷଡ଼ଙ୍ଗୀ, ପ୍ରମୋଦ ସାମଲ, ସୁକାନ୍ତ ସ୍ୱାଇଁ,ଚନ୍ଦନ ନାୟକ, ଇନରହୁଇଲର ପୁର୍ବତନ ସଭାପତି ମିନତୀ ସାହୁ,ବିଶ୍ୱମିତ୍ରା ସାହୁ ଓ ନଳିନୀପ୍ରଭା ସାହୁ ପ୍ରଭୃତି ସହଯୋଗ କରିଥିଲେ ।

# ନବୋଦୟ ବିଦ୍ୟାଳୟରେ ବନ ମହୋତ୍ସବ


ବିଦ୍ୟାଳୟ ପକ୍ଷରୁ ଚାରା ରୋପଣ କରାଯାଉଛି ।

ପାଣିକୋଇଲି,୮।୭
(ବିକାଶ କୁମାର ମଲିକ)

ପାଣିକୋଇଲିସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ ୭୫ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଦୀକ୍ଷାଜ୍ୟୋତି ମିଶ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ଉକ୍ତ ଉତ୍ସବରେ ଯାଜପୁର ରୋଡ଼ ବନାଞ୍ଚଳ ଅଧିକାରୀ ଜ୍ୟୋତି ରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବନମହୋତ୍ସବ ପାଳନ ଓ ଚାରା ରୋପଣ ଉପରେ ସଚେତନ କରିବା ସହିତ ନିଜେ ଚାରା ରୋପଣ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ପରେ ଆମ୍ବ ,ପଣସ, ପିଜୁଳି, ପେସ୍ତା ,ଅଁଳା , ବାଉଁଶ, ହରିଡ଼ା, ବାହାଡ଼ା ଆଦି ୨ଶହ ଚାରା ବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟର ନିଳିମା ପ୍ରିୟଦର୍ଶିନୀ ନାୟକ, ଫରେଷ୍ଟ ଗାର୍ଡ଼ ତ୍ରିଲୋଚନ ଦାସ, ନିର୍ମଳ ମଲିକ ଏବଂ ବିଦ୍ୟାଳୟର ସହକାରୀ ଅଧ୍ୟାପକ ପ୍ରଦ୍ୟୁମ୍ନ ମହାରଣା, ବିଭା ଯାଦବ, ସଞ୍ଜୟ ମହାପାତ୍ର, ମଧୁମିତା ପରିଡ଼ାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଗଲା

ରସୁଲପୁର,୮।୭(ରଞ୍ଜିତ ରାଉତ):



ରସୁଲପୁର ଓ ଯାଜପୁର ବ୍ଲକ ଅଞ୍ଚଳର ଦୁଇଟି ସ୍ଥାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ୩ଟି ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ରସୁଲପୁର ଅଗ୍ନିଶମ ବାହିନୀ ନିଆଁ ଆୟତ୍ତ କରିଥିଲେ। ହିରିପୁର ବଜାରର ସୀମାନ୍ତବର୍ତ୍ତି ଯାଜପୁର ବ୍ଲକର ମହେଶ୍ୱରପୁର ପଞ୍ଚାୟତ ପଦନା ଗ୍ରାମର ବିଦ୍ୟାଧର ବେହେରାଙ୍କ ଘରେ ରାତି ୨ଟା ସମୟରେ ନିଆଁ ଲାଗିଥିଲା । ପରିବାର ଲୋକେ ବହୁ ବିଳମ୍ବରେ ଅବଗତ ହେବାରୁ ଅଗ୍ନିକାଣ୍ଡ ଜନିତ କ୍ଷୟକ୍ଷତି ଅଧିକ ହୋଇଛି । ଗୁହାଳ ଘରେ ଗୋରୁ ଛେଳିଙ୍କୁ ମଶା ଦାଉରୁ ରକ୍ଷା ପାଇଁ ଧୂଆଁ ଦେବା ପାଇଁ ଅଗ୍ନୀ ସଂଯୋଗ କରାଯାଇଥିଲା । ଉକ୍ତ ସେହି ନିଆଁରୁ ନିଆଁ ଲାଗି ଯାଇଥିଲା । ୩ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି । ସେହିପରି କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ପଞ୍ଚାୟତ କୋରକୋରାସ୍ଥିତ ନଙ୍ଗୁଳି ମଠରେ ନିଆଁ ଲାଗିଥିଲା । ସୋମବାର ଦ୍ୱିପହରରେ ମଠରେ ରୋଷେଇ ଚାଲିଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା । ଏହାକୁ ଦମକଳ ବାହିନୀ ପକ୍ଷରୁ ଆୟତ କରାଯାଇଥିଲା । ଏଥିରେ ମଠରେ ଥିବା ବାବାଙ୍କ କେତେକ ଆବଶ୍ୟକୀୟ ସାମଗ୍ରୀ ପୋଡି ଯାଇଛି ।

# ବଡ଼ଚଣା ଶିକ୍ଷକ ସଂଗଠନ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

ବଡ଼ଚଣା,୮।୭(ଦିଲୀପ କୁମାର ମହାନ୍ତି):


ବଡ଼ଚଣା ଶିକ୍ଷକ ସଂଗଠନ ପକ୍ଷରୁ ବିଧାୟକ ଅମର କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କୁ ବଡ଼ଚଣା ଶିକ୍ଷକ ସଂଗଠନ ପକ୍ଷରୁ ଶିକ୍ଷକ ଭବନ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷକ ନେତା ସନ୍ତୋଷ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ଯୋଗଦେଇ ଶିକ୍ଷକମାନଙ୍କ ପକ୍ଷରୁ ଯେଉଁ ପ୍ରକାର ସମ୍ବର୍ଦ୍ଧନା ଦିଆଯାଇଛି ତାହାକୁ କେବେ ଭୁଲି ପାରିବେ ନାହିଁ ବୋଲି କହିଛନ୍ତି। ଶିକ୍ଷକ ବଳରାମ ରଣା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗିରିଜା ପ୍ରସାଦ ଦାସ ମାନପତ୍ର ପାଠ କରିଥିଲେ। ପୂର୍ବତନ ଶିକ୍ଷକ ସଂଘ ମହାସଚିବ ଅମୀୟ ରଞ୍ଜନ ଦାସ, ଉପସଭାପତି ବିଜୟିନୀ ନନ୍ଦ, ପ୍ରଶାନ୍ତ ବେହେରା, ଶଙ୍କର୍ଷଣ ପରିଡ଼ା, ବଟକୃଷ୍ଣ ସ୍ୱାଇଁ, ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରକାଶ ବେହେରା, ରବୀନ୍ଦ୍ର ନାଥ ଦାସ, ପ୍ରଭାତ ଜେନା, ଭୀମସେନ ନାୟକ, ପ୍ରଭାତ କୁମାର ସାମଲ, ପ୍ରିୟତମା ଜେନା ପ୍ରମୁଖ ଯୋଗଦେଇ ବ୍ୟକ୍ତବ୍ୟ ରଖିବା ସହ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମର କେତନ ନାୟକ ଧନ୍ୟବାଦ ଦେଇଥିଲେ।

# ନିର୍ମାଣର ୬ ମାସ ନ ପୁରୁଣୁ ରାସ୍ତା ଉଠିଲା କଙ୍କ୍ରିଟ୍

ଜେନାପୁର,୮।୭(ଅଶୋକ ଦାସ)


କଂକ୍ରିଟ ଉଠିଯାଇଥିବା ରାସ୍ତା ।

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଜନ – ୨ ଜାରକା ଅଧୀନ ଶ୍ୟାମସୁନ୍ଦରପୁର ଭାୟା ମୁକୁନ୍ଦପୁର କଙ୍କ୍ରିଟ ରାସ୍ତାରୁ ଚିପ୍‌ସ ଓ ବାଲି ଉଠି ଯିବା ହେତୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗ୍ରାମାଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ଠିକ୍ କରିବା ପାଇଁ ସରକାର ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ କେତେଜଣ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଖାମଖିଆଲି ମନୋଭାବ ଯୋଗୁ ତାହା ଫଳ ପ୍ରଦ ହେଉ ପାରୁନାହିଁ । ଉଲ୍ଲେଖ କରାଯାଇଥିବା ରାସ୍ତା କାମ ନିମ୍ନମାନର ହୋଇଥିବାରୁ କାମ ଶେଷ ହେବାର ୬ମାସ ନ ପୁରୁଣୁ ଚିପ୍‌ସ ଓ ବାଲି ଉଠି ଯାଇଛି । ଏଥିଯୋଗୁ ସ୍କୁଲ, କଲେଜ ଛାତ୍ରୀଛାତ୍ର, ଜନସାଧାରଣ ଓ ଯାନବାହାନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି । ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । କେତେକ ସ୍ଥାନରେ ରାସ୍ତା କାମ ଅଧାପନ୍ତରିଆ ରଖି ଠିକାଦାର ଛୁ ମାରିଥିବା ସ୍ଥାନୀୟ ଲୋକମାନେ କହିଛନ୍ତି । ଅନ୍ୟପକ୍ଷେ ରାସ୍ତାରୁ ଉଠିଯାଇଥିବା ଚିପସ୍ ଓ ବାଲିକୁ ଗ୍ରାମବାସୀ ରାସ୍ତା ଉପରୁ ହଟାଇ ସମତଳ କରିବାକୁ ଚେଷ୍ଟା କରିଛନ୍ତି । ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ବିଦ୍ୟାଳୟ ଚତୁଃପାର୍ଶ୍ୱ ଅନାବନା ଗଛରେ ଜଙ୍ଗଲ

## ଅସୁରକ୍ଷିତ ଛାତ୍ରୀଛାତ୍ର

କାଏମା,୮।୭(ଶିବପ୍ରସାଦ ମହାନ୍ତି):


ବିଦ୍ୟାଳୟ ଚାରିପାଖରେ ଅନାବନା ଗଛରେ ଜଙ୍ଗଲ ସୃଷ୍ଟି ହୋଇଛି ।

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତରେ ଥିବା ଲାଲ ବାହାଦୁର ଉପ୍ରା ବିଦ୍ୟାଳୟର ଚର୍ତ୍ତୁପାର୍ଶ୍ୱ ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇଛି। ଫଳରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏହାଉପରେ କାହାର ଦୃଷ୍ଟି ନ ଥିବାରୁ ଏହା ବିପଦପୂର୍ଣ୍ଣ ପରିବେଶ ସୃଷ୍ଟି କରିଛି।

ଏହି ବିଦ୍ୟାଳୟ ପଛ ପାର୍ଶ୍ୱ ଚାଷ ଜମି ରହିଥିବାବେଳେ ଏହାର ଗୋଟାଏ ପାର୍ଶ୍ୱରେ ୧୪ ନମ୍ବର କେନାଲଯାଇଛି। ଏହି କେନାଲ ମଧ୍ୟରେ ଅନାବନା ଗଛ ଉଠି ଜଙ୍ଗଲ ସଦୃଶ୍ୟ ହୋଇଛି। କେନାଲକୁ ଲାଗି ଏକ ବିରାଟ ନାଳରହିଛି। ନାଳରେ ଅନେକ ସମୟରେ ସାପ ମାନଥିବା ଦେଖିବାକୁ ମିଳିଥାଏ। ଏବେ ବର୍ଷା ପାଣି ବିଲ ବାଡି ଚାରି ଆଡ଼େ ହୋଇଥିବା ଯୋଗୁ ଅନେକ ସମୟରେ ରାସ୍ତାରେ ସାପ ବୁଲୁଥିବା ଦେଖିବାକୁ ମିଳୁଛି। ଫଳରେ ସାପଗୁଡ଼ିକ ବିଦ୍ୟାଳୟ ମଧ୍ୟକୁ ପ୍ରବେଶ କରିବା ଭୟ ବେଶି ରହିଛି। ଛୋଟ ପିଲାମାନେ ବିଦ୍ୟାଳୟ ମଧ୍ୟରେ ଖେଳକୁଦ ଓ ଯାତାୟାତ କରିବା ବିପଦପୂର୍ଣ୍ଣ ହୋଇଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ଚତୁଃପାର୍ଶ୍ୱରେ ଅପରିଷ୍କାର ପରିବେଶ ଥିଲେ ସୁଦ୍ଧା ଏହା ଉପରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି କିପରି ପଡୁନାହିଁ ତାହା ଆଲୋଚନାର ବିଷୟ ହୋଇଛି। ଅପରପକ୍ଷରେ ଜଳସମ୍ପଦ ବିଭାଗ ପକ୍ଷରୁ କେନାଲ ବନ୍ଧ ସଫା କରିବା ଦାୟିତ୍ୱ ଥିଲେ ବି ସେମାନେ ଏହାକୁ ଅଣଦେଖା କରୁଛନ୍ତି। ପିଲାମାନଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଜଳ ସମ୍ପଦ ବିଭାଗ ପକ୍ଷରୁ ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଜବରଦଖଲ ଯୋଗୁ ବିକାଶ ବାଧାପ୍ରାପ୍ତ

ପଟ୍ଟାମୁଣ୍ଡାଇ,୮।୭(କଳ୍ପତରୁ ନାୟକ)


ଗୋବରୀ ନଦୀକୁ ଜବରଦଖଲ କରି ଗୃହ ନିର୍ମାଣ ହୋଇଛି।

ସରକାରୀ ଜମିଗୁଡ଼ିକ ମୁଖ୍ୟତଃ ବିକାଶ ଓ ସର୍ବସାଧାରଣ କଲ୍ୟାଣ ନିମନ୍ତେ ବ୍ୟବହାର ହୋଇଥାଏ। ଜବରଦଖଲ ଯୋଗୁ ବିକାଶ ବାଧାପ୍ରାପ୍ତ ହେଉଛି। ତେଣୁ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବେଆଇନ ଜବରଦଖଲ ତୁରନ୍ତ ହଟାଯିବା ଆବଶ୍ୟକ ବୋଲି ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହର ଓ ଏହାର ଆଖପାଖରେ ଥିବା ବହୁ ସରକାରୀ ଜମି ଜବରଦଖଲରେ ରହିଛି। ଏହି ଜମି ଉପରେ କେତେଜଣ ବ୍ୟକ୍ତି ଘର କରିବା ସହ ବ୍ୟବସାୟ ପ୍ରତିଷ୍ଠାନ କରିଛନ୍ତି। ଏମାନେ ସରକାରଙ୍କ ବିନା ଅନୁମତିରେ ମୂଲ୍ୟବାନ୍ ଜମିକୁ ନିଜ ଆୟତ୍ତରେ ରଖି ଭଡ଼ାଦେବା ସହ ବିକ୍ରିକରି ଦେଉଛନ୍ତି। ତେଣୁ ଅନେକ ସମୟରେ ସରକାରଙ୍କ ପକ୍ଷରୁ ଉନ୍ନୟନମୂଳକ ପ୍ରକଳ୍ପ କରିବାରେ ବାଧା ସୃଷ୍ଟି ହେଉଛି। ପ୍ରଶାସନ ପାଖରେ ସବୁ ଖବର ରହିଥିଲେ ମଧ୍ୟ ଖାଲି ସରକାରୀ ନିଷିଦ୍ଧାଞ୍ଚଳ ଫଳକ ଲଗାଇ ସରକାରୀ ବାବୁମାନେ ଚୁପ୍ ହୋଇ ବସିଛନ୍ତି। ଫଳରେ ସରକାରୀ ଜମି କମି କମି ଚାଲିଥିବା ବେଳେ ପ୍ରାୟ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ହାନି ହୋଇଛି। ତେଣୁ ଜିଲା ପ୍ରଶାସନ ଏହି ଜବରଦଖଲକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସରକାରୀ ଜମିକୁ ମୁକ୍ତ କରିବାକୁ ପଟ୍ଟାମୁଣ୍ଡାଇବାସୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀମାନେ ଦାବି କରିଛନ୍ତି।

ବୁଦ୍ଧିଜୀବୀ ପ୍ରଫୁଲ୍ଲ ଦାଶ ଓ ଆଇନଜୀବୀ ପ୍ରମୋଦ ସାହୁ କହିଛନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ମୂଲ୍ୟବାନ୍ ଶୁଷ୍କ ଗୋବରୀ ନଦୀପଠା ଜମିକୁ କେତେଜଣ ଲୋକ ଚଞ୍ଚକତା କରି ହାତେଇ ନେଇଛନ୍ତି। ଏହାର ଉଦ୍ଧାର ପାଇଁ ଅଞ୍ଚଳବାସୀ ଦାବିକରି ଆସୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଶୁଣୁନାହିଁ। ଫଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ କରିବାକୁ ଭଲ ଜାଗା ମିଳୁନାହିଁ। ପଟ୍ଟାମୁଣ୍ଡାଇ ବଜାର ସଂଲଗ୍ନ ବେଲତଳ, ଦକ୍ଷିଣଦିଆ, ପୋଖରିଆପଡ଼ା ବଜାର ଦୁଇପାର୍ଶ୍ୱ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ। ପଟ୍ଟାମୁଣ୍ଡାଇ ବଜାରରେ ଥିବା ନୟନଯୋରି, ଅନାବାଦୀରେ ମଧ୍ୟ ଘରବାରି ହୋଇ ଚାଲିଛି। ଏ ନେଇ ପ୍ରତିବାଦ କଲେ ବିଭିନ୍ନ ପ୍ରକାର ଧମକ ଦିଆଯାଉଛି। ପ୍ରଶାସନ ପାଖରେ ସବୁ ଖବର ରହିଥିଲେ ମଧ୍ୟ ଖାଲି ସରକାରୀ ନିଷିଦ୍ଧାଞ୍ଚଳ ଫଳକ ଲଗାଇ 'ଏହା ଓଡ଼ିଶା ସରକାରଙ୍କ ସମ୍ପତ୍ତି, ଅନଧିକାର ପ୍ରବେଶ ଦଣ୍ଡନୀୟ' ଲେଖି ବାବୁମାନେ ଚୁପ୍ ହୋଇ ବସିଛନ୍ତି। ସେହି ନିଷିଦ୍ଧାଞ୍ଚଳ ଫଳକକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଓପାଡ଼ି ଜମିକୁ ଜବରଦଖଲ କରି ବିକ୍ରି କରୁଛନ୍ତି। ଗୋବରୀ ନଦୀକୁ ମଧ୍ୟ କେତେଜଣ ପ୍ରଭାବଶାଳୀ ଲୋକ ତହସିଲ କାର୍ଯ୍ୟାଳୟରୁ ଲିଜ୍ ନେଇ ଭୋଗଦଖଲ କରିବା ସହ ବିକ୍ରି କରୁଛନ୍ତି। ପୋତା ନଦୀ କିସମ ଜଳାଶୟ ଥିବା ବେଳେ ଏହା କିପରି ପୋତାଯାଇ ୪ରୁ ୫ ମହଲା କୋଠାଘର ନିର୍ମାଣ କରାଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ସହର ଓ ଏହା ଆଖପାଖରେ ଥିବା ଜମି ରେଟ୍ ଆକାଶ ଛୁଆଁ ହୋଇଥିବା ବେଳେ ଲୋକେ ବର୍ଷ ବର୍ଷ ଧରି ରୋଜଗାର କରି ବି ଖଣ୍ଡିଏ ଜାଗା କିଣିବା ସ୍ୱପ୍ନ ହୋଇପଡୁଛି। ଯଦି କଷ୍ଟେମଷ୍ଟେ ଜାଗା ଖଣ୍ଡିଏ କିଣୁଛନ୍ତି, ସେଥିପାଇଁ ବ୍ୟାଙ୍କରୁ ଋଣ କରିବାକୁ ପଡୁଛି। ଆଶ୍ଚର୍ଯ୍ୟର କଥା ପଟ୍ଟାମୁଣ୍ଡାଇ ସହର ଆଖପାଖ ଅଞ୍ଚଳରେ ଥିବା ନଦୀ, ପ୍ରାକୃତିକ ନାଳ, କେନାଲ, ନୟନଯୋରି ଓ ଜଳାଶୟଗୁଡ଼ିକ ଜବରଦଖଲ ହେବାରେ ଲାଗିଛି। ପ୍ରାୟ ଏକର ଏକର ସରକାରୀ ଜମିକୁ କେତେଜଣ ବ୍ୟକ୍ତି କବ୍‌ଜାକୁ ନେଇ କୋଠାଘର ନିର୍ମାଣ କରିଚାଲିଛନ୍ତି। ଏଥିପାଇଁ ଭବିଷ୍ୟତରେ ସହର ଜଳମଗ୍ନ ହେବା ସହ ଆଖପାଖ ଅଞ୍ଚଳର ଚାଷଜମି ପଡ଼ିଆ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଅଳଭାଠାରୁ ମଦନପୁର ଓ ଅଳଭା–ଗଣ୍ଡାଖିଆ ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ଛକର ଚତୁଃପାର୍ଶ୍ୱରେ ଦୋକାନଘର ଗଢ଼ିଉଠୁଛି। ଅପରପାର୍ଶ୍ୱରୁ ଆସୁଥିବା ଗାଡ଼ି ଦେଖା ନ ଯିବାରୁ ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ଅଧିକାରୀମାନେ ଅବଗତ ଥାଇ ମଧ୍ୟ ଜବରଦଖଲକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଏ ନେଇ ତହସିଲଦାର ପଞ୍ଚାନନ ନାୟକଙ୍କୁ ପଚାରିବାରେ ଏହା ଉପରେ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

■ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦଖଲରେ ମୂଲ୍ୟବାନ୍ ସରକାରୀ ଜମି

■ ବେଆଇନ ଜବରଦଖଲ ହଟାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

# ମାଷ୍ଟରମାଇଣ୍ଡଙ୍କୁ ଗିରଫ ଦାବି କଲେ ପୁରାତନ ଛାତ୍ରୀଛାତ୍ର


ପୁରାତନ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## କେନ୍ଦ୍ରାପଡ଼ା କଲେଜରୁ ଏସି ଚୋରି ମାମଲା

କେନ୍ଦ୍ରାପଡ଼ା, ୮।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ୧ ନମ୍ବର ସଭାଗୃହରୁ ଗୋଟିଏ ଏସି ଚୋରି ହୋଇଥିଲା। ଏ ନେଇ ଅଧ୍ୟକ୍ଷ ଅଭିଜିତ ଘୋଷ ଟାଉନ ଥାନାରେ ୫ ତାରିଖରେ ଅଭିଯୋଗ ପତ୍ର ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ନଂ. ୧୪୨/୨୪ରେ ମାମଲା ରୁଜୁ ହୋଇଛି। ତଦନ୍ତ ପରେ ଟାଉନ ଥାନା ପୋଲିସ ଅଭିଯୁକ୍ତ ଇଲେକ୍ଟ୍ରିସିଆନ ପପୁ ଓରଫ ସଦର ଥାନା ମିର୍ଜାପାଟଣା ଗ୍ରାମର ସେକ୍ ରାହେବାରୋଦ୍ଦିନ ଓ ଏହି କଲେଜର ଆଟେଣ୍ଡାଣ୍ଟ ତଥା ଟାଉନ ବଳରାମପୁର ଗ୍ରାମର ଭାସ୍କର ସେନାପତିଙ୍କୁ ରବିବାର ଗିରଫ କରିଛି। ତେବେ ଏହି ଚୋରି ଘଟଣାର ମାଷ୍ଟରମାଇଣ୍ଡଙ୍କୁ ଛଡ଼ା ଯାଇଥିବା ପୁରାତନ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚର ହସ୍ତକ୍ଷେପ ଓ ମାଷ୍ଟରମାଇଣ୍ଡଙ୍କୁ ଗିରଫ ଦାବିରେ ସେମାନେ ସୋମବାର ଟାଉନ ଥାନା ସମ୍ମୁଖରେ ବିକ୍ଷୋଭ କରିଛନ୍ତି।

ଏ ସମ୍ପର୍କରେ ପୁରାତନ ଛାତ୍ର ପ୍ରତାପ କୁମାର ମହାନ୍ତି କହିଛନ୍ତି, ଚୋରି ଘଟଣାର ଅଭିଯୋଗ ପରେ ଟାଉନ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଦୁଇଜଣଙ୍କ ସହ କଲେଜର ଜଣେ ବରିଷ୍ଠ ଅଧ୍ୟାପକଙ୍କୁ ଏହି ଘଟଣାରେ ଥାନାରେ ଅଟକ ରଖିଥିଲା। ତେବେ କୌଣସି କାରଣରୁ ଏହି ଅଧ୍ୟାପକଙ୍କୁ ରାତିଅଧରେ ଛାଡ଼ି ଦିଆଯାଇଛି। କଲେଜରେ ଏହି ଚୋରି ପ୍ରଥମ ନୁହେଁ। ଏହା ପୂର୍ବରୁ କଲେଜର ୧୪ଟି ଏସି, ଲାପଟପ, ଅଗ୍ନି ନିର୍ବାପକ ଯନ୍ତ୍ର ଆଦି ଚୋରି ହୋଇଥିବା ସୂଚନା ମିଳିଛି। ପୋଲିସ ତଦନ୍ତ ସମୟରେ ଏହି ଅଧ୍ୟାପକଙ୍କର ଚୋରି ଘଟଣାରେ ପ୍ରତ୍ୟକ୍ଷ ସମ୍ପୃକ୍ତି ଥିବା ସୂଚନା ମିଳୁଥିବା ବେଳେ ରାତିଅଧରେ ଛାଡ଼ିଦେବା ସନ୍ଦେହକୁ ଘନୀଭୂତ କରିଛି। ଏଥିପାଇଁ ଚୋରି ଘଟଣାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚର ସହାୟତା ଲୋଡ଼ିଛୁ। ସେହିପରି ମାଷ୍ଟରମାଇଣ୍ଡ ଅଧ୍ୟାପକଙ୍କ ଗିରଫ ନ ହେଲେ ଏହି ଆନ୍ଦୋଳନ ଅଧିକ ହେବ ବୋଲି ପୁରାତନ ଛାତ୍ର ମହାନ୍ତି କହିଛନ୍ତି। ଏହି ବିକ୍ଷୋଭରେ ପୁରାତନ ଛାତ୍ର ଭାଗୀରଥି ଜେନା, ଚିତ୍ତରଞ୍ଜନ ଦାସ, ପ୍ରଦୀପ କୁମାର ଦାଶ, ନିରଞ୍ଜନ ପରିଡା, ବିଧୁଭୂଷଣ ମହାପାତ୍ର, ହରେକୃଷ୍ଣ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ମଣ୍ଡଳ ଓଷ୍ଟା ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ


କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜକନିକା, ୮।୭(ସଞ୍ଜୟ କୁମାର ଦାଶ)

ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ(ଓଷ୍ଟା) ରାଜକନିକା ମଣ୍ଡଳ ପକ୍ଷରୁ ମାଟ୍ରିକ୍ ପରୀକ୍ଷାରେ ଏ–୧ ଗ୍ରେଡ୍ ରଖି କୃତକାର୍ଯ୍ୟ ହୋଇଥିବା ବ୍ଲକର ୬ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଛି। ରାଜକନିକା ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ ଯୋଗଦେଇଥିଲେ। ଓଷ୍ଟାର ଉପସଭାପତି ସୁରେନ୍ଦ୍ର ନାଥ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ନଳିନୀ ରଞ୍ଜନ ରାଉତରାୟ, ମୁଖ୍ୟବକ୍ତା ରାଜ୍ୟ ଓଷ୍ଟାର ପୂର୍ବତନ ନେତୃତ୍ୱ କାଳୀପ୍ରସାଦ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଷ୍ଟାର ପୂର୍ବତନ ସମ୍ପାଦକ ନବକିଶୋର ସୂତାର, ପୂର୍ବତନ ସଭାପତି ଲକ୍ଷ୍ମୀଧର ମିଶ୍ର, ରାଜକନିକା ଥାନା ଏସ୍‌ଆଇ ଗୌରୀମଣି ମୁର୍ମୁ, ଏଏସ୍‌ଆଇ ମାନସ ରଞ୍ଜନ ସାହୁ, ନୋଡାଲ ପ୍ରଧାନ ଶିକ୍ଷକ ଧର୍ମଜ୍ୟୋତି ରାଉତ, ପୂର୍ବତନ ନୋଡାଲ୍ ପ୍ରଧାନ ଶିକ୍ଷକ ଅନ୍ନଦା ପ୍ରସାଦ ରାଉତ, ସଞ୍ଜୟ କୁମାର ସାମଲ, ନୋଡାଲ ବିଜ୍ଞାନ ଶିକ୍ଷକ ନିରଞ୍ଜନ ବେହେରା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅମର କୁମାର ବାରିକ, ନିରୁପମା ରାଉତ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଭାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନାପୂର୍ବକ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଛି। ଓଷ୍ଟାର ସମ୍ପାଦକ ଅରବିନ୍ଦ ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ରତିକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିଲୀପ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ବଟକୃଷ୍ଣ ପଣ୍ଡା, ଗୋଲକ ବିହାରୀ ନାୟକ, ବିଜୟ କୁମାର ପଢିହାରୀ, ବିଜନ କୁମାର ନାୟକ, ପ୍ରଣବ ପଟ୍ଟନାୟକ, ପ୍ରଭାତ କୁମାର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାଉସୀ ମା' ମନ୍ଦିର ଚକଡ଼ା ଲାଗିଲା ଶ୍ରୀଦଧିବାମନଜୀଉଙ୍କ ରଥ

ଡେରାବିଶ,୮।୭ (ବେବର୍ତ୍ତା ଅଜୟ ଦାସ )


ଶ୍ରୀଦଧୀବାମନ ରଥଙ୍କୁ ଶ୍ରଦ୍ଧାଳୁମାନେ ଟାଣୁଛନ୍ତି।

ରବିବାର ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ରଥଟଣା ଆରମ୍ଭ ହୋଇଥିବା ବେଳେ ଡେରାବିଶ ବ୍ଲକ ଅଞ୍ଚଳର ପରମ ଆରାଧ୍ୟ ଶ୍ରୀଦଧିବାମନଜୀଉଙ୍କ ରଥ ସୋମବାର ସନ୍ଧ୍ୟାରେ ଗୋଲରାହାଟ ପଞ୍ଚାୟତ ଅଧୀନ ଦୁମୁକାହାଟର ରଥପଡ଼ିଆ ଗ୍ରାମସ୍ଥିତ ମାଉସୀମା' ମନ୍ଦିର ଚକଡ଼ା ଲାଗିଛି। ବିଧି ଓ ପରମ୍ପରା ଅନୁଯାୟୀ ରବିବାର ଅପରାହ୍ନରେ ଗୋଟି ପହଣ୍ଡିରେ ମନ୍ଦିରର ସେବାୟତମାନେ ଶ୍ରୀଜୀଉଙ୍କୁ ଆଣି ରଥାରୂଢ଼ କରିଥିଲେ। ପରେ ପୂଜକ ଦୁଃଖୀଶ୍ୟାମ ପଣ୍ଡା ମଙ୍ଗଳାର୍ପଣ ସହ ଛେରାପହଁରା କାର୍ଯ୍ୟ କରିବା ପରେ ଶ୍ରୀଜୀଉଙ୍କ ରଥକୁ ଅଳ୍ପ କିଛିବାଟ ଟଣାଯିବା ପରେ ଅନ୍ଧାର ହୋଇଯିବାରୁ ରଥଟଣା ବନ୍ଦ କରିଦିଆଯାଇଥିଲା। ସୋମବାର ଅପରାହ୍ନରେ ହଜାର ହଜାର ଶ୍ରଦ୍ଧାଳୁ ପୁଣି ଶ୍ରୀଦଧିବାମନଜୀଉଙ୍କ ରଥକୁ ଟାଣିଟାଣି ନେଇ ମାଉସୀମା' ମନ୍ଦିର ଚକଡାରେ ଲଗାଇ ଦେଇଥିଲେ। ରଥଟଣା ସମୟରେ ଶ୍ରୀଜୀଉଙ୍କ ରଥ ସମ୍ମୁଖରେ ବାଜା, ସଂକୀର୍ତ୍ତନ, ଘଣ୍ଟ ଏବଂ ଜୟ ଜଗନ୍ନାଥ, ହରିବୋଲ ଓ ହୁଳହୁଳି ଧ୍ୱନିରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ପରମ୍ପରା ଅନୁଯାୟୀ ରଥାରୂଢ଼ ଠାକୁରଙ୍କୁ ବିଭିନ୍ନ ସ୍ଥାନରେ ଭୋଗ ଲାଗି କରାଯାଇଥିଲା। ତେବେ ସନ୍ଧ୍ୟାରେ ରଥ ଉପରେ ସମସ୍ତ ନୀତିକାନ୍ତି କରାଯିବା ପରେ ପୂଜକ ଓ ସେବାୟତମାନେ ଗୋଟି ପହଣ୍ଡିରେ ଶ୍ରୀଜୀଉଙ୍କୁ ମାଉସୀ ମା' ମନ୍ଦିରରେ ଥିବା ସିଂହାସନରେ ବିଜେ କରାଇଥିବା ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟି ଦାୟିତ୍ୱରେ ଥିବା ନାରାୟଣ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ତେବେ ଭିଡ଼କୁ ଦୃଷ୍ଟିରେ ରଖି ଡେରାବିଶ ପୋଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ରଥଯାତ୍ରାରେ ଭିନ୍ନକ୍ଷମଙ୍କୁ ସଚେତନ କରାଉଛି ପୁନର୍ବାସ

କେନ୍ଦ୍ରାପଡ଼ା, ୮।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ଇଚ୍ଛାପୁରରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ରବିବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଭିନ୍ନକ୍ଷମଙ୍କ ପାଇଁ ସେବାକାର୍ଯ୍ୟ କରୁଥିବା ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଭିନ୍ନକ୍ଷମଙ୍କ ଅଧିକାର ସମ୍ପର୍କରେ ସଚେତନ କରାଯାଉଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ, ସମାଜରେ ବହୁ ପରିମାଣରେ ଭିନ୍ନକ୍ଷମ ଅବହେଳାର ଶିକାର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ନୂତନ ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ ପ୍ରଣୟନ କରାଯାଇଛି। ଏଥିରେ ସେହି ବର୍ଗର ଲୋକଙ୍କ ପାଇଁ ସରକାରୀ ସୁବିଧା, ସଂରକ୍ଷଣ, ପ୍ରାବଧାନ ଓ ସ୍ୱତନ୍ତ୍ର ସଂରକ୍ଷଣ ଆଦିକୁ ଗୁରୁତ୍ୱ ଦିଆଯାଇଛି। ପ୍ରକୃତରେ ସମସ୍ତଙ୍କ ସହଯୋଗ ମିଳିଲେ ଜଣେ ଅକ୍ଷମ ବ୍ୟକ୍ତି ନିଜକୁ ଭିନ୍ନକ୍ଷମ ଭାବେ ପ୍ରତିପାଦିତ କରିପାରିବେ। ଏହା ଏବେ ଉଦାହରଣ ନ ହୋଇ ବାସ୍ତବତାରେ ପରିଣତ ହୋଇଛି। ଏହି ଅବସରରେ ବିଧାୟକ ବେହେରା ଭିନ୍ନକ୍ଷମଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ସୂଚନା ପୁସ୍ତିକା ଓ ଲିଫ୍‌ଲେଟ ଉନ୍ମୋଚନ କରିଥିଲେ। ଅନୁଷ୍ଠାନର ସହସମ୍ପାଦକ ବଂଶୀଧର ମହାନ୍ତି, କର୍ମକର୍ତ୍ତା ନୃସିଂହ ଚରଣ ତ୍ରିପାଠୀ, ଯୁବନେତା ପ୍ରଦ୍ୟୁମ୍ନ ଜେନା, ରଞ୍ଜନ ସ୍ୱାଇଁ, ମିହିର ରଞ୍ଜନ ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


ସଚେତନତା କାର୍ଯ୍ୟକ୍ରମରେ ବିଧାୟକ ଗଣେଶ୍ୱର ବେହେରା ଓ ଅନ୍ୟମାନେ।

# କେରେଡ଼ାଗଡ଼ ମାଉସୀ ମା' ମନ୍ଦିର ଉଦ୍‌ଘାଟିତ



ରାଜନଗର, ୮।୭(ଭାସ୍କର ରାଉତରାୟ): ପୁରାଣ ପ୍ରସିଦ୍ଧ ରାଜନଗର ବ୍ଲକ କେରେଡାଗଡ଼ସ୍ଥିତ ଶ୍ରୀଜଗନ୍ନାଥଜୀଉଙ୍କ ଗୁଣ୍ଡିଚା ଯାତ୍ରାର ୨ୟ ଦିନରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ମାଉସୀ ମା' ମନ୍ଦିରକୁ କନିକା ରାଜା ସାହେବ ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ସୋମବାର ଉଦ୍‌ଘାଟନ କରିଛନ୍ତି। ପଣ୍ଡିତ ଜନକୃଷ୍ଣ ରଥ, ବଡପଣ୍ଡା ନିତ୍ୟାନନ୍ଦ ଦାଶଙ୍କ ମନ୍ତ୍ର ପାଠ ପରେ ରାଜାସାହେବ ନୂତନ ମନ୍ଦିରର ଚକ୍ର ଓ ପତାକା ସ୍ଥାପନ କରିଥିଲେ। ଶ୍ରଦ୍ଧାଳୁ ଭକ୍ତଙ୍କ ନାମ ସଂକୀର୍ତ୍ତନ, ହରିବୋଲ ହୁଳହୁଳି ଧ୍ୱନିରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମା'ଙ୍କ ମନ୍ଦିରର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଏହି ଭବ୍ୟ କାର୍ଯ୍ୟକ୍ରମରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ବିଶ୍ୱକର୍ମା ଓ ଅନ୍ୟ ସେବାୟତ ଉପସ୍ଥିତ ଥିଲେ।

# ଦିଲ୍ଲୀରେ ରଥଯାତ୍ରାରେ ସେବାକାର୍ଯ୍ୟ

ପଟ୍ଟାମୁଣ୍ଡାଇ,୮।୭ (କଳ୍ପତରୁ ନାୟକ)

ନୂଆଦିଲ୍ଲୀର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଉତ୍ସବ ପାଳନ ଅବସରରେ ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ସହଦେବ ବାବା ଯୁବ ପରିଷଦ ଦିଲ୍ଲୀ ଶାଖା ପକ୍ଷରୁ କରାଯାଇଥିବା ସେବାକାର୍ଯ୍ୟକୁ ବିଭିନ୍ନ ମହଲରୁ ସାଧୁବାଦ ଜଣାଯାଇଛି। ନୂଆଦିଲ୍ଲୀ ହାଉଜଖାସ ଭିଲେଜସ୍ଥିତ ଜଗନ୍ନାଥ ମନ୍ଦିରଠାରେ ୪୬ତମ ରଥଯାତ୍ରା ଉତ୍ସବ ପାଳନ ହୋଇଯାଇଛି। ଦିଲ୍ଲୀ ଓ ଏହାର ଆଖପାଖ ଇଲାକାରୁ ଆସିଥିବା ଓଡ଼ିଆ ଓ ଅଣଓଡ଼ିଆ ଶ୍ରଦ୍ଧାଳୁମାନେ ରଥ ଦଉଡ଼ି ଟଣାରେ ଭାଗ ନେଇଥିଲେ। ଏଠାରେ ଦ୍ୱିପ୍ରହର ପହଣ୍ଡି ବିଜେ ଆରମ୍ଭ କରାଯାଇ ବଡ଼ଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ, ପ୍ରଭୁ ସୁଦର୍ଶନଙ୍କୁ ସାହିରୋଶଣି କରାଯାଇ ରଥ ଉପରକୁ ନିଆଯାଇ ରଥଯାତ୍ରା ହୋଇଥିଲା। ଏହି ରଥଯାତ୍ରାରେ ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ସହଦେବବାବା ଯୁବ ପରିଷଦ ଦିଲ୍ଲୀ ଶାଖା ପକ୍ଷରୁ ପାନୀୟ ଜଳ, ଦହିପଣା, ଲସି, ସରବତ୍ ଆଦି ବଣ୍ଟନ କରାଯାଇଥିଲା। ପରିଷଦର ସଭ୍ୟ ପ୍ରମୋଦ ଦାସ, ଚିନ୍ମୟ ରାଉତ, ସଞ୍ଜୟ ସାହୁ, ବିଭୂତି ବିଶ୍ୱାଳ, ପ୍ରଦ୍ୟୁମ୍ନ ଦାସ, ପ୍ରବୋଧ ରାଉତ, ଅଭିଳାଷ ବିଶ୍ୱାଳଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ରହି ସେବାକାର୍ଯ୍ୟ ପରିଚାଳନା କରିଥିଲେ।



ସହଦେବ ବାବା ଯୁବ ପରିଷଦ ଦିଲ୍ଲୀ ଶାଖା ପକ୍ଷରୁ ସେବା କାର୍ଯ୍ୟରେ ଯୋଗ ଦେଇଥିବା ସଦସ୍ୟ।

# ସିଆର୍‌ପି ସଂଘ ଗଠିତ

ରାଜକନିକା,୮।୭(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ମିଶନ ଶକ୍ତିରେ କାର୍ଯ୍ୟରତ ସିଆରପିଙ୍କୁ ନେଇ ବ୍ଲକସ୍ତରୀୟ ସିଆର୍‌ପି ସଂଘ ଗଠନ ହୋଇଯାଇଛି। ରବିବାର ସ୍ଥାନୀୟ ଏକ ମଣ୍ଡପଠାରେ ବ୍ଲକର ୨୯ ପଞ୍ଚାୟତର କାର୍ଯ୍ୟରତ ସିଆର୍‌ପିଙ୍କୁ ନେଇ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରସଙ୍ଗ ମଧ୍ୟରେ କାର୍ଯ୍ୟକ୍ଷେତ୍ରରେ ଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ବ୍ଲକସ୍ତରୀୟ ସଂଘ ଗଠନ କରାଯିବାକୁ ନିଷ୍ପତ୍ତି ନିଆଯାଇ ସଂଘର ସ୍ଥାୟୀ ସଭାନେତ୍ରୀ ଭାବେ ମହିଳା ସମିତିର ନେତ୍ରୀ ସବିତା ବରଜ, ଉପସଭାନେତ୍ରୀ ଭାବେ ସଞ୍ଜୁକ୍ତା ନାୟକ, ସମ୍ପାଦିକା ଭାବେ ଜ୍ୟୋତିର୍ମୟୀ ନାଥଶର୍ମା, ସହସମ୍ପାଦିକା ଭାବେ ସୁପ୍ରଭା ନାୟକ, ଯୁଗ୍ମ ସମ୍ପାଦିକା ଭାବେ ସୁବ୍ରତା ବେହୁରାଙ୍କ ସମେତ ୧୫ ଜଣିଆ କାର୍ଯ୍ୟକାରୀ କମିଟି ସର୍ବସମ୍ମତିକ୍ରମେ ଗଠନ କରାଯାଇଛି। କାର୍ଯ୍ୟକାରୀ କମିଟି ସର୍ବସମ୍ମତିକ୍ରମେ ଗଠନ କରାଯାଇଛି।

# ଭିତରକନିକାରେ ୫୦ ହଜାର ଦେଶୀୟ ପକ୍ଷୀଙ୍କ ଭିଡ଼

ରାଜନଗର, ୮।୭(ଭାସ୍କର ରାଉତରାୟ)

ମୌସୁମୀ ବାୟୁ ସକ୍ରିୟ ହେବା ପରେ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଭିଡ଼ ଜମିବାରେ ଲାଗିଛି। ଭିତରକନିକାର ମଠଆଡିଆ, ଦୁର୍ଗାପ୍ରସାଦଡିଆ ଓ ଲକ୍ଷ୍ମୀପ୍ରସାଦଡିଆରେ ଏବେ ପ୍ରାୟ ୫୦ ହଜାରରୁ ଅଧିକ ପକ୍ଷୀ ଭିଡ଼ ଜମାଇ ସାରିଲେଣି। ଦେଶୀୟ ପକ୍ଷୀଙ୍କ କାକଳିରେ ଭିତରକନିକା ଏବେ କୋଳାହଳମୟ ହୋଇ ଉଠିଛି।

ଭିତରକନିକାକୁ ବର୍ଷା ଆସିବା ପରେ ଦେଶୀୟ ପକ୍ଷୀମାନେ ଖାଦ୍ୟ ସଂଗ୍ରହ, ବଂଶବିସ୍ତାର କରିବାକୁ ଧାଇଁ ଆସିଛନ୍ତି। ଭିତରକନିକାରେ ରହିଯାଇଥିବା ବିଦେଶାଗତ ପକ୍ଷୀମାନଙ୍କ ସହ ବନ୍ଧୁତ୍ୱ ସ୍ଥାପନ ପାଇଁ ଦେଶୀୟ ପକ୍ଷୀମାନେ ଏଠାକୁ ଛୁଟି ଆସନ୍ତି। ଭିତରକନିକାର ମଠଆଡିଆ, ଦୁର୍ଗାପ୍ରସାଦଡିଆ ଓ ଲକ୍ଷ୍ମୀପ୍ରସାଦଡିଆରେ ଗେଣ୍ଡାଳିଆ, ଅନ୍ଧାରିଆବଗ, ମାଛରଙ୍କା ପ୍ରଭୃତି ପାଣିକୁଆ, ଖଇରା, ଅଞ୍ଜନା, ରାଣୀବଗ, ମଝିଆବଗ, ବଡବଗ, କାପରଖାଇ, ୧୦ ପ୍ରକାରର ଦେଶୀୟ ପକ୍ଷୀ ଭିଡ଼ ଜମାଇଛନ୍ତି। ଏହି ଦେଶୀୟ ପକ୍ଷୀମାନେ ବନୀ, ଗୁଆଁ, ସିଙ୍ଗଡା, ରାଇ, ସିନ୍ଦୁକା, କେରୁଆଁ ଆଦି ଗଛରେ ବସା ବାନ୍ଧୁଥିବା ଦେଖିବାକୁ ମିଳିଛି। ମଠଆଡିଆରେ ଅଧିକ ସଂଖ୍ୟାରେ ଗେଣ୍ଡାଳିଆ ବସା କରିଥିବା ବେଳେ ଦୁର୍ଗାପ୍ରସାଦଡିଆରେ ବଗ ଓ ପାଣିକୁଆ ଅଧିକ ସଂଖ୍ୟାରେ ବସା ବାନ୍ଧିଛନ୍ତି। ଲକ୍ଷ୍ମୀପ୍ରସାଦଡିଆରେ ସବୁ ପ୍ରଜାତିର ପକ୍ଷୀ ବସା ବାନ୍ଧିଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୦ ହଜାର ପକ୍ଷୀ କେବଳ ଲକ୍ଷ୍ମୀପ୍ରସାଦଡିଆରେ ଭିଡ ଜମାଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ୨୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଦେଶୀୟ ପକ୍ଷୀମାନେ ବଗଗହନରେ ଭିଡ ଜମାଉଥିଲେ। ସେହି ସ୍ଥାନରେ ପର୍ଯ୍ୟଟକମାନେ ଦେଶୀୟ ପକ୍ଷୀଙ୍କୁ ଦେଖିବା ପାଇଁ ୱାଚଟାୱାର ମଧ୍ୟ ନିର୍ମାଣ କରାଯାଇଥିଲା। ମାତ୍ର ଲଗାତର ୮ ବର୍ଷ ହେଲା ବଗଗହନରେ ଗୋଟିଏ ବି ପକ୍ଷୀ ବସା ବାନ୍ଧୁନାହାଁନ୍ତି କି ଭିଡ ଜମାଉନାହାନ୍ତି।


ଭିତରକନିକାରେ ଦେଶୀୟ ପକ୍ଷୀ ଗଛ ବସା ବାନ୍ଧିଛନ୍ତି।

## ମହିଳାଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ଭଞ୍ଜନଗର,୮।୭(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲ୍ଲା ବଡଗଡ଼ ପାଇକ ସାହିରେ ରବିବାର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଏବଂ ଅନ୍ୟମାନେ ଠେଙ୍ଗାରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ଆରତୀ ଦୋହରି (୨୮)। ପୋଲିସ ମୃତଦେହ ଜବତ କରି ଅଭିଯୁକ୍ତ ସ୍ୱାମୀ ରାଜୁ ଦୋହରୀଙ୍କୁ ଗିରଫ କରିଛି।

କବିସୂର୍ଯ୍ୟନଗରର ଦେବରାଜ ନାହାକଙ୍କ ଝିଅ ଆରତୀ ୯ ବର୍ଷ ପୂର୍ବେ ବଡ଼ଗଡ଼ର ରାଜୁଙ୍କୁ ବିବାହ କରିଥିଲେ। ସେମାନଙ୍କର ୨ଟି ଝିଅ ଅଛନ୍ତି। ବିବାହର କିଛି ବର୍ଷ ପରେ ଦମ୍ପତିଙ୍କ ମଧ୍ୟରେ କୌଣସି କାରଣରୁ ବାରମ୍ବାର ଝଗଡ଼ା ବାରମ୍ବାର ହେଉଥାଏ। ରବିବାର ରାତିରେ ମଧ୍ୟ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ହୋଇଥଲା ବୋଲି ଆରତୀ ତାଙ୍କ ମା'ଙ୍କୁ ଫୋନ୍‌ରେ କହିଥିଲେ। ଏହାର କିଛି ସମୟ ପରେ ମା' ପୁଣି ଫୋନ କରିଥିଲେ ମଧ୍ୟ ଆରତୀ ଉଠାଇ ନ ଥିଲେ। ଏହାକୁ ନେଇ ମା'ଙ୍କ ସନ୍ଦେହ ବଢିଥିଲା। ରାତି ପ୍ରାୟ ୪ଟାରେ ରାଜୁ ତାଙ୍କ ଶାଶୁଙ୍କୁ ଫୋନ କରି ଆରତୀ ମରିଯାଇଥିବା କହିଥିଲେ। ଆରତୀଙ୍କ ମା', ବାପା ସେଠାକୁ ଯାଇଥିବା ବେଳେ ଝିଅ ମରିଯାଇଥିବା ଦେଖିଥିଲେ। ବାପା ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

# ନିମ୍ନମାନର ରାସ୍ତା କାମ ବନ୍ଦ କଲେ ଗ୍ରାମବାସୀ

ଗଣିଆ, ୮।୭(ସନ୍ତୋଷ କୁମାର ପ୍ରଧାନ)

ଗଣିଆ-ବଡମୂଳ ରାସ୍ତାର କଳାପାଟଠାରୁ ବଡମୂଳ ପର୍ଯ୍ୟନ୍ତ ୨ବର୍ଷ ଧରି ରାସ୍ତାର ନବୀକରଣ କାର୍ଯ୍ୟ ଚାଲୁରହିଛି। ସମ୍ପୃକ୍ତ ଠିକାଦାର ଖରାଦିନେ ରାସ୍ତା କାର୍ଯ୍ୟ ନ କରି ବର୍ଷା ଦିନେ କଂକ୍ରିଟ ଢଳେଇ କାମ କରୁଛନ୍ତି। ସୋମବାର ଅପରାହ୍ନରେ ଈଶ୍ୱରପୁର ଗ୍ରାମ ନିକଟବର୍ତ୍ତୀ ଦେଇ ଯାଇଥିବା ଏହି ରାସ୍ତାରେ କଂକ୍ରିଟ ଢଳେଇ କାର୍ଯ୍ୟ କରାଯାଉଥିଲା। ନିମ୍ନମାନର କାର୍ଯ୍ୟ ଚାଲିଥିବା ଦର୍ଶାଇ ଈଶ୍ୱରପୁର ଗ୍ରାମବାସୀ ରାସ୍ତା କାର୍ଯ୍ୟ ଠିକ ଭାଗମାପରେ କରିବାକୁ ସମ୍ପୃକ୍ତ ଠିକାଦାରଙ୍କ ସୁପରଭାଇଜରଙ୍କୁ କହିଥିଲେ। ତେବେ କଂକ୍ରିଟ ଢଳେଇ ସମୟରେ ଗୋଟିଏ ସିମେଣ୍ଟ ବସ୍ତାରେ ୭ ଝୁଡି ବାଲି ଓ ୮ ଝୁଡି ଗୋଡି ଦେଇ ଢ଼ଳେଇ କରାଯାଉଥିବା ନେଇ ଗ୍ରାମବାସୀ ବିରୋଧ କରିଥିଲେ। ଘଟଣାସ୍ଥଳରେ ଗ୍ରାମ୍ୟ ଓ ନଗର ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ କିମ୍ବା କୌଣସି ବିଭାଗୀୟ ଅଧିକାରୀ ନ ଥିବା ବେଳେ ସମ୍ପୃକ୍ତ ସୁପରଭାଇଜର ନିମ୍ନମାନର କାର୍ଯ୍ୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### କନିଷ୍ଠ ଯନ୍ତ୍ରୀ କହୁଛନ୍ତି କାମ ଠିକ୍ ହେଉଛି

ପ୍ରକାଶ ଥାଉକି ୫ ବର୍ଷ ଧରି ଏହି ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇ ପଡିଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ପ୍ରତ୍ୟେହ ଏହି ରାସ୍ତାରେ ଯାତାୟାତ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଗ୍ରାମବାସୀ ନିମ୍ନମାନର ରାସ୍ତା ହେଉଥିବାରୁ ବିରୋଧ କରି କାମ ବନ୍ଦ କରିବାକୁ ସମ୍ପୃକ୍ତ ସୁପରଭାଇଜରଙ୍କୁ କହିଛନ୍ତି। ରାସ୍ତା ଢ଼ଳେଇରେ ସିମେଣ୍ଟ, ବାଲି ଓ ଗୋଡି ଭାଗ ଠିକ୍ ପକାଇଲେ ରାସ୍ତା କାର୍ଯ୍ୟ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ତେବେ ଏ ସମ୍ପର୍କରେ ଗଣିଆ ଗ୍ରାମ୍ୟ ଓ ନଗର ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ସାହଙ୍କୁ ପଚାରିବାରୁ ରାସ୍ତା କାର୍ଯ୍ୟ ଠିକ୍ ଭାବେ ହେଉଛି। ତେବେ ରାସ୍ତାର କଂକ୍ରିଟ ଢଳେଇର ଭାଗ ମାପ ସମ୍ପର୍କରେ ପଚାରିବାରୁ ଗୋଟିଏ ସିମେଣ୍ଟ ବସ୍ତାରେ ୪ ଝୁଡି ବାଲି ଓ ୫ ଝୁଡି ଗୋଡି ଦେଇ ରାସ୍ତା ଢ଼ଳେଇ କରାଯିବ ବୋଲି କନିଷ୍ଠ ଯନ୍ତ୍ରୀ



କଳାପାଟଠାରୁ ବଡମୂଳ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକାମ ଚାଲିଛି।

କହିଛନ୍ତି। ତେବେ କାର୍ଯ୍ୟସ୍ଥଳକୁ କନିଷ୍ଠ ଯନ୍ତ୍ରୀ ନ ଆସି ରାସ୍ତା ଢଳେଇ କାମ ଠିକ୍ ହେଉଛି ବୋଲି କହିବା ଏବଂ କନିଷ୍ଠ ଯନ୍ତ୍ରୀ କହିଥିବା ଭାଗମାପ ଓ ସୁପରଭାଇଜର ରାସ୍ତା କାର୍ଯ୍ୟ କରୁଥିବା ଭାଗମାପ ରାସ୍ତା କାର୍ଯ୍ୟର ସ୍ଥାୟିତ୍ୱ ପ୍ରତି ସନ୍ଦେହ ପ୍ରକାଶ ପାଉଥିବା କୁହିଛନ୍ତି ଈଶ୍ୱରପୁର ଗ୍ରାମର ସଭାପତି ଗୋଲକ ବିହାରୀ ନାୟକ।

ସୂଚନାଯୋଗ୍ୟ, ସମ୍ପୃକ୍ତ ଠିକାଦାର ୨ ଦିନ ତଳେ ମୁଦୁଲିଗାଡ଼ିଆ ଗ୍ରାମ ନିକଟରେ ଏହି ରାସ୍ତାର କଂକ୍ରିଟ ଢଳେଇ କାମ କରୁଥିବା ବେଳେ ଲୋକଙ୍କ ଯାତାୟାତ ପାଇଁ ଅସ୍ଥାୟୀ ରାସ୍ତା ନିର୍ମାଣ କରି ନ ଥିବା ସମ୍ପୃକ୍ତ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏ ନେଇ ଖବର ପ୍ରସାରଣ ପରେ ମୁଦୁଲିଗାଡିଆଠାରେ କଂକ୍ରିଟ କାର୍ଯ୍ୟ ଅଧାପନ୍ତରିଆ ଭାବେ ଛାଡି ଦେଇ ଈଶ୍ୱରପୁରଠାରେ ରାସ୍ତାରେ କଂକ୍ରିଟ ଢଳେଇ କାମ ରବିବାରଠାରୁ ଆରମ୍ଭ କରିଥିବା ଦେଖାଯାଇଛି। ତେବେ ଈଶ୍ୱରପୁରଠାରେ କଂକ୍ରିଟ ରାସ୍ତା ଢଳେଇ ପାର୍ଶ୍ୱରେ ସମ୍ପୃକ୍ତ ସୁପରଭାଇଜର କରିଥିବା ଅସ୍ଥାୟୀ ରାସ୍ତାରେ ଡଷ୍ଟ ପକାଉ ନ ଥିବାରୁ ଅସରାଏ ବର୍ଷା ହେଲେ ସେହି ଅସ୍ଥାୟୀ ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି ବୋଲି ଛାମୁଣ୍ଡିଆ ଗ୍ରାମର ଜୟଦେବ ସାହୁ କହିଛନ୍ତି। ତେବେ ଗତ ୧ ଦଶନ୍ଧି ଧରି ଗଣିଆ ବ୍ଲକ କାର୍ଯ୍ୟାଳୟଠାରୁ ଛାମୁଣ୍ଡିଆ ଓ ବଡଶିଲିଙ୍ଗା ପଞ୍ଚାୟତକୁ ଯାତାୟାତ ପାଇଁ ଭଲ ରାସ୍ତାଟିଏ ପାଇଁ ଆଶା ରଖିଥିବା ବେଳେ ଏଭଳି ନିମ୍ନମାନର କାମ ରାସ୍ତାର ସ୍ଥାୟିତ୍ୱ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଠିକ୍ ଭାଗମାପରେ ରାସ୍ତା କଂକ୍ରିଟ ଢଳେଇ ଓ ପିଚୁ କାର୍ଯ୍ୟ କରା ନ ଗଲେ ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ଗ୍ରାମବାସୀ କହିଛନ୍ତି।

## କଟକଣା ସତ୍ତ୍ୱେ ବିପଦସଙ୍କୁଳ ସେତୁ ଉପରେ ଯାତାୟାତ

ଖଣ୍ଡପଡ଼ା,୮।୭(ଅଜୟ କୁମାର ମହାରଣା)

ଖଳିସାହି ଗ୍ରାମରୁ କୋସକା ଦେଇ ଗଣିଆ ବ୍ଲକ ଅଧୀନ ଆଡ଼କଟା ଛକକୁ ସଂଯୋଗ କରୁଥିବା ରାସ୍ତାରେ ଥିବା କୁଆଁରିଆ ସେତୁର ମଧ୍ୟଭାଗ ଖୁମ୍ୱଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଏହି ଭଙ୍ଗାସେତୁ ଦେଇ ଯାତାୟାତ ନିମନ୍ତେ ପୂର୍ତ୍ତ ବିଭାଗ ଓ ପ୍ରଶାସନ ପକ୍ଷରୁ ବାରଣ କରାଯିବା ସହ ଉକ୍ତ ସେତୁର ଉଭୟ ପାର୍ଶ୍ୱରେ ଏ ସମ୍ପର୍କିତ ସୂଚନାଫଳକ ଲଗାଯାଇଛି। ଭଙ୍ଗା ସେତୁ ଅଞ୍ଚଳବାସୀଙ୍କ ପାଇଁ ବିପଦର କାରଣ ପାଲଟିଛି। ପ୍ରଶାସନ ପକ୍ଷରୁ ବାରଣ ଓ କଟକଣା ସତ୍ତ୍ୱ ମଧ୍ୟ ଆଖପାଖ ଅଞ୍ଚଳର ଜନସାଧାରଣ ଉକ୍ତ ସେତୁ ଉପରେ ବାଇକ୍‌ରେ ଯାତାୟାତ କରୁଛନ୍ତି। କେଉଁ ମୁହୂର୍ତ୍ତରେ ଦୁର୍ଘଟଣା ଘଟି ଧନଜୀବନ କ୍ଷୟକ୍ଷତି ହେବ କହିହେବ ନାହିଁ। ଅପରପକ୍ଷରେ ଏବେ ବର୍ଷାଋତୁ ହୋଇଥିବାରୁ କୁଆଁରିଆ ନଦୀର ସ୍ରୋତ ପ୍ରଖର ଥିବା ଜଣାପଡ଼ିଛି। ଭଙ୍ଗା ସେତୁ ଦେଇ ଯାତାୟାତ ଉପରେ ରୋକ୍ ଲଗାଇବା ନିମନ୍ତେ ପ୍ରଶାସନ ଓ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ଯୁବକଙ୍କ ଆତ୍ମହତ୍ୟା: ମୃତଦେହ ରଖି ପରିବାର ଲୋକଙ୍କ ପ୍ରତିବାଦ



ମୃତଦେହ ରଖି ପରିବାର ଲୋକ ପ୍ରତିବାଦ କରୁଛନ୍ତି।

ଦଶପଲ୍ଲା,୮।୭ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଥାନା କୁଞ୍ଜବନଗଡ଼ର ଶୁଭମ ମହାପାତ୍ର ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ପ୍ରେମ ବ୍ୟାପରକୁ ନେଇ ଏଭଳି ଘଟଣା ଘଟିଥିବା ଜଣାଯାଇଛି। ଜଣେ ଝିଅ ସହ ଶୁଭମଙ୍କ ଚିଠି ଦିଆନିଆ ଚାଲିଥିଲା। ଝିଅଙ୍କ ପରିବାର ଲୋକ ଏହା ଜାଣିବାରୁ ଶୁଭମଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରିଥିଲେ। ଫଳରେ ଶୁଭମ ବିଷ ପିଇ ଆତ୍ମହତ୍ୟା କରିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଝିଅର ଗାଁରେ ମୃତଦେହକୁ ରଖି ଶୁଭମଙ୍କ ପରିବାର ଲୋକ ମାଡ ମାରିଥିବା ବ୍ୟକ୍ତିଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଦାବି କରି ପ୍ରତିବାଦ କରିଥିଲେ। ଏ ନେଇ ଉକ୍ତ ଗ୍ରାମରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଝିଅ ଘର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଖବରପାଇ ଦଶପଲ୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିବା ଜଣାଯାଇଛି। ଘଟଣାର ତଦନ୍ତ ଚାଲିଥିବା ପୋଲିସ ସୂତ୍ରରୁ ଜଣାଯାଇଛି।

## ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟରେ ଅଚଳାବସ୍ଥା

ଖଣ୍ଡପଡା,୮।୭ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ତହସିଲଦାର ଧୋବେଇ ନାଏକ ଭିଜିଲାନ୍ସ ଦ୍ୱାରା ଗିରଫ ହେବା ପରେ ତହସିଲଦାର ପଦବୀଟି ଖାଲି ପଡିଛି। ସେହିପରି ଗତ ୩ ବର୍ଷ ଧରି ଅତିରିକ୍ତ ତହସିଲଦାର ପଦବୀଟି ଖାଲି ପଡିଛି। ଏହାଛଡା ତହସିଲ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଅଭାବ ସହ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିଥିବାରୁ ପ୍ରଶାସନିକ ଅଚଳାବସ୍ଥା ଦେଖାଦେଇଛି। ଫଳରେ ସାଧାରଣ କାର୍ଯ୍ୟ ପାଇଁ ଜନସାଧାରଣଙ୍କୁ ବାରମ୍ବାର ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟକୁ ଦୌଡିବାକୁ ପଡୁଛି। ଏବେ କିରାଣିମାନଙ୍କ ଦ୍ୱାରା ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟଟି ପରିଚାଳିତ ହେଉଛି। ତହସିଲ କାର୍ଯ୍ୟାଳୟରେ ଦେଖା ଦେଇଥିବା ଅବ୍ୟବସ୍ଥା ସମ୍ପର୍କରେ ନୟାଗଡ଼ ଜିଲାପାଳ, ରାଜସ୍ୱ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଅବଗତ ଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟରେ ଖାଲି ପଡିଥିବା ସମସ୍ତ ପଦବୀଗୁଡିକ ପୂରଣ ଦିଗରେ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ଅଟୋ ଧକ୍କାରେ ବାଇକ୍ ଚାଳକ ମୃତ

ଦିଗପହଣ୍ଡି,୮।୭ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ସୋମବାର ଏକ ଡାଲା ଅଟୋ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାଟପୁର ଥାନା ଦୟାନିଧିପୁର ପଞ୍ଚାୟତ ନିତ୍ରିପୁର ଗ୍ରାମର ସଚିନ ଜେନା। ଏହି ଘଟଣାରେ ପୋଲିସ ଅଟୋ ଚାଳକଙ୍କୁ ଥାନାରେ ଅଟକ ରଖିଛି। ସଚିନ ନିତ୍ରିପୁର ଗ୍ରାମରୁ ନିଜ ବାଇକ୍ ଯୋଗେ କୌଣସି କାମରେ ଦିଗପହଣ୍ଡି ଆସିଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଡାଲା ଅଟୋରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

## ମା' ମଙ୍ଗଳାଙ୍କ ପ୍ରଥମ ବାର୍ଷିକ ଉତ୍ସବ



ଖଣ୍ଡପଡା,୮।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବଡ଼ବାଣପୁର ମହାଦେବ ସାହିସ୍ଥିତ ମା' ମଙ୍ଗଳାଙ୍କ ପ୍ରଥମ ବାର୍ଷିକ ଉତ୍ସବ ୩ଦିନ ବ୍ୟାପୀ ପାଳିତ ହୋଇଯାଇଛି। ବିପିନ୍ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁକ୍ରବାର ଆୟୋଜିତ ଉତ୍ସବର ମଣ୍ଡଳ କରଣ ଓ ଅଙ୍କୁରାରୋଣ କାର୍ଯ୍ୟ ସମ୍ପର୍ନ୍ନ ହୋଇଥିଲା। ଶନିବାର ଶତାଧିକ ମହିଳାପୁରୁଷ ସ୍ଥାନୀୟ ମହାନଦୀ ଘାଟରୁ କଳସୀରେ ଜଳ ସଂଗ୍ରହ କରି ଗ୍ରାମ ପରିକ୍ରମା ପରେ ମନ୍ଦିର ପରିସର ଯଜ୍ଞ ବେଦୀରେ ସ୍ଥାପନ କରିଥିଲେ। ପରେ ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟ ସମ୍ପାଦନ ହୋଇଥିଲା। ସନ୍ଧ୍ୟାରେ ପଦ୍ମଶ୍ରୀ ବାବା ବଳିଆଙ୍କ ପଟ୍ଟଶିଷ୍ୟ ଡ଼. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିବାର ଅନ୍ତିମ ଦିବସରେ ସୂର୍ଯ୍ୟ ପୂଜା, ପୀଠ ପୂଜା, ଚଣ୍ଡୀ ଯଜ୍ଞ ଓ ଅପରାହ୍ନ ୪ଟାରେ ପୂର୍ଣ୍ଣାହୁତି କାର୍ଯ୍ୟ ଶେଷ ହୋଇଥିଲା। ଏହି ଅବସରରେ ନଦିଆ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ରାତ୍ରିରେ ରାମଲୀଳା ନାଟକ ରାମ ହନୁ ଯୁଦ୍ଧ ପରିବେଷଣ କରାଯାଇଥିଲା।

## ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା ମାମଲା, ୬ ଅଭିଯୁକ୍ତଙ୍କ ବୟାନ ରେକର୍ଡ

ବ୍ରହ୍ମପୁର,୮।୭(ସୁବାସ ଚନ୍ଦ୍ର ପାଢ଼ୀ)

୨୦୧୯ରେ କନ୍ଧମାଳ ଜିଲା ବାଲିଗୁଡା ଥାନା ଅଞ୍ଚଳର ଜଣେ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଥିଲା । ଉକ୍ତ ମାମଲାଟି ଏବେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବ୍ରହ୍ମପୁର ଜିଲା କୋର୍ଟରେ ବିଚାରାଧୀନ ରହିଛି । ଏହି ମାମଲାରେ ପୂର୍ବରୁ ପୋଲିସ ୬ଜଣଙ୍କୁ ଗିରଫ କରିଥିଲା। ସମସ୍ତ ଅଭିଯୁକ୍ତ ସୋମବାର କୋର୍ଟରେ ହାଜର ହୋଇ ନିଜ ବୟାନ ଦେଇଛନ୍ତି। ମାମଲାର ପରବର୍ତ୍ତୀ ବିଚାର ପାଇଁ ଆସନ୍ତା ୧୦ ତାରିଖ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ପବ୍ଲିକ ପ୍ରସିକ୍ୟୁଟର (ପିପି)ତ୍ରିଲୋଚନ ପରିଡା କହିଛନ୍ତି। ବାଲିଗୁଡାର ବ୍ୟବସାୟୀ ଅଭିମନ୍ୟୁ ପଣ୍ଡା (୩୪)ଙ୍କୁ ୨୦୧୯ ଡିସେମ୍ବର ୧୦ ତାରିଖ ୨ ଯୁବକ ସକାଳ ୭ଟା ବେଳେ ଘରେ ପଶି ଗୁଳି କରି ହତ୍ୟା କରିଥିଲେ। ଏ ନେଇ ତାଙ୍କର ସମ୍ପର୍କୀୟ ଭାଇ ନିର୍ମଳ ସାହୁ ବାଲିଗୁଡା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ.୧୮୮/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ପରେ ହତ୍ୟାକାରୀ ରାମନାରାୟଣ ନାହାକ ଓରଫ ଗୋଲକ ଓ ତାଙ୍କର ସହଯୋଗୀ କାହ୍ନୁ ଚରଣ ସାହୁ, ହତ୍ୟାକାଣ୍ଡର ଷଡଯନ୍ତ୍ରକାରୀ ଭାବେ କେ.ବିଶ୍ୱଜିତ ପାତ୍ର ଏସ.ବାଲାଜୀ ଆଚାରୀ, ରାସବିହାରୀ ଦାସ ଓ ବାବୁଲା ମୁନୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

## ଜୁଲାଇ ୨୧ରେ ନୂଆଗାଁଠାରେ ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ ଅଡିଶନ



ସୃଜନିକା ପକ୍ଷରୁ ଖବରଦାତା ସମ୍ମିଳନୀ ସଦସ୍ୟମାନେ।

ନୂଆଗାଁ ୮।୭ (ଧନେଶ୍ୱର ସାହୁ)

ନୟାଗଡ ଜିଲା ଭାଷା ସାହିତ୍ୟ ଓ ସଂସ୍କୃତି ପରିଷଦ ସୃଜନିକା ପକ୍ଷରୁ ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏଥିପାଇଁ ନୟାଗଡ଼ ଜିଲାର ପ୍ରତି ବ୍ଲକରୁ ଅଡିସନ ମାଧ୍ୟମରେ ପ୍ରତିଯୋଗୀ ଚୟନ କରାଯାଉଛି। ସେହିକ୍ରମରେ ନୂଆଗାଁ ବ୍ଲକରେ ଚଳିତ ମାସ ୨୧ ତାରିଖ ରବିବାର ସକାଳ ୯ଟାରେ ସ୍ଥାନୀୟ ବିଜୁ ଭବନଠାରେ ଅଡିସନ କରାଯିବା ନେଇ ସୃଜନିକା ପକ୍ଷରୁ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦିଆଯାଇଛି। ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ ପ୍ରତିଯୋଗିତାରେ ୮ ରୁ ୧୮ ବର୍ଷର ପ୍ରତିଯୋଗୀ ଭାଗ ନେଇ ପାରିବେ। ସକାଳ ୯ ଟାରୁ ପ୍ରତିଯୋଗୀମାନଙ୍କ ନାମ ପଞ୍ଜୀକରଣ ଓ ପୂର୍ବାହ୍ନ ୧୦ଟାରୁ ପ୍ରତିଯୋଗିତା ଆରମ୍ଭ କରାଯିବ। ନୃତ୍ୟ ପରିବେଷଣର ସମୟ ସୀମା ୩ ମିନିଟ୍ ରଖାଯାଇଛି। ଏଥିରେ ଦ୍ୱିଅର୍ଥବୋଧକ ଗୀତ ବ୍ୟତୀତ ଅନ୍ୟ ସମସ୍ତ ଗୀତରେ ନୃତ୍ୟ କରାଯାଇପାରିବ। ଉକ୍ତ ଅଡିସନରେ ୫ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯିବ। ବ୍ଲକସ୍ତରୀୟ ଅଡିସନରେ ମନୋନୀତ ପ୍ରତିଯୋଗୀ ନୟାଗଡ଼ଠାରେ ଅନୁଷ୍ଠିତ ହେବାକୁଥିବା ଜିଲାସ୍ତରୀୟ ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ ପ୍ରତିଯୋଗିତାର ଅଂଶଗ୍ରହଣ କରିବେ। ସେଠାରେ ପ୍ରଥମ, ଦ୍ୱିତୀୟ ଓ ୩ୟ ଭାବେ ୩ ଜଣଙ୍କୁ ଚୟନ କରାଯିବ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ସହ ୧୦ ହଜାର ଦ୍ୱିତୀୟଙ୍କୁ ମାନପତ୍ର ସହ ୫ ହଜାର ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ସହ ୩ ହଜାର ଟଙ୍କା ଦେବା ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଦିଆଯିବ ବୋଲି ସୂଚନା ଦିଆଯାଇଛି। ନୟାଗଡ଼ ଜିଲାର ପିଲାମାନଙ୍କର ନୃତ୍ୟ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏହି ପ୍ରୟାସ କରାଯାଉଥିବା ନେଇ ସୃଜନିକାର ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର ସମ୍ମିଳନୀରେ ପ୍ରକାଶ କରିଥିଲେ। ପରିଷଦର ସଚିବ ନିର୍ମଳ ଚନ୍ଦ୍ର ଶୂରଦେଓ ପ୍ରତିଯୋଗିତାରେ ନୀତି ନିୟମ ଉପରେ ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ଶେଷରେ ସାମାଜିକ କର୍ମୀ ଦାମୋଦର ସାହୁ ସମସ୍ତ ଖବରଦାତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

# ନୟାଗଡ଼ ଲେମ୍ବୁ ଛକ କାଦୁଅ ପଚପଚ

ନୟାଗଡ଼,୮।୭ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ମହକୁମାର ଗୋଲେଇ ଟ୍ରାଫିକ ଛକ ପାଖ ଲେମ୍ବୁ ଛକ ବର୍ଷା ହେଲେ କାଦୁଅ ପଚପଚ ହୋଇ ରହୁଛି। ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଡ୍ରେନେଜ ଜଳ ଲେମ୍ବୁ ଛକରେ ଲହଡି ମାରି ୨୧ ନଂ. ରାଜ୍ୟ ରାଜପଥ ନୟାଗଡ଼-ଭଞ୍ଜନଗର ରାସ୍ତା ଓ ୫୭ ନଂ. ଜାତୀୟ ରାଜପଥକୁ କାଦୁଅ ଓ ଅପରିଷ୍କାର କରୁଛି। ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଦାସିଆ ଅଜା ପ୍ରତିମୂର୍ତ୍ତି ନିକଟସ୍ଥ ଅଞ୍ଚଳରୁ ବାହାରିଥିବା ଡ୍ରେନ ଲେମ୍ବୁ ଛକ ନିକଟରେ ଅପୂର୍ଣ୍ଣାଙ୍ଗ ହୋଇ ରହିଛି। ନର୍ଦ୍ଦମା ଜଳ ବିଭିନ୍ନ ସମୟରେ ୫୭ ନଂ. ଜାତୀୟ ରାଜପଥ ଓ ୨୧ ନଂ. ରାଜ୍ୟ ରାଜପଥ ଉପରେ ପ୍ରବାହିତ ହେଉଛି। ସେହିପରି ବର୍ଷା ହେଲେ ବେଶୀ ଅସୁବିଧା ହେଉଛି। ଓଡଗାଁ ରାସ୍ତାରୁ ଆସିଥିବା ଡ୍ରେନ ଲେମ୍ବୁ ଛକ ନିକଟରେ ମଧ୍ୟ ଲିକେଜ ହେଉଛି। ଏଣୁ ୨୧ ନଂ. ରାଜ୍ୟ ରାଜପଥ ବି ଅପରିଷ୍କାର ରହୁଛି। ପୂର୍ତ୍ତ ବିଭାଗ ମଧ୍ୟ ଡ୍ରେନ କାମ ମରାମତି କରୁନି। ଏଣୁ ସହରବାସୀଙ୍କ ସମେତ ପଥଚାରି ହଇରାଣ ହରକତ ହେଉଛନ୍ତି। ଡ୍ରେନ କାମ ମରାମତି ଓ କାମ ସମ୍ପୂର୍ଣ୍ଣ କରିବାକୁ ଦାବି ହେଉଛି।



ଲେମ୍ବୁଛକ ରାସ୍ତା କାଦୁଅ ହୋଇଥିବାବେଳେ ଡ୍ରେନକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନାହିଁ।

### ଡ୍ରେନ ସଫେଇ ନ ହେବାରୁ କୃତ୍ରିମ ବନ୍ୟା ଭୟ

- ଜାତୀୟ, ରାଜ୍ୟ ରାଜପଥରେ ନର୍ଦ୍ଦମା ଜଳ
- ଡ୍ରେନର କାର୍ଯ୍ୟ ପୂର୍ଣ୍ଣାଙ୍ଗ ନକରି ଛାଡ଼ି ଦିଆଯାଇଛି

ନୟାଗଡ଼ ମ୍ୟୁନିସିପାଲିଟିରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ଥିବା ଡ୍ରେନ ରାମ ସାହୁ ଛକଠାରୁ ପୁରୁଣା ଭାଜପା ଜିଲା କାର୍ଯ୍ୟାଳୟ ନିକଟରେ ଥିବା କଲଭର୍ଟ ପର୍ଯ୍ୟନ୍ତ ସଫେଇ ହୋଇନାହିଁ। ବର୍ଷାଋତୁ ଚାଲିଥିଲେ ମଧ୍ୟ ଡ୍ରେନ ସଫେଇ ହୋଇ ନ ଥିବାରୁ କୃତ୍ରିମ ବନ୍ୟା ଭୟ ରହୁଛି। ବର୍ଷା ବଢଧରଣ ହେଲେ ନର୍ଦ୍ଦମା ଜଳ ଡ୍ରେନରେ ରହି ବିଭିନ୍ନ ସମୟରେ ନୟାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ବାଳିକା ଉଚ୍ଚ ବିଦ୍ୟାଳୟର ପଛ ସାହି, ୧ନଂ. ୱାର୍ଡର ବିଭିନ୍ନ ଲୋକଙ୍କ ଘରେ ପଶୁଛି। ଅନ୍ୟପକ୍ଷେ ୫୭ ନଂ. ଜାତୀୟ ରାଜପଥର ଦୁଇପାର୍ଶ୍ୱରେ ଥିବା ଡ୍ରେନ ନୟାଗଡ଼ ଟାଉନ ଥାନା ନିକଟସ୍ଥ ପେଟ୍ରୋଲ ପମ୍ପଠାରୁ ମଜୁରିଆପଲ୍ଲୀ ଗଭୀର ଓ ଓସାରିଆ କରାଯିବାକୁ ଦାବି ହୋଇଆସୁଛି। ହେଲେ ଏହାକୁ ଅଣଦେଖା କରାଯାଉଥିବାରୁ ୧ନଂ. ୱାର୍ଡ ଓ ଆଖପାଖ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ବର୍ଷା ଋତୁରେ ଦେଖା ଦେଉଛି ବୋଲି ଅଭିଯୋଗ ହୋଇଆସୁଛି।

# ସୁଭଦ୍ରା କ୍ଷେତ୍ରରେ ବାସି ଘୋଷଯାତ୍ରା

କୁଜଙ୍ଗ,୮।୭(ମନୋଜ ପ୍ରଧାନ)

ସୁଭଦ୍ରା କ୍ଷେତ୍ର ରୂପେ ପରିଚିତ କୁଜଙ୍ଗର ଗଡ଼କୁଜଙ୍ଗଠାରେ ପ୍ରଭୁ କୁଞ୍ଜବିହାରୀଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୁଞ୍ଜବିହାରୀଙ୍କ ରଥଯାତ୍ରା ଶ୍ରୀକ୍ଷେତ୍ରର ରଥଯାତ୍ରା ପରଦିନ ଅର୍ଥାତ ଆଷାଢ଼ ତୃତୀୟା ତିଥିରେ ଅନୁଷ୍ଠିତ ହୁଏ। ତେଣୁ ଏହାକୁ ବାସି ରଥଯାତ୍ରା କୁହାଯାଏ। ଦ୍ୱିତୀୟା ତିଥିରେ ରବିବାର କୁଞ୍ଜବିହାରୀ ଦଧିବାମନ ବେଶରେ ରଥାରୂଢ଼ ହୋଇଥିଲେ । ଠାକୁର ରାଜା ଭାବେ ମନ୍ଦିର ପରିଚାଳନା କମିଟି ମୁଖ୍ୟ ରାଜେନ୍ଦ୍ର ବେହେରା ଛେରାପହଁରା କରିଥିଲେ। ସୋମବାର ପୁନର୍ବାର ଛେରାପହଁରା ପରେ ଅପରାହ୍ନରେ ରଥଟଣା ଆରମ୍ଭ ହୋଇ ରାତି ୮ ଟାରେ ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲା। ମଝିରେ ମାମୁଘର ରଘୁନାଥ ଜୀଉ ମନ୍ଦିର ନିକଟରେ ରଥ ଅଟକିବା ପରେ ମହନ୍ତ ମହାରାଜ ଅମୃତ ଦାସ କୁଞ୍ଜବିହାରୀ ଙ୍କ ପୂଜାର୍ଚ୍ଚନା କରିବା ସହ ଧୂପ, ଦୀପ, ନୈବେଦ୍ୟ ଲଗାଇଥିଲେ। ରଥ ଟଣା ସମୟରେ ରଥ ଉପରେ ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁ ପ୍ରସାଦ ତରାଇ, ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟ ବିଷ୍ଣୁ ଚରଣ ପ୍ରଧାନ, ଯଦୁନାଥ ଖଟୁଆ, ସଞ୍ଜୟ ମହାନ୍ତି, ସଞ୍ଜୟ ମହାପାତ୍ର, କେଶବ ରାଉତ, ସମ୍ପଦ ବାରିକ ପ୍ରମୁଖ ପରିଚାଳନା କରିଥିଲେ। ପ୍ରାୟ ୫୦ ହଜାର ଭକ୍ତ କୁଞ୍ଜବିହାରୀଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡରେ ସମବେତ ହୋଇଥିଲେ। ଅଭୟଚାନ୍ଦପୁର ଥାନା ଅଧିକାରୀ ରାଜକିଶୋର ବେହେରା ଉପସ୍ଥିତ ରହି ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

୧୫୬୮ରେ କଳାପାହାଡ଼ ଶ୍ରୀମନ୍ଦିର ଆକ୍ରମଣ କରି ଦାରୁବ୍ରହ୍ମଙ୍କୁ ଗଙ୍ଗା ନଦୀ କୂଳରେ ପୋଡ଼ି ଭସାଇ ଦେଇଥିଲେ। ସେତେବେଳେ ବିଶର ମହାନ୍ତି ନାମକ ଭକ୍ତ ଅର୍ଦ୍ଧ ଦଗ୍ଧ ଦାରୁବ୍ରହ୍ମଙ୍କୁ ମୃଦଙ୍ଗ ଭିତରେ ପୂରାଇ କୀର୍ତ୍ତନ କରି କରି ଆସି ବଙ୍ଗୋପସାଗର କୂଳରେ ଥିବା ନୂଆଗାଁସ୍ଥିତ ଜଙ୍ଗଲ ମଧ୍ୟରେ ରଖି ପୂଜା କରୁଥିଲେ। ପରେ କୁଜଙ୍ଗ ରାଜ୍ୟର ଷଷ୍ଠ ରାଜା ପ୍ରଭୁଙ୍କୁ ଆଣି ଗଡ଼କୁଜଙ୍ଗରେ ସ୍ଥାପନା କରି ପୂଜା କରୁଥିଲେ। ପ୍ରଭୁ ଜଗନ୍ନାଥ ୭ ବର୍ଷ ଶ୍ରୀମନ୍ଦିରରେ ନ ଥିଲେ। ପରେ ବଡ଼ପଣ୍ଡାଙ୍କୁ ସ୍ୱପ୍ନାଦେଶ ହୋଇଥିଲା ଯେ, ଜଗନ୍ନାଥ ଗଡ଼କୁଜଙ୍ଗରେ କୁଞ୍ଜବିହାରୀ ନାମରେ ପୂଜା ପାଉଛନ୍ତି। ଅର୍ଦ୍ଧଦଗ୍ଧ ଦାରୁ ବ୍ରହ୍ମ ଘଞ୍ଚ ଜଙ୍ଗଲ ଅର୍ଥାତ କୁଞ୍ଜବନରେ ପୂଜା ପାଉଥିବାରୁ ତାଙ୍କୁ କୁଞ୍ଜବିହାରୀ କୁହାଯାଏ। ସ୍ୱପ୍ନାଦେଶ ପାଇ ବଡ ପଣ୍ଡା ଓ ଗଜପତିଙ୍କ ପ୍ରତିନିଧି ଗଡ଼କୁଜଙ୍ଗରେ ପହଞ୍ଚି ମହାପ୍ରଭୁଙ୍କୁ ଶ୍ରୀମନ୍ଦିରକୁ ଫେରାଇ ନେବାକୁ କହିଥିଲେ। ସେତେବେଳେ ରାଣୀ ଏଠାରେ ସୁଭଦ୍ରାଙ୍କ ବିଗ୍ରହ ରଖିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହ ଶ୍ରୀକ୍ଷେତ୍ରରେ ରଥଯାତ୍ରା ପରଦିନ ଭଉଣୀ ସୁଭଦ୍ରାଙ୍କ ବାସି ରଥଯାତ୍ରା ହେବ ବୋଲି କହିଥିଲେ। ସେଦିନରୁ ସ୍ୱୟଂ ଜଗନ୍ନାଥ ପୁରୀରୁ ଆସି ଭଉଣୀ ସୁଭଦ୍ରାଙ୍କ ସହ ରଥାରୂଢ଼ ହୋଇ ଭକ୍ତମାନଙ୍କୁ ଏଠାରେ ଦର୍ଶନ ଦିଅନ୍ତି ବୋଲି କିମ୍ବଦନ୍ତୀ ରହିଛି।



ଗଡ଼କୁଜଙ୍ଗ ସୁଭଦ୍ରାକ୍ଷେତ୍ରରେ କୁଞ୍ଜବିହାରୀଙ୍କ ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଉଛନ୍ତି ।

# ୧୦୦ ମିଟର ଗଡ଼ିଲା ବ୍ରହ୍ମ ତାଳଧ୍ୱଜ ରଥ



ବ୍ରହ୍ମତାଳଧ୍ୱଜ ରଥକୁ ଭକ୍ତମାନେ ମାଉସୀ ମା' ମନ୍ଦିର ଅଭିମୁଖେ ଟାଣୁଛନ୍ତି ।



ରଥାରୂଢ଼ ଶ୍ରୀବଳଦେବ ଜୀଉଙ୍କ ସପ୍ତଫେଣି ବେଶ ।

- ତୁଳସୀକ୍ଷେତ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁ
- ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ରଥଟଣା ହେବ

କେନ୍ଦ୍ରାପଡ଼ା, ୮।୭ (ଜଗନ୍ନାଥ ଧଳ)

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ୨୦୨୨ ରଥଯାତ୍ରାର ପୁନରାବୃତ୍ତି ହୋଇଛି। ଚଳିତବର୍ଷ ରଥଯାତ୍ରାର ଦ୍ୱିତୀୟ ଦିନ ଅର୍ଥାତ୍ ସୋମବାର ସନ୍ଧ୍ୟା ସୁଦ୍ଧା ବ୍ରହ୍ମ ତାଳଧ୍ୱଜ ରଥ ଇଚ୍ଛାପୁରସ୍ଥ ମାଉସୀ ମା' ମନ୍ଦିର ଚକଡାରେ ପହଞ୍ଚି ପାରିନାହିଁ। ସନ୍ଧ୍ୟା ହୋଇ ଯାଇଥିବାରୁ ପ୍ରଥମ ଦିନ ରଥଟଣା ଆରମ୍ଭ ହୋଇ ନ ଥିଲା। ତେବେ ପାରମ୍ପରିକ ରୀତିରେ ପ୍ରଥମ ଦିନ ଏହି ରଥ ୧୦୦ ମିଟର ଗଡ଼ିବା କଥା। ସୋମବାର ଅପରାହ୍ନ ୨ଟାରେ ରଥଟଣା ଆରମ୍ଭ ପରେ ମାତ୍ର ୧୦୦ ମିଟର ଆଗକୁ ବାମ କଡ଼କୁ ରଥ ମାଡ଼ିଯାଇ ଅଟକି ରହିଛି। ମଙ୍ଗଳବାର ସକାଳ ୮ରେ ରଥ ଟଣାହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ଦିର ଚକଡ଼ାରେ ରବିବାର ସନ୍ଧ୍ୟାରୁ ଅଟକି ରହିଥିବା ଏହି ରଥକୁ ସୋମବାର ଅପରାହ୍ନ ୨ଟାରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥଟଣା ହୋଇଥିଲା। ଭକ୍ତିମୟ ପରିବେଶ ସାଙ୍ଗକୁ ଭଜନ, ସଂକୀର୍ତ୍ତନ, ଖୋଳ, କରତାଳ, ଝାଞ୍ଜ, ମୃଦଙ୍ଗ, ତୂରୀ, ଭେରୀ, ହୁଳହୁଳି, ହରିବୋଲ ଧ୍ୱନି ମଧ୍ୟରେ ରଥଟଣା ହୋଇଥିଲା। ରଥାରୂଢ଼ ବିଗ୍ରହଙ୍କର ସପ୍ତଫେଣୀ ବେଶକୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ତେବେ କେତେକ ଛୋଟ ଛୋଟ ବିଭ୍ରାଟ ରଥଟଣାକୁ ବିଳମ୍ବ କରିଛି।



ରଥରେ ହାଇଡ୍ରୋ ଟ୍ରୋଚର ଲଗାଯାଉଛି ।

ଶ୍ରଦ୍ଧାଳୁଙ୍କ କହିବା କଥା, ୨୦୨୨ରେ ଏହି ପ୍ରକାର ଘଟଣା ଦେଖିବାକୁ ମିଳିଥିଲା। ଏହା ସତ୍ତ୍ୱେ ପ୍ରଶାସନିକ ଅଧିକାରୀମାନେ ଏଥିପ୍ରତି ସଚେତନ ହୋଇନାହାନ୍ତି। ରଥ ଉପରେ ଅନାବଶ୍ୟକ ଭାବେ ଅତ୍ୟଧିକ ସେବାୟତ ରହୁଛନ୍ତି। ଏପରିକି ରଥ ଉପରେ ଶ୍ରୀଜୀଉଙ୍କୁ ସାଧାରଣ ଭାବେ ଦେଖିବା ସମ୍ଭବ ହେଉନାହିଁ। ରଥ କେତେ ମାତ୍ରାରେ ଭାର ବହନ କରିବ, ସେ ସମ୍ପର୍କରେ ପ୍ରଶାସନିକ ଅଧିକାରୀ ଅବଗତ ହେଉନାହାନ୍ତି। ଜିଲା ପ୍ରଶାସନ ପକ୍ଷରୁ ରଥଚାଳନା ନେଇ ବୈଠକ କରିଥିଲେ ମଧ୍ୟ ରଥ ପରିଚାଳନା ନେଇ କୌଣସି ସମୀକ୍ଷା କରିନାହାନ୍ତି। ରଥ ପରିଚାଳନା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତର୍ଜମା ସହ ସମସ୍ୟାଗୁଡ଼ିକର ସମାଧାନ ନ ହେଲେ ଏପରି ବାରମ୍ବାର ହେଉଥିବ। ରଥ ନିର୍ମାଣ ତ୍ରୁଟିକୁ ଅଣଦେଖା କରାଯିବ ନାହିଁ ବୋଲି ଶ୍ରଦ୍ଧାଳୁମାନେ ମତ ଦେଇଛନ୍ତି। ମୁଖ୍ୟ କାରିଗର ତ୍ରିଲୋଚନ ମହାରଣା କହିଛନ୍ତି, ରଥ ନିର୍ମାଣରେ କୌଣସି ତ୍ରୁଟି ନାହିଁ। ରଥ ଚାଳନାରେ କୌଣସି ଅସୁବିଧା ଅଛି। ଦେବୋତ୍ତର ବିଭାଗ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି, ଏହା ଶ୍ରୀଜୀଉଙ୍କ ଲୀଳା। ତାଙ୍କର ଆଜ୍ଞା ବିନା ରଥ ଆଗକୁ ଗଡ଼ିବା ସମ୍ଭବ ନୁହେଁ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି, ରଥଟଣାରେ ହୋଇଥିବା ବିଭ୍ରାଟକୁ ନେଇ ତର୍ଜମା ହେବ। ତେବେ ରଥଚାଳନା ପାଇଁ ଇଷ୍ଟ କୋଷ୍ଟ ରେଲୱେର ହାଇଡ୍ରୋ ଟ୍ରୋଚର ଅଣାଯାଇ କାର୍ଯ୍ୟରେ ଲଗାଯାଇଛି। ରଥକୁ ସିଧା ମୋଡ଼ ଦିଆଯାଇଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ରଥ ଟଣାଯିବ ବୋଲି ସେ କହିଛନ୍ତି।

## ଖାଦାନ ଜମି ଚିହ୍ନଟ, ସୀମାଅଙ୍କନ କରିବାକୁ ତହସିଲଦାରଙ୍କୁ ବିଧାୟକଙ୍କ ପତ୍ର

ଯାଜପୁର,୮।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଲଘୁ ଖଣି ଓ କ୍ରଶର ପାଇଁ ଆବଣ୍ଟିତ ଜମିର ତଦନ୍ତ, ଚିହ୍ନଟ ଓ ସୀମାଅଙ୍କନ କରିବାକୁ ବିଧାୟକ ହିମାଂଶୁ ଶେଖର ସାହୁ ସୋମବାର ତହସିଲଦାରଙ୍କୁ ପତ୍ର ଲେଖିଛନ୍ତି। ଏହାସହ ଉକ୍ତ ପ୍ରଦୂଷଣ ସୃଷ୍ଟି କରୁଥିବା ଖଣି ଓ କ୍ରଶରଗୁଡ଼ିକ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ଅଧ୍ୟକ୍ଷଙ୍କୁ ନିବେଦନ କରିଛନ୍ତି। ସେ ତହସିଲଦାରଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଆବଣ୍ଟିତ ଜମିରୁ ଅଧିକ ଏବଂ ଅନ୍ୟ ଅଞ୍ଚଳରୁ କଳାପଥର ଉତ୍ତୋଳନ କରିଥିବା ଲିଜ୍‌ଧାରୀଙ୍କ ବିରୋଧରେ ପ୍ରମାଣ ମିଳିଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସାମୁହିକ ସ୍ୱାର୍ଥ ଓ ସରକାରଙ୍କ ରାଜସ୍ୱ ଲୁଟ୍‌କୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବା ଜରୁରୀ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷେ ଏସ୍‌ପିସିବିର ଅଧ୍ୟକ୍ଷଙ୍କୁ ଦେଇଥିବା ପତ୍ରରେ ଦର୍ଶାଯାଇଛି ଯେ, ଏସ୍‌ପିସିବିର ଗାଇଡ୍‌ଲାଇନ୍‌କୁ ଉଲ୍ଲଂଘନ କରି ଏକାଧିକ କ୍ରଶର ୟୁନିଟ ଓ ଖାଦାନ ଚାଲିଛି। ତେଣୁ ଏହାର ଉପଯୁକ୍ତ ଭାବେ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନରେଶ



@ ପୂଜା



@ ସୋମା



@ ସ୍ୱରୂପ



@ ତାପସୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଉଁଶରେ ୨୦ ଫୁଟର ରଥ ନିର୍ମାଣ କଲେ ହରେକୃଷ୍ଣ

ପାଣିକୋଇଲି,୮।୭
(ବିକାଶ କୁମାର ମଲ୍ଲିକ):

ବାଉଁଶରେ ରଥ ନିର୍ମାଣ କରି ପ୍ରଂଶସା ସାଉଣ୍ଟିଛନ୍ତି ହରେକୃଷ୍ଣ ସେନାପତି । ପ୍ରତିବର୍ଷ ପରି ଚଳିତ ବର୍ଷ କରଦା ପଞ୍ଚାୟତର ବାଘନଟା ଗ୍ରାମରେ ୨୦ ଫୁଟ ଉଚ୍ଚର ବାଉଁଶ ରଥ ନିର୍ମାଣ କରିଛନ୍ତି ସେ । ବାହାରେ ଚାକିରୀ କରିଥିବା ହରେକୃଷ୍ଣ ପ୍ରତିବର୍ଷ ୧୫ଦିନ ଛୁଟିରେ ଗାଁକୁ ପାଇଁ ଆସି ରଥ ନିର୍ମାଣ କରନ୍ତି । ଚଳିତ ବର୍ଷ ସେ ରଥ ନିର୍ମାଣ କରି ବେଶ ପ୍ରଂଶସା ସାଉଁଟିଛନ୍ତି । କାଠ ପରିବର୍ତ୍ତେ ସେ କେବଳ ବାଉଁଶରେ ରଥ ନିର୍ମାଣ କରିଛନ୍ତି । ବିଭିନ୍ନ ରଙ୍ଗ ଓ ସାଜସଜ୍ଜାରେ ପରିପୂର୍ଣ୍ଣ ଏହି ରଥ ଦେଖିବାକୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା । ବାଘନଟା ଗ୍ରାମର ଯୁବକମାନଙ୍କ ଦ୍ୱାରା ଏକ ରଥ କମିଟି ଗଢାଯାଇ ରଥଟଣା କାର୍ଯ୍ୟ ସମ୍ପନ୍ନ କରାଯାଇଥାଏ । ପ୍ରତିବର୍ଷ ଗୁଣ୍ଡିଚାରେ ସନ୍ଧ୍ୟା ସମୟରେ ନାମ ସଂକୀର୍ତ୍ତନ ସହ ରଥଟଣା ହୋଇଥାଏ। ଅରୁଣ, ରାଧେଶ୍ୟାମ, ଲମ୍ବୋଦର, ପଞ୍ଚାନନ, ଅନିଲ, ପ୍ରୀତି ରଞ୍ଜନ, ଶଙ୍କର୍ଷଣ ଓ ସମସ୍ତ ଗ୍ରାମବାସୀ ରଥଯାତ୍ରାରେ ସାମିଲ ହୋଇଥିଲେ ।



ହରେକୃଷ୍ଣ ସେନାପତିଙ୍କ ଦ୍ୱାରା ନିର୍ମିତ ରଥ ।

# ଜରିମାନା ଆଦାୟ ହେଉନି

ଯାଜପୁର,୮।୭ (ହର୍ଷବର୍ଦ୍ଧନ ବେହେରା)

**ଧର୍ମଶାଳାରେ କଳାପଥର ଲୁଟ୍**

- ବିଧାୟକ ଚିଠି ଲେଖି ଜଣାଇଲେ, କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଞ୍ଚଳର ବିଛାଖଣ୍ଡି, ରାହାଡ଼ପୁର, ଡଙ୍କାରୀ, ଅଞ୍ଜିରା, ବାଜବାଟି, ଚଢ଼େଇଧରା, ମାଳଗଡ଼ା, କୁସୁନପୁର ପ୍ରଭୃତି ଅଞ୍ଚଳରେ ଅନେକ କଳାପଥର ଖାଦାନ ଓ କ୍ରଶର ୟୁନିଟ ବେଆଇନ ଭାବେ ଚାଲିଛି। ଏଥିରେ ଓଡ଼ିଶା ମିନେରାଲ୍ସ କନ୍‌ସେସନ ରୁଲ୍ସ-୨୦୧୬ ଏବଂ ମାଇନ୍ସ ଏଣ୍ଡ ମିନେରାଲ୍ସ ଆକ୍ଟ-୧୯୫୭ର କୌଣସି ଗାଇଡ୍‌ଲାଇନ୍‌କୁ ପାଳନ କରାଯାଉନାହିଁ। ଫଳରେ ରାଜ୍ୟ ସରକାର ବହୁ କୋଟି ଟଙ୍କା ରାଜସ୍ୱ ହରାଉଥିବା ସହ ସମ୍ପୃକ୍ତ ଅଞ୍ଚଳରେ ପରିବେଶଗତ ସମସ୍ୟା ସୃଷ୍ଟି ହେଉଛି। ଏପରି କି ରାଜସ୍ୱ ବିଭାଗର ଅନୁମୋଦନଠାରୁ ଢେର ଗୁଣ ଅଧିକ କଳାପଥର ଉତ୍ତୋଳନ କରାଯିବା ନେଇ ପ୍ରମାଣିତ ହେବା ପରେ ଲିଜ୍‌ଧାରୀମାନଙ୍କୁ ଜରିମାନା ଦେବାକୁ ନିର୍ଦ୍ଦେଶ ମିଳିଛି। ସେମାନେ ଜରିମାନା ଅର୍ଥ ଦାଖଲ ନ କରି କେତେଜଣ ସରକାରୀ ଅଧିକାରୀଙ୍କ ସହଯୋଗରେ ପୁଣି କଳାପଥର ଲୁଟ କରି ଆସୁଛନ୍ତି। ଏହିକ୍ରମରେ ନବନିର୍ବାଚିତ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଗତ ୨୮ ତାରିଖରେ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖଣି ଓ ଲଘୁ ଖଣି ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି। ହେଲେ ଉକ୍ତ ପତ୍ର ପ୍ରେରଣ କରିବାର ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ସୂଚନା ମିଳିଛି।

ବିଧାୟକ ସାହୁ ତାଙ୍କ ପତ୍ରରେ ଦର୍ଶାଇଛନ୍ତି ଯେ, ପୂର୍ବରୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଥିବା ଜରିମାନା ଆଦାୟ ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ। ସୂଚନାଯୋଗ୍ୟ, ଡଙ୍କାରୀ ପାହାଡ଼ରେ କଳାପଥର ଲୁଟ ମାମଲାକୁ ନେଇ ୪।୧।୨୦୧୯ରେ ଏନ୍‌ଜିଟି ପକ୍ଷରୁ ପରିବେଶଗତ କ୍ଷତି ପାଇଁ ୨୫ କୋଟି ଟଙ୍କାର ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ତତ୍କାଳୀନ ଅଧିକାରୀମାନେ ବେଆଇନ ଉତ୍ତୋଳନକୁ ପ୍ରୋତ୍ସାହିତ କରିଛନ୍ତି ବୋଲି ଦର୍ଶାଇଥିଲେ। ଏଥିପାଇଁ ରାଜ୍ୟ ସରକାର ସମ୍ପୃକ୍ତ ଅଧିକାରୀମାନଙ୍କଠାରୁ କିମ୍ବା ବେଆଇନ ଖାଦାନ ବ୍ୟବସାୟୀଙ୍କଠାରୁ ଉପରୋକ୍ତ ଅର୍ଥ ଆଦାୟ କରାଯାଇପାରିବ ବୋଲି ଏନ୍‌ଜିଟି ରାୟରେ ଦର୍ଶାଯାଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ଅଧିକାରୀମାନେ କଳେବଳେ କୌଶଳେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇ ମୁକୁଳି ଯାଇଛନ୍ତି। ଏହାବାଦ୍ ଅନୁମତିଠାରୁ ଢେର ଗୁଣ ଅଧିକ କଳାପଥର ଉତ୍ତୋଳନ ଅଭିଯୋଗ ସାଟେଲାଇଟ୍ ମାପଚୁପରେ ପ୍ରମାଣିତ ହେବା ପରେ ବିଭିନ୍ନ ପର୍ଯ୍ୟାୟରେ ୨୨ ଜଣ ଲିଜ୍‌ଧାରୀଙ୍କୁ ୩୨୦ କୋଟି ଟଙ୍କା ଜରିମାନା ନିର୍ଦ୍ଦେଶ ହୋଇଛି। ଏହାପରେ କେତେଜଣ ଲିଜଧାରୀ କୋର୍ଟ ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷେ ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନର ଉଲ୍ଲଂଘନ ଅନୁଯାୟୀ ପରିବେଶଗତ ଅନୁମତି(ଇସି) ପ୍ରତ୍ୟାହାର ନ କରି କେବଳ କାରଣ ଦର୍ଶାଅ ନୋଟିସ ଓ ଜରିମାନାରେ ପଦକ୍ଷେପ ସୀମିତ ରହିଥିଲା। ତେଣୁ ଧର୍ମଶାଳା ତହସିଲ ଅଞ୍ଚଳର ଗ୍ରାମବାସୀ ଷ୍ଟେଟ୍ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି(ଏସ୍‌ଇଆଇଏଏ ବା ସିଆ)ର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ସିଆ ସଦସ୍ୟ ସଚିବ ଉପରୋକ୍ତ ଅଭିଯୋଗ ଉପରେ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ତାହା ବି କେବଳ ପତ୍ରରେ ସୀମିତ ରହିଥିଲା। ଏହାବାଦ୍ ୯୦ଟି କଳାପଥର ଖାଦାନରୁ ମାତ୍ର ୨୫ଟିକୁ ଲିଜ୍ ଦିଆଯାଇଥିବାବେଳେ ବାକି ଖାଦାନରୁ ପ୍ରାୟ ୨ ବର୍ଷ ହେବ କଳାପଥର ଲୁଟ୍ ଜାରି ରହିଛି। ଜରିମାନା ଭୟରେ ନିଜର ଲିଜ୍ ଅଞ୍ଚଳରୁ କଳାପଥର ଉତ୍ତୋଳନ ନ କରି ଅଣଲିଜ୍ ଖାଦାନଗୁଡ଼ିକରୁ ବିପୁଳ କୋଟି ଟଙ୍କାର କଳାପଥର ଚୋରି ହୋଇସାରିଛି। ତେଣୁ ଉକ୍ତ ଲୁଟ ଅଞ୍ଚଳର ସାଟେଲାଇଟ୍ ମାପଚୁପ କରି ଆବଶ୍ୟକ ଜରିମାନା ନିର୍ଦ୍ଦେଶ ଦେବାକୁ ଦାବି ହୋଇଛି। ଏହାସହ ବେଆଇନ ବ୍ଲାଷ୍ଟିଂ ପ୍ରକ୍ରିୟା ବନ୍ଦ, ବିନା ଇଟିପିରେ ଚାଲିଥିବା କ୍ରଶର ୟୁନିଟ୍‌ଗୁଡ଼ିକ ଚିହ୍ନଟ ଓ ଆବଶ୍ୟକତାଠାରୁ ଅଧିକ କଳାପଥର ମହଜୁଦ ରଖିଥିବା କ୍ରଶରଗୁଡ଼ିକର ଆର୍ ଓ ୱାଇ ଫର୍ମ ଯାଞ୍ଚ ଇତ୍ୟାଦି ଉପରେ ପଦକ୍ଷେପ ନେବାକୁ ବିଧାୟକ ସାହୁ ଦାବି କରିଛନ୍ତି। ତେବେ ବହୁ କୋଟି ଟଙ୍କାର କଳାପଥର ଚୋରି କରିଥିବା ଲୁଟେରାଙ୍କ ବିରୋଧରେ ନବନିର୍ବାଚିତ ବିଧାୟକ ସାହୁଙ୍କ ୧୪ ଦଫା ସମ୍ବଳିତ ଦାବିପତ୍ର କେବେ କାର୍ଯ୍ୟକାରୀ ହେଉଛି ତାହାକୁ ଅନେକେ ଅପେକ୍ଷା କରିଛନ୍ତି।



# ଗୁଣ୍ଡିଚା ମନ୍ଦିର ଚକଡ଼ାରେ ୩ ରଥ

ନୟାଗଡ,୮।୭(ଲୋକନାଥ ମିଶ୍ର)

ଚଳିତ ବର୍ଷ ନୟାଗଡ଼ ପୁରୁଣା ସହରରେ ୨ଦିନ ପାଇଁ ରଥଯାତ୍ରା ହୋଇଛି। ପ୍ରଥମ ଦିନ କେବଳ ବିଧି ରକ୍ଷା ପାଇଁ ରଥ ଟଣା ଯାଇଥିଲା। ତେବେ ୨ୟ ଦିବସରେ ଶ୍ରୀବଳଭଦ୍ର, ମା’ ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ରଥ ଗୁଣ୍ଡିଚା ମଣ୍ଡପରେ ଲାଗିଛି। ରାତି ପ୍ରାୟ ୯ଟାରେ ଶ୍ରୀଜୀଉଙ୍କୁ ପହଣ୍ଡି କରାଯାଇ ମନ୍ଦିରକୁ ନିଆଯାଇଛି। ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ।





ନୟାଗଡ଼ରେ ୩ ରଥ ମାଉସୀମା’ ମନ୍ଦିର ଚକଡ଼ାରେ ଲାଗିଛି (ଉପର)। ରଥ ସମ୍ମୁଖରେ କଳାକାରଙ୍କ ଓଡ଼ିଶୀ ନୃତ୍ୟ ପରିବେଶଣ।

# ୨ ଦିନରେ ରଥଟଣା: ଆଡ଼ପ ମଣ୍ଡପରେ ଭକ୍ତଙ୍କ ସମାଗମ

ଦଶପଲ୍ଲା ୮।୭(ପ୍ରକାଶ କୁମାର ପାଣି)

ଦଶପଲ୍ଲା ସହରର ସାତପାଟଣାଠାରେ ପ୍ରଥମଥର ଆରମ୍ଭ ହୋଇଥିବା ରଥଯାତ୍ରାର ସୋମବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଟଣା କାର୍ଯ୍ୟ ହୋଇଥିଲା। ଶ୍ରୀବଳଭଦ୍ର ଦେବ ଏବଂ ଦେବୀ ସୁଭଦ୍ରାଙ୍କ ରଥ ରବିବାର ପଣସପାଟଣା ସ୍ଥିତ ମାଉସୀ ମା’ ମନ୍ଦିରଠାରେ ପହଞ୍ଚିଥିବା ବେଳେ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଜରିପାଟଣାଠାରେ ଅଟକି ରହିଥିଲା। ସୋମବାର ରଥ ଟଣା କାର୍ଯ୍ୟ କରାଯାଇ ମାଉସୀ ମା’ ମନ୍ଦିରଠାରେ ଲାଗିଥିଲା। ହଜାର ହଜାର ଭକ୍ତ ସମାଗମରେ ରଥଟଣା କାର୍ଯ୍ୟ ହୋଇଥିଲା। ସନ୍ଧ୍ୟାରେ ମାଉସୀ ମା’ ମନ୍ଦିରଠାରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ଟାଉନଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ମାଉସୀ ମା’ ମନ୍ଦିରଙ୍କୁ ନିଆଯାଇଥିଲା, ସନ୍ଧ୍ୟାରେ ମହାପ୍ରଭୁ ମତ୍ସ୍ୟ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟାରେ ବହୁ ଭକ୍ତଙ୍କ ସମାଗମ ଆଡ଼ପ ମଣ୍ଡପରେ ହୋଇଥିଲା।




ଦଶପଲ୍ଲା ଆଡ଼ପ ମଣ୍ଡପରେ ଜଗନ୍ନାଥ ମହାପ୍ରଭୁଙ୍କ ମତ୍ସ୍ୟ ଅବତାର ବେଶ।

# ଅଖ ମରାମତି ପରେ ଗୁଣ୍ଡିଚା ଘରେ ଲାଗିଲା ୨ ରଥ

ଖଣ୍ଡପଡ଼ା,୮।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ରାଜ ପରିବାର ପକ୍ଷରୁ ପରିଚାଳିତ ପ୍ରଭୁ ପତିତପାବନଙ୍କ ରଥଟି ମାତ୍ର ୨୦ରୁ ୨୫ ଫୁଟ ଗଡିବା ପରେ ଅଖଟି ଭାଙ୍ଗି ପଡିଥିଲା। ଫଳରେ ରଥ ଟଣା ବନ୍ଦ ରହିଥିଲା। ସୋମବା ମରାମତି ପରେ ଅପରାହ୍ନରେ ଆୟୋଜିତ ଘୋଷଯାତ୍ରାର ୨ୟ ଦିବସରେ ଅଟକି ରହିଥିବା ୨ ରଥକୁ ଶ୍ରଦ୍ଧାଳୁମାନେ ଗୁଣ୍ଡିଚା ଘର ନିକଟକୁ ଟାଣି ନେଇଥିଲେ। ରଥାରୂଢ ବିଗ୍ରହଙ୍କ ନିକଟରେ ସନ୍ଧ୍ୟା ଆଳତି ସମୟରେ ଭୋଗ ଲାଗି କରାଯାଇଥିଲା। ବିଗ୍ରହମାନଙ୍କ ଦର୍ଶନ ନିମନ୍ତେ ରଥ ସମ୍ମୁଖରେ ସନ୍ଧ୍ୟା ସମୟରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଖଣ୍ଡପଡ଼ା ପୋଲିସ, ସ୍ୱେଚ୍ଛାସେବୀ ଓ ଯୁବକ ସଂଘର ସଦସ୍ୟମାନେ ଘୋଷଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲେ। ବିଳମ୍ବିତ ରାତିରେ ବିଗ୍ରହମାନେ ପହଣ୍ଡି ବିଜେରେ ଗୁଣ୍ଡିଚା ଘରକୁ ଯିବେ ବୋଲି ସେବାୟତମାନଙ୍କଠାରୁ ଜଣାପଡ଼ିଛି।



ଅଖ ମରାମତି ପରେ ରଥକୁ ଭକ୍ତମାନେ ଟାଣିକି ନେଉଛନ୍ତି।

# ମାଉସୀ ମା’ ମନ୍ଦିର ରଥଖଳାରେ ତାଳଧ୍ୱଜ, ଦେବୀଦଳନ



ରଣପୁରରେ ରଥକୁ ଶ୍ରଦ୍ଧାଳୁମାନେ ଟାଣୁଛନ୍ତି।



ସୁଭଦ୍ରାଙ୍କ ରଥକୁ ମହିଳାମାନେ ଭିଡୁଛନ୍ତି।

ରଣପୁର,୮।୭ (ସୁକାନ୍ତ କିଶୋର ଡାକୁଆ)

- ମଙ୍ଗଳବାର ନନ୍ଦିଘୋଷ ରଥ ଟଣାଯିବ
- ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ
- ସୁଭଦ୍ରାଙ୍କ ରଥକୁ ଟାଣିଲେ ମହିଳା

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ରବିବାର ପବିତ୍ର ରଥଯାତ୍ରା ହୋଇଯାଇଛି। ଏଥିପାଇଁ ଆଗରୁ ରଥ ପଥ ଭକ୍ତ ସେବାୟତ ସମସ୍ତେ ପ୍ରସ୍ତୁତ ହୋଇ ରହିଥିଲାବେଳେ ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ନୟାଗଡ଼ ଜିଲାର ରଣପୁର ମନ୍ଦିରରୁ ଶ୍ରୀଜିଉମାନେ ୯ ଦିନ ପାଇଁ ମାଉସୀ ମା’ ମନ୍ଦିରକୁ ରଥାରୂଢ଼ ହୋଇ ଶ୍ରୀଗୁଣ୍ଡିଚା ରବିବାର କରିଥିଲେ। ହେଲେ ମନ୍ଦିର ପ୍ରଶାସନ ପକ୍ଷରୁ ରଥଟଣା କାର୍ଯ୍ୟ ରବିବାର କରାଯାଇ ନ ଥିଲା। ରଥଯାତ୍ରାର ଗୋଟେ ଦିନ ପରେ ସୋମବାର ରଥଟଣା ହୋଇଥିଲା। ଫଳରେ ଶହ ଶହ ବର୍ଷର ପରମ୍ପରା ଏଠାରେ ଭାଙ୍ଗିଥିଲା। ଏହାସହ ରବିବାର ରଥଯାତ୍ରାରେ ଭକ୍ତମାନେ ରଥଟାଣି ନ ପାରିବାରୁ ନିରାଶ ହୋଇ ଫେରିଥିଲେ। ସୋମବାର ମଧ୍ୟାହ୍ନ ସାଢେ ୩ଟାରେ ରଥଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ଉତ୍ସାହର ସହିତ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜରଥକୁ ପ୍ରଥମେ ଟାଣି ନେଇ ମାଉସୀ ମା’ ମନ୍ଦିର ନିକଟରେ ଥିବା ରଥ ଖଳାରେ ଲଗାଇ ଥିଲେ। ପରେ ମହିଳା ଭକ୍ତମାନେ କଡା ସୁରକ୍ଷା ମଧ୍ୟରେ ମା’ ସୁଭଦ୍ରାଙ୍କ ରଥ ଦର୍ପଦଳନକୁ ଟାଣି ନେଇ ମାଉସୀ ମା’ ମନ୍ଦିର ନିକଟରେ ଥିବା ରଥ ଖଳାରେ ଲଗାଇଥିଲେ। ସନ୍ଧ୍ୟା ହୋଇଯିବାରୁ ପ୍ରଶାସନ ପକ୍ଷରୁ ରଥଟଣା କାର୍ଯ୍ୟ ବନ୍ଦ କରାଯାଇଥିଲା। ମଙ୍ଗଳବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥଟଣା ହୋଇ ମାଉସୀ ମା’ ମନ୍ଦିର ନିକଟରେ ପହଞ୍ଚିବା ପରେ ତିନି ଠାକୁରଙ୍କୁ ଗୋଟି ପହଣ୍ଡି କରାଯାଇ ଗୁଣ୍ଡିଚା ମନ୍ଦିରକୁ ସେବାୟତମାନେ ବିଜେ କରାଇବେ। ବ୍ୟାପକ ପୋଲିସ ଫୋର୍ସଙ୍କ ସହ ପୋଲିସ ଅଧିକାରୀମାନେ ରହି ଶୃଙ୍ଖଳା ତଦାରଖ କରିବା ସହିତ ରଥଟଣା ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହିଥିଲେ। ଏହି ରଥଯାତ୍ରା ପାଇଁ ବିଭିନ୍ନ ଫାଣ୍ଡି ଓ ଥାନାର ଅଧିକାରୀଙ୍କ ସହ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନରେଶ



@ ପୂଜା



@ ସୋମା



@ ସ୍ୱରୂପ



@ ତାପସୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପଥରଖଣି, ବାଲିଘାଟ ବନ୍ଦ ସହ ନାଲି ପତାକା ଲାଗିଲା

ଖଣ୍ଡପଡ଼ା,୮।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ତହସିଲ ଅଧୀନ ବିଭିନ୍ନ ସଂରକ୍ଷିତ ଜଙ୍ଗଲ, ପାହାଡ଼ରୁ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ହେଉଛି। ଏପରିକି ବାଲିଘାଟରୁ ବେଆଇନ ଭାବେ ଚୋରାରେ ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି। ତେବେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବାଲିଘାଟ ଓ ବିଭିନ୍ନ ଖଣି ସହ ପଥରକ୍ୱାରିରୁ ଅଳ୍ପ ପରିମାଣର ରାଜସ୍ୱ ଆଦାୟ କରାଯାଉଥିଲା। ଫଳରେ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଥିଲେ।

ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଏବେ ପ୍ରଶାସନିକ ଅଧିକାରୀମାନେ ସତର୍କତା ଅବଲମ୍ବନ କରୁଥିବା ଜଣାଯାଇଛି। ତେବେ ବେଆଇନ ଭାବେ ଖଣ୍ଡପଡ଼ା ତହସିଲ ଅନ୍ତର୍ଗତ କଣ୍ଟିଲୋ ରାଜସ୍ୱ ନିରୀକ୍ଷକଙ୍କ ଇଲାକାରେ ଥିବା ବରଗୁଡ଼ି ମୁଣ୍ଡିଆ, ବାରଖୋଲା ଜଙ୍ଗଲ, ହଟିଆପଲ୍ଲୀ ଓ ଘଣାଶାଳିଆ ପାହାଡ଼ ଆଦି ପଥର ଖଣିରୁ ବେଆଇନ ତଥା ଚୋରାରେ ଲଘୁ ଖଣିଜ ସମ୍ପଦ ଏବଂ ମହାନଦୀସ୍ଥିତ କୁମୁଣ୍ଡି ଓ ବାଣପୁର ବାଲିଘାଟରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବାରୁ ଏ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି। କଣ୍ଟିଲୋ ରାଜସ୍ୱ ନିରୀକ୍ଷକ ପଙ୍କଜିନୀ ମାଝୀ ସମ୍ପୃକ୍ତ ପାହାଡ଼ ଓ ବାଲିଘାଟରେ ପହଞ୍ଚି ସେଠାରୁ ବେଆଇନ ଚାଲାଣ ରୋକିବା ପାଇଁ ନାଲିପତାକା ଲଗାଯାଇଛି। ଫଳରେ ସମ୍ପୃକ୍ତ ପାହାଡ଼ ଓ ବାଲିଘାଟରୁ ଚୋରା ଚାଲାଣକୁ ରୋକାଯାଇଥିବା ଜଣାଯାଇଛି।



ପ୍ରଶାସନ ପକ୍ଷରୁ ପଥର ଖଣିରେ ନାଲି ପତାକା ମରାଯାଇଛି।

# ଦୁର୍ବଳ ନଦୀବନ୍ଧର ସ୍ଥିତି ପରଖିଲେ ବିଧାୟକ

**ରକ୍ଷଣାବେକ୍ଷଣ ପ୍ରତି ଗୁରୁତ୍ୱ ଦେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ**

ଖଣ୍ଡପଡ଼ା, ୮।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ରାଜ୍ୟ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ସାକ୍ଷାତ୍ କରି ଅଞ୍ଚଳ ଦେଇ ପ୍ରବାହିତ ମହାନଦୀ, ଏହାର ଶାଖା ନଦୀଗୁଡ଼ିକର ମାଳବନ୍ଧର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଦିଗରେ ସ୍ୱତନ୍ତ୍ର ଧ୍ୟାନଦେବାକୁ ଆଲୋଚନା ହୋଇଥିବା ଜଣାଯାଇଛି। ତେବେ ଏହି ଆଲୋଚନା ପରେ ଶନିବାର ବିଧାୟକ ସ୍ୱାଇଁ କଣ୍ଟିଲୋ ଜଳସମ୍ପଦ ବିଭାଗ ଅଧୀନ ବିଭିନ୍ନ ନଦୀ, ମାଳବନ୍ଧ ପରିଦର୍ଶନ କରି ଏଗୁଡ଼ିକର ସ୍ଥିତି ପରଖିଥିଲେ। ବିଧାୟକ ସ୍ୱାଇଁ ନୟାଗଡ଼ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ୍ କୁମାର ପୋଥାଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତିମୟୀ ନାୟକ, ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, କଣ୍ଟିଲୋ ସେକ୍ସନ ସହକାରୀ ଯନ୍ତ୍ରୀ ରାମମୋହନ ବେହେରା ଓ କଣ୍ଟିଲୋ ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣାଙ୍କ ସହ ମହାନଦୀ ଦକ୍ଷିଣପାର୍ଶ୍ୱ ମାଳବନ୍ଧ କୁମୁଣ୍ଡି-ସିଧାମୂଳା ଓ କମେଇ ଦକ୍ଷିଣପାର୍ଶ୍ୱ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଧାନଚେଙ୍ଗଡ଼ା ମାଳବନ୍ଧ ପରିଦର୍ଶନ କରିଥିଲେ। ବିଧାୟକ ମାଳବନ୍ଧର ଦୁରବସ୍ଥା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଧାନଚେଙ୍ଗଡା ମାଳବନ୍ଧର ଦୟନୀୟ ଅବସ୍ଥା ଦେଖି ତୁରନ୍ତ ଏହାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ଉପସ୍ଥିତ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

ସୂଚନାଯୋଗ୍ୟ, ଏହି ମାଳବନ୍ଧ ଉପରେ ପ୍ରତ୍ୟହ ହଜାର ହଜାର ଲୋକ ବିଭିନ୍ନ ଯାନବାହନରେ ଯାତାୟାତ କରୁଥିବା ବେଳେ ରାସ୍ତାଟି ଧାନଚେଙ୍ଗଡା ଅଞ୍ଚଳବାସୀଙ୍କ ସହ ନିକଟସ୍ଥ ବିଭିନ୍ନ ପଞ୍ଚାୟତ ଲୋକଙ୍କ ମୁଖ୍ୟରାସ୍ତା ପାଲଟିଛି। ସମ୍ପୃକ୍ତ ମାଳବନ୍ଧଟି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡିଛି। ସେହିପରି କୁମୁଣ୍ଡି- ସିଧାମୂଳା ମାଳବନ୍ଧ କୁମୁଣ୍ଡି ନିକଟରେ ଥିବା ଏକ ସ୍ଲୁଇସ୍ ଗେଟ୍ ନଷ୍ଟ ହୋଇଯାଇଥିବାରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏବେ ମହାନଦୀରେ ବନ୍ୟାର ସମ୍ଭାବନା ଥିବାରୁ ବର୍ଷାଋତୁ ପରେ ସେହି ମାଳବନ୍ଧରେ ନୂତନ ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ପୋଥାଳ ସୂଚନା ଦେଇଥିଲେ। ଅପରପକ୍ଷରେ ସିଧାମୂଳା ପଞ୍ଚାୟତ ଅନ୍ତର୍ଗତ ଅକୁରାବନ୍ଧ ସର ବିଭିନ୍ନ ଦଳ ଓ ଗଛଲତାରେ ପୂର୍ଣ୍ଣହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏହି ଦଳପୂର୍ଣ୍ଣ ସରନାଳ ଏବେ ସରୀସୃପଙ୍କ ବାସସ୍ଥଳ ପାଲଟିଛି। ଏଥିରେ ସ୍ନାନ ଶୌଚାଦି ସମ୍ପନ୍ନ କରିବା ବିପଦ ପାଲଟିଛି। ଏହି ସରନାଳକୁ ପୁନରୁଦ୍ଧାର କରିବାକୁ ବିଧାୟକ ସ୍ୱାଇଁ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ଉକ୍ତ ସରନାଳଟି ଜଳସମ୍ପଦ ବିଭାଗ ଅଧୀନରେ ନ ଥିବା ଯନ୍ତ୍ରୀ ସୂଚନା ଦେଇଥିବା ବେଳେ ଏହାର ପୁନରୁଦ୍ଧାର ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ଜଳସମ୍ପଦ ବିଭାଗ ପକ୍ଷରୁ କାର୍ଯ୍ୟ ସମ୍ପନ୍ନ କରାଯିବ ବୋଲି ବିଧାୟକ ସୂଚନା ଦେଇଥିଲେ।



ନଦୀବନ୍ଧର ସ୍ଥିତିକୁ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ବୁଲି ଦେଖୁଛନ୍ତି।

# ପ୍ରଭାତଙ୍କୁ ଟାର୍ଗେଟ କଲେ ଦେବାଶିଷ

କଟକ,୮।୭(ଶିଳ୍ପା ପ୍ରିୟଦର୍ଶିନୀ)


ପ୍ରଭାତ ବିଶ୍ୱାଳ


ଦେବାଶିଷ ସାମନ୍ତରାୟ

- ପ୍ରଭାତ ବାବୁ କିଏ, ମିଡ୍‌ନାଇଟ୍ ଅପରେଶନରେ ଥିବା ନେଇ ତାଙ୍କ ମନ୍ତବ୍ୟ ସ୍ପଷ୍ଟ କରୁଛି:ଦେବାଶିଷ
- ଦେବାଶିଷଙ୍କ ଏଭଳି ମନ୍ତବ୍ୟ ହାସ୍ୟାସ୍ପଦ, ସମୟ ଆସିଲେ ସବୁ କହିବି: ପ୍ରଭାତ

ବିଜେଡିର ପରାଜୟ ପରେ ଦଳର ନେତା କାର୍ତ୍ତିକ ପାଣ୍ଡିଆନ ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କୁ ପ୍ରଭାତ ବିଶ୍ୱାଳ ଆକ୍ଷେପ କରିବା ଲଜ୍ଜାଜନକ ଓ ଦୁଃଖଦାୟକ। ପ୍ରଭାତ ବିଶ୍ୱାଳ କିଏ ଏଭଳି ଆକ୍ଷେପ କରିବାକୁ ବୋଲି କହି ସିଧାସଳଖ ଟାର୍ଗେଟ କରିଛନ୍ତି ରାଜ୍ୟ ସଭା ସଦସ୍ୟ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ। ଗତ ୭ ତାରିଖରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଉଭୟ ନେତାଙ୍କୁ ଏଭଳି ଆକ୍ଷେପ କରିଥିଲେ। ଏ ନେଇ ଦେବାଶିଷ ସୋମବାର କଟକ ରାଜାବଗିଚାସ୍ଥିତ କାର୍ଯ୍ୟାଳୟରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ପ୍ରଭାତ ବିଶ୍ୱାଳ ଜଣେ ବିଧାୟକଙ୍କ ପିତା ହୋଇ ଦଳର ସଦସ୍ୟଙ୍କୁ ନେଇ ଏଭଳି ଟିପ୍ପଣୀ ଦେବା ପାଇଁ ତାଙ୍କୁ କିଏ ଅଧିକାର ଦେଲା। ଯେଉଁଭଳି ଭାବେ ପ୍ୟାରୀମୋହନଙ୍କ କଥା ନେଇ ଆଲୋଚନା କରିଛନ୍ତି, ଏଥିରୁ ସ୍ପଷ୍ଟ ହୋଇଛି ଯେ, ସେ ମିଡ୍‌ନାଇଟ୍ ଅପରେଶନ୍‌ରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦେବାଶିଷ କହିଛନ୍ତି, ତାଙ୍କର ବ୍ୟକ୍ତିଗତ ମତ ଯେ, ସିବିଆଇରୁ ବଞ୍ଚିବା ପାଇଁ ଭାଜପା ଆଡ଼କୁ ଢଳୁଥିବା ନେଇ ପ୍ରଭାତଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହୋଇଛି। ସେ ପ୍ରଥମେ ବିଜେଡିରୁ ନିର୍ବାଚନ ଲଢ଼ି ନ ଥିଲେ। ସ୍ୱାଧୀନ ଭାବେ ନିର୍ବାଚିତ ହୋଇ ପରେ ବିଜେଡିରେ ସାମିଲ ହୋଇଥିଲେ। କାର୍ତ୍ତିକ ପାଣ୍ଡିଆନ ଯେତେବେଳେ କାମ କରୁଥିଲେ ସେତେବେଳେ ତାଙ୍କୁ ବିରୋଧ କରିନାହାନ୍ତି, ବରଂ ପ୍ରଭାତ ବିଶ୍ୱାଳ ତାଙ୍କୁ ସହମତି ସହ ସମ୍ମାନ ଦେଉଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କଟକର ଯେଉଁ ବିକାଶ କରାଯାଇଛି ସେଥିପାଇଁ କାର୍ତ୍ତିକ ପାଣ୍ଡିଆନଙ୍କୁ ବହୁବାର ପ୍ରଭାତ ବିଶ୍ୱାଳ ଧନ୍ୟବାଦ ଜଣାଇଛନ୍ତି। ପ୍ରଣବ ଓ କାର୍ତ୍ତିକ ପାଣ୍ଡିଆନଙ୍କ ଯୋଗୁ ବିଜେଡିର ପରାଜୟ ହୋଇ ନାହିଁ ତାହା ସ୍ପଷ୍ଟ। ଦଳର ସମସ୍ତ ନିଷ୍ପତ୍ତି ନବୀନ ପଟ୍ଟନାୟକ ନେଇଥାନ୍ତି। ହୁଏତ କୌଣସି କାମ ଭୁଲ୍ ହୋଇଥାଇପାରେ। ଏପରି କି ପ୍ରାର୍ଥୀ ଚୟନ ଭୁଲ୍ ହୋଇଥାଇପାରେ, କିନ୍ତୁ ପ୍ରଭାତଙ୍କ ଏପରି ଭାବେ ଆକ୍ଷେପ କରିବା ଶୋଭନୀୟ ନୁହେଁ ବୋଲି ସାମନ୍ତରାୟ କହିଛନ୍ତି।

ଏ ସମ୍ପର୍କରେ ପ୍ରଭାତ କହିଛନ୍ତି, ଦେବାଶିଷ ସାମନ୍ତରାୟ କିଏ ଏଭଳି ପଚାରିବାକୁ। ପ୍ରଭାତ ବିଶ୍ୱାଳ କିଏ ତାହା ସାଧାରଣ ଲୋକଙ୍କୁ ଜଣା। ଯଦିଓ ମିଡ୍‌ନାଇଟ୍ ଅପରେଶନ କଥା ଦେବାଶିଷ ବାବୁ ଉଠାଇଛନ୍ତି ତେବେ ସେହି ମିଡ୍‌ନାଇଟ୍ ଅପରେଶନରେ କିଏ ସମ୍ପୃକ୍ତ ଥିଲେ ସେ ବିଷୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବଗତ ଅଛନ୍ତି। ଏପରି କି ସେ ସେଥିରେ ସାମିଲ ଥିଲେ କି ନାହିଁ ତାହା ମଧ୍ୟ ନବୀନ ପଟ୍ଟନାୟକ ଜାଣିଛନ୍ତି। ହୁଏତ ତାଙ୍କୁ ଏଭଳି କହିବାକୁ କିଏ ଶିଖାଇଥିବ ବୋଲି ଦେବାଶିଷ ବାବୁ ଏଭଳି କହିଥିବା ପ୍ରଭାତ କହିଛନ୍ତି। ସମସ୍ତ ବିଷୟରେ ଜାଣି ତାଙ୍କୁ ଓ ତାଙ୍କ ପୁଅ ବର୍ତ୍ତମାନର ବିଧାୟକଙ୍କୁ ଟିକେଟ୍ ନିଜେ ନବୀନ ପଟ୍ଟନାୟକ ଦେଇଛନ୍ତି। ମିଡ୍‌ନାଇଟ୍ ଅପରେଶନ ନେଇ ଠିକ୍ ସମୟ ଆସିଲେ ଉକ୍ତ ଘଟଣା ଓ ଦୁଇ ଜଣଙ୍କ ବିଷୟରେ ସର୍ବସାଧାରଣରେ ପ୍ରକାଶ କରିବେ ବୋଲି ପ୍ରଭାତ କହିଛନ୍ତି। ଏବେ ବି ଦଳରେ କେତେଜଣ ନେତା ଅଛନ୍ତି ଯିଏ ମିଡ୍ ନାଇଟ୍ ଅପରେଶନରେ ସାମିଲ ଥିଲେ। ବିଜେଡିର ଜଣେ ନିଷ୍ଠାପର କାର୍ଯ୍ୟକାରୀ ସଦସ୍ୟ ଭାବେ ସେ କାର୍ଯ୍ୟ ଜାରି ରଖିଛନ୍ତି। ତେବେ ଦେବାଶିଷ ବାବୁଙ୍କ ମତ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ପ୍ରଭାତ କହିଛନ୍ତି। ଟଙ୍କା ପାଇଁ କେବେ ସେ ରାଜନୀତି କରି ନାହାନ୍ତି, ଯାହା କରିଛନ୍ତି କେବଳ ସମ୍ମାନ ପାଇଁ । ଦଳର ପରାଜୟ ନେଇ ସେ କାହାକୁ ଆକ୍ଷେପ କରିନାହାନ୍ତି। ମେ' ୨୯ ମିଡ୍ ନାଇଟ୍ ଅପରେଶନର ସମସ୍ତ ଘଟଣା ବିଷୟରେ ସେ ଜାଣିଛନ୍ତି ବୋଲି ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଇଛି। ଏହାକୁ ଲୁଚାଇବା ପାଇଁ ଯେଉଁ ଅନ୍ୟାୟ କରିବା କଥା ତାହା ତାଙ୍କ ସହ କରାଯାଇଛି। ସମୟ ଆସିଲେ ସମସ୍ତ କଥା ସାଧାରଣ ଲୋକଙ୍କ ସମ୍ମୁଖକୁ ଆଣିବେ ବୋଲି ପ୍ରଭାତ ବିଶ୍ୱାଳ କହିଛନ୍ତି।

## ଆସନ୍ତା ୧୯, ୨୦ରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର, ୮।୭(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆସନ୍ତା ୧୯ ଏବଂ ୨୦ ତାରିଖରେ ଅନୁଷ୍ଠିତ ହୋଇପାରେ। ଦଳ ପକ୍ଷରୁ ଏକପ୍ରକାର ଚୂଡାନ୍ତ ହୋଇଥିଲେ ସୁଦ୍ଧା ଏନେଇ ବିଧିବଦ୍ଧ ସୂଚନା ଦିଆଯାଇ ନାହିଁ। ଚଳିତ କାର୍ଯ୍ୟକାରିଣୀ ବୈଠକ ପୁରୀଠାରେ ଅନୁଷ୍ଠିତ ହେବା ନେଇ ଯୋଜନା ରହିଛି। ଏଥିରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେବେ ବୋଲି ଜଣାପଡ଼ିଛି। ରାଜ୍ୟରେ ଭାଜପା ସରକାର କରିବା ପରେ ଏହା ପ୍ରଥମ କାର୍ଯ୍ୟକାରିଣୀ ବୈଠକ ହେବ। ଆସନ୍ତା ଦିନରେ ଭାଜପା ରାଜ୍ୟ ପାଇଁ କ'ଣ ରାଜନୈତିକ ଆଭିମୁଖ୍ୟ ରଖିବ ସେନେଇ ଚିଠା ପ୍ରସ୍ତାବ ପାରିତ ହେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ଏବେ ଭାଜପା ଶାସନ କରୁଛି, ତେଣୁ ରାଜନୈତିକ କାର୍ଯ୍ୟକ୍ରମର ରୂପରେଖ କିପରି ହେବ ସେନେଇ ମଧ୍ୟ ଯୋଜନା ପ୍ରସ୍ତୁତ କରାଯିବ ବୋଲି ଜଣାପଡ଼ିଛି। ତେବେ ୧୯ରେ ପଦାଧିକାରୀମାନଙ୍କ ବୈଠକ ବସିବାକୁ ଥିବାବେଳେ ୨୦ରେ କାର୍ଯ୍ୟକାରିଣୀ ଅନୁଷ୍ଠିତ ହେବ। ଚଳିତ କାର୍ଯ୍ୟକାରିଣୀରେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ୩ୟ ଥର ପାଇଁ ସରକାର କରୁଥିବା ବେଳେ ରାଜ୍ୟରେ ଭାଜପା ପ୍ରଥମ ଥର ଲାଗି ସରକାର ଗଠନ କରିଥିବାରୁ ଧନ୍ୟବାଦ ପ୍ରସ୍ତାବ ଆସିପାରେ। ଅନ୍ୟପଟେ ପ୍ରଥମ ଥର ୨୧ ଲୋକ ସଭା ଆସନରୁ ୨୦ଟିରେ ଭାଜପା ବିଜୟ ହାସଲ କରି କେନ୍ଦ୍ରରେ ରାଜ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ବିଶେଷ କିଛି ରାଜନୈତିକ କାର୍ଯ୍ୟକ୍ରମ ସ୍ଥିର କରାଯାଇପାରେ ବୋଲି ଜଣାପଡ଼ିଛି।

## ରାଜନଗର ବିଧାୟକଙ୍କ ବିରୋଧରେ ଅଭିଯୋଗ ଆଣିଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୮।୭(ସୁନିତ୍ ମିଶ୍ର)

ରାଜନଗର ବିଧାୟକ ଧ୍ରୁବ ସାହୁ ରାଜନଗର ନିର୍ବାଚନମଣ୍ଡଳୀରେ ବିରୋଧୀ ଦଳଙ୍କୁ ଯେଉଁଭଳି ଦମନ କରିବା ପାଇଁ ପ୍ରଚେଷ୍ଟା କରୁଛନ୍ତି ଏହା ଦୁର୍ଭାଗ୍ୟଜନକ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧୀ ଦଳ ଦୁର୍ନୀତି ବିରୋଧରେ ଅବାଧ ସ୍ୱର ଉତ୍ତୋଳନ କରିଥାନ୍ତି। ଯିଏ ବିରୋଧୀ ଦଳର ସ୍ୱରକୁ ଚାପିବା ପାଇଁ ହୀନ ଉଦ୍ୟମ କରନ୍ତି ସେମାନେ ଗଣତନ୍ତ୍ର ବିରୋଧୀ। ବିଶେଷକରି ପ୍ରଦେଶ ଛାତ୍ର କଂଗ୍ରେସ ଏହାକୁ ସହ୍ୟ କରିବ ନାହିଁ। ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଭିତରକନିକା ଅଭୟାରଣ୍ୟ ପରିସୀମା ମଧ୍ୟରେ ବାଙ୍କୁଆଳ ମୌଜା ଜଙ୍ଗଲ ଜମିକୁ ଜବରଦଖଲ କରି 'ସ୍ୱାଦ' ହୋଟେଲ ନିର୍ମାଣ କରାଯାଇଛି। ଏହି ହୋଟେଲରେ ସ୍ଥାନୀୟ ବିଧାୟକ ଧ୍ରୁବ ସାହୁ ଅଂଶୀଦାର ଅଛନ୍ତି। ଏହି ହୋଟେଲରେ ଅନୈତିକ କାର୍ଯ୍ୟ ଚାଲିଛି ବୋଲି ବାରମ୍ବାର ଅଭିଯୋଗ ମଧ୍ୟ ହେଉଛି। ଜିଲା ପ୍ରଶାସନକୁ କେନ୍ଦ୍ରାପଡ଼ା ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବାରମ୍ବାର ଏ ସମ୍ପର୍କରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ୟାସିର କହିଛନ୍ତି ଯେ, ଗତ ଜୁଲାଇ ୫ରେ ଏହି ହୋଟେଲର ବେଆଇନ ନିର୍ମାଣ ଏବଂ ଏଠାରେ ଚାଲିଥିବା ଅନୈତିକ କାର୍ଯ୍ୟକୁ ପ୍ରତିବାଦ କରି ଜିଲା ଛାତ୍ର କଂଗ୍ରେସ ସଭାପତି ବିଭୁପ୍ରସାଦ ଜେନା ପଟ୍ଟାମୁଣ୍ଡାଇ ବଜାରରେ ଏକ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ବିଧାୟକଙ୍କ ଇଙ୍ଗିତରେ ବିଜେଡି ଗୁଣ୍ଡାମାନେ ଆକ୍ରମଣ କରିବା ପାଇଁ ଯୋଜନା କରିଥିଲେ। ସେମାନେ ହାତରେ ମାରଣାସ୍ତ୍ର ଧରି ଜିଲା ସଭାପତି ବିଭୁପ୍ରସାଦ ଜେନାଙ୍କୁ ବିକ୍ଷୋଭ ନ କରିବାକୁ ଧମକ ଦେଇଥିଲେ। ଅନ୍ୟପକ୍ଷରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ନିକଟରେ ଗୁଣ୍ଡାଗର୍ଦ୍ଦି କରିଥିବା ଭାଜପା ଯୁବମୋର୍ଚ୍ଚା କର୍ମୀମାନେ ମଧ୍ୟ ଏପର୍ଯ୍ୟନ୍ତ ଧରାପଡ଼ିଲେ ନାହିଁ। ସୁତରାଂ ଗୃହ ବିଭାଗ ଏ ରାଜ୍ୟରେ କାର୍ଯ୍ୟ କରୁଛି କି ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଚୁନୁ ସିଂ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ଦିଗପହଣ୍ଡି ନଗର କଂଗ୍ରେସ ସଭାପତିଙ୍କୁ ଆକ୍ରମଣ

ଦିଗପହଣ୍ଡି, ୮।୭(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ଏନ୍ଏସି ୧୦ ନଂ. ୱାର୍ଡ କାଉନସିଲର ତଥା ନଗର କଂଗ୍ରେସ ସଭାପତି ଦୀପକ କୁମାର ମିଶ୍ରଙ୍କୁ ସାହାଣୀ ସାହିର କେତେଜଣ ଯୁବକ ଆକ୍ରମଣ କରିବା ଘଟଣାକୁ ନେଇ ସହରରେ ଉତ୍ତେଜନା ପ୍ରକାଶ ପାଇଛି। ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ହୋଇଥିଲେ ମଧ୍ୟ ଆକ୍ରମଣରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ପ୍ରତିବାଦରେ ମଙ୍ଗଳବାର ସହରର ଚନ୍ଦ୍ରଚୂଡ଼ ଶୈବ ପୀଠରେ ଦଳଗତ ନିର୍ବିଶେଷରେ ସମସ୍ତେ ଏକାଠି ହେବାପାଇଁ ଜନସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଛି।

ସୋମବାର ସକାଳ ପ୍ରାୟ ୮ଟାରେ ରାଣୀସାହି ଛକରେ ସାହାଣୀ ସାହିର କେତେଜଣ ଯୁବକ ଅନ୍ୟ ଯୁବକଙ୍କ ଉପରେ ଜୁଲୁମ କରି ମାଡ଼ମାରୁଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ନଗର କଂଗ୍ରେସ ସଭାପତି ମିଶ୍ର ଏଥିରେ ହସ୍ତକ୍ଷେପ କରିବାରୁ ତାଙ୍କୁ ମଧ୍ୟ ଯୁବକମାନେ ଆକ୍ରମଣ କରିଥିଲେ। ଦୀପକଙ୍କ ସମର୍ଥକମାନେ ଘଟଣାସ୍ଥଳରେ ରୁଣ୍ଡ ହୋଇ ପ୍ରତିବାଦ ଜଣାଇଥିଲେ। ଏହାକୁ ଭୃକ୍ଷେପ ନ କରି ଆକ୍ରମଣକାରୀମାନେ ତାଙ୍କ ସାହିକୁ ଯାଇ ଆତଙ୍କ ଚଳାଇଥିଲେ। ଫଳରେ ଘଟଣା ସ୍ଥଳରେ ଉଭୟ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇବା ପରେ ଦିଗପହଣ୍ଡି ଏନ୍ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କ ସମେତ ବହୁ ସଂଖ୍ୟକ ଯୁବ କଂଗ୍ରେସ କର୍ମୀ, ସମର୍ଥକ ଥାନାକୁ ଯାଇ ଏତଲା ଦେଇଥିଲେ। ଏତଲା ଆଧାରରେ ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।


ଆସ୍ଥାଭୋଟ ପାଇଁ ଝାଡ଼ଖଣ୍ଡ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ବେଳେ ବାଚସ୍ପତି ରବୀନ୍ଦ୍ର ନାଥ ମାହାତୋଙ୍କୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ସ୍ୱାଗତ କରୁଛନ୍ତି।

## ଖୁବ୍‌ଶୀଘ୍ର ବିଜେଡିର ନୂଆ ରାଜ୍ୟ କମିଟି ଗଠନ ହେବ: ପ୍ରତାପ ଜେନା

ଭୁବନେଶ୍ୱର,୮।୭
(ଅନିଲ ଦାସ)

ଖୁବ୍‌ଶୀଘ୍ର ଦଳର ନୂଆ ରାଜ୍ୟ କମିଟି ନବୀନ ପଟ୍ଟନାୟକ ଘୋଷଣା କରିବେ ବୋଲି ବିଜେଡି ନେତା ତଥା ରାଜ୍ୟ ମୁଖ୍ୟ ମିଡିଆ ସଂଯୋଜକ ପ୍ରତାପ ଜେନା କହିଛନ୍ତି। ସେ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମସ୍ତେ ଭଲ ପାଆନ୍ତି। ଆଗାମୀ ଦିନରେ ଭଲ ଭାବେ କାମ କରିବାକୁ ଚେଷ୍ଟା କରିବୁ। ଭଲ କାମକୁ ତର୍ଜମା କରାଯିବ। ନୂଆ କରି ମିଡିଆ ସେଲ୍ ଗଠନ ହୋଇଛି। ବିଗତ ଦିନରେ ମିଡିଆ ସେଲ୍ ଭଲ ଭାବେ କାମ କରିଛି। ଏବେର ମିଡିଆ ସେଲ୍ ଜରିଆରେ ଦଳକୁ ଆହୁରି କ୍ରିୟାଶୀଳ କରିବାକୁ ଉଦ୍ୟମ ଜାରି ରହିବ। ଲୋକଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରି ଲୋକଙ୍କ ସ୍ୱରକୁ ସରକାରଙ୍କ ପାଖରେ ପହଞ୍ଚାଇବୁ ବୋଲି ପ୍ରତାପ କହିଛନ୍ତି।

ବିଜେଡି ଜାତୀୟ ମୁଖପାତ୍ର ସଂତୃପ୍ତ ମିଶ୍ର କହିଛନ୍ତି, ବିଜେଡି ସମୟ ସହ ନୂଆ ରୂପ ଓ ନୂଆ ଲୋକଙ୍କ ସହ ଆଗକୁ ବଢ଼େ। ସାଙ୍ଗଠନିକ ସ୍ତରରେ ପରିବର୍ତ୍ତନ ହୁଏ। ରବିବାର ତାହା ହୋଇଛି। ଆଗକୁ ନବୀନ ପଟ୍ଟନାୟକଙ୍କ ରାଜନୈତିକ କାର୍ଯ୍ୟକ୍ରମ ଓ ଦଳକୁ ଆଗକୁ ନେବା ପାଇଁ ବିରୋଧୀ ଦଳ ଭାବେ କ'ଣ ନୂଆ ଆଭିମୁଖ୍ୟ ରହିପାରିବ ସେ ଦିଗରେ କାର୍ଯ୍ୟକ୍ରମ ହେବ। ନବୀନବାବୁଙ୍କ ନିର୍ଦ୍ଦେଶରେ କାମ କରିବୁ। ସମୟ ସମୟରେ ଭୂମିକା ବଦଳିପାରେ ବୋଲି ସେ କହିଛନ୍ତି। ଏହି ଅବସରରେ ବିଜେଡି ମିଡିଆ ସଂଯୋଜକ ଲେନିନ୍ ମହାନ୍ତି ଉପସ୍ଥିତ ଥିଲେ।



ବିଜେଡି ଶଙ୍ଖ ଭବନରେ ରାଜ୍ୟ ମୁଖ୍ୟ ମିଡିଆ ସଂଯୋଜକ ପ୍ରତାପ ଜେନା ଗଣମାଧ୍ୟମକୁ ବିବୃତି ଦେଉଛନ୍ତି।

## ଉପାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଏକାଠି ହେଲେ ୧୮ କାଉନସିଲର

ସୁନାବେଡା/ସେମିଳିଗୁଡା,୮।୭
(କୃତ୍ତିବାସ ପ୍ରଧାନ /ବାସୁଦେବ ବରାଡ଼)

### ଜିଲାପାଳଙ୍କୁ ଦେଲେ ଅଭିଯୋଗ

ସୁନାବେଡ଼ା ପୌର ପରିଷଦ ଉପାଧ୍ୟକ୍ଷା ରତ୍ନ କଣ୍ଡାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ପରିଷଦର ୧୮ କାଉନସିଲର କୋରାପୁଟ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ସମସ୍ତ କାଉନସିଲରଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗପତ୍ର ଜିଲାପାଳ ଭି.କୀର୍ତ୍ତି ଭାସନଙ୍କୁ ପ୍ରଦାନ କରାଯାଇଛି। ଉପାଧ୍ୟକ୍ଷା କାଉନସିଲରମାନଙ୍କୁ କାର୍ଯ୍ୟାଳୟରେ ଦୁର୍ବ୍ୟବହାର କରିବା ସହ ଅପଦସ୍ଥ କରୁଛନ୍ତି। ପରିଷଦର ବହୁ କାଉନସିଲରଙ୍କ ସହ ତାଙ୍କର ଝଗଡ଼ା ହେଉଛି। ୨ ମାସ ତଳେ ତାଙ୍କ ସ୍ୱାମୀ ଏବଂ ବାପା ମିଶି ଜଣେ କାଉନସିଲରଙ୍କୁ ଜୀବନରେ ମାରିଦେବାର ଧମକ ଦେଇ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ କୋର୍ଟରେ ମାମଲା ଚାଲୁ ରହିଛି। ପରିଷଦର ଅଧିକାରୀ ଏବଂ କର୍ମଚାରୀଙ୍କୁ ଖରାପ ବ୍ୟବହାର ଯୋଗୁ ସମସ୍ତେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଉପାଧ୍ୟକ୍ଷା କୌଣସି ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରିବା ବଦଳରେ ବାଧା ସୃଷ୍ଟି କରି ସ୍ୱାର୍ଥ ହାସଲ ପାଇଁ ନିଜ ପଦବୀର ଦୁରୁପଯୋଗ କରୁଥିବା ଭଳି ଅଭିଯୋଗ କାଉନସିଲରମାନେ ଆଣିଛନ୍ତି। ଏହି କାରଣରୁ ଉପାଧ୍ୟକ୍ଷା ପଦବୀର ପରିବର୍ତ୍ତନ ନିମନ୍ତେ ଅନାସ୍ଥା ପ୍ରସ୍ତାବକୁ ଅନୁମତି ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ଏ ସମ୍ପର୍କରେ ଉପାଧ୍ୟକ୍ଷା କଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ସମ୍ପର୍କରେ ସେ କିଛି ଜାଣିନାହାନ୍ତି। ତେବେ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ ବୋଲି ସେ ପ୍ରକାଶ କରିଛନ୍ତି।


ମାନନୀୟ,
ଶ୍ରୀଯୁକ୍ତ ଜିଲ୍ଲାପାଳ
କୋରାପୁଟ, ଓଡିଶା
ବିଷୟ -ସୁନାବେଡା ମୁନିସିପାଲିଟିର ଉପନଗରପାଳ ମହୋଦୟାଙ୍କୁ ପରିବର୍ତ୍ତନ ପାଇଁ ଦରଖାସ୍ତ
ମହାଶୟ,
ଆମେ ସୁନାବେଡା ମୁନିସିପାଲିଟିର ନିମ୍ନ ସ୍ୱାକ୍ଷର କାରି ପାରିଷଦ ବୃନ୍ଦ ଲେଖି ଜଣାଉ ଅଛୁକି ଆମେ ସୁନାବେଡା ମୁନିସିପାଲିଟିର ଉପନଗରପାଳିକା ଶ୍ରୀମତୀ ରିତୁ କଣ୍ଡା ମହୋଦୟାଙ୍କୁ ପରିବର୍ତ୍ତନ କରିବା ପାଇଁ ଚାହୁଁଛୁ, କାରଣ ଗତ ଦୁଇ ବର୍ଷ ହେବ ଶ୍ରୀମତୀ ରିତୁ କଣ୍ଡା ମହୋଦୟା ଆମର ବହୁତ ଜଣ ପାରିଷଦ ମାନଙ୍କ ସହ ଝଗଡା କରି ସାରିଲେଣି, ବର୍ତ୍ତମାନ ଦୁଇ ମାସ ତଳେ ସେ, ତାଙ୍କ ସ୍ୱାମୀ ଓ ବାପା ଜଣେ ପାରିଷଦ ଭାଇଙ୍କୁ ଅଯଥାରେ ଆକ୍ରମଣ କରିଥିଲେ, ତାଙ୍କର ବାପା ସେ ପାରିଷଦ ଭାଇଙ୍କ ଉପରକୁ ଲୁହା ବେଞ୍ଚ ଫିଙ୍ଗିଥିଲେ, ଜୀବନରେ ମାରିବା ପାଇଁ ଚେଷ୍ଟା କରିଥିଲେ । ଏ ବିଷୟରେ ବର୍ତ୍ତମାନ ତାଙ୍କ ନାମରେ କୋର୍ଟରେ କେଶ ଚାଲୁଅଛି, ଆଉ ମଧ୍ୟ ଉପନଗରପାଳିକା ଅଫିସର ସମସ୍ତ କର୍ମଚାରୀଙ୍କ ସହ ଖରାପ ବ୍ୟବହାର କରୁଛନ୍ତି, ପାରିଷଦ ମାନଙ୍କ ସହ ଖରାପ ବ୍ୟବହାର କରୁଛନ୍ତି, ସେଥିପାଇଁ ଆମେ ପାରିଷଦ ମାନେ ନିଜକୁ ଅସୁରକ୍ଷିତ ଓ ଅସହାୟ ମନେ କରୁଛୁ, ସେ କୌଣସି ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରୁନାହାନ୍ତି ଓ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି, କିଛି ସ୍ୱାର୍ଥପର ଲୋକଙ୍କ ସହ ମିଶି ସେ ନିଜର ସ୍ୱାର୍ଥଜଡିତ କାର୍ଯ୍ୟ କରୁଛନ୍ତି, ଉପନଗରପାଳିକା ନିଜ ପଦବୀର ଦୁରୁପଯୋଗ କରୁଛନ୍ତି ସେଥିପାଇଁ ଆମେ ନିମ୍ନ ସ୍ୱାଖରକାରୀ ପାରିଷଦ ବୃନ୍ଦ ସୁନାବେଡା ମୁନିସିପାଲିଟିର ଉପନଗରପାଳ ଶ୍ରୀମତୀ ରିତୁ କଣ୍ଡାଙ୍କୁ ପରିବର୍ତ୍ତନ ପାଇଁ ଅନାସ୍ଥା ପ୍ରସ୍ତାବ ଆଣିବା ଚାହୁଁଛୁ ।
ଏଣୁ ଆପଣଙ୍କୁ ବିନୀତ ଅନୁରୋଧ କରୁଛି ଦୟାକରି ଆପଣ ସୁନାବେଡା ମୁନିସିପାଲିଟିର ଉପନଗରପାଳିକାଙ୍କୁ ପରିବର୍ତ୍ତନ କରିବା ପାଇଁ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଅନୁମତି ପ୍ରଦାନ କଲେ ଆମେ ଚିର ଉପକୃତ ରହିବୁ ।
ଇତି, ଆପଣଙ୍କ ବିଶ୍ୱସ୍ତ,
ସୁନାବେଡା ମୁନିସିପାଲିଟିର ପାରିଷଦ ବୃନ୍ଦ
1) Rama Benia
2) Rabindra Kumar Pradhan
6) Swarna Prabha Patnaik
7) Swarupa Patnaik
8) Sabita Khora
12) Mamata Kumari Khara
13) Sankar Bolaipadia
14) Mayafa Roy
16) Babita Khillo
18) Minati Mishra

କାଉନସିଲରମାନେ ଜିଲାପାଳଙ୍କୁ ଦେଇଥିବା ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ପତ୍ରର ନକଲ।

**ଅନ୍ୟାନ୍ୟ ଖବର**

## ଭୂତଳ ଜଳରେ କ୍ରୋମିୟମ, ସ୍ୱଚ୍ଛ ପାଣି ଯୋଗାଅ: ଏନ୍‌ଜିଟି

ଯାଜପୁର,୮।୭(ହର୍ଷବର୍ଦ୍ଧନ ବେହେରା)

### ପ୍ରତିକାର କ'ଣ କରିଛ ରିପୋର୍ଟ ଦିଅ

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳର ଭୂତଳ ଜଳରେ ଲିଟର ପ୍ରତି ୦.୦୧୫ରୁ ୦.୧୧୭ ମିଲିଗ୍ରାମ ବିଷାକ୍ତ କ୍ରୋମିୟମ ରହିଛି। ବିଶେଷକରି ସାରୁଆବିଲ ଖଣି ଅଞ୍ଚଳର ଭୂତଳ ଜଳରେ ଅଧିକ କ୍ରୋମିୟମ୍ ଥିବା ଜଣାପଡ଼ିଛି। ଭୂତଳ ଜଳ ପ୍ରଦୂଷଣ ନେଇ ଏନ୍‌ଜିଟିରେ ରୁଜୁ ହୋଇଥିବା ଏକ ମାମଲା (୭୩/୨୦୨୪/ଇଜେଡ୍)ରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ତଦନ୍ତ ରିପୋର୍ଟରେ ଉପରୋକ୍ତ ସମ୍ବେଦନଶୀଳ ତଥ୍ୟ ଜଣାପଡିଛି। ଏହାପରେ ଏନ୍‌ଜିଟି ପକ୍ଷରୁ ଜଷ୍ଟିସ ବି. ଅମିତ ସ୍ଥାଲେକର ଓ ଜୁଡିସିଆଲ ମେମ୍ବର ଅରୁଣ କୁମାର ବର୍ମା ପ୍ରଭାବିତ ଅଞ୍ଚଳବାସୀଙ୍କୁ ସ୍ୱଚ୍ଛ ପାନୀୟ ଯୋଗାଇଦେବା ସହ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି ସେନେଇ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ ସେଣ୍ଟ୍ରାଲ ଗ୍ରାଉଣ୍ଡ୍ ୱାଟର ବୋର୍ଡ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଭାବେ ତାଙ୍କ ସତ୍ୟପାଠ ଦାଖଲ କରି ନ ଥିବାରୁ ଏନ୍‌ଜିଟି ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯିବା ସହ ପୁଣି ଥରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି।

ଯାଜପୁର ଜିଲା ଖଣି କମ୍ପାନୀଗୁଡିକ ବ୍ରାହ୍ମଣୀ ନଦୀରୁ ପାଣି ନେଇ ଡମଶାଳା ନାଳା ଏବଂ ସ୍ଥାନୀୟ ଅଞ୍ଚଳକୁ ଗରଳ ଫେରାଉଛନ୍ତି। ଫଳରେ ନଦୀନାଳ ସମେତ ବିଭିନ୍ନ ପୋଖରୀ ଏବଂ ଭୂତଳ ଜଳ ଅତିମାତ୍ରାରେ ପ୍ରଦୂଷିତ ହେଉଛି। ଏହି ବିଷାକ୍ତ ପାଣିକୁ ବ୍ୟବହାର କରି ଗତ କିଛି ମାସ ମଧ୍ୟରେ ସୁକିନ୍ଦା ଅଞ୍ଚଳର ୧୦ରୁ ୧୫ ଜଣ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିବା ନେଇ ସାମାଜିକ କର୍ମୀ ମଣ୍ଟୁ ଦାସ ଏନ୍‌ଜିଟିରେ ମାମଲା ରୁଜୁ କରିଥିଲେ। ଏହାକୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ପରିଚାଳନା କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ଏନ୍‌ଜିଟି ଏକ ଚାରି ଜଣିଆ ସ୍ୱତନ୍ତ୍ର ଦଳ ଗଠନ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଯାଜପୁର ଜିଲାପାଳଙ୍କ ପରିଚାଳନାରେ କଳିଙ୍ଗନଗର ଏଡିଏମ୍ ଲଙ୍କେଶ୍ୱର ଅମାତ, ଏସପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା, ସିପିସିବିର ବୈଜ୍ଞାନିକ ଅଭିଜିତ ପାଠକ ଓ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡର ବୈଜ୍ଞାନିକ ସିନୋସ ପି.କେ. ସୁକିନ୍ଦା ଅଞ୍ଚଳ ପରିଦର୍ଶନରେ ଯାଇଥିଲେ। ସେଠାରୁ ବିଭିନ୍ନ ଖଣି କମ୍ପାନୀରୁ ବାହାରକୁ ବୋହୁଥିବା ଜଳ ଓ ଭୂତଳ ଜଳ ନମୁନା ସଂଗ୍ରହ କରିବା ପରେ ତାହାକୁ ପରୀକ୍ଷା କରାଯାଇଥିଲା। ଏନେଇ ଏନ୍‌ଜିଟିରେ ୭।୫।୨୦୨୪ରେ ଏସପିସିବି ପକ୍ଷରୁ ରିପୋର୍ଟ ଓ ସତ୍ୟପାଠ ଦାଖଲ ହୋଇଥିଲା। ଏହି ରିପୋର୍ଟ ଆଧାରରେ ୪।୭।୨୦୨୪ରେ ଏନ୍‌ଜିଟି ପକ୍ଷରୁ ହୋଇଥିବା ଶୁଣାଣିରେ ସୁକିନ୍ଦା ଖଣି ଅଞ୍ଚଳର ୯ଟି ଜଳ ନମୁନା ସଂଗ୍ରହ ସ୍ଥାନରେ ବିଷାକ୍ତ କ୍ରୋମିୟମ ମିଳିଥିବା ଜଣାପଡିଥିଲା। ତେବେ ଜଏଣ୍ଟ କମିଟିର ସଦସ୍ୟ ଥିବା ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ ଏହାକୁ ଗୁରୁତ୍ୱ ନ ଦେଇ ତଦନ୍ତରେ ଅବହେଳା କରିଥିବା ଏନ୍‌ଜିଟି ପକ୍ଷରୁ ଇଙ୍ଗିତ ହୋଇଛି। ଏହି ଅଭିଯୋଗ ଉପରେ ଏନ୍‌ଜିଟିରେ ୧୬।୮।୨୦୨୪ରେ ପରବର୍ତ୍ତୀ ଶୁଣାଣି କରିବାକୁ ଧାର୍ଯ୍ୟ ହୋଇଛି।

## ରାଷ୍ଟ୍ରପତି ରେସ୍‌ରୁ ବାଇଡେନ୍ ହଟନ୍ତୁ

ୱାଶିଂଟନ, ୮।୭

### ୫ ଡେମୋକ୍ରାଟ୍ ସଦସ୍ୟଙ୍କ ଦାବି

ଆମେରିକାରେ ଆସନ୍ତା ନଭେମ୍ବର ୫ରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଥିବା ବେଳେ ଡେମୋକ୍ରାଟ୍ ପାର୍ଟିର ପ୍ରାର୍ଥୀ ଜୋ ବାଇଡେନଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଏହି ପାର୍ଟିର ୫ ଜଣ ସଦସ୍ୟ ଜେରି ନାଡ୍‌ଲର, ଜୋ ମୋରେଲ, ମାର୍କ ତାକାନୋ, ଟେଡ୍ ଲ୍ୟୁ ଓ ଆଡାମ ସ୍ମିଥ୍ ରାଷ୍ଟ୍ରପତି ନିର୍ବାଚନ ଦୌଡ଼ରୁ ବାଇଡେନ ଓହରିଯିବା ଉଚିତ ବୋଲି ସୋମବାର ମତ ଦେଇଛନ୍ତି। ଜୁନ୍ ୨୭ରେ ଆଟଲାଣ୍ଟାଠାରେ ରିପବ୍ଲିକାନ୍ ପାର୍ଟି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ସହ ହୋଇଥିବା ପ୍ରଥମ ପ୍ରେସିଡେନ୍ସିଆଲ ଡିବେଟ୍‌ରେ ବାଇଡେନଙ୍କ ଖରାପ ପ୍ରଦର୍ଶନକୁ କେନ୍ଦ୍ର କରି ଡେମୋକ୍ରାଟିକ୍ ପାର୍ଟି ପକ୍ଷରୁ ଆୟୋଜିତ ଏକ ଫୋନ୍ କଲ୍ ସେସନ୍‌ରେ ଏହି ୫ ଡେମୋକ୍ରାଟିକ୍ ସଦସ୍ୟ ସେମାନଙ୍କ ମତ ରଖିଛନ୍ତି। ବାଇଡେନ୍ ନିଜେ ପ୍ରେସିଡେନ୍ସିଆଲ ଡିବେଟ୍‌ରେ ତାଙ୍କ ପ୍ରଦର୍ଶନକୁ ସନ୍ତୋଷଜନକ ହୋଇ ନ ଥିବା ମଧ୍ୟ ସ୍ୱୀକାର କରିଛନ୍ତି। ସେହିପରି ତାଙ୍କର ଆପ୍ରୁଭାଲ୍ ରେଟିଂ ମଧ୍ୟ ହ୍ରାସ ପାଉଛି। ଅନେକ ଦଳୀୟ ନେତା ବାଇଡେନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ପ୍ରଶ୍ନ ଉଠାଇଛନ୍ତି। ଖରାପ ସ୍ୱାସ୍ଥ୍ୟ ସହ ଆଗାମୀ ୪ ବର୍ଷ ପର୍ଯ୍ୟନ୍ତ ବାଇଡେନ୍ ଦେଶର ଶାସନଭାର କିଭଳି ସମ୍ଭାଳିବେ ବୋଲି ଏମାନେ ପ୍ରଶ୍ନ କରିଛନ୍ତି।

# ଦେଶରେ ୬% ନିଯୁକ୍ତି ବୃଦ୍ଧି

ଭୁବନେଶ୍ୱର,୮।୭(ଅନୁରାଧା ମହାରଣା)



ଦେଶରେ ବର୍ଷକରେ ୪୬.୭ ନିଯୁତକୁ ନିଯୁକ୍ତି ସଂଖ୍ୟା ବୃଦ୍ଧି ପାଇଛି। ସୋମବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହି ତଥ୍ୟ ପ୍ରକାଶ କରିଛି। ମାର୍ଚ୍ଚରେ ଶେଷ ହୋଇଥିବା ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ନିଯୁକ୍ତି ବୃଦ୍ଧି ପାଇଥିବାବେଳେ ଦକ୍ଷିଣ ଏସୀୟ ଦେଶରେ ବେକାରି ହାରକୁ ଦର୍ଶାଇଥିବା ଘରୋଇ ସର୍ବେକ୍ଷଣ ତୁଳନାରେ ଏହା ବହୁତ ଅଧିକ। ପ୍ରକାଶିତ ତଥ୍ୟ ଅନୁସାରେ, ୨୦୨୩-୨୪ରେ ନିଯୁକ୍ତି ଅଭିବୃଦ୍ଧି ୬% ରହିଛି, ଯାହାକି ୨୦୨୨-୨୩ରେ ୩.୨% ଥିଲା। ଚାକିରିର ଅଭାବ ଏବଂ ଉଚ୍ଚ ମୁଦ୍ରାସ୍ଫୀତିକୁ ନେଇ ଦେଶରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହୁଥିବାବେଳେ ଏହି ତଥ୍ୟ ଲୋକଙ୍କ ମଧ୍ୟରେ ଆଶ୍ୱସ୍ତି ଆଣିଛି। ଆର୍‌ବିଆଇ ତଥ୍ୟରୁ ଜଣାପଡ଼ିଛି ଯେ ୨୦୨୩-୨୪ରେ ଭାରତର ମୋଟ ନିଯୁକ୍ତି ୬୪୩.୩ ମିଲିୟନ ରହିଛି। ଆର୍ଥିକବର୍ଷ ୨୩ରେ ୫୯୬.୭ ମିଲିୟନ ଥିଲା। ଆର୍‌ବିଆଇ ଦ୍ୱାରା ନିୟମିତ ଜାରି କରାଯାଇଥିବା ଏହି ରିପୋର୍ଟରେ ପାରମ୍ପରିକ ଭାବରେ କେବଳ ଐତିହାସିକ ସଂଖ୍ୟା ଦର୍ଶାଯାଇଛି। ତେବେ ସୋମବାର ଆର୍‌ବିଆଇ କହିଛି ଯେ, ଉପଲବ୍ଧ ସୂଚନାକୁ ଆଧାର କରି ପ୍ରଥମ ଥର ପାଇଁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ସାମଗ୍ରିକ ଅର୍ଥନୀତି ଲାଗି ଉତ୍ପାଦନର ଏକ ସାମୟିକ ଆକଳନ ପ୍ରସ୍ତୁତ କରିବାକୁ ଚେଷ୍ଟା କରୁଛି। ଗତ ସପ୍ତାହରେ ସିଟିବ୍ୟାଙ୍କ ପ୍ରକାଶ କରିଥିବା ରିପୋର୍ଟରେ ପ୍ରକାଶ ପାଇଥିଲା ଯେ, ୧୧ ମିଲିୟନରୁ ୧୨ ମିଲିୟନ ନିଯୁକ୍ତି ଆବଶ୍ୟକତା ରହିଥିବାବେଳେ ପାଖାପାଖି ୭ ପ୍ରତିଶତ ଅଭିବୃଦ୍ଧି ଦ୍ୱାରା ଭାରତରେ କେବଳ ୮ ନିଯୁତରୁ ୯ ନିଯୁତ ନିଯୁକ୍ତି ସୃଷ୍ଟି କରିବ। ସିଟିର ମୁଖ୍ୟ ଭାରତ ଅର୍ଥନୀତିଜ୍ଞ ସମୀରନ ଚକ୍ରବର୍ତ୍ତୀ ଉଲ୍ଲେଖ କରିଛନ୍ତି ଯେ, ଜିଡିପି ଅଭିବୃଦ୍ଧି ମଧ୍ୟ ଆସନ୍ତା ଦଶନ୍ଧି ମଧ୍ୟରେ ଚାକିରି ଆବଶ୍ୟକତା ପୂରଣ କରିପାରିବ ନାହିଁ। ଏକ ପୃଥକ୍ ବିବୃତିରେ, ଫେଡେରାଲ ଶ୍ରମ ବିଭାଗ ସିଟିର ରିପୋର୍ଟକୁ ପ୍ରତ୍ୟାଖାନ କରି କହିଛି, ଏହାର ଆକଳନରୁ ଜଣାପଡ଼ିଛି ଯେ ୨୦୧୭-୧୮ ରୁ ୨୦୨୧-୨୨ ମଧ୍ୟରେ ବାର୍ଷିକ ହାରାହାରି ୨୦ ନିଯୁତରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି, ଅନ୍ୟ ଏକ ବେସରକାରୀ ଥିଙ୍କ ଟ୍ୟାଙ୍କ ଯାହା ଦେଶରେ ବେକାରି ସଂଖ୍ୟା ଉପରେ ନଜର ରଖିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତରେ ବେକାରି ହାର ୮% ଏବଂ ପୂର୍ବ ଦୁଇ ବର୍ଷରେ ୭.୭ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରିଛି।

## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୮।୭ (ଅଭୟ ଦାଶ)

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୩୬ (୩୬.୨୨) ପଏଣ୍ଟ କମି ୭୯,୯୬୦(୭୯,୯୬୦.୩୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୩(୩.୩୦) ପଏଣ୍ଟ ହ୍ରାସ ଘଟି ୨୪,୩୨୧ (୨୪,୩୨୦.୫୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

## ଅରିନ୍ଦମ ଏନ୍‌ଟିପିସିର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ




ଭୁବନେଶ୍ୱର,୮।୭ (ଅଭୟ ଦାଶ)

ଦେଶର ପ୍ରମୁଖ କେନ୍ଦ୍ରୀୟ ସଂସ୍ଥା ତଥା ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ ବା ଏନ୍‌ଟିପିସି ଲିମିଟେଡର ନୂତନ ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଷ୍ଟର୍ନ ରିଜନ-୨, ମୁଖ୍ୟାଳୟ ଭୁବନେଶ୍ୱର) ଭାବେ ଅରିନ୍ଦମ ସିହ୍ନା ନିକଟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଏନ୍‌ଟିପିସିର ନୂତନ ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଷ୍ଟର୍ନ ରିଜନ-୧)ର ଅତିରିକ୍ତ ଦାୟିତ୍ୱରେ କାର୍ଯ୍ୟ କରୁଥିଲେ। ଏପରିକି ସେ ସୁଦୀପ ନାଗଙ୍କଠାରୁ ଉକ୍ତ ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟ କରୁଥିବା ଜଣାପଡ଼ିଛି। ସେହିଭଳି ସେ ଏନ୍‌ଟିପିସି କାହଲ ଗାଁରେ ପ୍ରକଳ୍ପ ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରୁଥିଲାବେଳେ ବର୍ତ୍ତମାନ ସିହ୍ନା କର୍ପୋରେଟ ଅପରେଶନ ସର୍ଭିସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି। ଉଲ୍ଲେଖଯୋଗ୍ୟ, ଏନଟିପିସିରେ ସିହ୍ନା ୧୯୮୮ରେ ଯୋଗ ଦେଇଥିଲେ। ଏପରିକି ଦୀର୍ଘ ୩୬ ବର୍ଷର ଅଭିଜ୍ଞତା ଓ ଶକ୍ତି କ୍ଷେତ୍ରରେ ସେ ଜଣେ ଦକ୍ଷ ବ୍ୟକ୍ତିବିଶେଷ ଭାବେ ପରିଚିତ ହୋଇପାରିଛନ୍ତି।

## ଏଆଇସିଟିଇ ସହ ଓପୋର ସହଭାଗିତା

ଭୁବନେଶ୍ୱର,୮।୭ (ଅଭୟ ଦାଶ)

ଅଲ୍ ଇଣ୍ଡିଆ କାଉନସିଲ ଫର୍ ଟେକ୍ନିକାଲ ଏଜୁକେଶନ ବା ଏଆଇସିଟିଇ ଏବଂ ଓପୋ ଇଣ୍ଡିଆ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ନିକଟରେ ହୋଇଯାଇଛି। ଏପରିକି ଉଭୟ ସଂସ୍ଥାର ମିଳିତ ସହଯୋଗରେ ଏକ ନୂଆ ଅଭିଯାନ 'ଜେନେରେଶନ ଗ୍ରୀନ୍ କ୍ୟାମ୍ପେନିଂ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୧ଏମ୍‌୧ବି (ୱାନ୍ ମିଲିୟନ ଫର୍ ୱାନ୍ ବିଲିୟନ) ଦ୍ୱାରା ପରିଚାଳିତ ଏହି ୧୦୦ ଦିନିଆ ପ୍ରୋଗ୍ରାମ ଭାରତୀୟ କଲେଜର ୫୦୦୦ ଛାତ୍ରୀଛାତ୍ରଙ୍କୁ ଇର୍ଣ୍ଟର୍ନଶିପ୍ ସୁଯୋଗ ଯୋଗାଇଦେବା ସହିତ ଯୁବପିଢ଼ିଙ୍କ ମଧ୍ୟରେ ସବୁଜ ଦକ୍ଷତାକୁ ପ୍ରୋତ୍ସାହିତ କରୁଛି। ଉଲ୍ଲେଖଯୋଗ୍ୟ, ଓପୋ ଇଣ୍ଡିଆ ହେଉଛି ଏଆଇସିଟିଇ ମାଧ୍ୟମରେ ଇର୍ଣ୍ଟର୍ନଶିପ ପ୍ରଦାନ କରୁଥିବା ପ୍ରଥମ ଇଲେକ୍‌ଟ୍ରୋନିକ୍ସ ମାନୁଫାକ୍ଚରିଂ କମ୍ପାନୀ ହୋଇଥିଲାବେଳେ ଏହି କ୍ୟାମ୍ପେନ ହେଉଛି, ଏଆଇସିଟିଇ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ୧କୋଟି ଟଙ୍କା ମୂଲ୍ୟ ଇର୍ଣ୍ଟର୍ନଶିପ୍ ମିଶନର ଏକ ଅଂଶ। ଏପରିକି ଏହା ୟୁଏନ୍ ସଷ୍ଟେନେବୁଲ ଡେଭ୍‌ଲପ୍‌ମେଣ୍ଟ ଗୋଲ୍ସ ହାସଲ କରିବା ଦିଗରେ ଯୋଗଦାନ ଦେବ। ଏ ସମ୍ପର୍କରେ ଏଆଇସିଟିଇର ଅଧ୍ୟକ୍ଷ ଡ. ଟିଜି ସୀତାରାମ କହିଛନ୍ତି,ଗ୍ରୀନ୍ ଇର୍ଣ୍ଟର୍ନଶିପ୍ ପ୍ରୋଗ୍ରାମ ପାଇଁ ଓପୋ ଇଣ୍ଡିଆ ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ (ଏଆଇସିଟିଇ ଗର୍ବ ଅନୁଭବ କରୁଛି) ଅଛୁ। ସେହିଭଳି ଓପୋ ଇଣ୍ଡିଆର ପବ୍ଲିକ ଆଫାୟାର୍ସ ବିଭାଗର ମୁଖ୍ୟ ରାକେଶ ଭରଦ୍ୱାଜ କହିଛନ୍ତି, ଆମେ ଏହି ପରିବର୍ତ୍ତନଶୀଳ ଅଭିଯାନରେ ଏଆଇସିଟିଇ ସହ ସହଭାଗିତା କରି ବେଶ୍ ଉତ୍ସାହିତ (ଖୁସି ଅନୁଭବ କରୁଛୁ) ଅଛୁ ଏବଂ ଆମର ସାମୂହିକ ପ୍ରୟାସଗୁଡ଼ିକ ଏହି ଦିଗରେ ପ୍ରଭାବକୁ ବୃଦ୍ଧି କରିବା ଜାରି ରଖିବ। ସେହିପରି ଏଆଇସିଟିଇର ଚିଫ୍ କୋର୍ଡିନେଟିଂ ଅଫିସର ଡ. ବୁଦ୍ଧ ଚନ୍ଦ୍ରଶେଖର କହିଛନ୍ତି, ଏଆଇସିଟିଇ ଇର୍ଣ୍ଟର୍ନଶିପ ପୋର୍ଟାଲ ୫୦ ଲକ୍ଷରୁ ଅଧିକ ଇର୍ଣ୍ଟର୍ନଶିପ୍‌ର ଆୟୋଜନ କରିଛି ଏବଂ ୨୦୨୫ ସୁଦ୍ଧା ୧କୋଟିରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। ଆମେ ୫୦୦୦ ସଷ୍ଟେନେବିଲିଟି ଇର୍ଣ୍ଟର୍ନଶିପ ପ୍ରଦାନ କରିବା ପାଇଁ ଓପୋ ଇଣ୍ଡିଆ ସହ ସହଭାଗିତା କରି ଆନନ୍ଦିତ। ଏଭଳି ଇର୍ଣ୍ଟର୍ନଶିପରେ ଅଂଶଗ୍ରହଣ କରୁଥିବା ଛାତ୍ରୀଛାତ୍ରମାନେ ୨ରୁ ୩ଟି ଏକାଡେମିକ କ୍ରେଡିଟ ମଧ୍ୟ ଜିତିପାରନ୍ତି। ଏହି ସୁଯୋଗ ଏବେ ଏଆଇସିଟିଇ ଇର୍ଣ୍ଟର୍ନଶିପ୍ ପୋର୍ଟାଲରେ ଉପଲବ୍ଧ ହେଉଛି ଏବଂ ଛାତ୍ରୀଛାତ୍ରମାନେ ଏହି ଲିଙ୍କ୍ www.iamgenerationgreen.com ମାଧ୍ୟମରେ ଆବେଦନ କରିପାରିବେ।

## 'ଆଇଟି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ପତଞ୍ଜଳି'



ଭୁବନେଶ୍ୱର,୮।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଆଇଟି (ଇନ୍‌ଫରମେଶନ ଟେକ୍ନୋଲୋଜି ବା ଆଇଟି) କମ୍ପାନୀ ଭରୁଆ ସଲ୍ୟୁଶନ ଅଧୀନରେ ଆୟୋଜିତ 'ବୃତ୍ତିଗତ ବିକାଶ/କୋର ସ୍କିଲ୍ ପାଇଁ କର୍ପୋରେଟ୍ ଟ୍ରେନିଂ'ଶୀର୍ଷକ ବିଷୟବସ୍ତୁ ଉପରେ ୩ ଦିନିଆ ଆଇଟି କର୍ମଶାଳା ପତଞ୍ଜଳି ବିଶ୍ୱବିଦ୍ୟାଳୟ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଯୋଗଦେଇ ପତଞ୍ଜଳି ଯୋଗପୀଠର ପ୍ରତିଷ୍ଠାତା ତଥା ଯୋଗୀଋଷି ସ୍ୱାମୀ ରାମଦେବ କହିଛନ୍ତି, ସମସ୍ତ ଆଇଟି କ୍ଷେତ୍ର ସମସ୍ୟାର ସମାଧାନ ଭରୁଆ ସଲ୍ୟୁଶନର ଉତ୍ପାଦରେ ରହିଛି। ଏପରିକି ପତଞ୍ଜଳିର ଆଇଟି ଆର୍ମ ଭରୁଆ ସଲ୍ୟୁଶନ ପତଞ୍ଜଳି ସମେତ ଅନେକ କମ୍ପାନୀରେ ତା'ର ଆଇଟି ପାରଦର୍ଶିତା ପ୍ରଦର୍ଶନ କରିଛି। ସମ୍ପ୍ରତି ଭରୁଆ ଆଇଟି ଇଣ୍ଡଷ୍ଟ୍ରିର ଅନେକ ଜଣାଶୁଣା କମ୍ପାନୀ ସହିତ ଚୁକ୍ତିନାମା ସୁରକ୍ଷିତ କରିଛନ୍ତି। ବିଶେଷକରି ଆଇଟି କ୍ଷେତ୍ରରେ ପତଞ୍ଜଳି ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ରାମଦେବ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଯୋଗ ଏବଂ ଆୟୁର୍ବେଦ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ପତଞ୍ଜଳି ସାରା ବିଶ୍ୱରେ ଜଣାଶୁଣା ବୋଲି ଆଚାର୍ଯ୍ୟ ବାଲକ୍ରିଷ୍ଣା ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି। ଏପରିକି ବର୍ତ୍ତମାନ ଭରୁଆ ସଲ୍ୟୁଶନ ସହିତ ପତଞ୍ଜଳି ଆଇଟି କ୍ଷେତ୍ରରେ ବିସ୍ତାର ହୋଇଛି। ପତଞ୍ଜଳି ଫୁଡ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ରାମଭାରତ କହିଛନ୍ତି, ଭରୁଆ ଆଇଟି ଶିଳ୍ପ ମଧ୍ୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ଅନୁଭବ କରୁଛନ୍ତି ଏବଂ ଏହାର ବଜାରକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ରଣନୈତିକ ସ୍ଥିତିରେ ଅଛନ୍ତି। ଭରୁବା ସଲ୍ୟୁଶନର ସଭାପତି ଇନ୍ଦର ଛାବ୍ରା, ଉପସଭାପତି କବିନ୍ଦ୍ର ସିଂ ଏବଂ ପତଞ୍ଜଳି ଆୟୁର୍ବେଦ ଲିମିଟେଡର ଆଇଟି ହେଡ ପୱନ ସିଂଙ୍କ ସମେତ ହରିଦ୍ୱାର,ହାଇଦ୍ରାବାଦ ଏବଂ ନୋଏଡା କାର୍ଯ୍ୟାଳୟର ୨୫୦ରୁ ଅଧିକ କର୍ମଚାରୀ ଉପସ୍ଥିତ ଥିଲେ।

## ଲାଲ୍‌ଚାନ୍ଦ୍ ଜୁଏଲର୍ସର ମନ୍‌ସୁନ୍ ସେଲ୍

ଭୁବନେଶ୍ୱର,୮।୭ (ଅଭୟ ଦାଶ)




ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ପୂର୍ବ ଭାରତର ପ୍ରମୁଖ ଗହଣା ବ୍ରାଣ୍ଡ୍ ଲାଲ୍‌ଚାନ୍ଦ୍ ଜୁଏଲର୍ସର ବହୁ ପ୍ରତୀକ୍ଷିତ ଅଫର 'ମନ୍‌ସୁନ୍ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବର୍ତ୍ତମାନ ସାରା ଓଡ଼ିଶାରେ ମୌସୁମୀ (ବର୍ଷାଋତୁ) ଜାରି ରହିଛି। ମୌସୁମୀକୁ ସ୍ମରଣୀୟ କରିବା ପାଇଁ ଲାଲ୍‌ଚାନ୍ଦ୍ ଜୁଏଲର୍ସର ମନ୍‌ସୁନ୍ ସେଲ୍‌ର ଅଫର ଆରମ୍ଭ ହୋଇଛି। ବିଶେଷକରି ସୁନା, ରୁପା ଏବଂ ହୀରାର ସର୍ବୋତ୍କୃଷ୍ଟ ସଂଗ୍ରହ ଉପରେ ଲାଲ୍‌ଚାନ୍ଦ୍ ଆକର୍ଷଣୀୟ ଅଫରର ବର୍ଷା କରିଛି। ଏହି କ୍ରମରେ ବ୍ରାଣ୍ଡର ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନାଗହଣାର ଗଢ଼ା ମୂଲ୍ୟ ପ୍ରତି ଗ୍ରାମ୍ ପିଛା ଫ୍ଲାଟ୍ ୯୯୯ ଟଙ୍କା ରହିଥିବା ବେଳେ ହୀରା ଗହଣାର ଗଢ଼ା ମୂଲ୍ୟକୁ ମଧ୍ୟ ଛାଡ଼ କରାଯାଇଛି। ଏହା ସହ ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୪୦% ରିହାତି ଥିଲାବେଳେ ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡର ଏମ୍‌ଆର୍‌ପି ଉପରେ ଫ୍ଲାଟ୍ ୨୦% ଏବଂ ବ୍ରାଣ୍ଡେଡ୍ ଆଇଟମ୍‌ର ମୂଲ୍ୟ ଉପରେ ଫ୍ଲାଟ୍ ୧୫% ରିହାତି ଦିଆଯାଉଛି। ସେହିଭଳି ମନ୍‌ସୁନ୍ ସେଲ୍‌ର ଅନ୍ୟ ଏକ ଆକର୍ଷଣୀୟ ଅଫର ମଧ୍ୟରେ ୧.୫ ଲକ୍ଷ ଟଙ୍କା ମୂଲ୍ୟର ସୁନାଗହଣାର ପ୍ରତ୍ୟେକ କ୍ରୟ ଉପରେ ୧୦୦ ମିଲିଗ୍ରାମ୍‌ର ସ୍ୱର୍ଣ୍ଣ ମୁଦ୍ରା ମାଗଣା ପ୍ରଦାନ କରାଯାଉଥିବା ଲାଲ୍‌ଚାନ୍ଦ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହା ସହ ଲାଲ୍‌ଚାନ୍ଦ୍‌ର ପ୍ରତ୍ୟେକ ଶୋ'ରୁମ୍‌ରେ ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନାର ଏକ୍ସଚେଞ୍ଜ ଉପରେ ୧୦୦% ସୁନା ମୂଲ୍ୟ ମିଳୁଥିବାବେଳେ ପୂର୍ବ ଭାରତର ଅଳଙ୍କାର ବଜାରରେ ଲାଲ୍‌ଚାନ୍ଦ୍ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନାଗହଣା ଉପରେ ସର୍ବନିମ୍ନ ଗଢ଼ା ମୂଲ୍ୟ ଅଫର ପ୍ରଦାନ କରାଯାଉଛି। ଅପରପକ୍ଷରେ ଅନ୍ୟ ଜୁଏଲର୍ସମାନେ ୧୫୦୦ ରୁ ୨୨୦୦ ଟଙ୍କା ପର୍ଯ୍ୟନ୍ତ ଗଢ଼ା ମଜୁରି ନେଉଛନ୍ତି। ଭୁବନେଶ୍ୱର, ବ୍ରହ୍ମପୁର, କଟକ ଓ ନୂଆଦିଲ୍ଲୀର ଅଳଙ୍କାର ବଜାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଲାଲ୍‌ଚାନ୍ଦ୍ ସର୍ବଦା ଗ୍ରାହକଙ୍କ ସଚେତନ ପାଇଁ ମିଡିଆ କ୍ୟାମ୍ପେନ୍ ଚଳାଇ ଆସୁଛି। ଏହି ମିଡିଆ ସଚେତନତା ଅଭିଯାନରେ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଗ୍ରାହକଙ୍କୁ ସୁନାର ଗୁଣବତ୍ତା ସହ 'ଅପ୍ ଟୁ' ସ୍କାମ୍ ଓ ସର୍ତ୍ତମୂଳକ ଅଫରରୁ ବର୍ତ୍ତି ସର୍ବଦା ଫ୍ଲାଟ୍ ଓ ସ୍ୱଚ୍ଛ ଗଢ଼ା ମଜୁରିକୁ ଚୟନ କରିବା ନେଇ ପରାମର୍ଶ ଦେଇ ଆସୁଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଭାଗାର ଦଶା**
**ଶଶୁର ଘରେ ବସା ।**

ଶଶୁର ଘରକୁ ଜୋଇଁ କୁଣିଆଁ ପରି ଗଲେ ଭଲ ଚର୍ଚ୍ଚା ପାଇଥାଏ। କିନ୍ତୁ ସ୍ଥାୟୀ ଭାବେ ଶଶୁର ଘରେ ରହିଲେ ଜୋଇଁର ଗୁରୁତ୍ୱ କମିଯାଇଥାଏ, ଆଗଭଳି ଆଦର ସମ୍ମାନ ମିଳି ନ ଥାଏ। ସଭିଏଁ ହୀନ ଦୃଷ୍ଟିରେ ଦେଖିବା ସହ ସେମାନଙ୍କ ଆଚାର ବ୍ୟବହାରରେ ଭିନ୍ନତା ପରିଲକ୍ଷିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଣ୍ଡିରା ଶିଙ୍ଗି ମାଇ ମାଗୁର**
**ଖାଇବୁ କରି ମହୁର ।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ସୁସ୍ୱାଦ ମହୁର ଖାଇବାକୁ ହେଲେ ଅଣ୍ଡିରା ଶିଙ୍ଗି ଓ ମାଇ ମାଗୁରର ଗୁରୁତ୍ୱ ବେଶି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ରାଜ୍ୟ ଖବର**

## ଦିଆସିଲି କାଠିରେ ରାମ ମନ୍ଦିର

ଧାମନଗର, ୮।୭
(ସନ୍ତୋଷ କୁମାର ମହାପାତ୍ର)



ଦିଆସିଲି କାଠିରେ ଶ୍ରୀରାମ ମନ୍ଦିର କଳାକୃତି ସହ ରାକେଶ ସାହୁ।

ଦିଆସିଲି କାଠିରେ ରାମ ମନ୍ଦିର। ଏଭଳି କଳାକୃତି ପାଇଁ ଏବେ ଚର୍ଚ୍ଚାରେ ରହିଛନ୍ତି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତ ପର୍ଲିକିରି ମେଳଣଡିହ ଗ୍ରାମର ରାକେଶ କୁମାର ସାହୁ(୨୧)। ୩ଫୁଟ୍ ଉଚ୍ଚତା, ୪ଫୁଟ୍ ଲମ୍ବ ଓ ୩ଫୁଟ୍ ଚଉଡ଼ା ବିଶିଷ୍ଟ ଅତି ସୁନ୍ଦର ଓ ନିଖୁଣ ଭାବେ ଏହି ମନ୍ଦିର ସେ ତିଆରି କରିଛନ୍ତି। ୩ମାସ ପୂର୍ବରୁ ଦିଆସିଲି କାଠିରେ ରାମ ମନ୍ଦିର ତିଆରି କରିବା ପାଇଁ ଭାବିଥିଲେ। ସେବେଠାରୁ ଧୀରେ ଧୀରେ ଦିଆସିଲି କିଣି ମନ୍ଦିର ତିଆରି ଆରମ୍ଭ କରିଥିଲେ। ଏଥିରେ ପ୍ରାୟ ୬୦ହଜାରରୁ ଉର୍ଦ୍ଧ୍ୱ ଦିଆସିଲି କାଠି ଲାଗିଥିବା ବେଳେ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବା ରାକେଶ କହିଛନ୍ତି।
ଗ୍ରାମର ଲକ୍ଷ୍ମୀଧର ସାହୁ ଓ ସବିତା ସାହୁଙ୍କ ପୁଅ ରାକେଶ। ପିଲାଟି ବେଳୁ ତାଙ୍କର କଳାକୃତି ପ୍ରତି ଅହେତୁକ ଦୁର୍ବଳତା ରହିଛି। ରାକେଶ କହନ୍ତି, ବାପାଙ୍କ ରୋଜଗାରରେ ପରିବାର ଚଳେ। ଘରର ଆର୍ଥିକ ଅବସ୍ଥା ସେତେଟା ସ୍ୱଚ୍ଛଳ ନୁହେଁ। ସଞ୍ଚୟ କରିଥିବା ନିଜସ୍ୱ ଅର୍ଥରୁ ଧୀରେ ଧୀରେ ମନ୍ଦିର ପାଇଁ ଜିନିଷ ସବୁ କିଣୁଥିଲେ, ଯାହାକି ୩ ମାସରୁ ଉର୍ଦ୍ଧ୍ୱ ସମୟ ଲାଗିଲା। ଏହାପୂର୍ବରୁ ଦିଆସିଲି କାଠିରେ ଆଲ୍‌ବମ୍, ଛୋଟଘର ସବୁ ତିଆରି କରିଛନ୍ତି। ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ମିଳିଲେ ଆଗକୁ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ମନ୍ଦିର, ଲାଲକିଲ୍ଲା, ଲୋକସଭା ଭବନ ଏପରି ଅନେକ ଦେଶ ବିଦେଶରେ ଥିବା କଳାକୃତି ତିଆରି କରିବାକୁ ଆଶା ରଖିଛନ୍ତି।

## ଯାତ୍ରୀବାହୀ ବସ୍ ଓଲଟି ୧୦ ଆହତ

ମୋହନା,୮।୭(ମନ୍ମଥ ମିଶ୍ର)



ଦୁର୍ଘଟଣାଗ୍ରସ୍ତ ବସ୍।

ଗଜପତି ଜିଲ୍ଲା ଅଡ଼ବା ଥାନା ଅନ୍ତର୍ଗତ ଉଲିଆପଦା ଗ୍ରାମ ନିକଟ ବୁଲାଣିରେ ରବିବାର ବିଳମ୍ବିତ ରାତିରେ ଖମ୍ବେଶ୍ୱରୀ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୧୦ଜଣ ଯାତ୍ରୀ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ବିରିକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଉକ୍ତ ବସ୍‌ଟି ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ରାୟଗଡ଼ାଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଉଲିଆପଦା ଗ୍ରାମ ନିକଟ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ସାମାନ୍ୟ ଭାବେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଯୋଗୁ ଏକ ନିଶ୍ଚିତ ଅଘଟଣରୁ ବର୍ତ୍ତି ଯାଇଛନ୍ତି ଯାତ୍ରୀମାନେ। ଅଡ଼ବା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ଶିକ୍ଷକଙ୍କ ମାଡ଼ରେ ଛାତ୍ର ଗୁରୁତର

**ଥାନାରେ ଅଭିଯୋଗ**

ବେତନଟୀ,୮।୭(ଧରଣୀଧର ମହାନ୍ତି)

ବେତନଟୀ ବ୍ଲକ ଅଧୀନ ନଡ଼ପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ଈଶ୍ୱର କରଣଙ୍କୁ ସେହି ବିଦ୍ୟାଳୟର ଶିକ୍ଷକ ସୁରେଶ କୁମାର ବେହେରା ମାଡ଼ ମାରି ଗୁରୁତର କରିଥିବା ଅଭିଯୋଗ ହୋଇଛି। ଏନେଇ ଛାତ୍ରଙ୍କ ବାପା ପ୍ରଶାନ୍ତ କରଣ ବୈଶିଙ୍ଗା ଥାନାରେ ଅଭିଯୋଗ କରିବା ସହ ବେତନଟୀ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଅବଗତ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପ୍ରଶାନ୍ତ ବିଦ୍ୟାଳୟ ପରିଚାଳନା କମିଟିରେ ସଦସ୍ୟ ରହିଛନ୍ତି। ବିଦ୍ୟାଳୟର କେତେକ ତ୍ରୁଟିକୁ ସୁଧାରିବା ପାଇଁ ଶିକ୍ଷକମାନଙ୍କର ଦୃଷ୍ଟି ଆକର୍ଷଣ କରିବାରୁ ତାଙ୍କ ପୁଅକୁ ମନ୍ଦ ଉଦ୍ଦେଶ୍ୟ ରଖି ଗତ ଜୁଲାଇ ୩ତାରିଖରେ ଶିକ୍ଷକ ବେହେରା ମାଡ଼ ମାରିଥିଲେ। ଏଥିରେ ତାଙ୍କ ଗାଲ ଫୁଲିଯିବା ସହ ପର ଦିନ ଜ୍ୱର ଆସିଥିଲା। ପୁଣିଥରେ ଶିକ୍ଷକ ବେହେରା ଗତ ଜୁଲାଇ ୪ ତାରିଖରେ ବିଳମ୍ବରେ ସ୍କୁଲକୁ ଆସିବା କଥା କହି ଗାଲରେ ଶକ୍ତ ଚାପୁଡ଼ା ମାରିଥିଲେ। ଏହିମାଡ଼ ପରେ ପ୍ରବଳ ଜ୍ୱର ଆସିବାରୁ ବେତନଟୀ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ସୁସ୍ଥ ହୋଇ ନ ଥିବାରୁ ଈଶ୍ୱରଙ୍କ ବିଦ୍ୟାଳୟ ଯିବା ବନ୍ଦ ମଧ୍ୟ ରହିଛି। ଏନେଇ ପ୍ରଶାନ୍ତ ବୈଶିଙ୍ଗା ଥାନାରେ ଗତ ୫ ତାରିଖରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ରଙ୍କୁ ପଚାରିବାରୁ ପ୍ରଥମ ଥର ମାଡ଼ ମରାଯିବା ଘଟଣାକୁ ସେ ସ୍ୱୀକାର କରିଛନ୍ତି। ମାଡ଼ ମାରିଥିବା ଶିକ୍ଷକଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିନା ଅନୁମତିରେ ସେ କିଛି ମତାମତ ଦେଇପାରିବେ ନାହିଁ ବୋଲି କହିଛନ୍ତି।

**COLLEGE OF AGRICULTURE**
**ODISHA UNIVERSITY OF AGRICULTURE & TECHNOLOGY**
**BHUBANESWAR - 751 003**

From
Prof. H.K. Patro
**Dean cum Chairman PMT,**
NABL Lab, OUAT

No.4152/CA.,
Date : 06.07.2024

**TENDER NOTICE**

No. KK- :Sealed tenders are invited on behalf of OUAT from reputed stakeholder/companies/consultancy agencies for Supply, Installation, Running and Accreditation of Laboratory for Pesticide Residue and Heavy Metal Analysis of Soil, Water and Rice Grains by NABL on Turnkey Basis at Bhubaneswar, Chiplima and Bhawanipatna (For 3 years). The tender documents with details of the terms and conditions and important information can be obtained from the OUAT websites www.ouat.ac.in from date 08.07.2024. The sealed tender document containing technical and financial bid along with the non refundable tender fee and EMD as specified in the tender document should reach the Dean, College of Agriculture, OUAT, Bhubaneswar office by speed post/courier on or before date 05.08.2024 (5.00 pm). The technical and financial bids are to be submitted separately in sealed envelope/cover. The technical bids will be opened on date 06.08.2024 at 11.00 am and the financial bids of the successful technical bidders will be opened on date 07.08.2024 at 11.00 am.

**Sd./- Dean CA cum Chairman, PMT**

OIPR-01036/11/0020/2425

ଓଡ଼ିଶା ସରକାର
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
ରାଜା ରାମମୋହନ ରାୟ ପାଠାଗାର ସଂସ୍ଥାର ଅଣ-ଅନୁରୂପ ପରିଯୋଜନାରେ (Non-Matching Scheme) ସର୍ବସାଧାରଣ ପାଠାଗାର ସେବା ଯୋଗାଉଥିବା ବେସରକାରୀ ସଙ୍ଗଠନକୁ ଆର୍ଥିକ ସହାୟତା ନିମନ୍ତେ ଶୁଦ୍ଧି ବିଜ୍ଞାପନ

No. RR-: ଚଳିତ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମାଧ୍ୟମରେ ରାଜା ରାମମୋହନ ରାୟ ପାଠାଗାର ସଂସ୍ଥା ଅଣ-ଅନୁରୂପ ପରିଯୋଜନା (Non-Matching Scheme) ଅଧୀନରେ ଆର୍ଥିକ ସହାୟତା ନିମନ୍ତେ ସର୍ବସାଧାରଣ ପାଠାଗାର ସେବା ଯୋଗାଉଥିବା ପଞ୍ଜୀକୃତ ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କଠାରୁ ଦରଖାସ୍ତ ତା୦୫.୦୭.୨୦୨୪ ରିଖରେ ଆହ୍ୱାନ କରାଯାଇଅଛି। ଏଥିପାଇଁ ଉପରୋକ୍ତ ଅଣ-ଅନୁରୂପ ପରିଯୋଜନା ଅଧୀନରେ ଥିବା ବିଭିନ୍ନ ପରିଯୋଜନା ନିମନ୍ତେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଓ ଆବଶ୍ୟକ ସର୍ତ୍ତାବଳୀ ରାଜା ରାମମୋହନ ରାୟ ପାଠାଗାର ସଂସ୍ଥାର ୱେବସାଇଟ୍ **rrrlf.nic.in** ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ୱେବସାଇଟ୍ **culture.odisha.gov.in**ରେ ଉପଲବ୍ଧ ଅଟେ।

ସୁତରାଂ ସର୍ତ୍ତାବଳୀ ଅନୁଯାୟୀ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ସମ୍ପୂର୍ଣ୍ଣରୂପେ ପୂରଣ କରି ଏବଂ ଆବଶ୍ୟକ କାଗଜାତ ସହ ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ/ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ତା୧୨।୦୮।୨୦୨୪ରିଖ ସୁଦ୍ଧା ଦାଖଲ କରିବେ। ଉପରୋକ୍ତ ସମୟସୀମା ପରେ କୌଣସି ପରିସ୍ଥିତିରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ଏବଂ ସଠିକ ଭାବେ ପୂରଣ ହୋଇ ନ ଥିବା କିମ୍ବା ଆବଶ୍ୟକ କାଗଜାତ ସଂଲଗ୍ନ ହୋଇ ନ ଥିବା ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ।

ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ/ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ଅନୁଯାୟୀ ତନଖି କରି ପ୍ରତ୍ୟେକ ଯୋଗ୍ୟ ବିବେଚିତ ସଙ୍ଗଠନଗୁଡ଼ିକର ଦରଖାସ୍ତର ପ୍ରଥମ ପୃଷ୍ଠାରେ ସୁପାରିଶ ସହ ସ୍ୱାକ୍ଷର କରି ମୋହର ସହିତ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ଜରିଆରେ **ତା୧୩.୦୯.୨୦୨୪ରିଖ ସୁଦ୍ଧା "ରାଜ୍ୟ ଆବାହକ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର (କେଶରୀ ଟକିଜ୍ ସାମ୍ନା), ୟୁନିଟ-୪, ଭୁବନେଶ୍ୱର-୭୫୧୦୦୧"**ଙ୍କୁ ପ୍ରେରଣ କରିବେ ।

ସ୍ୱା./- ନିର୍ଦ୍ଦେଶକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

OIPR-03029/11/0006/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପ୍ୟାରିସ୍ ଅଭିମୁଖେ ଭାରତୀୟ ହକି ଦଳ

**ବେଙ୍ଗାଲୁରୁ, ୮।୭**

ପ୍ୟାରିସ ଅଲିମ୍ପିକ୍ସ ଚଳିତ ମାସ ୨୬ ତାରିଖରୁ ଆରମ୍ଭ ହେବ। ଏଥିରେ ଭାଗ ନେବାପାଇଁ ଭାରତୀୟ ପୁରୁଷ ହକି ଦଳ ସୋମବାର ପ୍ୟାରିସ ଅଭିମୁଖେ ଯାତ୍ରା କରିଛି। ଏହି ଯାତ୍ରାର ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତୀୟ ଦଳ ସୁଇଜରଲାଣ୍ଡ ଯାଇ ମୋଟିଭେଶନାଲ ସ୍ପିକର ମାଇକ୍ ହର୍ନ୍ସଙ୍କସହ ୩ ଦିନ ମାନସିକ ଦୃଢ଼ତା ଉପରେ କାର୍ଯ୍ୟ କରିବ। ଏହାପରେ ନେଦରଲାଣ୍ଡ୍ସ ଯାଇ ପ୍ରାକ୍ଟିସ ମ୍ୟାଚ ଗୁଡ଼ିକ ଖେଳିବ। ସେଠାରେ ଅନ୍ତିମ ପର୍ଯ୍ୟାୟ ଟ୍ରେନିଂ ସାରିବାପରେ ଭାରତୀୟ ଦଳ ୨୦ ତାରିଖରେ ସିଟି ଅଫ୍ ଲାଇଟ (ପ୍ୟାରିସ)ରେ ପହଞ୍ଚିବ।

ପୁଲ୍ 'ବି'ରେ ସ୍ଥାନ ପାଇଥିବା ଭାରତୀୟ ଦଳ ପ୍ୟାରିସରେ ଅଲିମ୍ପିକ୍ସ ଅଭିଯାନ ୨୭ ତାରିଖରେ ଆରମ୍ଭ କରିବ। ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେବ ନ୍ୟୁଜିଲାଣ୍ଡ। ଏହାପରେ ୨୯ରେ ଆର୍ଜେଣ୍ଟିନା, ୩୦ରେ ଆୟର୍ଲାଣ୍ଡ ଓ ଅଗଷ୍ଟ ୧ରେ ବେଲ୍‌ଜିୟମକୁ ଭେଟିବ। ଅଗଷ୍ଟ ୨ରେ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ ଖେଳି ଭାରତ ଗ୍ରୁପ୍ ପର୍ଯ୍ୟାୟ ଶେଷ କରିବ।


ହକି ଇଣ୍ଡିଆ କର୍ମକର୍ତ୍ତାଙ୍କ ସହ ଭାରତୀୟ ପୁରୁଷ ହକି ଦଳ।

- **ସୁଇଜରଲାଣ୍ଡରେ ମେଣ୍ଟାଲ ଟ୍ରେନିଂ ପରେ ନେଦରଲାଣ୍ଡ୍ସରେ ଅଭ୍ୟାସ ମ୍ୟାଚ**
- **ଜୁଲାଇ ୨୦ରେ 'ସିଟି ଅଫ୍ ଲାଇଟ୍'ରେ ପହଞ୍ଚିବ**

ଟପ୍-୪ ଫିନିଶ୍ କରିପାରିଲେ ଭାରତୀୟ ଦଳ ନକ୍‌ଆଉଟ ପର୍ଯ୍ୟାୟରେ ପ୍ରବେଶ କରିବ। ''ବେଙ୍ଗାଲୁରୁସ୍ଥିତ ସାଇ କ୍ୟାମ୍ପରେ ଆମେ ଦୁଇ ସପ୍ତାହଧରି କଠିନ ପରିଶ୍ରମ କରିଛୁ। ସୁଇଜରଲାଣ୍ଡରେ ମାଇକ୍ ହର୍ନ (ଅତ୍ୟଧିକ ଦୁଃସାହସିକ କାର୍ଯ୍ୟସହ ସମ୍ପୃକ୍ତ ଯୋଗୁ ଭୟ ଉପରେ ବିଜୟ ହାସଲ ପାଇଁ ବିଶେଷ ପରିଚିତ)ଙ୍କ ସହ ଅଳ୍ପକିଛିଦିନ ବିତାଇବାପରେ ଆମେ ନେଦରଲାଣ୍ଡ୍ସ ଯାଇ ଆମେ ଘରୋଇ ଦଳ ଓ ମାଲେସିଆ ବିପକ୍ଷରେ କେତେକ ଅଭ୍ୟାସ ମ୍ୟାଚ ଖେଳିବୁ। ଏହାପରେ ଆମେ ପ୍ୟାରିସ ଯିବୁ। ଶେଷ ପର୍ଯ୍ୟାୟ ଟ୍ରେନିଂ ପାଇଁ ସମ୍ପୂର୍ଣ୍ଣ ଦଳ ହାଇ ସ୍ପିରିଟରେ ଅଛି ଏବଂ ଆମେ ଏଥିରେ ଏକାଗ୍ର ହେଉଛୁ'' ବୋଲି ଅଧିନାୟକ ହରମନପ୍ରୀତ ସିଂ ପ୍ରକାଶ କରିଛନ୍ତି।

ଅଧିନାୟକ ହରମନପ୍ରୀତଙ୍କ ସହ ଏକମତ ହୋଇଛନ୍ତି ଉପ-ଅଧିନାୟକ ହାର୍ଦ୍ଦିକ ସିଂ। ''ଭାରତୀୟ ଦଳର ଟ୍ରେନିଂ ଏପର୍ଯ୍ୟନ୍ତ ବହୁତ ଭଲ ରହିଛି। ଲଣ୍ଡନ ଓ ଆଣ୍ଟୱେର୍ପରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ଆମର ଥିବା ଦୁର୍ବଳ ବିଭାଗ ଉପରେ ଆମେ ବେଙ୍ଗାଲୁରୁ କ୍ୟାମ୍ପରେ କାମ କରିଛୁ। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ବିଶ୍ୱର ଶ୍ରେଷ୍ଠ ଦଳ ଗୁଡ଼ିକ ଭାଗ ନେଉଛନ୍ତି। ଆମେ ମଧ୍ୟ ଏହାର ମୁକାବିଲା କରି ଭାରତକୁ ଗର୍ବିତ କରିବାକୁ ପ୍ରସ୍ତୁତ'' ବୋଲି ହାର୍ଦ୍ଦିକ ପ୍ରକାଶ କରିଛନ୍ତି।

# ଭଦ୍ରକ, ନୟାଗଡ଼, କଟକ 'ଏ' ବିଜୟୀ

## ୧୯ ବର୍ଷରୁ କମ୍ କ୍ରିକେଟ

**ଭୁବନେଶ୍ୱର, ୮।୭ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବିଭିନ୍ନ ପଡ଼ିଆରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ଭଦ୍ରକ, ନୟାଗଡ଼ ଓ କଟକ 'ଏ' ବିଜୟ ହାସଲ କରିଛି। ବିଡ଼ାନାସୀ ଗ୍ରାଉଣ୍ଡରେ ଭଦ୍ରକ ୩ ଉଇକେଟରେ ସମ୍ବଲପୁର 'ବି' ଦଳକୁ ପରାସ୍ତ କରିଛି। ସମ୍ବଲପୁର 'ବି' ୪୦ ଓଭରରେ ୮ ଉଇକେଟ ହରାଇ ୧୯୭ ରନ କରିଥିଲା। ବିପକ୍ଷ ଦଳର ଅମିତାଂଶୁ ନାୟକ ମାତ୍ର ୧୯ ରନଦେଇ ୪ ଉଇକେଟ ନେଇଥିଲେ। ଜବାବରେ ଭଦ୍ରକ ୩୭.୪ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ନୟାଗଡ଼ ୭ ଉଇକେଟରେ ମୟୂରଭଞ୍ଜକୁ ପରାସ୍ତ କରିଛି। ମୟୂରଭଞ୍ଜ ୨୦ ଓଭରରେ ମାତ୍ର ୨୭ ରନକରି ଅଲ୍‌ଆଉଟ ହୋଇଥିବାବେଳେ ନୟାଗଡ଼ ୭.୧ ଓଭରରେ ୩ ଉଇକେଟ ହରାଇ ୨୧ ରନ ସଂଗ୍ରହ କରି ନେଇଥିଲା। ବିଜୟୀ ଦଳର ବିଶ୍ୱଜିତ ପ୍ରଧାନ, ରିକି ମହାନ୍ତି ଓ କାର୍ତ୍ତିକ ନାୟକ ୩ଟି ଲେଖାଏ ଉଇକେଟ ବାଣ୍ଟି ନେଇଥିଲେ। ସନ୍‌ସାଇନ୍ ପଡ଼ିଆରେ କଟକ 'ଏ' ୭ ଉଇକେଟରେ ଦେବଗଡ଼କୁ ହରାଇ ଦେଇଛି। ସମ୍ମିତ ବେଜା (୩/୧୭)ଙ୍କ ଚମତ୍କାର ବୋଲିଂକୁ ସମ୍ମୁଖୀନ ହୋଇ ନ ପାରି ଦେବଗଡ଼ ୨୬.୩ ଓଭରରେ ୧୧୨ ରନକରି ସମସ୍ତ ଉଇକେଟ ହରାଇଥିଲା। କଟକ 'ଏ' ୨୩.୫ ଓଭରରେ ୩ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରି ନେଇଥିଲା। ୩ଟି ମ୍ୟାଚରେ ଯଥାକ୍ରମେ ଅମିତାଂଶୁ ମଲିକ, ବିଶ୍ୱଜିତ ପ୍ରଧାନ ଓ ସମ୍ମିତ ବେଜା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


ବିଶ୍ୱଜିତ ପ୍ରଧାନ: ୪-୨-୩-୩।

# ଭାରତୀୟ କ୍ରିକେଟ ଦଳକୁ ମାଳଦ୍ୱୀପ ନିମନ୍ତ୍ରଣ

**ମାଲେ,୮।୭(ପି.ଟି.)**

ଟି୨୦ କ୍ରିକେଟ ବିଶ୍ୱକପ ବିଜେତା ଭାରତୀୟ ଦଳକୁ ମାଳଦ୍ୱୀପ ଆମନ୍ତ୍ରଣ କରାଯାଇଛି। ଭାରତର ବିଶ୍ୱକପ ବିଜୟକୁ ସେଲିବ୍ରେଟ କରିବା ପାଇଁ ମାଳଦ୍ୱୀପର ପର୍ଯ୍ୟଟନ ବିଭାଗ ଓ ମାର୍କେଟିଂ ଆଣ୍ଡ ପବ୍ଲିକ ରିଲେଶନ କର୍ପୋରେଶନ ପକ୍ଷରୁ ଆମନ୍ତ୍ରଣ ମିଳିଛି। ଜୁନ୍ ୨୯ ତାରିଖରେ ବାର୍ବାଡୋସରେ ଖେଳା ଯାଇଥିବା ଫାଇନାଲରେ ରୋହିତ ଶର୍ମାଙ୍କ ଦଳ ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଭାରତୀୟ ଦଳକୁ ଦିଲ୍ଲୀ ଓ ମୁମ୍ବାଇରେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ମୁମ୍ବାଇରେ ଅନୁଷ୍ଠିତ ବିଜୟ ପରେଡ୍‌ରେ ଲକ୍ଷାଧିକ ଲୋକ ଭାଗ ନେଇଥିଲେ। ମାଲଡିଭ୍‌ସ ମାର୍କେଟିଂ ଆଣ୍ଡ ପବ୍ଲିକ୍ ରିଲେସନ୍ସ କର୍ପୋରେଶନ୍ ଓ ମାଲଡିଭ୍‌ସ ଆସୋସିଏଶନ ଅଫ ଟୁରିଜିମ୍ ଇଣ୍ଡଷ୍ଟ୍ରି (ଏମ୍‌ଏଟିଆଇ) ପକ୍ଷରୁ ମିଳିତ ଭାବରେ ଭାରତୀୟ କ୍ରିକେଟ ଦଳକୁ ଏହି ନିମନ୍ତ୍ରଣ କରାଯାଇଛି। ଏମ୍‌ଏମ୍‌ପିଆରସି ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ଇବ୍ରାହିମ୍ ଶିଉରି ଓ ଏମ୍‌ଏଟିଆଇର ମହାସଚିବ ଅହମଦ୍ ନାଜିର ଆମନ୍ତ୍ରଣ ଦେବା ସହ ଭାରତୀୟ ଦଳର ସ୍ୱାଗତ ପାଇଁ ପ୍ରସ୍ତୁତ ଥିବା କହିଛନ୍ତି।

# ଓସିଏଲ୍-୨୦୨୪: ଓଡ଼ିଶା ଚିତାସ, ଲାୟନ୍ସ ବିଜୟୀ




ସୂର୍ଯ୍ୟକାନ୍ତ ପ୍ରଧାନ ଓ ତାପସ ଦାସ ଅତିଥିଙ୍କଠାରୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୮।୭ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍‌ର ସୋମବାର ଅନୁଷ୍ଠିତ ୨ଟି ମ୍ୟାଚରେ ଓଡ଼ିଶା ଚିତାସ୍ ଓ ଲାୟନ୍ସ ବିଜୟ ହାସଲ କରିଛି। ଦିବସର ପ୍ରଥମ ମ୍ୟାଚରେ ଚିତାସ ୩ ଉଇକେଟରେ ଓଡ଼ିଶା ଟାଇଗର୍ସକୁ ପରାସ୍ତ କରିଛି। ଚିତାସ ଦଳର ତାପସ କୁମାର ଦାସ ମାତ୍ର ୩ ରନଦେଇ ୩ ଉଇକେଟ ହାସଲ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ଲାୟନ୍ସ ୩ ଉଇକେଟରେ ଓଡ଼ିଶା ପାନ୍ଥର୍ସକୁ ହରାଇ ଦେଇଛି। ବିପକ୍ଷ ଦଳର ସୂର୍ଯ୍ୟକାନ୍ତ ପ୍ରଧାନ ୪ ଓଭରରେ ୨୪ ରନଦେଇ ୨ଟି ଉଇକେଟ ନେଇଥିଲେ। ସୂର୍ଯ୍ୟକାନ୍ତ ମାତ୍ର ୧୬ ବଲ୍‌ରୁ ୩୭ ରନରେ ଅପରାଜିତ ରହି ଦଳକୁ ବିଜୟୀ କରିଥିଲେ। ଏହି ଦୁଇ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିବା ତାପସ ଦାସ ଓ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଅତିଥି ତଥା ଓସିଏ ସଦସ୍ୟା ଜ୍ୟାବିଦା ବେଗମ୍ ଓ ମନିଶା ବିଶ୍ୱାଳ ପୁରସ୍କାର ପ୍ରଦାନ କରିଥିଲେ।

# ଜୟସୁରିୟା ଶ୍ରୀଲଙ୍କାର ଅନ୍ତରୀଣ କୋଚ୍

**କଲମ୍ବୋ, ୮।୭ (ପି.ଟି.)**

ପୂର୍ବତନ ଅଧିନାୟକ ସନଥ୍ ଜୟସୁରିୟାଙ୍କୁ ସୋମବାର ଶ୍ରୀଲଙ୍କା କ୍ରିକେଟ ଦଳର ଅନ୍ତରୀଣ କୋଚ ଭାବେ ମନୋନୀତ କରାଯାଇଛି। ଭାରତ ବିପକ୍ଷ ହ୍ୱାଇଟ୍ ବଲ୍ ଘରୋଇ ସିରିଜ ପୂର୍ବରୁ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ଆସନ୍ତା କିଛିମାସ ମଧ୍ୟରେ ଜଣେ ସ୍ଥାୟୀ କୋଚ୍‌ଙ୍କୁ ନିଯୁକ୍ତି ଦିଆଯିବ ବୋଲି ଦେଶ କ୍ରିକେଟ ବୋର୍ଡ କହିଛି। ଭାରତୀୟ ଦଳ ତିନୋଟି ଅନ୍ତର୍ଜାତୀୟ ଟି୨୦ ଓ ସମାନ ସଂଖ୍ୟକ ଦିନିକିଆ ଖେଳିବା ପାଇଁ ଶ୍ରୀଲଙ୍କା ଟୁର୍‌ରେ ଯିବ। ଏହା ଜୁଲାଇ ୨୭ରୁ ଆରମ୍ଭ ହେବ। ଜୟସୁରିୟା ପୂର୍ବରୁ ମୁଖ୍ୟ ଚୟନକର୍ତ୍ତା ଭାବେ କାର୍ଯ୍ୟ କରିଛନ୍ତି। ଅଗଷ୍ଟ-ସେପ୍ଟେମ୍ବରରେ ଇଂଲଣ୍ଡକୁ ଶ୍ରୀଲଙ୍କାର ଟେଷ୍ଟ ଟୁର୍ ପର୍ଯ୍ୟନ୍ତ ସେ ତାଙ୍କ ପଦବୀରେ ରହିବେ। ଏହି ଟୁର୍‌ରେ ତିନୋଟି ମ୍ୟାଚ ଖେଳାଯିବ ବୋଲି ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) କହିଛି। ଗତ ସପ୍ତାହରେ ଇଂଲଣ୍ଡର କ୍ରିସ ସିଲ୍‌ଭରଉଡ୍ ମୁଖ୍ୟ କୋଚ୍ ପଦବୀରୁ ଇସ୍ତଫା ଦେଇଛନ୍ତି। ତାଙ୍କ ସ୍ଥାନରେ ଏହି ୫୫ବର୍ଷୀୟ ପୂର୍ବତନ ବିସ୍ଫୋରକ ବ୍ୟାଟରଙ୍କୁ ନିଯୁକ୍ତି ଦିଆଯାଇଛି। ଟି୨୦ ବିଶ୍ୱକପ୍‌ରେ ଶ୍ରୀଲଙ୍କାର ଶୋଚନୀୟ ପ୍ରଦର୍ଶନ ପରେ ସିଲ୍‌ଭରଉଡ ତାଙ୍କ ପଦବୀରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ଟୁର୍ନାମେଣ୍ଟରେ ଶ୍ରୀଲଙ୍କା ଲିଗ୍ ପର୍ଯ୍ୟାୟରୁ ଉନ୍ନୀତ ହୋଇପାରି ନ ଥିଲା। ଆମେରିକା ଓ ୱେଷ୍ଟଇଣ୍ଡିଜରେ ଟି୨୦ ବିଶ୍ୱକପ୍ ବେଳେ ଜୟସୁରିୟା ଶ୍ରୀଲଙ୍କା ଦଳର ଜଣେ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ। ବର୍ତ୍ତମାନ ସେ ଶ୍ରୀଲଙ୍କା କ୍ରିକେଟ୍‌ର ଫୁଲ୍‌ଟାଇମ କ୍ରିକେଟ ପରାମର୍ଶଦାତା। ନୂଆ ନିଯୁକ୍ତି ତୁରନ୍ତ କାର୍ଯ୍ୟକାରୀ ହେବ। ଅନ୍ତର୍ଜାତୀୟ କ୍ରିକେଟରେ ଜୟସୁରିୟାଙ୍କ ପ୍ରଚୁର ଅଭିଜ୍ଞତା ରହିଛି। ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ସେ ଜାତୀୟ ଦଳର ଦିଗ୍‌ଦର୍ଶକ ଭାବେ କାର୍ଯ୍ୟ କରିବେ ବୋଲି ଏସ୍‌ଏଲ୍‌ସି ସିଇଓ ଆଶ୍‌ଲେ ଡି' ସିଲ୍‌ଭା ପ୍ରକାଶ କରିଛନ୍ତି।

**Classified Everyday**
**0674-2580101, 2549949**


REAL ESTATE
**SALE**

**1 BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-693

Ready to move 3BHK duplex sale Gudiapokhari, Bank Loan- 9827152441. D-675

**Gharabadi boundary plot at ପୁରୀ ମାଳତୀ ପାଟପୁର sqft.-1200/-, 40ft. road, near Bus Stand & Rly Station. 7008067338, 9090746445.** D-75971

ନଖରା ସମ୍ ହସ୍ପିଟାଲ-2 ରୁ 9 K.M. 1200sqft.- 3,50,000/- ଘରବାରି ପ୍ଲଟ୍ ବିକ୍ରିହେବ। 9114705579. D-75973

**Plot for sale at Puri Konark Marine Drive (850/- per sqft.). Contact- 6371703010.** D-690




PILES Clinic, BBSR, ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

**Full body massage experience, good looking therapist @ 999 (Bhubaneswar). 9078484455.** D-676

Kerala body Massage best Therapist Bhubaneswar. 9337672475. D-673

Relax, refresh your body, mind by expert therapist. Contact: 9938843929. D-76132

Monalisa massage Club: All types Body massage with hiprofile smart lady rooms service available. 9708545108. D-694

Newly open health benefits spa special offer @999 Bapujinagar, 8018429809. D-76131

**Relax, Refresh your body, Mind at Saikrupa Spa with best therapies. 8984068077.** D-678

**AFFIDAVIT**

By virtue an affidavit No-390, dtd. 18.06.2024 before Executive Magistrate, Hindol, I, Chaitanya Samal (58), S/o- Late Chakradhar Samal, Vill-Magubereni, P.O.- Krushnachandrapur, P.S.- Balimi, Dist.- Dhenkanal hereby declare that at that time of preparation updated my Aadhaar Card No.-XXXX XXXX 6924 my name mentioned as Nilakantha Barik. Hence, Chaitanya Samal and Nilakantha Barik same and one person. D-75437

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

I, Ranjulata Das, aged about 31 years, D/o- Baidhar Das, W/o- Ashok Kumar Sahu, resident of Village- Palada, P.O.- Nahapara, Via- Rambag, P.S./Dist.- Jajpur, PIN- 755014, Odisha having Aadhaar No.-xxxxxxxx0886 do hereby solemnly affirm and state as follows:- That my name is Ranjulata Das which has been mentioned in all my Educational Certificates and documents/ Paper (s). By an affidavit dated 20th June 2024 Notary Public, Bhubaneswar (Odisha) have changed my name Ranjulata Das to Ranjita Das in all my free will and sound mind without any pressure. That henceforth, I will be known as Ranjita Das for all purposes, Documents, Certificates, Testimonials, Agreements whether Public or Private.
Ranjita Das, dated 5th July 2024, W/o- Ashok Kumar Sahu.
D-692

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଯୁବରାଜ ମୋ ପାଇଁ ଗର୍ବ କରୁଥିବେ: ଅଭିଷେକ

**ହରାରେ,୮।୭(ପି.ଟି.)**

ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଶତକ ହାସଲ କରିବା ପରେ ବର୍ତ୍ତମାନ ଯୁବରାଜ ସିଂ ତାଙ୍କୁ ନେଇ ଗର୍ବ କରୁଥିବେ ବୋଲି କହିଛନ୍ତି କ୍ରିକେଟର ଅଭିଷେକ ଶର୍ମା। ଭାରତ ପାଇଁ ଦ୍ୱିତୀୟ ମ୍ୟାଚ୍ ଖେଳୁଥିବା ଅଭିଷେକ ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୪୭ ବଲ୍‌ରୁ ୧୦୦ ରନ୍ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିବା ବେଳେ ମେଣ୍ଟର ଯୁବରାଜ ଏହାକୁ ଭଲ ଆରମ୍ଭ ବୋଲି କହିଥିଲେ। ତେବେ ରବିବାରର ଇନିଂସ ନିଶ୍ଚିତ ଭାବରେ ଯୁବରାଜଙ୍କୁ ଗର୍ବିତ କରିଥିବ ବୋଲି କହିଛନ୍ତି ଅଭିଷେକ। ଭାରତର ୨୦୧୧ ବିଶ୍ୱକପ ବିଜୟର ହିରୋ ଯୁବରାଜଙ୍କୁ ନିଜ କ୍ୟାରିୟରର ଉନ୍ନତିର ଶ୍ରେୟ ପ୍ରଦାନ କରିଛନ୍ତି ଅଭିଷେକ। କେବଳ ଅନ ଫିଲ୍ଡ ନୁହେଁ ଫିଲ୍ଡ ବାହାରେ ମଧ୍ୟ ଯୁବରାଜ ତାଙ୍କୁ ବହୁତ ସହାୟତା କରିଥିବା କହିଛନ୍ତି ଅଭିଷେକ। ବିଗତ ୩ ବର୍ଷ ଧରି ଯୁବରାଜ ତାଙ୍କ ସହ ମିଶି କ୍ରିକେଟ ଦକ୍ଷତାର ଉନ୍ନତି ଉପରେ କାମ କରିଛନ୍ତି ବୋଲି କୁହନ୍ତି ଅଭିଷେକ।

ପଦାର୍ପଣ ମ୍ୟାଚ୍‌ରେ ଅଭିଷେକ ଖାତା ଖୋଲିବା ଆଗରୁ ଆଉଟ ହୋଇଥିଲେ ମଧ୍ୟ ରବିବାର ଦ୍ୱିତୀୟ ମ୍ୟାଚ୍ ଥିବାରୁ ପରାଜୟ ସମ୍ପର୍କରେ ଚିନ୍ତା କରିବାକୁ ସମୟ ମିଳି ନ ଥିବା କହିଥିଲେ ଅଭିଷେକ। ବିସିସିଆଇ ପକ୍ଷରୁ ଜାରି କରାଯାଇଥିବା ଏକ ଭିଡିଓରେ ଅଭିଷେକ ଏହି ସୂଚନା ଦେଇଛନ୍ତି। ସେହିପରି ଶତକ ପାଇଁ ପଞ୍ଜାବ ଦଳର ସାଥୀ ଖେଳାଳି ତଥା ବର୍ତ୍ତମାନ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଧନ୍ୟବାଦ ଦେଇଛନ୍ତି ଅଭିଷେକ। ଖରାପ ଫର୍ମରେ ଥିବା ସମୟରେ ହିଁ ସେ ଗିଲ୍‌ଙ୍କ ବ୍ୟାଟ ବ୍ୟବହାର କରିଥାନ୍ତି। ୧୪ ବର୍ଷରୁ କମ୍ ବୟସ କ୍ରିକେଟରୁ ଏହି ଧାରା ଜାରି ରହିଛି। ପ୍ରଥମ ମ୍ୟାଚ୍‌ରେ ୦ରେ ଆଉଟ ହେବା ପରେ ଗିଲ୍‌ଙ୍କ ବ୍ୟାଟ ବ୍ୟବହାର କରି ଶତକ ହାସଲ କରିଥିଲେ ଅଭିଷେକ।


ମେଣ୍ଟର ଯୁବରାଜ ସିଂଙ୍କ ସହ ଅଭିଷେକ ଶର୍ମା।

# ମୁଖ୍ୟ କୋଚ୍ ପଦବୀ ଦୌଡ଼ରେ ରୋଜାରିଓ, ମୁସା

**ନୂଆଦିଲ୍ଲୀ, ୮।୭ (ପି.ଟି.)**

ଇଗର ଷ୍ଟିମାକ୍ ବହିଷ୍କୃତ ହେବାପରେ ଖୋଲିପଡ଼ିଥିବା ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟକୋଚ୍ ପଦବୀ ପୂରଣ ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆବେଦନକାରୀଙ୍କ ମଧ୍ୟରେ ଟପ୍ ଭାରତୀୟଙ୍କ ମଧ୍ୟରେ ମୋହନ ବାଗାନ ଓ ଇଷ୍ଟ ବେଙ୍ଗଲର ପୂର୍ବତନ କୋଚ୍ ଷ୍ଟାନ୍‌ଲି ରୋଜରିଓ ଓ ବର୍ତ୍ତମାନର ନର୍ଥ ଇଷ୍ଟ ୟୁନାଇଟେଡ୍ କୋଚ୍ ନୌସାଦ ମୁସା ହେଉଛନ୍ତି ଅନ୍ୟତମ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଦ୍ୱାରା ସମଗ୍ର ବିଶ୍ୱରୁ ମୋଟ ୨୯୧ ଆବେଦନପତ୍ର ହସ୍ତଗତ ହୋଇଛି। ସେମାନଙ୍କ ମଧ୍ୟରୁ ୟୁଫା (ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ) ଡିପ୍ଲୋମା ହାସଲ କରିଥିବା ୧୦୦ ଆବେଦନକାରୀ ରହିଥିବା ବେଳେ ୨୦ଜଣ ଏଏଫ୍‌ସି ପ୍ରୋ-ଲାଇସେନ୍ସ ଡିପ୍ଲୋମାଧାରୀ ଅଛନ୍ତି। ଏହାଛଡ଼ା ୩ଜଣ କନମେବଲ (ସାଉଥ ଆମେରିକାନ ଫୁଟ୍‌ବଲ କନଫେଡେରେଶନ) ଲାଇସେନ୍ସଧାରୀ ଅଛନ୍ତି। ଏଏଫ୍‌ସି ପ୍ରୋ-ଲାଇସେନ୍ସ ଡିପ୍ଲୋମାଧାରୀଙ୍କ ମଧ୍ୟରେ ରୋଜାରିଓ ଓ ମୁସା ଅନ୍ୟତମ ରହିଛନ୍ତି। ମୋହନ ବାଗାନ ସୁପର ଜାଏଣ୍ଟକୁ ୨୦୨୩-୨୪ ଆଇଏସ୍‌ଏଲ୍ ଲିଗ୍ ଶିଲ୍ଡ ଜିତାଇଥିବା ଆଣ୍ଟୋନିଓ ଲୋପେଜ ହାବାସ ମଧ୍ୟ ଆବେଦନ କରିଛନ୍ତି। ୬୪ ବର୍ଷୀୟ ରୋଜାରିଓ ସର୍ଭିସେସ୍ ଓ ଇଣ୍ଡିଆନ ଆର୍ମି ସହ ତାଙ୍କ କୋଚିଂ କ୍ୟାରିୟର ଆରମ୍ଭ କରିବା ପରେ ୨୦୦୬ରୁ ୨୦୦୮ ପର୍ଯ୍ୟ ବବ୍ ହଟନଙ୍କ ଅଧୀନରେ ଜାତୀୟ ଦଳର ସହକାରୀ କୋଚ୍ ଭାବେ କାର୍ଯ୍ୟ କରିଥିଲେ। ପରେ ସେ ଇଷ୍ଟ ବେଙ୍ଗଲ (୨୦୦୮-୨୦୦୯) ଏବଂ ମୋହନ ବାଗାନ (୨୦୧୦-୨୦୧୧) କୋଚ୍ ଦାୟିତ୍ୱରେ ଥିଲେ। ଆଇ-ଲିଗ୍‌ରେ ସେ ୨୦୧୯ରୁ ୨୦୨୧ ଏବଂ ୨୦୨୨ କିଛି ମାସ ପାଇଁ ଆଇଜଲ ଏଫ୍‌ସିର କୋଚ୍ ରହିଥିଲେ।

## ଘରକରଣା



■ ତରକାରି ଶୀଘ୍ର କରିବାକୁ ଚାହୁଁଥିଲେ ଗରମ ତେଲରେ ପ୍ରଥମେ କିଛି ଜୀରା ଓ ହେଙ୍ଗୁ ଫୁଟାନ୍ତୁ। ଏହାପରେ ପିଆଜ ପକାଇ ଭାଜନ୍ତୁ। ପିଆଜ ଅଧା ଭାଜି ହୋଇ ଆସିଲେ ସେଥିରେ ସମସ୍ତ ପରିବା ପକାଇ ଏକ ସାଙ୍ଗରେ ଭାଜନ୍ତୁ। ତା'ପରେ ମସଲା ଓ ଲୁଣ ପକାଇ ଘୋଡ଼ାଇ ଦିଅନ୍ତୁ। ମଝିରେ ମଝିରେ ଗୋଳାଇ ଦିଅନ୍ତୁ। ଖୁବ୍ ଶୀଘ୍ର ଏହି ଶୁଖିଲା ତରକାରି ତିଆରି ହୋଇଯିବ।

■ ବେସନରେ ସ୍ୱାଦିଷ୍ଟ ପକୁଡ଼ି ତିଆରି କରିବାକୁ ଚାହୁଁଥିଲେ ବେସନ ଗୋଳାଇବା ସମୟରେ ସେଥିରେ କିଛି ବେକିଂ ସୋଡ଼ା ପକାଇ ସଙ୍ଗେ ସଙ୍ଗେ ଛାଣନ୍ତୁ।

■ ପକୁଡ଼ି ତିଆରି କରିବା ପାଇଁ ବେସନ ଗୋଳାଇବାବେଳେ ସେଥିରେ ଅଳ୍ପ ଗରମ ତେଲ ପକାଇ ଦିଅନ୍ତୁ। ପକୁଡ଼ି ଅଧିକ ନରମ ଏବଂ ସ୍ୱାଦିଷ୍ଟ ଲାଗିବ।

■ ତରକାରିରେ କଞ୍ଚାଲଙ୍କା ପକାଇବାକୁ ଚାହୁଁଥିଲେ ପ୍ରଥମେ ତା'ର ମଞ୍ଜି ବାହାରକରି ଦେଇ ପକାନ୍ତୁ। ଅଧିକ ସ୍ୱାଦିଷ୍ଟ ଲାଗିବ ଓ ରାଗ କମ୍ ହୋଇଯିବ।

■ ପିଆଜ ଭାଜିବା ସମୟରେ ସେଥିରେ ଅଳ୍ପ ଚିନି ପକାଇ ଦେଲେ ତାହା ଶୀଘ୍ର ଭାଜି ହୋଇଯାଏ।

■ ଏକ କପ୍ ପଇଡ଼ ପାଣିରେ ଦୁଇଟି ବ୍ରେଡ୍ ଓ ୧ ଚାମଚ ଚିନି ମିଶାଇ ଗ୍ରାଇଣ୍ଡିଂକରି ଦିଅନ୍ତୁ। ଏହି ମିଶ୍ରଣକୁ ଇଡ୍‌ଲି ମିଶ୍ରଣରେ ମିଶାଇଲେ ଇଡ୍‌ଲି ଅଧିକ ସ୍ୱାଦିଷ୍ଟ ଏବଂ ନରମ ହେବ।

■ ଦହି ବସାଇବା ପାଇଁ ଯଦି ଘରେ ଅଲଗା ଦହି ନ ଥାଏ ତେବେ ଗରମ କ୍ଷୀରରେ ଏକ କଞ୍ଚାଲଙ୍କା ପକାଇ ରଖିଲେ ତାହା ଦହିକୁ ରୂପାନ୍ତରିତ ହୋଇଯାଏ।

■ ତନ୍ଦୁରି ଚପାତିକୁ ନରମ କରିବାକୁ ଚାହୁଁଥିଲେ ଅଟାରେ ଅଳ୍ପ ଦହି ମିଶାଇ ଉଷୁମ ପାଣିରେ ଚକଟନ୍ତୁ।

■ ଇଡ୍‌ଲି କିମ୍ବା ଦୋସାର ମିଶ୍ରଣ ଅଧିକ ଖଟା ହୋଇ ଯାଇଥିଲେ ସେଥିରେ ନଡ଼ିଆ କ୍ଷୀର ମିଶାଇ ଦିଅନ୍ତୁ।

# ଅଫିସ୍ ପାର୍ଟିକୁ ଯାଉଥିଲେ...

**ଅଫିସ୍‌ରେ ପ୍ରାୟ ସମସ୍ତେ ସିମ୍ପଲ ଲୁକ୍ ପସନ୍ଦ କରନ୍ତି। ମାତ୍ର ଅଫିସ୍‌ରେ କୌଣସି ପାର୍ଟି ହେଉଥିଲେ ନିଜର ପରିଧାନକୁ ନେଇ ସମସ୍ତେ ବ୍ୟସ୍ତ ହୋଇଯାଆନ୍ତି। ଏହି ଦୃଷ୍ଟିରୁ ଜାଣି ରଖନ୍ତୁ କିଛି କଥା।**

▸ ଅଫିସ ପାର୍ଟିରେ ଆପଣ ଚାହିଁଲେ ଜମ୍‌ସୁଟ୍ ପିନ୍ଧିପାରିବେ। ଏହି ପ୍ରକାର ଡ୍ରେସ୍ ଆପଣଙ୍କୁ ଏକ ଭିନ୍ନ ତଥା ଷ୍ଟାଇଲିଶ୍ ଲୁକ୍ ଦେଇପାରିବ। ଏହି ଡ୍ରେସ୍ ସହ ଆପଣ ଚାହିଁଲେ ପୋନିଟଲ୍ ମଧ୍ୟ କରିପାରିବେ।

▸ ରାତିରେ ପାର୍ଟି ହେଉଥିଲେ ଆପଣ ଯଦି ସିମରୀ ପିନ୍ଧିବାକୁ ଚାହିଁବେ ତେବେ ସିକ୍ୱିନ୍ ଫାବ୍ରିକର ସେଟ୍ ନେଇପାରିବେ। ଏହି ଡ୍ରେସ୍ ସାଙ୍ଗକୁ ହାଲ୍‌କା ଡାର୍କ ମେକ୍‌ଅପ୍ ଭଲ ଲାଗିବ। ଏହାସହ ହିଲ୍ସ ପିନ୍ଧିଲେ ଅଧିକ ଷ୍ଟାଇଲିଶ୍ ଲାଗିବେ।



▸ ପାର୍ଟିରେ ଅଧିକ କ୍ୟୁଟ୍ ଦେଖାଯିବା ପାଇଁ ଚାହୁଁଥିଲେ ବାର୍ବି ଲୁକ୍ ଥିବା ଡ୍ରେସ୍ ପିନ୍ଧି ଯାଆନ୍ତୁ। ଏଭଳି ଡ୍ରେସ୍‌ରେ ମେକ୍‌ଅପ୍ କମ୍ ନିଅନ୍ତୁ। କେଶକୁ ଖୋଲା ରଖନ୍ତୁ କିମ୍ବା ଏକ କ୍ଲିପ୍ ଲଗାନ୍ତୁ।

▸ ଗ୍ଲାମରସ୍ ଲୁକ୍ ଦେବାପାଇଁ ଚାହୁଁଥିଲେ ସର୍ଟ ଡ୍ରେସ୍ ବି ପିନ୍ଧିପାରିବେ। ତେବେ ଏଭଳି ଲୁକ୍‌ରେ କେଶ ଖୋଲା ରଖନ୍ତୁ ଓ ହିଲ୍ସ ପିନ୍ଧନ୍ତୁ। ପାର୍ଟିରେ ଆପଣ ଖୁବ୍ ଆକର୍ଷଣୀୟ ଦେଖାଯିବେ।

▸ ଯେକୌଣସି ପ୍ରକାର ପାର୍ଟିକୁ ଗଲେ ବେବିକର୍ନ ଗାଉନ ବହୁତ ଭଲ ଲାଗିବ। ଆପଣ ଚାହିଁଲେ ଏଭଳି ପ୍ରିଣ୍ଟେଡ୍ ଗାଉନ ପିନ୍ଧିପାରିବେ। ଏହା ବହୁ ସୁନ୍ଦର ଲାଗିବ।

▸ ତେବେ ପାର୍ଟିକୁ ଆପଣ ଶାଢ଼ି ପିନ୍ଧି ଯାଆନ୍ତୁ। ଏହା ଏପରି ଏକ ପରିଧାନ ଯାହା ସବୁ ସ୍ଥାନରେ ଭିନ୍ନ ଲୁକ୍ ଦେଇଥାଏ। ଏହାକୁ ଗ୍ଲାମରସ୍ କିମ୍ବା ସିମ୍ପଲ ଷ୍ଟାଇଲ୍ ଦେଇପାରିବେ। ଯଦି ଲାଇଟ୍ କଲର ଶାଢ଼ି ପିନ୍ଧୁଛନ୍ତି ତେବେ ଏକ ଷ୍ଟାଇଲିଶ୍ ବ୍ଲାଉଜ୍ ପିନ୍ଧନ୍ତୁ, ବହୁତ ସୁନ୍ଦର ଲାଗିବ।

# ଜବ୍ ସହିତ କ୍ୟାରିୟର



**ଅଧିକ ରୋଜଗାର କରିବା ଆଉ ନିଜ ପସନ୍ଦର କ୍ୟାରିୟର କରିବା, ଦୁଇଟା ଭିନ୍ନ କଥା। ସେଥିପାଇଁ ତ ଅନେକ ସମୟରେ ଚାକିରି କରିବା ପରେ ବି ପାଠପଢ଼ା ସରି ନ ଥାଏ। ଗୋଟିଏ ପଟେ କର୍ମକ୍ଷେତ୍ରର ଦାୟିତ୍ୱ ଅନ୍ୟପଟେ ପାଠପଢ଼ା ପାଇଁ ସମୟ ବାହାର କରିବା କୌଣସି ଚ୍ୟାଲେଞ୍ଜ ଠାରୁ କମ୍ ନୁହେଁ...**

ଭଲ ଜବ୍ କରିବା ପରେ ବି ସନ୍ତୁଷ୍ଟ ନ ଥାନ୍ତି ଅନେକେ। ଜବ୍ ସହିତ ସେମାନେ ପୁଣି ଅଧିକ ପାଠ ପଢ଼ି ନିଜକୁ ବିଭିନ୍ନ ପରୀକ୍ଷା ନିମନ୍ତେ ପ୍ରସ୍ତୁତ କରୁଥାନ୍ତି। କାହିଁକିନା ସେମାନେ ନିଜ ସ୍ୱପ୍ନର କ୍ୟାରିୟର ଗଢ଼ି ନ ଥାନ୍ତି। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଅହରହ ଚେଷ୍ଟା ଚଳାଇଥାନ୍ତି। ଚାକିରି କରି ଭଲ ରୋଜଗାର କରିବା ପରେ ବି ସେମାନେ ପାଠପଢ଼ା ପାଇଁ ପ୍ରତି ମୁହୂର୍ତ୍ତରେ ବ୍ୟସ୍ତ ରହିଥାନ୍ତି। ନିଜ ସ୍ୱପ୍ନ ପୂରା କରିବା ପାଇଁ ଯେମିତି ସେମାନେ ସଙ୍କଳ୍ପ କରି ନେଇଥାନ୍ତି। ନିଜର ଜିଦ୍‌କୁ କେବେ କମ୍ କରିବାକୁ ଦିଅନ୍ତିନାହିଁ। ଏଭଳି ଏକ ପରିସ୍ଥିତିରେ କର୍ମଜୀବୀ ମହିଳା କିଭଳି ସମୟ ବାହାର କରିବେ ସେନେଇ କେତେକ ଦିଗ ପ୍ରତି ଧ୍ୟାନଦିଅନ୍ତୁ।

**ଆଧୁନିକ ମାଧ୍ୟମ:** ଚାକିରି ସହ ପାଠପଢ଼ା ଜାରି ରଖିବାକୁ ହେଲେ କିଛି ଆଧୁନିକ ମାଧ୍ୟମ ଆପଣେଇବାକୁ ହେବ। ଏଥିପାଇଁ ଆପଣ ଏକ ଟାବ୍‌ଲେଟ୍ କିଣି ନିଜ ପାଖରେ ରଖନ୍ତୁ। ଏହି ମାଧ୍ୟମରେ ପାଠ ପଢ଼ିବା ସହଜ ହୋଇପାରିବ। ଏହାକୁ ଯେକୌଣସି ସ୍ଥାନକୁ ସାଙ୍ଗରେ ନେଇ ଯାଇପାରିବେ। ଅବଶ୍ୟ ଏସବୁ କାମ ସ୍ମାର୍ଟ ଫୋନ୍‌ରେ ମଧ୍ୟ ହୋଇପାରିବ, ମାତ୍ର ଟାବ୍‌ଲେଟ୍ ମାଧ୍ୟମରେ ନୋଟ୍ ତିଆରି କରିବା ଓ ପଢ଼ିବା ଅଧିକ ସହଜ ହୋଇପାରିବ। ତେଣୁ ନିଜ ବଜେଟ ହିସାବରେ ଏକ ଟାବ୍‌ଲେଟ୍ କିଣି ସେହି ମାଧ୍ୟମରେ ନିଜ ପାଠପଢ଼ା ପ୍ରସ୍ତୁତି କରନ୍ତୁ।



**ସ୍ମାର୍ଟ ଷ୍ଟଡି:** ବିଭିନ୍ନ ପ୍ରକାର ଆପ୍ ମାଧ୍ୟମରେ ଏବେ ପାଠ ପଢ଼ିବା ବହୁ ସହଜ ହୋଇପାରୁଛି। ତେଣୁ ଟାବ୍‌ଲେଟ୍‌ରେ ଯେକୌଣସି ଆପ୍ ଡାଉନଲୋଡ୍ କରି ସେହି ମାଧ୍ୟମରେ ନିଜର ନୋଟ୍ କରନ୍ତୁ। ନିଜ ବିଷୟବସ୍ତୁ ଓ ଚାପ୍ଟର ଅନୁସାରେ ନୋଟ୍ ତିଆରି କରନ୍ତୁ। ଏପରି କରିବା ଫଳରେ ସବୁ ଚାପ୍ଟର ଖୋଜିବା ପାଇଁ ଅଧିକ ସମୟ ଲାଗିବ ନାହିଁ। ଏହି ଆପ୍ ମାଧ୍ୟମରେ ନିଜ ନୋଟ୍‌କୁ ଭିନ୍ନ ପେଜ୍ ଅନୁସାରେ ଅଲଗା ରଙ୍ଗ ଦେଇପାରିବେ, ଫଳରେ ପାଠ ପଢ଼ିବା ପ୍ରତି ଅଧିକ ଆକର୍ଷଣ ରହିବ ଓ ସହଜରେ ପାଠ ଖୋଜିଲେ ମିଳିଯିବ। ଏହା ସହ ପ୍ରତି ନୋଟ୍ ଅନୁସାରେ ନିଜ ବିଷୟ ଅନୁଯାୟୀ ଲିଙ୍କ୍ ମଧ୍ୟ ରଖିପାରିବେ ଓ ଆବଶ୍ୟକ ସମୟରେ ଖୁବ୍‌ଶୀଘ୍ର ଖୋଜିପାରିବେ। ତେଣୁ ଟାବ୍‌ଲେଟ୍ କିଣି ଏହିସବୁ ଆପ୍ ମାଧ୍ୟମରେ ସ୍ମାର୍ଟ ଷ୍ଟଡି ଆପଣାଇବା ହିଁ ଅଧିକ ଫଳପ୍ରଦ।

**ଛୁଟିଦିନରେ:** ଅଫିସରେ ସମସ୍ତଙ୍କ ପାଇଁ ସାପ୍ତାହିକ ଛୁଟିର ବ୍ୟବସ୍ଥା ରହିଥାଏ। ତେଣୁ ଏହିଦିନ ଆପଣ ଅଧିକ ସମୟ ପଢ଼ିବା ପାଇଁ ସ୍ଥିର କରନ୍ତୁ। ଯଦି ପାଠ ପଢ଼ିବା ହିଁ ଏବେ ମୁଖ୍ୟ ଲକ୍ଷ୍ୟ ହୋଇଥାଏ ତେବେ ଛୁଟିଦିନରେ ଅନ୍ୟ କୌଣସି କାମ ରଖନ୍ତୁ ନାହିଁ। ବରଂ ଘରର ଅନ୍ୟ କାମ ସବୁ ଅଫିସ ଥିବା ଦିନଗୁଡ଼ିକରେ ଶେଷ କରିଦିଅନ୍ତୁ। ତା'ହେଲେ ଛୁଟିଦିନରେ ପଢ଼ିବା ପାଇଁ ଅଧିକ ସମୟ ପାଇପାରିବେ। ପାଠପଢ଼ାରେ ଅପ୍‌ଡେଟ୍ ରହିବା ପାଇଁ ଇଣ୍ଟରନେଟ୍ ବ୍ୟବହାର କରି ନିଜକୁ ଅପ୍‌ଡେଟ୍ ରଖନ୍ତୁ।

**ଯେକୌଣସି ସମୟରେ:** ଅଫିସ୍‌ରେ କିଛି ସମୟ ଫାଙ୍କା ଥିବାବେଳେ ହେଉ ଅଥବା ବାହାରେ କୌଣସି ସ୍ଥାନରେ ବସିବା ସମୟରେ, ଯେକୌଣସି ମୁହୂର୍ତ୍ତରେ ବି ପଢ଼ିବା ପାଇଁ ଇଚ୍ଛା ହେଲେ ତୁରନ୍ତ ପଢ଼ନ୍ତୁ। ଏଥିପାଇଁ ଟାବ୍‌ଲେଟ୍ ହିଁ ମୁଖ୍ୟ ମାଧ୍ୟମ ହୋଇପାରିବ। ଟାବ୍‌ଲେଟ୍ ପାଖରେ ଥିଲେ ଯେକୌଣସି ସ୍ଥାନରେ ଓ ଯେକୌଣସି ସମୟରେ ଆପଣ ଚାହିଁଲେ ପାଠ ପଢ଼ିପାରିବେ। ଏମିତିକି ବସ୍ କିମ୍ବା ଟ୍ରେନ୍‌ରେ ଯିବା ସମୟରେ ଅବା ଅଫିସ୍ ଭିତରେ ଫାଙ୍କା ଥିବା ସମୟରେ ବେଶ୍ ସହଜରେ ପଢ଼ାପଢ଼ି କରିପାରିବେ।

**ଟାଇମ୍ ଟେବୁଲ:** ପାଠପଢ଼ା ପାଇଁ ଅଧିକ ସମୟ ବାହାର କରିବାକୁ ହେଲେ ଘରର ତଥା ନିଜର ଅନ୍ୟ ସବୁ କାମ ପାଇଁ ଏକ ଟାଇମ୍ ଟେବୁଲ ତିଆରି କରିବାକୁ ହେବ। ଯଦି ଘରକାମ ପାଇଁ ଅଧିକ ସମୟ ଦେବାକୁ ପଡୁଥାଏ ତା'ହେଲେ ତାକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କରିବାକୁ ଚେଷ୍ଟା କରନ୍ତୁ। ଆବଶ୍ୟକ ହେଲେ କିଛିଦିନ ପାଇଁ ଘରକାମରେ ଆପଣ ଜଣେ ସହାୟକଙ୍କୁ ଆଣି ରଖନ୍ତୁ। କିନ୍ତୁ ସବୁ କାମ ଭିତରେ ନିଜ ଲକ୍ଷ୍ୟସ୍ଥଳକୁ ଆଦୌ ଭୁଲନ୍ତୁ ନାହିଁ। ଏପରି ହେଲେ ଆପଣଙ୍କୁ ପଢ଼ାପଢ଼ି ପାଇଁ ଅଧିକ ସମୟ ମିଳିପାରିବ।

## ଏମାନେ କ'ଣ କରନ୍ତି

### ପୂରା ହୋଇଛି ସ୍ୱପ୍ନ



ପି.ଏଚ୍.ଡି. ସରିବା ପୂର୍ବରୁ ମତେ ଚାକିରି ମିଳିଥିଲା। ବିବାହ ମଧ୍ୟ ହୋଇଥିଲା। କିନ୍ତୁ ପିଏଚ୍.ଡି କରି ଅଧ୍ୟାପିକା ହେବା ପାଇଁ ମୋର ଅନେକ ଦିନରୁ ସ୍ୱପ୍ନ ଥିଲା। ତେଣୁ ପାଠପଢ଼ା ଜାରି ରଖିଥିଲି। ଶାଶୁଘର ଦାୟିତ୍ୱ ସାଙ୍ଗକୁ ଚାକିରି ସବୁ କାମ ଭିତରେ ପଢ଼ାପଢ଼ି କରିବାକୁ ବହୁ କଷ୍ଟ ହେଉଥିଲା। ଏଥିପାଇଁ କିଛିଦିନ ମୁଁ ହଷ୍ଟେଲରେ ରହିଥିଲି। ସେଇ ସମୟ ଭିତରେ ଚାକିରି ସହ ମୋର ଥେସିସ୍ କାମ ସବୁ ପୂରା କରିଥିଲି। ଆଉ ଏବେ ମୋ ସ୍ୱପ୍ନ ସାକାର ହୋଇଛି। ଡକ୍ଟରେଟ୍ ସହ ଅଧ୍ୟାପିକାଭାବେ ପରିଚୟ ପାଇପାରିଛି।

*-ଡ. ଧରିତ୍ରୀ ପରିଜା, ଅଧ୍ୟାପିକା, ଗୋପବନ୍ଧୁ ମହାବିଦ୍ୟାଳୟ, ଖମାର, ଅନୁଗୋଳ*

### ପଢ଼ିବାର ନିଶା ଥିଲା



ସାମ୍ବାଦିକତା କରିବା ପରେ ଚାକିରି ମିଳିଥିଲା। ହେଲେ ସେ ସମୟରେ ମତେ ବିଭିନ୍ନ କମ୍ପିଟିଭ୍ ପରୀକ୍ଷା ପାଇଁ ପଢ଼ିବାକୁ ପଡୁଥିଲା। ତେଣୁ ଚାକିରି ସହ ପଢୁଥିଲି। ଶେଷରେ ମତେ ସଫଳତା ମିଳିଥିଲା। ବ୍ୟାଙ୍କରେ ମ୍ୟାନେଜରଭାବେ ସମ୍ମାନଜନକ ଚାକିରି ପାଇଥିଲି। କିନ୍ତୁ ପଢିବା ନିଶା କମି ନ ଥିଲା। ତା'ପରେ ବି ପୁଣି ଏମ୍‌ବିଏ କରୁଥିଲି। ଅବଶ୍ୟ ଏମ୍‌ବିଏ କରି ଅନ୍ୟ କିଛି ଚାକିରି କରିନି, କିନ୍ତୁ ସେଇ ଡିଗ୍ରୀ ହାସଲ କରିବା ମୋର ଗୋଟେ ସ୍ୱପ୍ନ ଥିଲା। ଅଫିସରୁ ଫେରି ଘରକାମ ସାରି ରାତି ୨ଟା ୩ଟା ଯାଏଁ ପଢୁଥିଲି। ଶେଷରେ ଏମ୍‌ବିଏ ଡିଗ୍ରୀ କଲି। ତେଣୁ ଇଚ୍ଛା ଥିଲେ ସବୁ କାମ ପାଇଁ ଆପେ ଆପେ ରାସ୍ତା ମିଳିବ।

*- ଚନ୍ଦନା ସାହୁ, ଚିଫ୍ ମ୍ୟାନେଜର, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନାଲ୍‌କୋ କର୍ପୋରେଟ୍ ଅଫିସ୍ କ୍ୟାମ୍ପସ ଶାଖା, ଭୁବନେଶ୍ୱର*





## ସୌନ୍ଦର୍ଯ୍ୟ

# ପ୍ରି-ୱେଡିଂ ସ୍କିନ୍ କେୟାର



**ବିବାହ ଦିନ ସୁନ୍ଦର ଦେଖାଯିବା ପାଇଁ ହେଲେ ତ୍ୱଚାଠାରୁ ଆରମ୍ଭକରି କେଶ ପର୍ଯ୍ୟନ୍ତ ସବୁକିଛିର ବହୁ ପୂର୍ବରୁ ଯତ୍ନନେବାକୁ ହେବ। ଏଥିପାଇଁ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବେ ଜାଣିରଖନ୍ତୁ।**

⏭ ଫିଟ୍‌ନେସ୍‌କୁ ଠିକ୍ ରଖିବା ପାଇଁ ପ୍ରତିଦିନ ହାଲ୍‌କା ବ୍ୟାୟାମ କରନ୍ତୁ। ଏହା ସହ ଅଧିକ ଫଳ ଓ ସାଲାଡ, ଗଜା ହୋଇଥିବା ବିଭିନ୍ନ ଶସ୍ୟ, ଦହି, ପନିର ଆଦି ଅଧିକ ଖାଆନ୍ତୁ। ମାନସିକ ଚାପ କମ୍ କରିବା ପାଇଁ ମଧ୍ୟ ଯୋଗ କିମ୍ବା ମେଡିଟେଶନ କରନ୍ତୁ।

⏭ ନିୟମିତଭାବେ ତ୍ୱଚାର କ୍ଲିଂଜିଂ, ଟୋନିଂ ଏବଂ ମଶ୍ଚରାଇଜିଂ କରନ୍ତୁ।

⏭ ବିବାହର କିଛିଦିନ ପୂର୍ବରୁ ହଳଦୀ ଲଗାଇବା ବନ୍ଦ କରିଦିଅନ୍ତୁ। କାରଣ ତ୍ୱଚାରୁ ହଳଦୀ ରଙ୍ଗ ସହଜରେ ଛାଡ଼ି ନ ଥାଏ। ଫଳରେ ମେକ୍‌ଅପ୍ ସମୟରେ ଅସୁବିଧା ହୁଏ।

⏭ ସପ୍ତାହକୁ ଅତିକମ୍‌ରେ ୩ଥର ରାତିରେ ଶୋଇବା ପୂର୍ବରୁ ଲେମ୍ବୁରସ ଓ କଞ୍ଚାକ୍ଷୀର ଲଗାନ୍ତୁ। ଏହା ପ୍ରାକୃତିକ କ୍ଲିଂଜର ଓ ଆଷ୍ଟ୍ରିଜେଣ୍ଟ ଭଳି କାମ ଦିଏ ଓ ସ୍କିନ୍‌ର ଚମକ ବଢ଼ାଏ।



⏭ ଆଳୁକୁ ପତଳା କରି କାଟି ମୁହଁରେ ଘଷନ୍ତୁ, ତାହା ସ୍କ୍ରବ୍ ଭଳି କାମ ଦେବ।

⏭ ସପ୍ତାହକୁ ଅତିକମ୍‌ରେ ଥରେ ସ୍କ୍ରବ୍ କରନ୍ତୁ।

⏭ ଠିକ୍ ସମୟରେ ଏବଂ ଅତିକମ୍‌ରେ ୮ ଘଣ୍ଟା ଶୁଅନ୍ତୁ। ଫଳରେ ଆଖି ତଳେ ଡାର୍କ ସର୍କଲ ହେବ ନାହିଁ।

⏭ ମେକ୍‌ଅପ୍ ସାମଗ୍ରୀ ସବୁ ଆଗରୁ କିଣି ବ୍ୟବହାର କରନ୍ତୁ। ତ୍ୱଚାକୁ ତାହା ସୁଟ୍ କରୁଛି କି ନା ଜଣାପଡ଼ିଯିବ।

⏭ ବାହାରକୁ ଯାଉଥିଲେ ସନ୍‌ସ୍କ୍ରିନ୍ ଲୋସନ ନିଶ୍ଚିତ ଲଗାନ୍ତୁ। ମେନିକିଓର ଓ ପେଡିକିଓର ମଧ୍ୟ କରନ୍ତୁ।

⏭ କେଶ ଯଦି ଡ୍ରାଏ ହୋଇଥାଏ ତେବେ ପ୍ରତି ୩ଦିନରେ ଥରେ ତେଲ ଗରମ କରି ଲଗାନ୍ତୁ। ମାସକୁ ଥରେ କିମ୍ବା ୨ ଥର ହେୟାର ସ୍ପା ମଧ୍ୟ କରନ୍ତୁ।

⏭ ଫେସିଆଲ କରିବାର ୨ଦିନ ପରେ ସ୍କିନ୍‌ରେ ଗ୍ଲୋ ଆସିଥାଏ। ତେଣୁ ବିବାହର ୨ଦିନ ଆଗରୁ ହିଁ ଫେସିଆଲ କରନ୍ତୁ। ସ୍କିନ୍ ଅନୁସାରେ ଫ୍ରୁଟ୍, ଅରୋମା, ପର୍ଲ, ଗୋଲ୍ଡ କିମ୍ବା ଡାଏମଣ୍ଡ ଆଦି ଯେକୌଣସି ପ୍ରକାର ଫେସିଆଲ କରନ୍ତୁ।

⏭ ବିବାହର ସପ୍ତାହେ ପୂର୍ବରୁ କୌଣସି ପ୍ରକାର ନୂଆ ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରନ୍ତୁ ନାହିଁ।

## ଖାଦ୍ୟରୁଚି

# ପୋହା ଢୋକଲା

**ଆବଶ୍ୟକ ସାମଗ୍ରୀ–**
ଚୁଡ଼ା– ୧ କପ୍, ସୁଜି– ୧ କପ୍, ଦହି– ୧ କପ୍, ବେକିଂ ସୋଡ଼ା– ଅଧା ଚାମଚ, ସ୍ୱାଦ ଅନୁସାରେ ଲୁଣ। ଛୁଙ୍କ ନିମନ୍ତେ ତେଲ– ୧ ଚାମଚ, ଭୃସଙ୍ଗପତ୍ର– ଅଳ୍ପ, କଞ୍ଚାଲଙ୍କା– ୪ଟି, ହେଙ୍ଗୁ– ଅଳ୍ପ, ସୋରିଷ– ୧ ଚାମଚ, ହଳଦୀ– ୧ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଚୁଡ଼ାକୁ ଭଲଭାବେ ଧୋଇ ୨ ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ। ଏହାପରେ ଚୁଡ଼ାରୁ ପାଣି ବାହାରକରି ଦେଇ ଗ୍ରାଇଣ୍ଡିଂ କରି ରଖନ୍ତୁ। ଏବେ ଏହି ଚୁଡ଼ା ପେଷ୍ଟରେ ସୁଜି ମିଶାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଏହି ମିଶ୍ରଣରେ ଦହି ପକାଇ ଗୋଳାନ୍ତୁ। ଏସବୁକୁ ଭଲଭାବେ ଗୋଳାଇ ସାରିବା ପରେ ମିଶ୍ରଣ ଫୁଲିବା ପାଇଁ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ। ଏହାପରେ ମିଶ୍ରଣରେ ବେକିଂ ସୋଡ଼ା ମିଶାଇ ଏକ ଥାଳିରେ ତେଲ ଲଗାଇ ଢାଳି ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ପାଣି ଫୁଟାଇ ସେଥିରେ ଏହି ଥାଳିକୁ ରଖି ଘୋଡ଼ାଇ ଦିଅନ୍ତୁ। ଥାଳିକୁ ପାଣି ଭିତରେ ଷ୍ଟାଣ୍ଡରେ ରଖନ୍ତୁ। ପ୍ରାୟ ଅଧଘଣ୍ଟା ପରେ ପ୍ରସ୍ତୁତ ହୋଇଯିବ ଢୋକ୍‌ଲା। ଏଥିରେ ଛୁଙ୍କ ପକାଇବା ପାଇଁ କଡ଼େଇରେ ତେଲ ଗରମ କରନ୍ତୁ। ସେଥିରେ ହେଙ୍ଗୁ, ସୋରିଷ, ଭୃସଙ୍ଗପତ୍ର ଓ କଞ୍ଚାଲଙ୍କାକୁ କାଟି ପକାନ୍ତୁ। ଏବେ ଏହି ଫୁଟଣରେ ସାମାନ୍ୟ ହଳଦୀ ପକାଇ ସେଥିରେ ଅଳ୍ପ ପାଣି ଦିଅନ୍ତୁ। ଅଳ୍ପ ମିଠା ନିମନ୍ତେ ପାଣିରେ ୧ ଚାମଚ ଚିନି ପକାନ୍ତୁ। ଶେଷରେ ଏହି ଫୁଟଣର ମିଶ୍ରଣକୁ ଢୋକ୍‌ଲା ଉପରେ ସବୁଆଡ଼େ ଢାଳି ଦିଅନ୍ତୁ ଓ ଛୁରିରେ କାଟି ଖାଆନ୍ତୁ।



ଧରିତ୍ରୀ 50 Years
# ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୯/୨୦୨୪ Bhubaneswar, Tuesday, July 9/ 2024



ଇଟାଲୀର ସିରମୋନେଠାରୁ ଭୋଲ୍ଟା ମାଣ୍ଟୋଭାନା ପର୍ଯ୍ୟନ୍ତ ଅନୁଷ୍ଠିତ ଗିରୋ ଡି'ଇଟାଲିଆ ମହିଳା ସାଇକେଲ ରେସ୍‌ର ୨ୟ ଷ୍ଟେଜ ଜିତିବାପରେ ଉଲ୍ଲସିତ ୟୁଏଇ ଟିମ୍‌ର କନସୋନି ଚିଆରା।

## ଭାରତ-ମ୍ୟାନ୍‌ମାର ମ୍ୟାଚ ଆଜି

ନୂଆଦିଲ୍ଲୀ, ୮।୭ (ପି.ଟି.)

ୟାନଗନ (ମ୍ୟାନମାର) ସ୍ଥିତ ଥୁଉନା ଷ୍ଟାଡିୟମରେ ଭାରତ ନିଜଠାରୁ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ପଡ଼ୋଶୀ ମ୍ୟାନମାର ମହିଳା ଫୁଟ୍‌ବଲ ଦଳ ସହ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବ। ପ୍ରଥମ ମ୍ୟାଚ ମଙ୍ଗଳବାର ଖେଳାଯିବ। ୬୭ତମ ର୍ୟାଙ୍କିଙ୍ଗପ୍ରାପ୍ତ ଭାରତ ପୂର୍ବରୁ ମ୍ୟାନମାର ଦଳ ସହ ୫ଟି ମ୍ୟାଚ ଖେଳିଛି। ତନ୍ମଧ୍ୟରୁ ଦଳ ୪ଟିରେ ପରାଜିତ ହୋଇଥିବା ବେଳେ ଗୋଟିଏ ଡ୍ର ରଖିବାରେ ସମର୍ଥ ହୋଇଛି। କିନ୍ତୁ ଗତ ୫ ବର୍ଷ ମଧ୍ୟରେ ଦୁଇ ଦଳ ଥରେ ୨୦୧୯ରେ ମାଣ୍ଡାଲେଠାରେ ଏଏଫ୍‌ସି ଅଲିମ୍ପିକ କ୍ୱାଲିଫାୟର୍ସରେ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ ୩-୩ରେ ଡ୍ର ଭାବେ ଶେଷ ହୋଇଥିଲା। ବର୍ତ୍ତମାନ ଦଳରେ ସ୍ଥାନ ପାଇଥିବା ସନ୍ଧ୍ୟା ରଙ୍ଗନାଥନ, ସଞ୍ଜୁ ଓ ନଙ୍ଗମାଇଥେମ ରତ୍ନବାଳା ଦେବୀ ଏହି ମ୍ୟାଚରେ ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଏହା ପୂର୍ବରୁ ଭାରତ ଖେଳିଥିବା ସମସ୍ତ ୪ଟି ମ୍ୟାଚରେ ପରାଜିତ ହୋଇଥିଲା। ସେଗୁଡ଼ିକ ହେଲା ଏଏଫ୍‌ସି ଓମେନ୍ସ ଏସିଆନ କପ୍ କ୍ୱାଲିଫାୟର୍ସ (୨୦୧୩), ଏଏଫ୍‌ସି ଓମେନ୍ସ ଅଲିମ୍ପିକ କ୍ୱାଲିଫାୟର୍ସ (୨୦୧୫ ଓ ୨୦୧୮) ଏବଂ ଗୋଲ୍ଡ କପ୍ (୨୦୧୯)। ଭାରତୀୟ ଦଳର ଅଧିନାୟିକା ଲୋଇତଙ୍ଗବାମ୍ ଆଶାଲତା ଦେବୀ କହିଛନ୍ତି, ଆମେ ସେମାନଙ୍କ ବିପକ୍ଷରେ ପୂର୍ବରୁ ଖେଳିଥିବାରୁ ସେମାନଙ୍କ ଖେଳ ଷ୍ଟାଇଲ ସମ୍ପର୍କରେ ଆମର ସମ୍ୟକ ଧାରଣା ରହିଛି। ସେମାନେ ଶାରୀରିକ ଦୃଷ୍ଟିରୁ ସୁସ୍ଥ ଓ ସବଳ। ସେମାନେ ଦ୍ରୁତ ଆକ୍ରମଣ କରିଥାନ୍ତି। ତେବେ ୫ ବର୍ଷରୁ ଅଧିକ ସମୟ ଧରି ଭାରତ ଓ ମ୍ୟାନମାର ପରସ୍ପରକୁ ଭେଟିନାହାନ୍ତି। ଦୁଇ ଦଳ ମଧ୍ୟରେ ସାନି ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହେବ। ଇତିମଧ୍ୟରେ ମ୍ୟାନମାର ଖେଳ ଷ୍ଟାଇଲରେ ବହୁ ପରିବର୍ତ୍ତନ ଘଟିଥିବା ଆମେ ଏସିଆନ ଗେମ୍ସରେ ଦେଖିଛୁ। ସେମାନଙ୍କ ଦଳରେ ବହୁ ୟଙ୍ଗଷ୍ଟାର ଖେଳାଳି ସ୍ଥାନ ପାଇଛନ୍ତି। ଆମ ଦଳ ଉଭୟ ସିନିୟର ଓ ଜୁନିୟର ଖେଳାଳିଙ୍କୁ ନେଇ ବେଶ୍ ସନ୍ତୁଳିତ। ମ୍ୟାନମାର ତୁଳନାରେ ଆମେ ଉନ୍ନତ ପ୍ରଦର୍ଶନ କରିବୁ ବୋଲି ମୋର ବିଶ୍ୱାସ ରହିଛି ଏବଂ ମ୍ୟାନମାର ଟୁର୍ ସଫଳ ହେବ ବୋଲି ୩୧ ବର୍ଷୀୟା ଭାରତୀୟ ଅଧିନାୟିକା ପ୍ରକାଶ କରିଛନ୍ତି।

# ଗଗନ ନାରଙ୍ଗ ଚିଫ୍ ଡି' ମିଶନ

## ଉଦ୍‌ଘାଟନୀରେ ସିନ୍ଧୁ, ଶରଥ ପତାକା ବାହକ

ନୂଆଦିଲ୍ଲୀ, ୮।୭ (ପି.ଟି.)

ମେରୀ କମ୍‌ଙ୍କ ସ୍ଥାନରେ ଲଣ୍ଡନ ଅଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜେତା ଗଗନ ନାରଙ୍ଗଙ୍କୁ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳର ଚିଫ୍ ଡି' ମିଶନ ଭାବେ ମନୋନୀତ କରାଯାଇଛି। ଜୁଲାଇ ୨୬ରେ ଉଦ୍‌ଘାଟନୀ ଉତ୍ସବରେ ଦେଶର ଅଗ୍ରଣୀ ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ମହିଳା ପତାକା ବାହକ ଦାୟିତ୍ୱ ତୁଲାଇବେ। ମେରୀ କମ୍‌ଙ୍କ ଇସ୍ତଫା ପରେ ଡେପୁଟି ଚିଫ ଡି' ମିଶନ ଥିବା ୪୧ ବର୍ଷୀୟ ନାରଙ୍ଗଙ୍କ ପଦୋନ୍ନତି ସ୍ୱାଭାବିକ ବୋଲି ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପି.ଟି. ଉଷା କହିଛନ୍ତି। ଭାରତୀୟ ଦଳର ନେତୃତ୍ୱ ଜଣେ ଅଲିମ୍ପିକ ପଦକ ବିଜେତା ନିଅନ୍ତୁ ବୋଲି ସେ ଚାହୁଁଥିଲେ। ମେରୀ କମ୍‌ଙ୍କ ସ୍ଥାନରେ ମୋ ଯୁବ ସହଯୋଗୀ ହିଁ ପ୍ରକୃତ ବିକଳ୍ପ ବୋଲି ସେ କହିଛନ୍ତି। ନାରଙ୍ଗ ଭାରତୀୟ ଦଳର ଚିଫ୍ ଡି' ମିଶନ ହୋଇ ପାରନ୍ତି ବୋଲି ପୂର୍ବରୁ ଏକ ରିପୋର୍ଟରେ ପ୍ରକାଶ ପାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଦେଶର ଅଗ୍ରଣୀ ଟେବୁଲ ଟେନିସ ଖେଳାଳି ଶରଥ କମଲଙ୍କ ସହ ଅଲିମ୍ପିକ୍ସରେ ଦୁଇଟି ପଦକ ଜିତିଥିବା ଭାରତର ଏକମାତ୍ର ମହିଳା ପି.ଭି.



ଗଗନ ନାରଙ୍ଗ



ପି.ଭି. ସିନ୍ଧୁ

ସିନ୍ଧୁଙ୍କୁ ମହିଳା ପତାକା ବାହକ ହେବା ଲାଗି ମନୋନୀତ କରାଯାଇଥିବା ଉଷା ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ଆଇଓଏ ଗତ ମାର୍ଚ୍ଚ ମାସରେ ପ୍ରଥମେ ୬ଥର ବିଶ୍ୱ ଚାମ୍ପିୟନ ମେରୀ କମ୍‌ଙ୍କୁ ଚିଫ୍ ଡି' ମିଶନ ଭାବେ ମନୋନୀତ କରିଥବଲା। ମାତ୍ର ଏପ୍ରିଲରେ ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଏହି ପଦବୀରୁ ଇସ୍ତଫା ଦେଇଥିଲେ। ଚିଫ୍ ଡି' ମିଶନ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦବୀ। ଅଲିମ୍ପିକ୍ସରେ ଅଂଶଗ୍ରହଣ କରୁଥିବା ଆଥଲେଟମାନଙ୍କ ଅଭାବ ଅସୁବିଧା ବୁଝାଶୁଝା କରିବା ଏବଂ ଏହାର ସମାଧାନ ଆବଶ୍ୟକ ଆୟୋଜକ କମିଟି ସହ ଯୋଗାଯୋଗ କରିବା ତାଙ୍କର ମୁଖ୍ୟ କାର୍ଯ୍ୟ ହୋଇଥାଏ। ଆଇଓଏ ମାର୍ଚ୍ଚ ମାସରେ ଶରଥ କମଲଙ୍କ ନାମ ଘୋଷଣା କରିଥିଲା। ମାତ୍ର ମହିଳା ପତାକା ବାହକ କିଏ ହେବ ସେ ନେଇ ନିଷ୍ପତ୍ତି ନେଇ ପାରି ନଥିଲା। ୨୦୨୦ରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଏହାର ପ୍ରୋଟୋକଲରେ ପରିବର୍ତ୍ତନ କରିଥିଲା। ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବରେ ପ୍ରତ୍ୟେକ ଦେଶକୁ ଜଣେ ମହିଳା ଓ ଜଣେ ପୁରୁଷ ପତାକା ବାହକଙ୍କୁ ନେବା ଲାଗି ଅନୁମତି ମିଳିଥିଲା। ଟୋକିଓ ଅଲିମ୍ପିକ୍ସରେ ମେରୀ କମ୍ ଓ ପୂର୍ବତନ ହକି ଅଧିନାୟକ ମନପ୍ରୀତ ସିଂ ଭାରତର ପତାକା ବାହକ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଉଷା କହିଛନ୍ତି ଆମ ଆଥଲେଟ୍‌ମାନେ ଭଲରୂପେ ପ୍ରସ୍ତୁତ ହୋଇଥିବେ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଛି। ଜୁଲାଇ ୨୬ରୁ ଆରମ୍ଭ ହେଉଥିବା ପ୍ୟାରିସ ଗେମ୍ସ ପାଇଁ ଦେଶର ୧୦୦ରୁ ଊର୍ଦ୍ଧ୍ୱ ଆଥଲେଟ ଯୋଗ୍ୟତା ଅର୍ଜନ କରିଛନ୍ତି।

**ପ୍ୟାରିସ୍ ଅଲିମ୍ପିକ୍ସ**




**ଆଉ ୧୭ ଦିନ**

# କ୍ୱାର୍ଟରରେ ନାଭାରୋ, ରିବାକିନା

ୱିମ୍ବେଲଡନ୍,୮।୭(ପି.ଟି.)

ସୋମବାର ଟେନିସ୍ ଗ୍ରାଣ୍ଡସ୍ଲାମ ୱିମ୍ବେଲଡନ୍‌ର ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଏମ୍ମା ନାଭାରୋ, ଏଲିନା ରିବାକିନା ଓ ଏଲିନା ସ୍ୱିତୋଲିନା। ସେହିପରି ପୁରୁଷ ବର୍ଗରେ ଲରେଞ୍ଜୋ ମୁସେଟ୍ଟି ଓ ଆଲେକ୍ସ ଡି ମିନାଉର କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ସୋମବାର ଏକ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା କୋକୋ ଗଫ୍‌ଙ୍କୁ ବିଦା କରିଥିଲେ ଆଉ ଜଣେ ଆମେରିକୀୟ ଖେଳାଳି ଏମ୍ମା ନାଭାରୋ। ଏମ୍ମା ୬-୪, ୬-୩ର ସିଧାସଳଖ ସେଟରେ ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ପୂର୍ବରୁ ଏମ୍ମା ଚଳିତ ଟୁର୍ନାମେଣ୍ଟରେ ପୂର୍ବତନ ଏକ ନମ୍ବର ଖେଳାଳି ନାଓମି ଓସାକାଙ୍କୁ ଦ୍ୱିତୀୟ ରାଉଣ୍ଡରୁ ବିଦା କରିଥିଲେ। ଏହି ବିଜୟ ସହ ଏମ୍ମା ପ୍ରଥମ ଥର କୌଣସି ଗ୍ରାଣ୍ଡସ୍ଲାମର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ବିଶ୍ୱ ମାନ୍ୟତାର ୭ ନମ୍ବର ସ୍ଥାନରେ ଥିବା ଜସ୍‌ମିନ ପାଓଲିନିଙ୍କୁ ଭେଟିବେ। ବିଶ୍ୱ ମାନ୍ୟତାର ୨୧ ନମ୍ବର ସ୍ଥାନରେ ଥିବା ୟୁକ୍ରେନର ଏଲିନା ସ୍ୱିତୋଲିନା ୬-୨, ୬-୧ ସେଟରେ ଚାଇନାର ୱାଙ୍ଗ ଜିନ୍ୟୁଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। କ୍ରମାଗତ ତୃତୀୟ ଥର ପାଇଁ ସ୍ୱିତୋଲିନା ୱିମ୍ବେଲଡନ୍ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିବା ବେଳେ ଚଳିତ ବର୍ଷ ସେ ଗୋଟିଏ ବି ସେଟ୍ ହାରିନାହାନ୍ତି। ଅନ୍ୟ ଏକ ରାଉଣ୍ଡ ଅଫ ୧୬ ମ୍ୟାଚ୍‌ରେ ଆହତ କାରଣରୁ ଆନ୍ନା କାଲିନସ୍କାୟା ଓହରି ଯାଇଥିଲେ। ଫଳରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ବିଶ୍ୱ ମାନ୍ୟତାର ଚତୁର୍ଥ ସ୍ଥାନରେ ଥିବା କାଜାଖସ୍ତାନର ଏଲିନା ରିବାକିନା। ମ୍ୟାଚ୍‌ରେ ଆନ୍ନା କାଲିନସ୍କାୟା ୩-୬ ଓ ୦-୩ରେ ପଛୁଆ ରହିଥିବା ବେଳେ ତାଙ୍କ କଟିରେ ଆଘାତ କାରଣରୁ ସେ ଓହରିବାକୁ ବାଧ୍ୟ ହୋଇଥିଲେ। ସେହିପରି ଏଲିନା ରିବାକିନା ତୃତୀୟ ଥର ପାଇଁ ୱିମ୍ବେଲଡନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ପୁରୁଷ ସିଙ୍ଗଲ୍ସରେ ଇଟାଲୀର ଲରେଞ୍ଜୋ ମୁସେଟ୍ଟି ୪ ସେଟ୍ ବିଶିଷ୍ଟ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଫ୍ରାନ୍ସର ଜିଓଭାନି ଏମ୍‌ପେଟସି ପେରିକାର୍ଡଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୪-୬, ୬-୩, ୬-୩ ଓ ୬-୨ ସେଟରେ ବିଶ୍ୱ ମାନ୍ୟତାର ୨୫ ତମ ସ୍ଥାନରେ ଥିବା ମୁସେଟ୍ଟି ବିଜୟୀ ହୋଇଥିଲେ। ଏହା ସହିତ ସେ ନିଜ କ୍ୟାରିୟରରେ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ବିଶ୍ୱ ମାନ୍ୟତାର ୯ ନମ୍ବର ଖେଳାଳି ଆଲେକ୍ସ ଡି ମିନାଉର ବିଜୟୀ ହୋଇ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଅଷ୍ଟ୍ରେଲିଆର ଏହି ଖେଳାଳି ଫ୍ରାନ୍ସର ଅଣସିଡେଡ ଖେଳାଳି ଆର୍ଥର ଫିଲ୍ସଙ୍କୁ ୬-୨, ୬-୪, ୪-୬ ଓ ୬-୩ ସେଟରେ ପରାସ୍ତ କରିଥିଲେ।

**ୱିମ୍ବେଲଡନ୍**





ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ୍ସ ରାଉଣ୍ଡ ଅଫ୍-୧୬ ମ୍ୟାଚ ଅବସରରେ ଏମ୍ମା ନାଭାରୋ ଓ ଏଲିନା ସ୍ୱିତୋଲିନା।

## ବୋଲିଂରେ ସୁଧାର ଲକ୍ଷ୍ୟରେ ଭାରତ

**ଚେନ୍ନାଇ,୮।୭(ପି.ଟି.):** ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ମହିଳା ଟି୨୦ ସିରିଜ୍‌ର ଅନ୍ତିମ ମ୍ୟାଚ୍ ମଙ୍ଗଳବାର ଚେନ୍ନାଇରେ ଖେଳାଯିବ। ପ୍ରଥମ ମ୍ୟାଚ୍ ହାରିଥିବା ଭାରତ ୦-୧ରେ ପଛୁଆ ଥିବା ବେଳେ ଏହି ମ୍ୟାଚ୍ ଜିତି ସିରିଜ୍ ସମାନ୍ତର କରିବାକୁ ପ୍ରୟାସ କରିବ। ପ୍ରଥମ ମ୍ୟାଚ୍‌ରେ ଭାରତ ୧୨ ରନ୍‌ରେ ପରାଜିତ ହୋଇଥିବା ବେଳେ ବୋଲରମାନେ ୧୮୯ ରନ୍ ବ୍ୟୟ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଭାରତୀୟ ବୋଲରଙ୍କ ବିପକ୍ଷରେ ଦକ୍ଷିଣ ଆଫ୍ରିକା ୬ ଉଇକେଟ ହରାଇ ୧୭୭ ରନ୍ କରିଥିଲା। ଉଭୟ ମ୍ୟାଚ୍‌ରେ ଭାରତୀୟ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିବା ବେଳେ ଅନ୍ତିମ ମ୍ୟାଚ୍‌ରେ ବୋଲିଂରେ ସୁଧାର ଆଣିବାକୁ ଚାହିଁବ ଦଳ। ଭାରତ ପକ୍ଷରୁ କେବଳ ପୂଜା ବସ୍ତ୍ରକାର ଓ ଦୀପ୍ତି ଶର୍ମା ଦୁଇଟି ଲେଖାଏ ଉଇକେଟ ନେବା ସହ ମିତବ୍ୟୟୀ ବୋଲିଂ କରିଥିଲେ। ରେଣୁକା ସିଂ ପ୍ରଥମ ମ୍ୟାଚ୍‌ରେ ପ୍ରବଳ ରନ୍ ଦେଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ତାଙ୍କ ସ୍ଥାନ ନେଇଥିଲେ ସଜୀବନ୍ ସଜନା। ଅନ୍ୟ ପକ୍ଷରେ ରାଧା ଯାଦବ ଓ ଶ୍ରେୟାଙ୍କା ପାଟିଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କୁ ରୋକିବାରେ ସଫଳ ହୋଇ ନ ଥିଲେ। ଭାରତ ପକ୍ଷରୁ ପ୍ରଥମ ମ୍ୟାଚ୍‌ରେ ଜେମିମା ରୋଡ୍ରିଗୁଏଜ (୫୩*), ସ୍ମୃତି ମାନ୍ଧନା(୪୬), ହରମନ୍‌ପ୍ରୀତ କୌର୍(୩୫) ଓ ଶେଫାଳି ବର୍ମା ୧୮ ରନ୍ ସ୍କୋର କରିଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ